


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-332 ♦SUNDAY ♦31 MAY 2026 ♦PAGE-12+4 ♦₹ 7.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୩୩୨ ♦ରବିବାର ♦୩୧ ମେ ୨୦୨୬ ♦ପୃଷ୍ଠା-୧୨+୪ (ସିନ୍ଦୂରା) ♦ଟ.୭.୦୦


### ଉତ୍ତର ପ୍ରଦେଶ ଓ ବିହାରରେ ପ୍ରକୃତିର ତାଣ୍ଡବ

# ଝଡ଼, ବଜ୍ର ନେଲା ୪୮ ଜୀବନ

■ ଲକ୍ଷ୍ନୌ/ପାଟନା, ୩୦।୫ (ଏଜେନ୍ସି): ଦେଶର ବିଭିନ୍ନ ସ୍ଥାନରେ ରହିଥିବା ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ମଧ୍ୟରେ ଅନେକ ରାଜ୍ୟରେ ପାଣିପାଗର ଉଗ୍ର ରୂପ ଦେଖିବାକୁ ମିଳିଛି। ଗତ ୨୪ ଘଣ୍ଟା ମଧ୍ୟରେ ଉତ୍ତର ପ୍ରଦେଶ ଏବଂ ବିହାରରେ ପ୍ରବଳ ଝଡ଼ବର୍ଷା, ପବନ ଏବଂ ବଜ୍ରପାତ ଯୋଗୁଁ ୪୮ ଜଣ ପ୍ରାଣ ହରାଇଛନ୍ତି। ଏହି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବିମାନ ଚଳାଚଳଠାରୁ ଆରମ୍ଭ କରି ରେଳ ସେବା ଏବଂ ଚାଷକାର୍ଯ୍ୟ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ଉତ୍ତର ପ୍ରଦେଶରେ ଝଡ଼ବର୍ଷାର ପ୍ରକୋପ ସବୁଠାରୁ ଅଧିକ ଦେଖିବାକୁ ମିଳିଛି, ଯେଉଁଠାରେ ବିଭିନ୍ନ ସ୍ଥାନରେ ପ୍ରାୟ ୩୧ ଜଣଙ୍କର ମୃତ୍ୟୁ ଘଟିଛି। ରାଜ୍ୟର ସାହାରନପୁରରେ ପ୍ରବଳ ବର୍ଷା ଯୋଗୁଁ ପାହାଡ଼ରୁ ଆସିଥିବା ପାଣିର ପ୍ରଖର ସ୍ରୋତରେ ଏକ ଟ୍ରାକ୍ଟର ଏବଂ ଇନୋଭା ସମେତ ୧୦ଟି ଗାଡ଼ି ଭାସିଯାଇଛି।



ପାଣିପାଗ ବିଭାଗ ପକ୍ଷରୁ ଆଜି ରାଜ୍ୟର ସମସ୍ତ ୭୫ଟି ଜିଲ୍ଲାରେ ବର୍ଷା ପାଇଁ ସତର୍କ ସୂଚନା ଜାରି କରାଯାଇଛି। ଝଡ଼ବର୍ଷା ଯୋଗୁଁ ଅନେକ ସ୍ଥାନରେ ତାପମାତ୍ରା ପ୍ରାୟ ୧୦ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇଛି।

ବିହାରରେ ମଧ୍ୟ ପରିସ୍ଥିତି ଗମ୍ଭୀର ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ଏବଂ ବର୍ଷା ଯୋଗୁଁ ୧୭ ଜଣଙ୍କର ପ୍ରାଣହାନି ଘଟିଛି। ରାଜଧାନୀ ପାଟନାରେ ପ୍ରବଳ ବର୍ଷା ଯୋଗୁଁ ବିମାନ ଅବତରଣରେ ସମସ୍ୟା ଦେଖା ଦେଇଥିଲା, ଯାହାଫଳରେ ୪ଟି ବିମାନର ଗତିପଥ ବଦଳାଇ ଦିଆଯାଇଛି ଏବଂ ୧୮ଟି ବିମାନ ବିଳମ୍ବରେ ଚଳାଚଳ କରିଛି। ଏହାଦ୍ୱାରା ୫୦୦ରୁ ଅଧିକ ଯାତ୍ରୀ ହଇରାଣ ହୋଇଛନ୍ତି। ଆଜି ମଧ୍ୟ ରାଜ୍ୟର ୨୫ଟି ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି। ପାଶ୍ଚାତ୍ୟ ଝଡ଼ ସକ୍ରିୟ ହେବା ଯୋଗୁଁ ରାଜସ୍ଥାନର ଚୁରୁ, ହନୁମାନଗଡ଼, ବିକାନେର ଏବଂ ସିକର ସମେତ ୯ଟି ଜିଲ୍ଲାରେ ପ୍ରବଳ କୁଆପଥର ମାଡ଼ ସହ ବର୍ଷା ହୋଇଛି, ଯାହାଫଳରେ ତାପମାତ୍ରା ୧୦ ଡିଗ୍ରୀ ପର୍ଯ୍ୟନ୍ତ କମିଯାଇଛି। ଆଜି ମଧ୍ୟ ୩୦ଟି ଜିଲ୍ଲା ପାଇଁ ସତର୍କ ସୂଚନା ରହିଛି। ସେହିପରି ପଞ୍ଜାବର ପଠାନକୋଟ୍‌ରେ ଶନିବାର ସକାଳେ କୁଆପଥର ବୃଷ୍ଟି ହୋଇଥିବା ବେଳେ ମୋହାଲି ଏବଂ ଚଣ୍ଡୀଗଡ଼ରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡର ପାହାଡ଼ିଆ ଅଞ୍ଚଳରେ ବର୍ଷା ସହ ବରଫପାତ ଯୋଗୁଁ ଅପେଲ୍ ଚାଷ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ଆଗାମୀ ଦୁଇ ଦିନ ପର୍ଯ୍ୟନ୍ତ ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ ଏବଂ ବିହାର ଭଳି ରାଜ୍ୟଗୁଡ଼ିକରେ ଘଣ୍ଟାପ୍ରତି ୪୦ରୁ ୯୦ କିଲୋମିଟର ବେଗରେ ପବନ ବହିବା ସହ ପ୍ରବଳ ଝଡ଼ବର୍ଷା ଓ କୁଆପଥର ମାଡ଼ ହେବାର ଆଶଙ୍କା ରହିଛି।

### ପଶ୍ଚିମବଙ୍ଗରେ ବଢ଼ୁଛି ନିର୍ବାଚନ ପରବର୍ତ୍ତୀ ହିଂସା

# ଅଭିଷେକ ବାନାର୍ଜୀଙ୍କୁ ଆକ୍ରମଣ

■ କୋଲକାତା, ୩୦।୫ (ଏଜେନ୍ସି): ପଶ୍ଚିମ ବଙ୍ଗରେ ନିର୍ବାଚନ ପରବର୍ତ୍ତୀ ହିଂସା ବୃଦ୍ଧି ପାଇବାରେ ଲାଗିଛି। ତୃଣମୂଳ କଂଗ୍ରେସ (ଟିଏମସି) ସାଧାରଣ ସମ୍ପାଦକ ତଥା ସାଂସଦ ଅଭିଷେକ ବାନାର୍ଜୀ ଆଜି ସୋନାରପୁର ଦକ୍ଷିଣ ଅଞ୍ଚଳ ଯାଇଥିବା ବେଳେ ତାଙ୍କୁ କେତେକ ଲୋକ ଆକ୍ରମଣ କରିଛନ୍ତି। ତାଙ୍କୁ ମାଡ଼ ମାରିବା ସହ ପଥର ଓ ଅଣ୍ଡା ମାଡ଼ କରାଯାଇଛି। ନିର୍ବାଚନ ପରବର୍ତ୍ତୀ ହିଂସାରେ ହତ୍ୟାର ଶିକାର ହୋଇଥିବା ଜଣେ ବ୍ୟକ୍ତିର ପରିବାରଗୁଡ଼ିକୁ ଭେଟିବା ପାଇଁ ସେଠାକୁ ଯାଇଥିବା ବେଳେ ସେ ଏଭଳି ଆକ୍ରମଣର ଶିକାର ହୋଇଛନ୍ତି। ତାଙ୍କୁ ହତ୍ୟା କରିବା ଲାଗି ବିଜେପି ଉଦ୍ୟମ କରିଥିଲା ବୋଲି ଅଭିଷେକ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ବିଜେପି ଏହାକୁ ଖଣ୍ଡନ କରି କହିଛି ଯେ ସ୍ଥାନୀୟ ଲୋକଙ୍କ ଆକ୍ରୋଶର ଶିକାର ହୋଇଛନ୍ତି ଅଭି।।ଷେକ।



ସୋନାରପୁରରେ ମାଡ଼ ମାରିବା ସହ ପଥର ଓ ଅଣ୍ଡା ଫିଙ୍ଗିଲେ

ପୋଲିସ ସୂଚନା ଅନୁଯାୟୀ, ଦକ୍ଷିଣ ୨୪ ପ୍ରଗଣା ଦେଇ ଅଭିଷେକ ବାନାର୍ଜୀଙ୍କ ଗାଡ଼ି ଯାଉଥିବା ସମୟରେ ତାଙ୍କ ଉପରକୁ ପଥର ଓ ଅଣ୍ଡା ମାଡ଼ କରାଯାଇଥିଲା। ତାଙ୍କୁ କେତେକ ଲୋକ ଘେରି ଯାଇ ମାଡ଼ ମାରିବା ସହିତ ସାର୍ଟ ଟାଣି ଚିରି ପକାଇଥିଲେ। ସେମାନେ ତାଙ୍କ ଉପରକୁ ଅଣ୍ଡାମାଡ଼ ମଧ୍ୟ କରିଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ।

ନିକଟରେ ଶେଷ ହୋଇଥିବା ବିଧାନସଭା ନିର୍ବାଚନ ପରେ ପ୍ରାଣ ହରାଇଥିବା ଦଳୀୟ କର୍ମୀ ସଞ୍ଜୁ କର୍ମକାର ଓ ଅନ୍ୟ ପୀଡ଼ିତ ପରିବାରକୁ ସେ ସାନ୍ତ୍ୱନା ଦେବାକୁ ଯାଇଥିଲେ। ଏହି ଆକ୍ରମଣ ପାଇଁ ସେ ଭାରତୀୟ ଜନତା ପାର୍ଟି (ବିଜେପି)କୁ ସମ୍ପୂର୍ଣ୍ଣ ଦାୟୀ କରିଛନ୍ତି। ସେ କହିଛନ୍ତି, 'ଏହା ସମ୍ପୂର୍ଣ୍ଣ ଭାବେ ବିଜେପି ▶ପୃଷ୍ଠା-୭

# ୮୮ ଡଲାରକୁ ଖସିଲା ଅଶୋଧିତ ତୈଳ ଦର

■ ନୂଆଦିଲ୍ଲୀ, ୩୦।୫ (ଏଜେନ୍ସି): ଆମେରିକା, ଇସ୍ରାଏଲ ଏବଂ ଇରାନ ମଧ୍ୟରେ ପ୍ରସ୍ତାବିତ ଶାନ୍ତି ଚୁକ୍ତି ଖବରକୁ ନେଇ ବିଶ୍ୱ ବଜାରରେ ତଳମୁହାଁ ହୋଇଛି ଅଶୋଧିତ ତୈଳ ଦର। ରିପୋର୍ଟ ଅନୁଯାୟୀ, ତିନି ଦେଶ ମଧ୍ୟରେ ଚାଲିଥିବା ଏହି ଯୁଦ୍ଧ ଯେ କୌଣସି ସମୟରେ ଶେଷ ହୋଇପାରେ। ଏହି ଆଶାରେ ଅଶୋଧିତ ତୈଳ ମୂଲ୍ୟରେ ବୃହତ୍ ହ୍ରାସ ଦେଖିବାକୁ ମିଳିଛି। ଏଥିଯୋଗୁ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୮୮ ଡଲାରକୁ ହ୍ରାସ ପାଇଛି। ୨୦୨୬ରେ ତୈଳ ଦରର ସର୍ବୋଚ୍ଚ ସ୍ତରଠାରୁ ଏପର୍ଯ୍ୟନ୍ତ ଏଥିରେ ୨୬% ହ୍ରାସ ଘଟିଲାଣି। ଏଥିରେ ଏବେ ପ୍ରଶ୍ନ ଉଠୁଛି କ୍ରୁଡ୍ ମୂଲ୍ୟରେ ଏତେ ବୃଦ୍ଧି ପରେ ଘରୋଇ ବଜାରରେ କମିବ କି ପେଟ୍ରୋଲ ଏବଂ ଡିଜେଲ ଦର।




**୨୦୨୬ର ସର୍ବୋଚ୍ଚ ସ୍ତରଠାରୁ ୨୬% ହ୍ରାସ**

**କମିବ କି ପେଟ୍ରୋଲ ଏବଂ ଡିଜେଲ ଦର ?**

କେବଳ ଚଳିତ ସପ୍ତାହରେ ବ୍ରେଣ୍ଟ ଅଶୋଧିତ ତୈଳ ମୂଲ୍ୟ ପ୍ରାୟ ୧୧% ହ୍ରାସ ପାଇଛି, ଯାହା ୭ ସପ୍ତାହ ମଧ୍ୟରେ ସବୁଠାରୁ ବଡ଼ ସାପ୍ତାହିକ ହ୍ରାସ। ଏହି ସମୟରେ, ଆମେରିକୀୟ ୱେଷ୍ଟ ଟେକ୍ସାସ ଇଣ୍ଟରମିଡିଏଟ୍ (ଡବ୍ଲ୍ୟୁଟିଆଇ) ୯% ରୁ ଅଧିକ ହ୍ରାସ ପାଇଛି, ଯାହା ବିଗତ ୬ ସପ୍ତାହ ମଧ୍ୟରେ ଏହାର ସବୁଠାରୁ ବଡ଼ ▶ପୃଷ୍ଠା-୭

### ତ୍ରିକୋଣୀୟ ପ୍ରେମର କରୁଣ ପରିଣତି

# ଯୁବକଙ୍କୁ ଥାର୍ ଚଢ଼ାଇ ହତ୍ୟା

■ ଭୁବନେଶ୍ୱର, ୩୦।୫ (ସମିସ): ତ୍ରିକୋଣୀୟ ପ୍ରେମ ସଂପର୍କକୁ କେନ୍ଦ୍ର କରି ଯୁବକଙ୍କୁ କାର୍ ମଡ଼ାଇ ହତ୍ୟା। ଶୁକ୍ରବାର ବିଳମ୍ବିତ ରାତିରେ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଏଭଳି ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ, ନୀଳାଦ୍ରିବିହାର ଅଞ୍ଚଳରେ ରହୁଥିବା ବରୁଣ କୁମାର ରାଉତରାୟ। ତାଙ୍କ ଘର ଖୋର୍ଦ୍ଧା କାଇପଦର ଅଞ୍ଚଳରେ। ଏହି ହତ୍ୟାକାଣ୍ଡ ଭିଆଇବା ପରେ ଅଭିଯୁକ୍ତମାନେ ଏହାକୁ ଦୁର୍ଘଟଣାର ରୂପ ଦେବାକୁ ଚେଷ୍ଟା କରିଥିଲେ। କିନ୍ତୁ ପୁଲିସ ତଦନ୍ତ କରି ରହସ୍ୟ ଭେଦ କରିବା ସହ ଏହି ଘଟଣାରେ ଜଣେ ନାବାଳକ ସମେତ ୭ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ବ୍ରହ୍ମାନନ୍ଦ ଦାସ ଓରଫ୍ ବାପୁନି (୩୬), ଚିଦାନନ୍ଦ ଦାସ ଓରଫ୍ ପାପୁ(୩୧), ଆଶିଷ ଦେହୁରି ଓରଫ୍ ପିଣ୍ଟୁ (୩୦), ସ୍ୱସ୍ତିକ ଭରଦ୍ୱାଜ ଓରଫ୍ ସରୋଜ, ସୂରଜ ବିଶ୍ୱକର୍ମା (୨୩) ଏବଂ ଶ୍ରୀଧର ନାୟକ(୨୦)। ସମସ୍ତଙ୍କୁ କୋର୍ଟଚାଲାଣ




**ରାଜଧାନୀରେ ଚାଞ୍ଚଲ୍ୟ**

**ନାବାଳକ ସମେତ ୭ ଗିରଫ, ଥାର୍ ଓ ବାଇକ୍ ଜବତ**

କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କ ଘର ଚନ୍ଦ୍ରଶେଖରପୁର ଶୈଳଶ୍ରୀବିହାର ଅଞ୍ଚଳରେ। ଏହାବ୍ୟତୀତ, ପୁଲିସ୍ ଅପରାଧରେ ବ୍ୟବହୃତ କଳାରଙ୍ଗର ଏକ ଥାର୍ ଗାଡ଼ି (ଓଡ଼ି-୧୪-ଜେଡ୍-୨୩୩୮) ଏବଂ ଗୋଟିଏ ଦୁଇଚକିଆ ଯାନକୁ ଜବତ କରିଛି। ଶନିବାର ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଡିସିପି ଜଗମୋହନ ମୀନା ଏହି ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ଅଭିଯୁକ୍ତ ବାପୁନିଙ୍କର ଶୈଳଶ୍ରୀବିହାର ଛକ ନିକଟରେ ଏକ ଜୁସ୍ ଦୋକାନ (ମହିମା ଜୁସ୍ ସେଣ୍ଟର୍) ରହିଛି। ସେଠାରେ କାମ କରୁଥିବା ସୂରଜ ୬ବର୍ଷ ହେଲା ଦୀପିକା ନାମ୍ନୀ ଜଣେ ଯୁବତୀଙ୍କୁ ଭଲ ପାଇ ଆସୁଥିଲା। କିନ୍ତୁ ଗତ କିଛି ମାସ ହେବ ବରୁଣ ଓ ଦୀପିକାଙ୍କ ▶ପୃଷ୍ଠା-୭

# ମନ୍ତ୍ରୀଙ୍କ ଦକ୍ଷତା ମାପିବେ ମୋହନ

### ଜୁନ୍ ୨ରୁ ୯ ପର୍ଯ୍ୟନ୍ତ ରିପୋର୍ଟ କାର୍ଡ ଦେଖିବେ ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୩୦।୫ (ସମିସ): ଆଉ ଦିନ କେଇଟା ପରେ ରାଜ୍ୟରେ ବିଜେପି ସରକାର ଗଠନକୁ ୨ ବର୍ଷ ପୂରିବ। ଏହି ଦୁଇ ବର୍ଷ ମଧ୍ୟରେ ସରକାର କେତେ କାମ କରିଛନ୍ତି ଓ କେଉଁ ବିଭାଗ କିପରି ଆଗକୁ ବଢ଼ିଛି ତାହାର ସମୀକ୍ଷା ହେବ। ମୁଖ୍ୟମନ୍ତ୍ରୀ ଫାଇଲ୍ ଧରି ମନ୍ତ୍ରୀମାନଙ୍କର କାର୍ଯ୍ୟଦକ୍ଷତାର ସମୀକ୍ଷା କରିବେ। ଏଥିପାଇଁ ସବୁ ବିଭାଗର ମନ୍ତ୍ରୀମାନଙ୍କୁ ନିର୍ଦ୍ଧାରିତ ଫର୍ମାଟରେ ରିପୋର୍ଟ କାର୍ଡ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୧୬ପୃଷ୍ଠାର ଫର୍ମାଟରେ ମନ୍ତ୍ରୀମାନେ ବିଗତ ୨ବର୍ଷର ବିସ୍ତୃତ ତଥ୍ୟ ସହ ମୁଖ୍ୟମନ୍ତ୍ରୀଙ୍କ ପାଖରେ ନିଜ କାର୍ଯ୍ୟ ଓ ବିଭାଗର କାର୍ଯ୍ୟର ବିବରଣୀ ଦାଖଲ କରିବେ।



**୨ ବର୍ଷ କାର୍ଯ୍ୟର ହିସାବ ରଖିବେ ସମସ୍ତ ମନ୍ତ୍ରୀ**

ଆସନ୍ତା ଜୁନ୍ ୨ ତାରିଖରୁ ମନ୍ତ୍ରୀମାନଙ୍କ ରିପୋର୍ଟ କାର୍ଡ ସମୀକ୍ଷା ପ୍ରକ୍ରିୟା ଆରମ୍ଭ ହେବା ସହ ୯ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ପ୍ରଥମ ଦିନ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓଙ୍କ ବିଭାଗର କାର୍ଯ୍ୟକାରିତା ଓ କାର୍ଯ୍ୟଦକ୍ଷତାର ସମୀକ୍ଷା କରିବେ ବୋଲି ସ୍ଥିର ହୋଇଛି।

ମୁଖ୍ୟମନ୍ତ୍ରୀଙ୍କ ଏହି ସମୀକ୍ଷା ନିଷ୍ପତ୍ତି ପରେ ଅନେକ ମନ୍ତ୍ରୀଙ୍କର ଏବେ ଛାତି ଧଡ଼ଧଡ଼ ଆରମ୍ଭ ହୋଇଛି। କାରଣ ଆଗକୁ ହେବାକୁ ଥିବା ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ଚର୍ଚ୍ଚା ମଧ୍ୟରେ ଅନେକ ମନ୍ତ୍ରୀଙ୍କ ମୁଣ୍ଡ ଗଡ଼ିବା ନେଇ ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଛି। ତେଣୁ ଯେଉଁମନ୍ତ୍ରୀ ଏହି ଦୁଇ ବର୍ଷ ମଧ୍ୟରେ ବିଶେଷ କାମ କରିପାରିନାହାନ୍ତି, ସେମାନଙ୍କ ▶ପୃଷ୍ଠା-୭

# ଏନ୍‌ଟିଏର ଆଉ ଏକ ବିଫଳତା

■ ନୂଆଦିଲ୍ଲୀ, ୩୦।୫ (ଏଜେନ୍ସି): ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ବିବାଦ ଦେଶରେ ଥମିନାହିଁ। ଏନେଇ କୌଣସି ସମାଧାନ ମଧ୍ୟ ହୋଇନାହିଁ। ପ୍ରତିବର୍ଷ ଦେଶରେ ଜାତୀୟସ୍ତରୀୟ ପରୀକ୍ଷା ଗୁଡ଼ିକରେ ବିଭ୍ରାଟ ଦେଖାଦେଉଛି। ଏଥିରେ ହତାଶ ହୋଇ ଆତ୍ମହତ୍ୟା କରିଥିବା ପରୀକ୍ଷାର୍ଥୀଙ୍କ ଜୁଇର ନିଆଁ ନ ଲିଭୁଣୁ ପୁଣି ଶନିବାର ସାରା ଦେଶର ବିଭିନ୍ନ କେନ୍ଦ୍ରରେ ସାଧାରଣ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା-ସ୍ନାତକ (ସିୟୁଇଟି-ୟୁଜି) ୨୦୨୬ରେ ବ୍ୟାପକ ଯାନ୍ତ୍ରିକ ବିଭ୍ରାଟ ଦେଖାଦେଇଛି। ଫଳରେ ଅନେକ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଆରମ୍ଭ ହେବାରେ ଅହେତୁକ ବିଳମ୍ବ ଘଟିଛି। ଏହାଦ୍ୱାରା ପରୀକ୍ଷାର୍ଥୀ ଏବଂ ଅଭିଭାବକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପକ୍ଷରୁ ସୂଚନା ଦିଆଯାଇଛି ଯେ, ଟିସିଏସ୍ (ଟାଟା କନସଲଟାନ୍ସି ସର୍ଭିସେସ୍) ପକ୍ଷରୁ ହୋଇଥିବା ବୈଷୟିକ ତ୍ରୁଟି ଯୋଗୁଁ ଶନିବାର କିଛି କେନ୍ଦ୍ରରେ ପରୀକ୍ଷା ନିର୍ଦ୍ଧାରିତ ସମୟରେ ଆରମ୍ଭ ହୋଇପାରି ନଥିଲା। କିନ୍ତୁ ପରେ ଏହାର ସମାଧାନ କରାଯାଇଛି। ପରୀକ୍ଷାର୍ଥୀଙ୍କୁ ଅତିରିକ୍ତ ସମୟ ପ୍ରଦାନ କରାଯାଇଛି। ▶ପୃଷ୍ଠା-୭

**ସିୟୁଇଟି-ୟୁଜି ପରୀକ୍ଷାରେ ବିଭ୍ରାଟ**

**ବୈଷୟିକ ତ୍ରୁଟି; ୪ ଘଣ୍ଟା ପରୀକ୍ଷା ବିଳମ୍ବ**

**ପୁନଃ-ପରୀକ୍ଷା ଦେବେ ୩,୭୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ**

### ବାରଙ୍ଗ 'ବର୍ବରତା': ମାମଲା ଚାପିବାକୁ ଉଦ୍ୟମ

# ବାପାଙ୍କୁ ଟଙ୍କା, ଭାଇକୁ ଚାକିରି ପ୍ରଲୋଭନ !

■ ବାରଙ୍ଗ, ୩୦।୫ (ସମିସ): କଟକ ଜିଲ୍ଲା ବାରଙ୍ଗ ଥାନାରେ ପୁଲିସର ଅମାନୁଷିକ ନିର୍ଯାତନା ମାମଲାରେ ପୁଲିସ୍ ପ୍ରଶାସନର ସାଂଘାତିକ ଚେହେରା ସାମ୍ନାକୁ ଆସିଛି। ରକ୍ଷକ ଯେତେବେଳେ ଭକ୍ଷକ ସାଜେ, ସେଠାରେ ସାଧାରଣ ନାଗରିକ ପାଇଁ ନ୍ୟାୟର ଆଶା କାହିଁ ବୋଲି ଅଞ୍ଚଳରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏକ ଅଜଣା ମୃତଦେହକୁ ନିଜର ନିଖୋଜ ପତ୍ନୀ ବୋଲି ଜୋରଜବରଦସ୍ତି ସ୍ୱୀକାର କରାଇବା ପାଇଁ ବାରଙ୍ଗ ପୁଲିସ ଚଣ୍ଡିପ୍ରସାଦ ଗ୍ରାମର ନିରୀହ ଯୁବକ ରାକେଶ ବେହେରାଙ୍କୁ ହେପାଜତ ଭିତରେ ଯେଉଁଭଳି ପାଶବିକ ନିର୍ଯାତନା ଦେଇଛି, ତାହା ଆଜି ତାଙ୍କୁ ଜୀବନ ଓ ମୃତ୍ୟୁର ସନ୍ଧିକ୍ଷଣରେ କୋମାରେ ଶୁଆଇ ଦେଇଛି।

**ରାକେଶ ଭଉଣୀଙ୍କ ବିସ୍ଫୋରକ ବୟାନ**

**କୋମାରେ ଶୋଇଛନ୍ତି ନିରୀହ ରାକେଶ**

**ଶାନ୍ତି କମିଟିର ଶରଣ ପଶିଲା ପରିବାର**



ଚିକିତ୍ସାଧୀନ ରାକେଶଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ପୁଲିସ ସଠିକ୍ ସୂଚନା ଦେଉନଥିବାରୁ ଏବଂ କୌଣସି ପରିବାର ସଦସ୍ୟଙ୍କୁ ତାଙ୍କ ପାଖକୁ ଛଡ଼ା ନଯିବା ପଛର ରହସ୍ୟ କ'ଣ, ତାହାର ଉତ୍ତର ମାଗି ଗତକାଲି ଶୁକ୍ରବାର ଅପରାହ୍ଣ ୨ଟାରୁ ଚଣ୍ଡିପ୍ରସାଦ ଗ୍ରାମବାସୀ ଥାନା ସମ୍ମୁଖରେ ମୁଖ୍ୟ ରାଜରାସ୍ତା ଅବରୋଧ କରିଥିଲେ। ମାତ୍ର ଉଚ୍ଚ ପଦାଧିକାରୀମାନେ ଦୋଷୀ ପୁଲିସ କର୍ମଚାରୀଙ୍କ ବିରୋଧରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଓଲଟା ରକ୍ତମୁଖା ସାଜିଥିଲେ। ନ୍ୟାୟ ପାଇଁ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଥିବା ନିରୀହ ଗ୍ରାମବାସୀ ଓ ମହିଳାମାନଙ୍କ ଉପରକୁ ପୁଲିସ୍ ବଳପୂର୍ବକ ଲାଠିଚାର୍ଜ ଉଦ୍ୟମ କରି ସେମାନଙ୍କୁ ସେଠାରୁ ଗୋଡ଼ାଇ ଗୋଡ଼ାଇ ଘଉଡ଼ାଇ ଦେଇଥିଲା। ପୁଲିସ୍‌ର ଏଭଳି କାର୍ଯ୍ୟାନୁଷ୍ଠାନ ଦେଖି ନିରୁପାୟ ରାକେଶଙ୍କ ପରିବାରଲୋକ ଓ ଗ୍ରାମବାସୀ ଅତ୍ୟନ୍ତ ଭୟଭୀତ ହୋଇ ସେଠାରୁ ଫେରିବାକୁ ବାଧ୍ୟ ହୋଇଛନ୍ତି। ବର୍ତ୍ତମାନ ଆଇନଶୃଙ୍ଖଳା ପରିସ୍ଥିତିକୁ ଦେଖି ଥାନା ଆଗରେ ଏକ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଛି।

ପୁଲିସର ଏହି ଅମାନୁଷିକ ଅତ୍ୟାଚାର ଏବଂ ବର୍ବରତା ଆଗରେ ଆଦୌ ମୁଣ୍ଡ ନ ନୁଆଁଇବା ପାଇଁ ପୀଡ଼ିତ ପରିବାର ଏବେ ▶ପୃଷ୍ଠା-୭



# ଆମେରିକାରେ ଭାରତୀୟ ଯୁବକଙ୍କୁ ୧୦ ବର୍ଷ ଜେଲ୍

ଓମାହା, ୩୦।୫(ଏଜେନ୍ସି): ଆମେରିକାରେ ଜଣେ ନାବାଳିକାକୁ ଶାରୀରିକ ଶୋଷଣ ଏବଂ ମାନବ ଚାଲାଣକାରୀଙ୍କୁ ସହାୟତା କରିବା ଅଭିଯୋଗରେ ଜଣେ ୨୭ ବର୍ଷୀୟ ଭାରତୀୟ ଯୁବକଙ୍କୁ ୧୦ ବର୍ଷର ଜେଲ୍ ଦଣ୍ଡାଦେଶ ହୋଇଛି। ଗୁଜରାଟର ବାସିନ୍ଦା କବନକୁମାର ପଟେଲ ନାମକ ଏହି ଯୁବକ ଆମେରିକାର ନେବ୍ରାସ୍କା ସ୍ଥିତ ଏକ ହୋଟେଲରେ କାର୍ଯ୍ୟ କରୁଥିଲେ। ଜେଲ୍ ମିଆଦ ଶେଷ ହେବା ପରେ ତାଙ୍କୁ ଭାରତ ସ୍ୱଦେଶ ପଠାଇ ଦିଆଯିବ ବୋଲି ଜଣାପଡ଼ିଛି। ପୋଲିସ ସୂଚନା ଅନୁଯାୟୀ, ଗତ ବର୍ଷ ଜାନୁଆରୀ ମାସରେ ଏହି ଘଟଣା ଘଟିଥିଲା। ମାନବ ଚାଲାଣକାରୀମାନେ ଦୁଇଜଣ ନାବାଳିକାଙ୍କୁ ଅନ୍ୟ ରାଜ୍ୟରୁ ଆଣି ଏହି ହୋଟେଲରେ ରଖି ଦେହ ବ୍ୟବସାୟରେ ନିୟୋଜିତ କରିଥିଲେ। ହୋଟେଲର କର୍ମଚାରୀ ଥିବା କବନକୁମାର, ହୋଟେଲର କାଉଣ୍ଟରରୁ ଟଙ୍କା ଚୋରି କରି ନାବାଳିକା ସହ ସମ୍ପର୍କ ରଖିବା ପାଇଁ ଚାଲାଣକାରୀଙ୍କୁ ଦେଇଥିବା ସ୍ୱୀକାର କରିଛନ୍ତି। ଏହା ବଦଳରେ ସେମାନେ ହୋଟେଲ ଭଡ଼ା କମ୍ କରି ଚାଲାଣକାରୀ ଓ ନାବାଳିକାମାନଙ୍କୁ ସେଠାରେ ରହିବାକୁ ଅନୁମତି ଦେଇଥିଲେ। ଏହି ମାମଲାରେ କବନକୁମାରଙ୍କ ବ୍ୟତୀତ ଅନ୍ୟ ଦୁଇଜଣ ଭାରତୀୟ କର୍ମଚାରୀ ସୁମିତ ଚୌଧୁରୀ ଏବଂ ବିଶାଳ ଗୋସ୍ୱାମୀଙ୍କ ସହ ତିନିଜଣ ମୁଖ୍ୟ ମାନବ ଚାଲାଣକାରୀଙ୍କୁ ମଧ୍ୟ ଗିରଫ କରାଯାଇଛି। ସୁରକ୍ଷାକର୍ମୀମାନେ ନାବାଳିକା ଦ୍ୱୟଙ୍କୁ ଏହି ନର୍କପୁରୀରୁ ଉଦ୍ଧାର କରିଥିବା ବେଳେ ଆମେରିକା ନ୍ୟାୟାଳୟ ଦୋଷୀଙ୍କ ବିରୋଧରେ ଏହି କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି।

# ସ୍ତ୍ରୀକୁ ୪ ଘଣ୍ଟା 'କୁକୁଡ଼ା' ବନାଇ ରଖିବା ପରେ ଛୁରାମାଡ଼

ମୁମ୍ବାଇ, ୩୦।୫(ଏଜେନ୍ସି): ମୁମ୍ବାଇରେ ଜଣେ ସ୍ୱାମୀର ଚରମ ବର୍ବରତା ଏବଂ କ୍ରୁରତା ସାମ୍ନାକୁ ଆସିଛି। ପାରିବାରିକ କଳହ ଯୋଗୁଁ ଜଣେ ଯୁବକ ନିଜ ସ୍ତ୍ରୀକୁ ଘର ଭିତରେ ବନ୍ଦୀ କରି ଅମାନୁଷିକ ନିର୍ଯାତନା ଦେବା ସହ ୪ ଘଣ୍ଟା କାଳ 'କୁକୁଡ଼ା' ସ୍ଥିତିରେ ବସାଇ ରଖିଥିବା ଅଭିଯୋଗ ହୋଇଛି। ଏହାପରେ ସ୍ତ୍ରୀ ଜଣକ ଜୀବନ ବିକଳରେ ଖସି ପଳାଇବା ପରେ ମଧ୍ୟ ଅଭିଯୋଗକାରୀ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଛୁରାମାଡ଼ କରିଛି। ପୋଲିସ ସୂଚନା ମୁତାବକ, ୨୫ ବର୍ଷୀୟ ଅଭିଯୁକ୍ତ ଆରବାଜ ସୟଦ୍ ପ୍ରଥମେ ନିଜ ସ୍ତ୍ରୀକୁ ଖଣ୍ଡାରେ ହାଣିବା ଏବଂ ମୁହଁରେ ଏସିଡ୍ ପକାଇବାକୁ ଧମକ ଦେଇ ନିର୍ଯାତନା ଦେଇଥିଲା। ସ୍ତ୍ରୀ ଜଣକ କୌଶଳକ୍ରମେ ସେଠାରୁ ଖସି ନିଜ ବାପାଘରକୁ ପଳାଇଥିଲେ। ମାତ୍ର ଅଭିଯୁକ୍ତ ସେଠାରେ ପହଞ୍ଚି ଗଣ୍ଡଗୋଳ କରିବା ସହ ଏକ ଛୁରୀରେ ସ୍ତ୍ରୀଙ୍କୁ ଆକ୍ରମଣ କରି ରକ୍ତାକ୍ତ କରିଦେଇଥିଲା। ପୀଡ଼ିତାଙ୍କ ପରିବାର ଲୋକଙ୍କ ସୂଚନା ଆଧାରରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆରବାଜକୁ ଗିରଫ କରିଛି। ତଦନ୍ତରୁ ଜଣାପଡ଼ିଛି ଯେ ଆରବାଜ ଜଣେ ଅଭ୍ୟାସଗତ ଅପରାଧୀ ଏବଂ ତା' ନାମରେ ପୂର୍ବରୁ ବିଭିନ୍ନ ଥାନାରେ ୧୯ଟି ଗୁରୁତର ଅପରାଧିକ ମାମଲା ରହିଛି। ପୋଲିସ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

# ଉତ୍ତର ପ୍ରଦେଶରେ ବିଜୁଳି ଗ୍ରାହକ ଦେବେ ୧୦ % ଅତିରିକ୍ତ ଶୁଳ୍କ

ଲକ୍ଷ୍ନୌ,୩୦।୫(ଏଜେନ୍ସି): ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ଉତ୍ତର ପ୍ରଦେଶର ବିଜୁଳି ଗ୍ରାହକମାନଙ୍କୁ ଏକ ବଡ଼ ଆର୍ଥିକ ଝଟ୍‌କା ଲାଗିଛି। ରାଜ୍ୟରେ ଆସନ୍ତା ଜୁନ୍ ମାସରୁ ବିଦ୍ୟୁତ ବିଲ୍ ଉପରେ ୧୦ ପ୍ରତିଶତ 'ଇନ୍ଧନ ଏବଂ ବିଦ୍ୟୁତ କ୍ରୟ ଉପରେ ଅତିରିକ୍ତ ସରଚାର୍ଜ' ଲାଗୁ କରିବା ପାଇଁ ଉତ୍ତର ପ୍ରଦେଶ ପାୱାର କର୍ପୋରେସନ ଲିମିଟେଡ୍ ବିଧିବଦ୍ଧ ଭାବେ ସୂଚନା ଦେଇଛି। ଏହି ନିଷ୍ପତ୍ତି ଫଳରେ ସବୁ ବର୍ଗର ଗ୍ରାହକଙ୍କ ଉପରେ ମାସିକ ବିଲ୍‌ର ଅତିରିକ୍ତ ବୋଝ ପଡ଼ିବ। ବିଦ୍ୟୁତ କ୍ରୟ ଏବଂ ପରିବହନ ବାବଦରେ ହୋଇଥିବା ଅତିରିକ୍ତ ଖର୍ଚ୍ଚର ଭରଣା ପାଇଁ ରାଜ୍ୟ ବିଦ୍ୟୁତ ନିୟାମକ ଆୟୋଗଙ୍କ ନିୟମ ଅନୁଯାୟୀ ଏହି ଶୁଳ୍କ ବୃଦ୍ଧି କରାଯାଇଛି। ମାର୍ଚ୍ଚ ମାସର ଖର୍ଚ୍ଚକୁ ଆଧାର କରି ଏହି ଅତିରିକ୍ତ ରାଶି ଜୁନ୍ ମାସର ବିଲ୍‌ରେ ଆଦାୟ କରାଯିବ। ଇନ୍ଧନ ମୂଲ୍ୟରେ ହେଉଥିବା ପରିବର୍ତ୍ତନ ଯୋଗୁଁ ବିତରଣ କମ୍ପାନୀଗୁଡ଼ିକର କ୍ଷତି ଭରଣା ପାଇଁ ଏହି ପଦକ୍ଷେପ ନିଆଯାଇଛି। ରାଜ୍ୟରେ ଏବେ ଗ୍ରୀଷ୍ମ ପ୍ରବାହ ଯୋଗୁଁ ତାପମାତ୍ରା ୪୫ ଡିଗ୍ରୀ ଅତିକ୍ରମ କରିଥିବା ବେଳେ ବିଦ୍ୟୁତ ବ୍ୟବହାର ବହୁଳ ଭାବେ ବୃଦ୍ଧି ପାଇଛି। ବିଜୁଳି ଚାହିଦା ପୂର୍ବ ବର୍ଷଗୁଡ଼ିକ ତୁଳନାରେ ପ୍ରାୟ ୫୦୦୦ ମେଗାୱାଟ୍ ବଢ଼ିଯାଇଛି, ଯାହାଫଳରେ ଅନେକ ସ୍ଥାନରେ ବିଦ୍ୟୁତ କାଟ୍ ସମସ୍ୟା ମଧ୍ୟ ଦେଖାଦେଇଛି। ଏଭଳି ସ୍ଥିତିରେ ଏହି ମୂଲ୍ୟ ବୃଦ୍ଧି ସାଧାରଣ ଜନତାଙ୍କ ସମସ୍ୟାକୁ ଆହୁରି ବଢ଼ାଇ ଦେଇଛି।

# ଅରୁଣାଚଳରେ ଅନୁପ୍ରବେଶ ଓ ଜନଜାତି ପ୍ରମାଣପତ୍ରର ଯାଞ୍ଚ ପାଇଁ କମିଟି ଗଠନ

ଇଟାନଗର, ୩୦।୫(ଏଜେନ୍ସି): ଅରୁଣାଚଳ ପ୍ରଦେଶ ସରକାର ରାଜ୍ୟର ସ୍ଥାନୀୟ ଆଦିବାସୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ବେଆଇନ ଅନୁପ୍ରବେଶ ରୋକିବା ଏବଂ ଜନଜାତି (ଏସ୍‌ଟି) ପ୍ରମାଣପତ୍ରର ପୁନଃ ଯାଞ୍ଚ ପାଇଁ ୪ଟି ଉଚ୍ଚସ୍ତରୀୟ କମିଟି ଗଠନ କରିବାକୁ ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁ ଘୋଷଣା କରିଛନ୍ତି। ସ୍ଥାନୀୟ ସଂଗଠନ ଓ ଛାତ୍ର ସଂଘଗୁଡ଼ିକର ଦୀର୍ଘଦିନର ଦାବି ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ସମସ୍ତ କମିଟି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ, ଯେପରିକି ଆଦିବାସୀ ପ୍ରମାଣପତ୍ରର ସତ୍ୟାସତ୍ୟ, ଅଣ-ଆଦିବାସୀଙ୍କ ସନ୍ତାନମାନଙ୍କ ସ୍ଥିତି ଏବଂ ବେଆଇନ ଅନୁପ୍ରବେଶ ଉପରେ ସମୀକ୍ଷା କରିବେ। ଏହା ସହିତ ରାଜ୍ୟରେ ପ୍ରବେଶ ପାଇଁ ଆବଶ୍ୟକ ହେଉଥିବା 'ଇନର ଲାଇନ୍ ପରମିଟ୍' (ଆଇଏଲ୍‌ପି) ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯିବ। ଏଥିପାଇଁ ସରକାର ଏକ ସ୍ୱତନ୍ତ୍ର ବିଭାଗ ମଧ୍ୟ ଗଠନ କରିବେ। ଏହି ସମସ୍ତ କମିଟିକୁ ନିଜର ରିପୋର୍ଟ ଓ ସୁପାରିଶ ଦାଖଲ କରିବା ପାଇଁ ୬ ମାସର ସମୟ ଦିଆଯାଇଛି। କ୍ଷେତ୍ର ପରିଦର୍ଶନ ଏବଂ ବିଭିନ୍ନ ପକ୍ଷଙ୍କ ସହ ଆଲୋଚନା ଆଧାରରେ ଏହି ସମୟସୀମା ଆବଶ୍ୟକ ସ୍ଥଳେ ବୃଦ୍ଧି କରାଯାଇପାରେ। ରାଜ୍ୟର ଜନସଂଖ୍ୟାଗତ ସନ୍ତୁଳନ ଏବଂ ସ୍ଥାନୀୟ ଜନଜାତିଙ୍କ ସଂସ୍କୃତିକୁ ସୁରକ୍ଷିତ ରଖିବା ପାଇଁ ଏହି ନିଷ୍ପତ୍ତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଇଛି।

# ୬୪ % ମହିଳା ବ୍ୟବହାର କରୁଛନ୍ତି ଇଣ୍ଟରନେଟ୍



ନୂଆଦିଲ୍ଲୀ, ୩୦।୫(ଏଜେନ୍ସି): ଭାରତୀୟ ମହିଳାଙ୍କ ମଧ୍ୟରେ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ପୂର୍ବ ଅପେକ୍ଷା ପ୍ରାୟ ଦୁଇଗୁଣ ବୃଦ୍ଧି ପାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ଷଷ୍ଠ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ରିପୋର୍ଟ ଅନୁଯାୟୀ, ଦେଶରେ ଅତିକମରେ ଦିନେ ହେଲେ ଇଣ୍ଟରନେଟ୍ ବ୍ୟବହାର କରିଥିବା ମହିଳାଙ୍କ ସଂଖ୍ୟା ୬୪.୩ ପ୍ରତିଶତରେ ପହଞ୍ଚିଛି। ଏହାପୂର୍ବରୁ ପଞ୍ଚମ ସର୍ଭେରେ ଏହି ସଂଖ୍ୟା ମାତ୍ର ୩୩.୩ ପ୍ରତିଶତ ରହିଥିଲା। ମାତ୍ର ଦୁଇ ବର୍ଷ ମଧ୍ୟରେ ଏହି ବଡ଼ ପରିବର୍ତ୍ତନ ମହିଳାଙ୍କ କ୍ଷେତ୍ରରେ ଡିଜିଟାଲ୍ ସାକ୍ଷରତାର ଅଭିବୃଦ୍ଧିକୁ ଦର୍ଶାଉଛି। ରିପୋର୍ଟ ଅନୁସାରେ, କେବଳ ଇଣ୍ଟରନେଟ୍ ନୁହେଁ, ବରଂ ମହିଳାଙ୍କ ଆର୍ଥିକ ଏବଂ ବୈଷୟିକ ସଶକ୍ତିକରଣ କ୍ଷେତ୍ରରେ ମଧ୍ୟ ବ୍ୟାପକ ସୁଧାର ଆସିଛି। ବ୍ୟାଙ୍କ କିମ୍ବା ସଞ୍ଚୟ ଖାତା ଥିବା ମହିଳାଙ୍କ ସଂଖ୍ୟା ୭୮.୬ ପ୍ରତିଶତରୁ ବୃଦ୍ଧି ପାଇ ୮୯ ପ୍ରତିଶତ ହୋଇଛି। ସେହିପରି ନିଜସ୍ୱ ମୋବାଇଲ୍ ଫୋନ୍ ବ୍ୟବହାର କରୁଥିବା ମହିଳାଙ୍କ ସଂଖ୍ୟା ମଧ୍ୟ ୫୩.୯ ପ୍ରତିଶତରୁ ୬୩.୬ ପ୍ରତିଶତକୁ ବୃଦ୍ଧି ପାଇଛି। ଏହା ସହିତ ସରକାରଙ୍କ ବିଭିନ୍ନ ଯୋଜନା ଯୋଗୁଁ ୧୫ରୁ ୨୪ ବର୍ଷ ବୟସର ଯୁବତୀଙ୍କ ମଧ୍ୟରେ ମାସିକ ଋତୁସ୍ରାବ ସମୟରେ ସ୍ୱାସ୍ଥ୍ୟପ୍ରଦ ଓ ସୁରକ୍ଷିତ ସାମଗ୍ରୀ ବ୍ୟବହାରର ହାର ମଧ୍ୟ ୭୯.୨ ପ୍ରତିଶତକୁ ବଢ଼ିଛି। ମୁମ୍ବାଇ ସ୍ଥିତ ଜନସଂଖ୍ୟା ବିଜ୍ଞାନ ଆନ୍ତର୍ଜାତୀୟ ସଂସ୍ଥାନ ସହାୟତାରେ ଦେଶର ୭୧୫ଟି ଜିଲ୍ଲାର ପ୍ରାୟ ୬.୭୯ ଲକ୍ଷ ପରିବାରକୁ ନେଇ ଏହି ସର୍ଭେ କରାଯାଇଥିଲା। ଏହି ସଫଳତା ଭାରତର ସାମଗ୍ରିକ ବିକାଶ ଏବଂ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ ଦିଗରେ ଏକ ସକାରାତ୍ମକ ସଙ୍କେତ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପ୍ରକାଶ କରିଛି। ମାତ୍ର ଏହା ସହିତ ବଦଳୁଥିବା ଜୀବନଶୈଳୀ ଯୋଗୁଁ ସୃଷ୍ଟି ହେଉଥିବା ମେଦବହୁଳତା ଏବଂ ଅଣ-ସଂକ୍ରାମକ ରୋଗ ଭଳି ଆହ୍ୱାନର ମୁକାବିଲା ପାଇଁ ସତର୍କ ରହିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି।

# ଆତଙ୍କବାଦୀ ଆକ୍ରମଣ ଯୋଜନା

ନୂଆଦିଲ୍ଲୀ, ୩୦।୫(ଏଜେନ୍ସି): ଦେଶର ରାଜଧାନୀ ଦିଲ୍ଲୀ ଏବଂ ବାଣିଜ୍ୟିକ ନଗରୀ ମୁମ୍ବାଇ ସମେତ ବିଭିନ୍ନ ପ୍ରମୁଖ ସହରକୁ ରକ୍ତରଞ୍ଜିତ କରିବା ପାଇଁ ରଚାଯାଇଥିବା ଏକ ବଡ଼ ଷଡ଼ଯନ୍ତ୍ରକୁ ପଣ୍ଡ କରିଛି ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍। ପାକିସ୍ତାନର ଗୁପ୍ତଚର ସଂସ୍ଥା ଆଇଏସଆଇ ଏବଂ ମାଫିଆ ଡନ୍ ଦାଉଦ୍ ଇବ୍ରାହିମର ସଙ୍ଗଠନ ସହ ସମ୍ପୃକ୍ତ ଥିବା ୯ ଜଣ ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ବିପୁଳ ପରିମାଣର ମାରାତ୍ମକ ଅସ୍ତ୍ରଶସ୍ତ୍ର ଏବଂ ଗୋଳାବାରୁଦ ଜବତ କରାଯାଇଛି। ପୋଲିସର ସୂଚନା ଅନୁଯାୟୀ, ଏହି ଆତଙ୍କବାଦୀମାନେ ଦେଶର ଅତି ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ଏବଂ ସୁରକ୍ଷାକର୍ମୀମାନଙ୍କ ଉପରେ ଆତ୍ମଘାତୀ ଆକ୍ରମଣ କରିବା ପାଇଁ ଯୋଜନା ପ୍ରସ୍ତୁତ କରୁଥିଲେ। ବିଶେଷ କରି ଜାତୀୟ ପରମାଣୁ କେନ୍ଦ୍ର, ପ୍ରମୁଖ ବିମାନବନ୍ଦର, ରେଳ ଷ୍ଟେସନ ଏବଂ ବିଦ୍ୟୁତ ଉତ୍ପାଦନ କେନ୍ଦ୍ରଗୁଡ଼ିକ ସେମାନଙ୍କର ମୁଖ୍ୟ ଟାର୍ଗେଟରେ ଥିଲା। ଜନଗହଳିପୂର୍ଣ୍ଣ ସ୍ଥାନରେ ଗାଡ଼ି ମାଧ୍ୟମରେ ବିସ୍ଫୋରଣ ଏବଂ ଆଖିବୁଜା ଗୁଳିଚାଳନା କରି ଭୟର ବାତାବରଣ ସୃଷ୍ଟି କରିବା ସେମାନଙ୍କର ଉଦ୍ଦେଶ୍ୟ ଥିଲା। ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କ ମଧ୍ୟରେ ଦିଲ୍ଲୀ, ମୁମ୍ବାଇ ଏବଂ ପଞ୍ଜାବର ବାସିନ୍ଦା ରହିଥିବା ବେଳେ କେତେକ ବିଦେଶୀ ନାଗରିକ ମଧ୍ୟ ସାମିଲ ଅଛନ୍ତି। ଏହି ସନ୍ତ୍ରାସବାଦୀ ଗୋଷ୍ଠୀ ଦୀର୍ଘ ଦିନ ଧରି ଗୁପ୍ତଚର ସଂସ୍ଥାର ନଜରରେ ଥିଲେ। ସୀମା ପାର୍ଶ୍ୱରୁ ସେମାନଙ୍କୁ କିପରି ସହାୟତା ମିଳୁଥିଲା, ଏହି ମାଧ୍ୟମ ପାଇଁ କେଉଁଠାରୁ ପାଣ୍ଠି ଯୋଗାଇ ଦିଆଯାଉଥିଲା ଏବଂ ବିଦେଶରେ ବସିଥିବା ମାଷ୍ଟରମାଇଣ୍ଡମାନଙ୍କର ଏଥିରେ କି ଭୂମିକା ରହିଛି, ସେ ନେଇ ବର୍ତ୍ତମାନ ପୋଲିସ ତଦନ୍ତ ଚଳାଇଛି। ଗତ ବର୍ଷ ଦିଲ୍ଲୀର ଐତିହାସିକ ଲାଲକିଲ୍ଲା ନିକଟରେ ହୋଇଥିବା ଭୟଙ୍କର କାର ବିସ୍ଫୋରଣ ଘଟଣା ପରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ସେହି ଘଟଣାରେ ଜଣେ କାଶ୍ମୀରୀ ଡାକ୍ତର ଏବଂ କେତେକ ଶିକ୍ଷାନୁଷ୍ଠାନର କର୍ମଚାରୀ ସାମିଲ ଥିଲେ, ଯେଉଁମାନେ ଆଲ-କାଏଦା ଅନୁବନ୍ଧିତ ଆତଙ୍କବାଦୀ ସଙ୍ଗଠନ ଅନସାର ଗଜୱାତ-ଉଲ-ହିନ୍ଦ ସହ ଜଡ଼ିତ ଥିଲେ। ଏହି ନୂତନ ବିପଦକୁ ଦୃଷ୍ଟିରେ ରଖି ଦିଲ୍ଲୀର ସମସ୍ତ ଜିଲ୍ଲା ସୁରକ୍ଷା ୟୁନିଟ୍ ଏବଂ କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀକୁ ସମ୍ପୂର୍ଣ୍ଣ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୁରକ୍ଷା ଏଜେନ୍ସିଗୁଡ଼ିକର ସଠିକ୍ ସମୟରେ ପଦକ୍ଷେପ ଯୋଗୁଁ ଭାରତ ଆଜି ଏକ ବଡ଼ ବିପଦରୁ ରକ୍ଷା ପାଇଯାଇଛି। ଏହି ଗିରଫଦାରୀ ସୀମାପାର ମାଫିଆ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଥିବା ଅପବିତ୍ର ମେଣ୍ଟକୁ ପଦାରେ ପକାଇଛି। ଏହି ଆତଙ୍କବାଦୀ ମଡ୍ୟୁଲର ସମ୍ପୂର୍ଣ୍ଣ ଚେର ଖୋଜି ବାହାର କରିବା ପାଇଁ ଦିଲ୍ଲୀ ପୋଲିସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ଅଧିକ ତଥ୍ୟ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି।



ଦାଉଦ ଓ ଆଇଏସଆଇ ସହ ସମ୍ପୃକ୍ତ ୯ ଗିରଫ

# ଗ୍ରୀନ୍ କାର୍ଡ ନିୟମରେ ଆମେରିକାର ୟୁ ଟର୍ଣ୍ଣ

ୱାସିଂଟନ, ୩୦।୫(ଏଜେନ୍ସି): ଆମେରିକାରେ ଗ୍ରୀନ୍ କାର୍ଡ ବା ସ୍ଥାୟୀ ନାଗରିକତ୍ୱ ପାଇଁ ଆବେଦନ କରୁଥିବା ପ୍ରବାସୀମାନଙ୍କୁ ଏକ ବଡ଼ ଆଶ୍ୱସ୍ତି ମିଳିଛି। ଗ୍ରୀନ୍ କାର୍ଡ ପ୍ରକ୍ରିୟା ଚାଲୁଥିବା ସମୟରେ ଅଧିକାଂଶ ଆବେଦନକାରୀଙ୍କୁ ଆମେରିକା ଛାଡ଼ି ନିଜ ଦେଶକୁ ଫେରିବାକୁ ପଡ଼ିବ ନାହିଁ ବୋଲି ଆମେରିକାର ଗୃହ ସୁରକ୍ଷା ବିଭାଗ ସ୍ପଷ୍ଟ କରିଛି। ଏହାପୂର୍ବରୁ ଆସିଥିବା ଏକ ନିୟମକୁ ନେଇ ପ୍ରବାସୀମାନଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଦ୍ୱନ୍ଦ୍ୱ ଓ ଆଶଙ୍କା ଉପରେ ଏହି ସ୍ପଷ୍ଟୀକରଣ ଦ୍ୱାରା ବିରାମ ଲାଗିଛି। ନିକଟରେ ଆମେରିକା ନାଗରିକତ୍ୱ ଏବଂ ଆପ୍ରବାସନ ସେବା ସଂସ୍ଥାର ଏକ ବିଜ୍ଞପ୍ତି ପରେ ଚର୍ଚ୍ଚା ହେଉଥିଲା ଯେ, ଆବେଦନକାରୀମାନଙ୍କୁ ଗ୍ରୀନ୍ କାର୍ଡ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ନିଜ ଦେଶରେ ରହିବାକୁ ହେବ। ମାତ୍ର ଶୁକ୍ରବାର ଦିନ ଗୃହ ସୁରକ୍ଷା ବିଭାଗ ପକ୍ଷରୁ କୁହାଯାଇଛି ଯେ ନୀତିରେ କୌଣସି ବଡ଼ ଧରଣର ପରିବର୍ତ୍ତନ କରାଯାଇ ନାହିଁ। କେବଳ ଭିସା ଅବଧି ଶେଷ ହେବା କିମ୍ବା ଅନ୍ୟ କୌଣସି ଆଇନଗତ ସମସ୍ୟା ଥିବା ନିର୍ଦ୍ଦିଷ୍ଟ ମାମଲାରେ ହିଁ ଅଧିକାରୀମାନେ ସ୍ଥିତି ଅନୁଯାୟୀ ନିଷ୍ପତ୍ତି ନେବେ, ଯାହା ପୂର୍ବରୁ ମଧ୍ୟ ପ୍ରଚଳିତ ଥିଲା। ହ୍ୱାଇଟ୍ ହାଉସ୍‌ର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା ଅନୁଯାୟୀ, ଏହା କୌଣସି ନୂଆ ରଣନୀତି ନୁହେଁ, ବରଂ ଏକ ସାଧାରଣ ପ୍ରଶାସନିକ ପ୍ରକ୍ରିୟା।

ଆବେଦନକାରୀଙ୍କୁ ଦେଶ ଛାଡ଼ିବାକୁ ପଡ଼ିବ ନାହିଁ

# ୨୦ ବର୍ଷର ସରକାରୀ ବାସଭବନ ଖାଲି କରିବେ ରାବ୍ରି ଦେବୀ

ପାଟନା, ୩୦।୫(ଏଜେନ୍ସି): ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଧାନ ପରିଷଦର ବିରୋଧୀ ଦଳ ନେତ୍ରୀ ରାବ୍ରି ଦେବୀଙ୍କୁ ପାଟନାସ୍ଥିତ '୧୦, ସର୍କୁଲାର ରୋଡ୍' ସରକାରୀ ବାସଭବନ ଖାଲି କରିବାକୁ ବିହାର ସରକାର ପୁଣି ଥରେ ନୋଟିସ୍ ଜାରି କରିଛନ୍ତି। ୨୦୦୬ ମସିହାରୁ ସେ ଏବଂ ଆରଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବ ଏହି ବାସଭବନରେ ରହିଆସୁଥିଲେ। ଗତ ମେ ୨୯ ତାରିଖରେ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଚିଠି ଅନୁଯାୟୀ, ଏହି ଘରଟି ଏବେ ରାଜ୍ୟର ପଶୁସମ୍ପଦ, ମତ୍ସ୍ୟ ଓ ଦୁଗ୍ଧ ସମ୍ପଦ ମନ୍ତ୍ରୀ ନନ୍ଦକିଶୋର ରାମଙ୍କୁ ଆଲଟ୍ କରାଯାଇଛି। ସୂଚନାଯୋଗ୍ୟ ଯେ, ରାବ୍ରି ଦେବୀଙ୍କୁ ପୂର୍ବରୁ '୩୯, ହାର୍ଡିଞ୍ଜ ରୋଡ୍' ବାସଭବନ ଯୋଗାଇ ଦିଆଯାଇଥିଲେ ମଧ୍ୟ ସେ ବର୍ତ୍ତମାନର ଘର ଖାଲି କରିବାକୁ ମନା କରିଦେଇଥିଲେ। ଆରଜେଡି ରାଜ୍ୟ ସଭାପତିଙ୍କ କହିବା ଅନୁସାରେ, ବର୍ତ୍ତମାନର ବାସଭବନରେ ଲିଫ୍ଟ ବ୍ୟବସ୍ଥା ଥିବାରୁ ଅସୁସ୍ଥ ଲାଲୁ ପ୍ରସାଦ ଯାଦବଙ୍କ ପାଇଁ ଏହା ଅଧିକ ସୁବିଧାଜନକ ଥିଲା। ହେଲେ ସରକାରଙ୍କ ଭବନ ନିର୍ମାଣ ବିଭାଗ ଏବେ ଚିଠି ଲେଖି ତୁରନ୍ତ ଏହି ପ୍ରତିଷ୍ଠିତ ବାସଭବନ ଖାଲି କରିବାକୁ ନିର୍ଦ୍ଦେଶ ଦେଇଛି।

# ଡିକେ ଶିବକୁମାର ନେତା ନିର୍ବାଚିତ

## ୩ରେ ମୁଖ୍ୟମନ୍ତ୍ରୀ ଭାବେ ନେବେ ଶପଥ



ବେଙ୍ଗାଲୁରୁ, ୩୦।୫(ଏଜେନ୍ସି): କର୍ଣ୍ଣାଟକ ରାଜନୀତିରେ ଏବେ ନୂଆ ଯୁଗରେ ପ୍ରବେଶ କରିବାକୁ ଯାଉଛି। ପ୍ରଦେଶ କଂଗ୍ରେସ ସଭାପତି ତଥା ଉପ-ମୁଖ୍ୟମନ୍ତ୍ରୀ ଡି.କେ ଶିବକୁମାର ଆସନ୍ତା ଜୁନ୍ ୩ ତାରିଖରେ ରାଜ୍ୟର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। କର୍ଣ୍ଣାଟକ କଂଗ୍ରେସ କାର୍ଯ୍ୟକାରୀ ସଭାପତି ଜି. ସି ଚନ୍ଦ୍ରଶେଖର ଶନିବାର ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଲୋକ ଭବନର ଗ୍ଲାସ୍ ହାଉସ୍‌ଠାରେ ଏହି ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ। ଜ୍ୟୋତିଷଙ୍କ ପରାମର୍ଶ କ୍ରମେ ଜୁନ୍ ୩ ଅପରାହ୍ନ ୫ଟା ୧୫ ମିନିଟ୍‌ରେ ଏହି ଶପଥ ଗ୍ରହଣ ଅନୁଷ୍ଠିତ ହେବାକୁ ଥିବାବେଳେ ଦଳ ପକ୍ଷରୁ ଏହାକୁ ବେଶ୍ ନିରାଡ଼ମ୍ବର ଭାବେ ଆୟୋଜନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେବା ପରେ ଶିବକୁମାର ଜନସାଧାରଣଙ୍କ ଆଶୀର୍ବାଦ ନେବା ପାଇଁ ସାରା ରାଜ୍ୟ ଗସ୍ତ କରିବେ। ସୂଚନାଯୋଗ୍ୟ, ଗତ ମେ ୨୮ ତାରିଖରେ ସିଦ୍ଧରମୈୟା ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ କର୍ଣ୍ଣାଟକ କଂଗ୍ରେସ ଶିବିରରେ ରାଜନୈତିକ ହଲଚଲ ଜୋର ଧରିଥିଲା। ବିକଳ୍ପ ବ୍ୟବସ୍ଥା ହେବା ପର୍ଯ୍ୟନ୍ତ ରାଜ୍ୟପାଳ ସିଦ୍ଧରମୈୟାଙ୍କୁ ଦାୟିତ୍ୱ ତୁଲାଇବାକୁ କହିଛନ୍ତି। ଏହି ନିଷ୍ପତ୍ତି ପରେ ଆଜି କଂଗ୍ରେସ ବିଧାୟକ ଦଳ ବୈଠକରେ ଚୂଡ଼ାନ୍ତ ମୋହର ବାଜିବ।

# ୧୪ ବର୍ଷର ଶ୍ରେୟ ଜିତିଲେ ଆମେରିକା ସ୍ପେଲିଂ 'ବି' ମୁକୁଟ




ୱାସିଂଟନ, ୩୦।୫(ଏଜେନ୍ସି): ଆମେରିକାର ସବୁଠାରୁ କଠିନ ପ୍ରତିଯୋଗିତା ମଧ୍ୟରୁ ଅନ୍ୟତମ 'ସ୍କ୍ରିପ୍ସ ନ୍ୟାସନାଲ ସ୍ପେଲିଂ ବି' ଜିତି ଭାରତୀୟ ବଂଶୋଦ୍ଭବ ଛାତ୍ର ଶ୍ରେୟ ପାରିଖ ଇତିହାସ ରଚିଛନ୍ତି। କାଲିଫର୍ଣ୍ଣିଆର ଏହି ୧୪ ବର୍ଷର ଅଷ୍ଟମ ଶ୍ରେଣୀ ଛାତ୍ର ମାତ୍ର ୯୦ ସେକେଣ୍ଡରେ ୩୨ଟି ଶବ୍ଦର ସଠିକ ବନାନ (ଅକ୍ଷର ବିନ୍ୟାସ) କରି ବିଶ୍ୱ ଚାମ୍ପିଅନ ହୋଇଛନ୍ତି। ସେ ନ୍ୟୁଜର୍ସିର ୧୨ ବର୍ଷର ଇଶାନ ଗୁପ୍ତାଙ୍କୁ ହରାଇ ଏହି ସଫଳତା ପାଇଛନ୍ତି। ବିଜେତା ଭାବେ ଶ୍ରେୟଙ୍କୁ ସମ୍ମାନଜନକ ରୌପ୍ୟ କପ୍ ସହ ୫୦ ହଜାର ଆମେରିକୀୟ ଡଲାର (ପ୍ରାୟ ୪୧ ଲକ୍ଷରୁ ଅଧିକ ଟଙ୍କା) ପୁରସ୍କାର ମିଳିଛି। ନିୟମ ଅନୁଯାୟୀ, ଅଷ୍ଟମ ଶ୍ରେଣୀ ପରେ ଏହି ପ୍ରତିଯୋଗିତାରେ ଭାଗ ନେଇ ହେଉ ନଥିବାରୁ ଶ୍ରେୟଙ୍କ ପାଇଁ ଏହା ଶେଷ ସୁଯୋଗ ଥିଲା। ଚଳିତ ବର୍ଷ ପ୍ରତିଯୋଗିତା ଏତେ ସଂଘର୍ଷପୂର୍ଣ୍ଣ ଥିଲା ଯେ ୯ମ ପର୍ଯ୍ୟାୟ ପରେ ମଧ୍ୟ କେହି ବିଜେତା ଜଣାପଡ଼ି ନଥିଲେ। ଶ୍ରେୟ 'ଫିଲେପିଟା' ଓ ଇଶାନ 'ଅର୍ଟେବୋଲେ' ଶବ୍ଦର ସଠିକ ବନାନ କରିବା ପରେ ବିଚାରକମାନେ ନିର୍ଣ୍ଣାୟକ ପର୍ଯ୍ୟାୟର ସାହାଯ୍ୟ ନେଇଥିଲେ। ଏହି ବିଶେଷ ପର୍ଯ୍ୟାୟରେ ଏକ ସମୟ ମଧ୍ୟରେ ସବୁଠାରୁ ଅଧିକ ଶବ୍ଦ କହିବାର ଥାଏ। ଏଥିରେ ଶ୍ରେୟ ୩୫ଟି ଶବ୍ଦରୁ ୩୨ଟିର ସଠିକ ବନାନ କରି ନୂଆ ବିଶ୍ୱ ରେକର୍ଡ କରିଥିବା ବେଳେ ଇଶାନ ୨୫ଟି ସଠିକ ଶବ୍ଦ କହି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏହି ପ୍ରତିଯୋଗିତାରେ କ୍ରମାଗତ ପଞ୍ଚମ ଥର ପାଇଁ ଜଣେ ଭାରତୀୟ ବଂଶୋଦ୍ଭବ ଛାତ୍ର ବିଜୟୀ ହୋଇଛନ୍ତି। ଗତ ଚାରି ବର୍ଷରେ ଯଥାକ୍ରମେ ହରିଣୀ ଲୋଗାନ (୨୦୨୨), ଦେବ ଶାହା (୨୦୨୩), ବୃହତ ସୋମା (୨୦୨୪) ଏବଂ ଫୈଜାନ ଜାକି (୨୦୨୫) ଏହି ମୁକୁଟ ଜିତିଥିଲେ। ଶେଷ ୩୭ଟି ସଂସ୍କରଣ ମଧ୍ୟରୁ ୩୧ ଥର ଭାରତୀୟ ବଂଶୋଦ୍ଭବ ପିଲାମାନେ ହିଁ ଏହି ପ୍ରତିଯୋଗିତା ଜିତି ଆସୁଛନ୍ତି। ବାଲୁ ନଟରାଜନ ୧୯୮୫ ମସିହାରେ ପ୍ରଥମ ଭାରତୀୟ ବଂଶୋଦ୍ଭବ ଭାବେ ଏହି ଗୌରବ ଆଣିଥିଲେ। ୧୯୨୫ ମସିହାରେ ମାତ୍ର ୯ ଜଣ ପିଲାଙ୍କୁ ନେଇ ଏହି ପ୍ରତିଯୋଗିତା ଆରମ୍ଭ ହୋଇଥିଲା।

# ଖସିଲା ଆଫଗାନ୍ ଟ୍ରକ୍; ୨୨ ଶରଣାର୍ଥୀ ମୃତ

କାବୁଲ, ୩୦।୫(ଏଜେନ୍ସି): ପାକିସ୍ତାନରୁ ନିଜ ଦେଶକୁ ଫେରୁଥିବା ଆଫଗାନ ଶରଣାର୍ଥୀଙ୍କ ଏକ ଟ୍ରକ ଶନିବାର ପୂର୍ବାଞ୍ଚଳ ଆଫଗାନିସ୍ତାନର ଏକ ଜାତୀୟ ରାଜପଥରେ ଓଲଟି ପଡ଼ିବାରୁ ଅତିକମରେ ୨୨ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ପ୍ରାୟ ୩୬ ଜଣ ଆହତ ହୋଇଛନ୍ତି। ଆହତ ଓ ମୃତକଙ୍କ ମଧ୍ୟରେ ଅଧିକାଂଶ ମହିଳା ଓ ଶିଶୁ ରହିଛନ୍ତି। ରାଜ୍ୟପାଳଙ୍କ ମୁଖପାତ୍ର ଏବଂ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ସୂଚନା ଅନୁଯାୟୀ, ଲାଗମାନ ପ୍ରଦେଶର କାବୁଲ-ନଙ୍ଗରହାର ରାଜପଥରେ ଏହି ଦୁର୍ଘଟଣା ଘଟିଛି। ଗାଡ଼ି ଚଲାଉଥିବା ସମୟରେ ଚାଳକଙ୍କୁ ନିଦ ଆସିଯିବାରୁ ଟ୍ରକଟି ନିୟନ୍ତ୍ରଣ ହରାଇ ଏକ ଗଭୀର ଖାତକୁ ଖସି ପଡ଼ିଥିଲା। ମୃତକଙ୍କ ମଧ୍ୟରେ ୧୦ ଜଣ ଶିଶୁ ଏବଂ ୫ ଜଣ ମହିଳା ସାମିଲ ଅଛନ୍ତି। ସମସ୍ତ ଆହତମାନଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ନଙ୍ଗରହାରର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଯାତ୍ରୀମାନେ ସେହି ହଜାର ହଜାର ଆଫଗାନିସ୍ତାନ ନାଗରିକଙ୍କ ମଧ୍ୟରୁ ଜଣେ ଥିଲେ, ଯେଉଁମାନେ ପାକିସ୍ତାନ ସରକାରଙ୍କ କଡ଼ା ଆଇନ ଯୋଗୁଁ ନିକଟରେ ନିଜ ଦେଶକୁ ଫେରୁଥିଲେ। ଖରାପ ରାସ୍ତାଘାଟ ଏବଂ ଗାଡ଼ି ଚାଳକଙ୍କ ବେପରୁଆ ନିୟମ ଉଲ୍ଲଂଘନ ଯୋଗୁଁ ଆଫଗାନିସ୍ତାନରେ ଏଭଳି ସଡ଼କ ଦୁର୍ଘଟଣା ସାଧାରଣ କଥା ହୋଇଯାଇଛି। ଅନ୍ୟ ଏକ ସେହିଭଳି ଦୁର୍ଘଟଣାରେ ନୁରିସ୍ତାନ ପ୍ରଦେଶରେ ଏକ କାର ନଦୀକୁ ଖସିପଡ଼ିବାରୁ ୪ ଜଣ ଯାତ୍ରୀ ନିଖୋଜ ଥିବା ସୂଚନା ମିଳିଛି।

# କେରଳ, କର୍ଣ୍ଣାଟକ ଓ ତାମିଲନାଡୁରେ ଏନ୍‌ଆଇଏ ଚଢ଼ଉ

ନୂଆଦିଲ୍ଲୀ, ୩୦।୫(ଏଜେନ୍ସି): କେରଳର ମାଲାପୁରମ୍ ଅଞ୍ଚଳରୁ ବିପୁଳ ପରିମାଣର ବେଆଇନ ବିସ୍ଫୋରକ ଜବତ ଘଟଣାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଶନିବାର ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି ମାମଲାର ଯୋଗାଣ ଶୃଙ୍ଖଳା ଓ ଆନ୍ତଃରାଜ୍ୟ ନେଟୱର୍କର ପର୍ଦ୍ଦାଫାଶ କରିବା ପାଇଁ ଏନଆଇଏ ପକ୍ଷରୁ କେରଳ, କର୍ଣ୍ଣାଟକ ଏବଂ ତାମିଲନାଡୁର ୧୯ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଛି। କେରଳର ମାଲାପୁରମ୍‌ରେ ଥିବା ଏକ ଗୋଦାମ ଏବଂ ଜଣେ ଟ୍ରକ୍ ମାଲିକଙ୍କ ଘରେ ମଧ୍ୟ ଏହି ସର୍ଚ୍ଚ ଅପରେସନ କରାଯାଇଛି। ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ଫେବୃଆରୀ ୭ ତାରିଖରେ ମାଲାପୁରମ୍‌ର ଚେମ୍ମାଡ଼ଠାରେ ପୋଲିସ ଏକ ପିଆଜ ବୋଝେଇ ଟ୍ରକ୍‌ରୁ ୪୪୮ଟି ବାକ୍ସରେ ଲୁଚାଇ ରଖାଯାଇଥିବା ୮୯, ୬୦୦ଟି ଜେଲାଟିନ୍ ଷ୍ଟିକ ଏବଂ ୧୦, ୫୦୦ଟି ଡେଟୋନେଟର ଜବତ କରିଥିଲା। ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିଲା ଯେ ଏହି ବିସ୍ଫୋରକ ସାମଗ୍ରୀ କର୍ଣ୍ଣାଟକର ବିଜାପୁର (ବିଜୟପୁରା)ରୁ ଅଣାଯାଇଥିଲା ଏବଂ ଏହି ଘଟଣାରେ ୬ ଜଣଙ୍କୁ ଗିରଫ କରାଯାଇଥିଲା। ବିସ୍ଫୋରକର ବିପୁଳ ପରିମାଣ ଏବଂ ସୁରକ୍ଷା ପ୍ରତି ଥିବା ବିପଦକୁ ଦୃଷ୍ଟିରେ ରଖି ଏନଆଇଏ କେରଳ ପୋଲିସଠାରୁ ଏହି ମାମଲାର ତଦନ୍ତ ଭାର ନିଜ ହାତକୁ ନେଇଥିଲା। ବର୍ତ୍ତମାନ ଏହି ବିସ୍ଫୋରକ ବେଆଇନ ଖଣି ଖନନ ପାଇଁ ଉଦ୍ଦିଷ୍ଟ ଥିଲା ନା କୌଣସି ବେଆଇନ ଉଗ୍ରବାଦୀ କାର୍ଯ୍ୟକଳାପ ପାଇଁ ବ୍ୟବହାର ହେବାର ଥିଲା, ସେ ନେଇ ଏନଆଇଏ ତଦନ୍ତ ଚଳାଇଛି।



ତାଜମହଲ ପରିଭ୍ରମଣରେ ସ୍ୱାମୀ ମାଇକେଲ୍ ବୋଲୋସ୍‌ଙ୍କ ସହ ଡୋନାଲ୍ଡ ଟ୍ରମ୍ପଙ୍କ ଝିଅ ଟିଫନି ଟ୍ରମ୍ପ

# ବାଲ୍ୟ ବିବାହରେ ପଶ୍ଚିମବଙ୍ଗ ନମ୍ବର-୧

ନୂଆଦିଲ୍ଲୀ, ୩୦।୫(ଏଜେନ୍ସି): ଦେଶର ଜନସଂଖ୍ୟା, ସ୍ୱାସ୍ଥ୍ୟ, ପୋଷଣ ଏବଂ ପରିବାର କଲ୍ୟାଣ ସମ୍ପର୍କିତ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ (୨୦୨୩–୨୪)ର ଷଷ୍ଠ ସଂସ୍କରଣ ରିପୋର୍ଟ ଶୁକ୍ରବାର ଦିନ ପ୍ରକାଶ ପାଇଛି। ବାଲ୍ୟ ବିବାହ କ୍ଷେତ୍ରରେ କେରଳ ସବୁଠାରୁ ସୁରକ୍ଷିତ (୨.୯%) ଥିବା ବେଳେ ପଶ୍ଚିମବଙ୍ଗ (୩୬.୪%) ଶୀର୍ଷରେ ରହିଛି। ସେହିପରି ବିହାର (୩୪.୬%)ର ସ୍ଥିତି ମଧ୍ୟ ଖରାପ ରହିଛି। ଦେଶର ୭୧୫ଟି ଜିଲ୍ଲାର ପ୍ରାୟ ୬.୭୯ ଲକ୍ଷ ପରିବାରକୁ ନେଇ କରାଯାଇଥିବା ଏହି ସର୍ଭେରୁ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି। ରିପୋର୍ଟ ଅନୁଯାୟୀ, ଦେଶରେ ଘରୋଇ ହିଂସା ଏବଂ ବାଲ୍ୟ ବିବାହ ମାମଲାରେ ହ୍ରାସ ଘଟିଥିବା ବେଳେ ମହିଳାଙ୍କ ମଧ୍ୟରେ ମେଦବହୁଳତା ବୃଦ୍ଧି ପାଇଛି। ନୂତନ ସର୍ଭେ ଅନୁଯାୟୀ, ଦେଶର ଅଧିକାଂଶ ପରିବାର ନିକଟରେ ମୌଳିକ ସୁବିଧା ପହଞ୍ଚିପାରିଛି। ଦେଶର ୯୮.୩% ଗ୍ରାହକଙ୍କ ସେବା ପାଇଁ ବିଦ୍ୟୁତ ସଂଯୋଗ ପହଞ୍ଚିଥିବା ବେଳେ ୯୬.୫% ଘରେ ସ୍ୱଚ୍ଛ ପାନୀୟ ଜଳ ଉପଲବ୍ଧ ହେଉଛି। ମହିଳାଙ୍କ ମଧ୍ୟରେ ଇଣ୍ଟରନେଟ୍ ବ୍ୟବହାର ପ୍ରାୟ ଦୁଇଗୁଣ ବୃଦ୍ଧି ପାଇ ୬୪.୩% ରେ ପହଞ୍ଚିଛି। ଦେଶରେ ଘରୋଇ ହିଂସା ହାର ୨୯.୨% ରୁ ହ୍ରାସ ପାଇ ୨.୩% ହୋଇଛି। ସେହିପରି ବାଲ୍ୟ ବିବାହ ହାର ମଧ୍ୟ ୨୩.୩% ରୁ କମି ୨୦.୧% ହୋଇଛି। କାର୍ଯ୍ୟରତ ମହିଳାଙ୍କ ସଂଖ୍ୟା ୨୫.୪% ରୁ ବୃଦ୍ଧି ପାଇ ୩୦.୮% ହୋଇଛି। ଏଥିସହ ପ୍ରାୟ ୧୮.୮% ପରିବାରରେ ମହିଳାମାନେ ନିଜ ନାମରେ ଘର କିମ୍ବା ଜମିର ମାଲିକାନା ପାଇଛନ୍ତି। ରିପୋର୍ଟରୁ ଜଣାପଡ଼ିଛି ଯେ, ବେସରକାରୀ ଚିକିତ୍ସାଳୟଗୁଡ଼ିକରେ ଅସ୍ତ୍ରୋପଚାର ପ୍ରସବ ସଂଖ୍ୟା ରେକର୍ଡ ସ୍ତରକୁ ଛୁଇଁ ପ୍ରାୟ ୫୪.୧% ହୋଇଛି। ଅପରପକ୍ଷେ, ପ୍ରଥମ ଛଅ ମାସ ପର୍ଯ୍ୟନ୍ତ କେବଳ ମା' କ୍ଷୀର ପାନ କରୁଥିବା ଶିଶୁଙ୍କ ହାର ୬୩.୭% ରୁ ହ୍ରାସ ପାଇ ୫୫.୮% ହୋଇଯାଇଛି। କୁପୋଷଣ ଯୋଗୁଁ ଶିଶୁମାନଙ୍କର ଉଚ୍ଚତା ନ ବଢ଼ିବା ହାର ୩୫.୫% ରୁ କମି ୨୯.୩% ହୋଇଛି, ଯାହା ଏକ ସକାରାତ୍ମକ ସଙ୍କେତ। ତେବେ ୬ ମାସରୁ ୨ ବର୍ଷର ଶିଶୁଙ୍କ ମଧ୍ୟରୁ ମାତ୍ର ୧୫.୩% ଶିଶୁଙ୍କୁ ହିଁ ସଠିକ୍ ଓ ସନ୍ତୁଳିତ ଆହାର ମିଳୁଛି।

## ପୂର୍ବତନ ଅତିରିକ୍ତ ତହସିଲଦାରଙ୍କୁ ବରଖାସ୍ତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୦।୫(ସମିସ): ଦୁର୍ନୀତି ବିରୋଧରେ କଡ଼ା ଆଭିମୁଖ୍ୟ ସ୍ୱରୂପ ଭୁବନେଶ୍ୱର ପୂର୍ବତନ ଅତିରିକ୍ତତହସିଲଦାରଚିତ୍ତରଞ୍ଜନପିଲ୍ଲାଙ୍କୁଚାରିକିରୁ ବରଖାସ୍ତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଶ୍ରୀ ପିଲ୍ଲା ପୂର୍ବରୁ ଭୁବନେଶ୍ୱରରେ ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟ କରୁଥିଲେ ଏବଂ ପରେ ଜଗତସିଂହପୁରରେ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟରେ ଯୋଗଦେଇଥିଲେ। ଭୁବନେଶ୍ୱରରେ ଅତିରିକ୍ତ ତହସିଲଦାର ଥିବାବେଳେ ତାଙ୍କର ଅନେକ ନିଷ୍ପତ୍ତିରେ ଅନିୟମିତତାର ତଥ୍ୟ ଆସିଥିଲା। ଶ୍ରୀ ପିଲ୍ଲାଙ୍କର ଜମିଜମା ସମ୍ପର୍କିତ ଅନେକ ନିଷ୍ପତ୍ତି ସମ୍ବନ୍ଧରେ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ଦ୍ୱାରା ତଦନ୍ତ କରାଯାଇଛି ଏବଂ ଏହି ତଦନ୍ତରୁ ବିଭିନ୍ନ ଅନିୟମିତତା ସ୍ପଷ୍ଟ ଭାବେ ପ୍ରକାଶ ପାଇଛି ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମ୍ପୃକ୍ତ ଅଧିକାରୀଙ୍କୁ ସରକାରୀ ସେବାରୁ ବରଖାସ୍ତ କରିଛନ୍ତି। ସୂଚନାଯୋଗ୍ୟ ଯେ, ଦୁର୍ନୀତି ବିରୋଧରେ ଶୂନ୍ୟସହନଶୀଳତା ନୀତି ଅବଲମ୍ବନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଆସିଛନ୍ତି। କୌଣସି ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଛଡ଼ା ଯିବନାହିଁ ବୋଲି ମୁଖ୍ୟମନ୍ତ୍ରୀ କଡ଼ା ଚେତାବନୀ ଦେଇଛନ୍ତି।

## ସମ୍ବଲପୁର ଶୀତଳ ଷଷ୍ଠୀ ପାଇଁ ୧ କୋଟି ୮ ଲକ୍ଷ ଟଙ୍କା ସରକାରୀ ଅନୁଦାନ

ଭୁବନେଶ୍ୱର,୩୦।୫(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆଦେଶ କ୍ରମେ ସମ୍ବଲପୁର ଜିଲ୍ଲା ଶୀତଳ ଷଷ୍ଠୀ ପର୍ବ ପାଳନ ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୧ କୋଟି ୮ ଲକ୍ଷ ଟଙ୍କା ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ। ଚଳିତ ବର୍ଷ ସମ୍ବଲପୁର ଜିଲ୍ଲାର ସର୍ବମୋଟ ୨୧ଟି କମିଟିଙ୍କୁ ୧ କୋଟି ୮ ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ ସମ୍ବଲପୁରର ଶୀତଳ ଷଷ୍ଠୀ ପର୍ବ ଆମ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ଐତିହ୍ୟ ଓ ପରମ୍ପରା ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଶୀତଳ ଷଷ୍ଠୀକୁ ଭବ୍ୟତାର ସହ ପାଳନ କରିବା ପାଇଁ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଆମ ଓଡ଼ିଶାର ପର୍ବପର୍ବାଣୀ ଓ ଯାନିଯାତ୍ରାକୁ ବିଶ୍ୱ ଦରବାରରେ ଏକ ଅନନ୍ୟ ପରିଚୟ ପ୍ରଦାନ କରିବା ନିମନ୍ତେ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମନ୍ତ୍ରୀ କହିଛନ୍ତି।

# ବୟସ୍କଙ୍କୁ ଭତ୍ତା ଦେବାରେ ଡବଲ ଇଞ୍ଜିନ ସରକାର ସମ୍ପୂର୍ଣ୍ଣ ବିଫଳ



- ୨ ମାସ ହେଲା ଭତ୍ତା ଦେବାରେ ଅସମର୍ଥ ବିଜେପି ସରକାର
- ନିର୍ଦ୍ଦିଷ୍ଟ ଦିନରେ ଘର ପାଖରେ ଭତ୍ତା ପହଞ୍ଚାଉଥିଲା ବିଜେଡି ସରକାର
- ଧାଡ଼ିରେ ଛିଡ଼ା ହୋଇ ହନ୍ତସନ୍ତ ହେଉଛନ୍ତି ବୃଦ୍ଧବୃଦ୍ଧା, ଭିନ୍ନକ୍ଷମ, ବିଧବା ଓ ଅସହାୟ

ଭୁବନେଶ୍ୱର,୩୦।୫(ସମିସ): ରାଜ୍ୟର ବୟସ୍କ, ଭିନ୍ନକ୍ଷମ ଓ ବିଧବା ମାନଙ୍କୁ ୨ ମାସ ହେଲା ଭତ୍ତା ପ୍ରଦାନ ନ କରି ହନ୍ତସନ୍ତ କରୁଛନ୍ତି ରାଜ୍ୟ ସରକାର। ପ୍ରତିଦିନ ଭତ୍ତା ପାଇବା ପାଇଁ ପଞ୍ଚାୟତ ଅଫିସ୍, ବ୍ୟାଙ୍କ ଆଗରେ ଧାଡ଼ିରେ ଛିଡ଼ା ହୋଇ ହିତାଧିକାରୀମାନେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଥିବା କହି ସରକାରଙ୍କୁ କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ। ଶନିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ନୟାଗଡ଼ ବିଧାୟକ ଡଃ ଅରୁଣ ସାହୁ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଓ ଦଳର ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ କହିଛନ୍ତି ଯେ, ବିଜେପି ସରକାରକୁ ଆସିବା ପରେ ସବୁ କ୍ଷେତ୍ରରେ ଲୋକଙ୍କୁ ଧାଡ଼ିରେ ଛିଡ଼ା କରାଉଛି। ବୟସ୍କଙ୍କୁ ଧାଡ଼ିରେ ଛିଡ଼ା କରାଇ ସରକାର ତାଙ୍କୁ ଯେଉଁ ଯନ୍ତ୍ରଣା ଦେଉଛନ୍ତି ତାହା ଅତ୍ୟନ୍ତ ନିନ୍ଦନୀୟ।

ଡଃ ଅରୁଣ ସାହୁ କହିଥିଲେ, ଡିଜିଟାଲ ଇଣ୍ଡିଆର ବାହାବାହା ନେଉଥିବା ଡବଲ ଇଞ୍ଜିନ ସରକାର ଅସହାୟ ମାନଙ୍କୁ ଆକାଉଣ୍ଟ ମାଧ୍ୟମରେ କି ଘର ପାଖରେ ଭତ୍ତା ଦେଇପାରୁନି। ସରକାରୀ ସ୍କୁଲ ଛାତ୍ରଛାତ୍ରୀ ୟୁନିଫର୍ମ ପାଇପାରୁ ନାହାନ୍ତି। ସରକାରୀ କର୍ମଚାରୀ ଠିକ୍ ସମୟରେ ଦରମା ପାଉନାହାନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘରେ ଭତ୍ତା ପହଞ୍ଚାଇବାର ବ୍ୟବସ୍ଥା କରିଥିଲେ। କିନ୍ତୁ ବର୍ତ୍ତମାନର ବାହାପିଆ ବିଜେପି ସରକାର ବୟସ୍କଙ୍କୁ ଖର୍ଚ୍ଚାନ୍ତ କରାଇ ଧାଡ଼ିରେ ଛିଡ଼ା କରାଉଛନ୍ତି। ପ୍ରମିଳା ମଲ୍ଲିକ ମଧ୍ୟ ସରକାରଙ୍କୁ କଠୋର ସମାଲୋଚନା କରି କହିଥିଲେ, ପ୍ରଚାର ସର୍ବସ୍ୱ ରାଜ୍ୟ ସରକାର ନବୀନ ପଟ୍ଟନାୟକଙ୍କ ସବୁ ଯୋଜନାର ରଙ୍ଗ ଓ ନାମ ପରିବର୍ତ୍ତନ କରିଚାଲିଛନ୍ତି। ପ୍ରତି ମାସର ୧୫ ତାରିଖ ପୂର୍ବରୁ ହିତାଧିକାରୀ ମାନଙ୍କ ଘରେ ଭତ୍ତା ପହଞ୍ଚାଇବାର ଯେଉଁ ବ୍ୟବସ୍ଥା ନବୀନ ବାବୁ କରିଥିଲେ, ସେ ବ୍ୟବସ୍ଥାକୁ ସରକାର ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି। ନବୀନ ବାବୁ ଭତ୍ତାର ପରିମାଣ ୩୦୦ ଟଙ୍କାରୁ ବୃଦ୍ଧି କରି ୧୦୦୦ ଟଙ୍କା କରିଥିଲେ। ମଧୁବାବୁ ପେନସନ ଯୋଜନାରେ ୧୨ ଲକ୍ଷରୁ ୩୮ ଲକ୍ଷ ଲୋକଙ୍କୁ ସାମିଲ କରିଥିଲେ। କିନ୍ତୁ ବିଜେପି ସରକାର କ୍ଷମତାକୁ ଆସିଲା ପରେ ବୟସ୍କ ମାନଙ୍କୁ ଏଭଳି ଡହଳବିକଳ କରି କି ଆନନ୍ଦ ପାଉଛନ୍ତି ବୋଲି ଶ୍ରୀମତୀ ମଲ୍ଲିକ ପ୍ରଶ୍ନ କରିଥିଲେ।

ଗୌତମବୁଦ୍ଧ ଦାସ କହିଥିଲେ, ବିଜେଡି ସଭାପତି ନବୀନ ପଟ୍ଟନାୟକ କହିଥିଲେ ପ୍ରତିଟି ଜୀବନ ମୂଲ୍ୟବାନ। ପ୍ରତ୍ୟେକ ମଣିଷର ବଞ୍ଚିବାର ଅଧିକାର ଅଛି। ତାଙ୍କ ଶାସନ ସମୟରେ ହୋଇଥିବା ବିଭିନ୍ନ ଯୋଜନା ମଧ୍ୟରୁ ମଧୁବାବୁ ପେନସନ ଯୋଜନା ଏକ ଉଲ୍ଲେଖନୀୟ ଯୋଜନା। କିନ୍ତୁ ଯେବେଠୁ ବିଜେପି ସରକାରକୁ ଆସିଛି, ସେବେଠୁ ବୃଦ୍ଧବୃଦ୍ଧା, ଭିନ୍ନକ୍ଷମ, ବିଧବା ଓ ଅସହାୟ ମାନେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ପଞ୍ଚାୟତ ଅଫିସ୍, ବ୍ୟାଙ୍କ ଆଗରେ ଯେଉଁପରି ଅସହାୟ ଅବସ୍ଥାରେ ହିତାଧିକାରୀ ବସୁଛନ୍ତି ତାହା ସମଗ୍ର ରାଜ୍ୟବାସୀଙ୍କୁ ବିଚଳିତ କରୁଛି। ଏ ସରକାର ପାଖରେ ସମ୍ବେଦନଶୀଳତା ବୋଲି କିଛି ନାହିଁ। ଲାଗୁଛି ସରକାର ଏବେ ଦେବାଳିଆ ହୋଇଗଲେଣି। ୨୦୦୦ ମସିହା ପୂର୍ବରୁ ସରକାରୀ କର୍ମଚାରୀଙ୍କୁ ଦରମା ଦେବା ପାଇଁ ତତ୍କାଳୀନ ସରକାର ଓଭରଡ୍ରାଫ୍ଟ କରୁଥିଲେ। ବର୍ତ୍ତମାନ ତାହାର ପୁନରାବୃତ୍ତି ଘଟିବାକୁ ଯାଉଛି। ବୟସ୍କଙ୍କୁ ଧାଡ଼ିରେ ଛିଡ଼ା କରାଇ ଯନ୍ତ୍ରଣା ଦେଉଥିବା ଏ ସରକାରକୁ ଆଗାମୀ ଦିନରେ ଓଡ଼ିଶାବାସୀ ଉଚିତ୍ ଜବାବ ଦେବେ ବୋଲି ଦଳ ପକ୍ଷରୁ କୁହାଯାଇଛି।

**ବସ୍ ଚଳାଚଳ ବନ୍ଦ ପାଇଁ ମାଲିକ ସଂଘର ଚେତାବନୀ**

# ଭଡ଼ା ବୃଦ୍ଧି ପାଇଁ ସରକାରଙ୍କୁ ୧୦ ଦିନର ମହଲତ

କଟକ, ୩୦।୫ (ସମିସ): ରାଜ୍ୟରେ ବସ୍ ଚଳାଚଳ କ୍ଷେତ୍ରରେ ଏକ ବଡ଼ ସଙ୍କଟ ଦେଖାଦେଇଛି। ଡିଜେଲ ଦର ସହ ବିଭିନ୍ନ ପ୍ରକାରର ପରିଚାଳନା ଖର୍ଚ୍ଚ ବୃଦ୍ଧି ପାଉଥିବା ବେଳେ ବସ୍ ଭଡ଼ା ବୃଦ୍ଧି କରାଯାଉ ନଥିବାରୁ ମାଲିକମାନେ କ୍ଷତି ସହୁଛନ୍ତି। ୧୩ଟି ମାପଦଣ୍ଡ ଆଧାରରେ ବସ୍‌ଭଡ଼ା ବୃଦ୍ଧି ପାଇଁ ଦାବି ହୋଇଆସୁଥିଲେ ମଧ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଏଣୁ, ଆବଶ୍ୟକସ୍ଥଳେ ବସ୍ ଚଳାଚଳକୁ ବନ୍ଦ କରିଦିଆଯିବ ବୋଲି ବସ୍ ମାଲିକ ସଂଘ ଚେତାବନୀ ଦେଇଛି। ନିଖିଳ ଓଡ଼ିଶା ବସ୍ ମାଲିକ ସଂଘର ଏକ ଜରୁରୀ ବୈଠକରେ ଏହି ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରାଯିବା ସହ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ଏହି ସମସ୍ୟାର ସମାଧାନ ପାଇଁ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସେଥିରେ ୧୩ଟି ମାପଦଣ୍ଡକୁ ଆଧାର କରି ବସ୍ ଭଡ଼ା ସଂଶୋଧନ କରିବାକୁ ଅନୁରୋଧ କରାଯାଇଛି।

ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁଙ୍କ ପକ୍ଷରୁ ଦିଆଯାଇଥିବା ଏହି ଚିଠିରେ ଦର୍ଶାଯାଇଛି ଯେ ଯଦି ସରକାର ତୁରନ୍ତ ଏଥିପ୍ରତି ଦୃଷ୍ଟି ନ ଦିଅନ୍ତି, ତେବେ ଆଗାମୀ ଦିନରେ ବସ୍ ଚଳାଚଳ କରିବା ମାଲିକମାନଙ୍କ ପକ୍ଷେ ଅସମ୍ଭବ ହୋଇପଡ଼ିବ।

ସଂଘର କହିବା ଅନୁଯାୟୀ, ଶେଷଥର ପାଇଁ ୨୦୨୧ ମସିହାରେ ଏହି ସମସ୍ତ ୧୩ଟି ମାପଦଣ୍ଡ ଆଧାରରେ ଭଡ଼ା ବୃଦ୍ଧି କରାଯାଇଥିଲା। ମାତ୍ର ବିଗତ ୬ବର୍ଷ ହେବ, ଏହି ସବୁ ମାପଦଣ୍ଡକୁ ବିଚାରକୁ ନିଆଯାଇନାହିଁ। ଫଳରେ ବସ୍ ମାଲିକମାନେ ଏବେ ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି। ପୂର୍ବରୁ ସରକାରୀ ନିର୍ଦ୍ଦେଶନାମା ମୁତାବକ, ପ୍ରତିବର୍ଷ ଏପ୍ରିଲରେ ୧୨ଟି ମାପଦଣ୍ଡକୁ ବିଚାରକୁ ନେଇ ପରିବହନ କମିଶନର ମୂଳ ବସ୍ ଭଡ଼ା ସଂଶୋଧନ କରିବା କଥା। ଏହା ସହ ଡିଜେଲ ଦର ପରିବର୍ତ୍ତନ ଅନୁସାରେ ସ୍ୱୟଂଚାଳିତ ବ୍ୟବସ୍ଥା ଦ୍ୱାରା ଭଡ଼ା ସଂଶୋଧନ ହେବା କଥା, କିନ୍ତୁ ବର୍ତ୍ତମାନର ଡିଜେଲ ଦର ଅନୁପାତରେ ବସ୍ ଭଡ଼ା ବଢ଼ାଯାଉ ନାହିଁ ବୋଲି ସଂଘ ଅଭିଯୋଗ କରିଛି।

ଗତ କିଛି ବର୍ଷ ମଧ୍ୟରେ ବସ୍ ପରିଚାଳନା ଖର୍ଚ୍ଚ ବହୁ ପରିମାଣରେ ବୃଦ୍ଧି ପାଇଛି। ୨୦୨୦ ମସିହାରେ ଡିଜେଲ ଦର ୭୮ ଟଙ୍କା ଥିବା ବେଳେ ଏବେ ୧୦୦ ଟଙ୍କା ୯୧ ପଇସା ହୋଇଛି। ସେହିଭଳି, ପ୍ରତିଦିନ ଲୁବ୍ରିକାଣ୍ଟ ବାବଦରେ ୩୪୬ ଟଙ୍କା ବଦଳରେ ଏବେ ୪୫୦ ଟଙ୍କା ଖର୍ଚ୍ଚ ହେଉଛି। କର୍ମଚାରୀଙ୍କ ଦରମା, ଟାୟାର୍, ବ୍ୟାଟେରି, ବୀମା, ଟୋଲ୍ ଓ ପାର୍କିଂ ଫି, ଋଣ ବାବଦ ସୁଧ ଓ ଅନ୍ୟ ଆନୁସଙ୍ଗିକ ଖର୍ଚ୍ଚ ଆଦି ୧୩ଟି ମାପଦଣ୍ଡ କ୍ଷେତ୍ରରେ ୨୦୨୦ ତୁଳନାରେ ବର୍ତ୍ତମାନ ଖର୍ଚ୍ଚ ଅହେତୁକ ବୃଦ୍ଧି ପାଇଥିବା କୁହାଯାଇଛି। ଯଦି ସରକାର ଏହି ୧୩ଟି ଯାକ ମାପଦଣ୍ଡକୁ ଆଧାର କରି ତୁରନ୍ତ ମୂଳଭଡ଼ାରେ ସଂଶୋଧନ ନ କରନ୍ତି, ଆଗକୁ ବସ୍ ଶିଳ୍ପ ସମ୍ପୂର୍ଣ୍ଣ ବୁଡ଼ିଯିବ ଏବଂ ମାଲିକମାନେ ବସ୍ ଚଳାଇବାକୁ ସକ୍ଷମ ହେବେ ନାହିଁ।

ସଂଘ ସ୍ପଷ୍ଟ କରିଛି ଯେ ବର୍ତ୍ତମାନ ପରିସ୍ଥିତିରେ ଯାତ୍ରୀବାହୀ ପରିବହନ ବ୍ୟବସାୟ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି ଚିଠିର ନକଲ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ, ରାଜ୍ୟ ମୁଖ୍ୟ ଶାସନ ସଚିବ, ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଏବଂ ରାଜ୍ୟ ପରିବହନ କମିଶନରଙ୍କୁ ମଧ୍ୟ ଅବଗତି ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ପଠାଯାଇଛି। ଏବେ ସରକାର ଏହା ଉପରେ କି ନିଷ୍ପତ୍ତି ନେଉଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ଜୁଲାଇ ୩ରୁ +୨ ଇନ୍‌ଷ୍ଟାଣ୍ଟ ଓ ଇମ୍ପ୍ରୁଭ୍‌ମେଣ୍ଟ ପରୀକ୍ଷା

ଭୁବନେଶ୍ୱର, ୩୦।୫(ସମିସ): ଯୁକ୍ତ ୨ ଇନ୍‌ଷ୍ଟାଣ୍ଟ ଓ ଇମ୍ପ୍ରୁଭମେଣ୍ଟ (ଉନ୍ନତି) ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ବିଷୟରେ ଜୁଲାଇ ୩ ତାରିଖରୁ ପରୀକ୍ଷା ଆରମ୍ଭ ହେବ। ଏଥିପାଇଁ ଫର୍ମ ପୂରଣ ପ୍ରକ୍ରିୟା ଆରମ୍ଭ ହୋଇଛି।

**ଜୁଲାଇ ୨୦ ସୁଦ୍ଧା ପ୍ରକାଶ ପାଇବ ଫଳ**

ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ଆଶାୟୀ ଛାତ୍ରଛାତ୍ରୀମାନେ ଅନ୍‌ଲାଇନ୍ ଫର୍ମପୂରଣ କରିପାରିବେ। ୪ ତାରିଖ ମଧ୍ୟରେ ପରୀକ୍ଷା ଫି' ଦାଖଲ କରିବା ସହ ୬ ତାରିଖ ସୁଦ୍ଧା ଶିକ୍ଷାନୁଷ୍ଠାନଗୁଡ଼ିକ ପରୀକ୍ଷାର୍ଥୀଙ୍କ ଫି' ଦାଖଲ ତଥ୍ୟ ପ୍ରଦାନ କରିବେ। ଚଳିତ ବର୍ଷ ଇନ୍‌ଷ୍ଟାଣ୍ଟ ପରୀକ୍ଷା ପାଇଁ ୬୦୦ ଟଙ୍କା ଏବଂ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ପାଇଁ ୮୦୦ ଟଙ୍କା ଲେଖାଏଁ ଫି' ଧାର୍ଯ୍ୟ କରାଯାଇଛି। ସମୁଦାୟ ଦୁଇ ଦିନ ଅର୍ଥାତ୍ ଜୁଲାଇ ୩ ଓ ୪ ତାରିଖରେ ଉଭୟ ପରୀକ୍ଷା ଅନୁଷ୍ଠିତ ହେବ। ଦିନକୁ ଗୋଟିଏ ଲେଖାଏଁ ସିଫ୍ଟରେ ସକାଳ ୧୦ଟାରୁ ପରୀକ୍ଷା ଆରମ୍ଭ ହେବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ସୂଚନା ଦିଆଯାଇଛି।

ଚଳିତବର୍ଷ ପ୍ରଥମ ଥର ପାଇଁ ଇମ୍ପ୍ରୃଭମେଣ୍ଟ ପରୀକ୍ଷା ହେବ। ସମସ୍ତ ପରୀକ୍ଷାରେ ପାସ୍ କରିଥିବା ପିଲାମାନେ କେବଳ ଗୋଟିଏ ବିଷୟରେ ଅଧିକ ମାର୍କ ରଖିବା ପାଇଁ ଏହି ଇମ୍ପ୍ରୁଭମେଣ୍ଟ (ଉନ୍ନତି) ପରୀକ୍ଷା ଦେଇପାରିବେ। ନିଜ ଇଚ୍ଛା ମୁତାବକ କେବଳ ଗୋଟିଏ ବିଷୟରେ ହିଁ ଏହି ପରୀକ୍ଷା ଦେବାକୁ ଛାତ୍ରଛାତ୍ରୀଙ୍କୁ ସୁଯୋଗ ମିଳିବ। ଏକାଧିକ ବିଷୟରେ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ଦେଇପାରିବେ ନାହିଁ। ସେହିପରି ଗୋଟିଏ ପରୀକ୍ଷାରେ ଫେଲ୍ ହୋଇଥିବା ପିଲାମାନେ ୨୧୦ ବା ତା'ଠାରୁ ଅଧିକ ମାର୍କ ରଖିଥିଲେ, ସେମାନେ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଦେଇପାରିବେ। ଉଭୟ ଇମ୍ପ୍ରୁଭମେଣ୍ଟ ଓ ଇନ୍‌ଷ୍ଟାଣ୍ଟ ପରୀକ୍ଷା ସମାନ ସମୟରେ ଅନୁଷ୍ଠିତ ହେବ। ଜୁଲାଇ ୨୦ ତାରିଖ ସୁଦ୍ଧା ଏସବୁର ପରୀକ୍ଷା ଫଳ ପ୍ରକାଶ କରିବାକୁ ସିଏଚ୍‌ଏସ୍‌ଇ ଲକ୍ଷ୍ୟ ରଖିଛି।







● ଡ୍ରାଇଭିଂ ଶିଖୁଥିଲେ

## ବିଦ୍ୟୁତ୍ ଖୁଣ୍ଟରେ ପିଟିହୋଇ କାର୍ ଚୂରମାର

ନୀଳଗିରି, ୩୦।୫ (ସମିସ): ଶିଖୁଥିଲେ ନୂଆ ଡ୍ରାଇଭିଂ। ହେଲେ ଭାରସାମ୍ୟ ହରାଇ ବିଦ୍ୟୁତ ଖୁଣ୍ଟକୁ ବାଡେଇଲା କାର। ଫଳରେ ନୂଆ କାର ଚୁରମାର ହୋଇଥିବା ବେଳେ ଦୁଇ ଜଣ ଅଳ୍ପକେ ବର୍ତ୍ତିଛନ୍ତି। ଏଭଳି ଘଟଣା ନୀଳଗିରି ବ୍ଲକ ଜଡିଦା ପଞ୍ଚାୟତ ଜୋକଲଣ୍ଡା ଗ୍ରାମରେ ଘଟିଛି। ଦୁଇ ଜଣ ଯୁବକ କାର ରେ ବସିଥିବା ବେଳେ ଡ୍ରାଇଭର ସିଟ୍‌ରେ ଜଣେ ନୂତନ ଭାବେ ଡ୍ରାଇଭିଂ ଶିଖୁଥିଲେ। ଗାଉଁଲି ରାସ୍ତାରେ ଯାଉଥିବା ବେଳେ ଆଗରେ ଜଣେ ଆସି ଯିବାରୁ ଷ୍ଟିଅରିଂ ମୋଡି ଦେବାରୁ ରାସ୍ତା କଡରେ ଥିବା ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେଇଥିଲା। ସିମେଣ୍ଟ ଖୁଣ୍ଟଟି ତିନିଗଡ଼ ହୋଇ କାର ଉପରେ ପଡିବାରୁ ଆଗରେ ଥିବା ଦୁଇ ଜଣ ଯୁବକ ଅଳ୍ପକେ ବର୍ତ୍ତୀ ଯାଇଥିଲେ। କାରଟିର ଆଗ ଅଂଶ ଭାଙ୍ଗି ଯାଇଥିବା ବେଳେ ଗାଁରେ ବିଦ୍ୟୁତ ସରବରାହ ବ୍ୟାଘାତ ହୋଇଛି।



## ଖଇରା ସେବା ସମବାୟ ସମିତିରୁ ଗଛ କାଟିନେଲେ



ଖଇରା,୩୦।୫ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ଖଇରା ସେବା ସମବାୟ ସମିତି ଅଧୀନରୁ ବିନା ଅନୁମତିରେ ବେଆଇନ ଭାବେ ୨ଟି ଗଛ କାଟି ନିଆଯାଇଛି। ଗ୍ରାମବାସୀଙ୍କ ଅଭିଯୋଗ ପରେ କୁପାରୀ ଫରେଷ୍ଟର ଗଛ କଟାଯାଇଥିବା ସ୍ଥାନକୁ ଯାଇ ଗଛ ଓ କଟର ମେସିନ ଜବତ କରିଛନ୍ତି। ଉକ୍ତ ସମିତି ପରିସରରେ ଥିବା ୨ଟି ପୁରାତନ ଗଛକୁ ବିନା ଅନୁମତିରେ କେହି ରାତିଅଧିଆ କାଟି ନେଇଥିଲେ। ଗ୍ରାମବାସୀ ଗୁରୁବାର ସକାଳେ ଏହା ଦେଖି ଫରେଷ୍ଟରଙ୍କୁ ଖବର ଦେଇଥିଲେ। ଏ ସମ୍ପର୍କରେ ଫରେଷ୍ଟର ଦୁଷ୍ମନ୍ତ ଜେନାଙ୍କୁ ପଚାରିବା ପରେ ଗଛ ଜବତ କରାଯାଇଛି। ତଦନ୍ତ ପରେ ଗଛ କାଟିଥିବା ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ ହେବ ବୋଲି କହିଛନ୍ତି।

## ବଜ୍ରପାତରେ ଜଳିଗଲା ଘର

ସିମୁଳିଆ, ୩୦।୫ (ସମିସ): କାଳ ବୈଶାଖୀ ବର୍ଷା ସହ ଘନ ଘନ ବଜ୍ରପାତରେ ଜୈନିକ ବ୍ୟକ୍ତିଙ୍କ ନିଆଁ ଲାଗି ଘର ପୋଡିଯିବା ସହ ଲକ୍ଷାଧିକ ଟଙ୍କାର ଜିନିଷ ପୋଡି ପାଉଁଶ ହୋଇଯାଇଛି। ଶୁକ୍ରବାର ସନ୍ଧ୍ୟା ସମୟରେ କାଳ ବୈଶାଖୀ ଯୋଗୁଁ ପ୍ରବଳ ବର୍ଷା ହେବା ସହ ବଜ୍ରପାତ ହୋଇଥିଲା। ବଜ୍ରପାତରେ ସିମୁଳିଆ ଥାନା ଅନ୍ତର୍ଗତ ବଙ୍ଗାଳପୁର ପଞ୍ଚାୟତର ଇଶାଣ ଗ୍ରାମର ଶୁକଦେବ ବେହେରାଙ୍କ ଗୁହାଳ ଘର ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଘର ପୋଡି ହୋଇଥିଲା। ଅଗ୍ନିକାଣ୍ଡ ଯୋଗୁଁ ଚାଉଳ, ଲୁଗାପଟା, ଆସବାବ ପତ୍ର, ସାଇକେଲ ଓ ଘର କରିବା ନିମନ୍ତେ ୪୦ହଜାର ଟଙ୍କା ପୋଡି ଯାଇଥିଲା। ଖବରପାଇ ଅଡା ଦମକଳ ବାହିନୀ ନିଆଁକୁ ଆୟତ୍ତ କରିଥିଲେ ବି ସବୁ ପୋଡି ପାଉଁଶ ହୋଇଯାଇଛି।

## ଭାଲୁକୁ କାବୁ କଲେ ଗାଁଲୋକ



ନୀଳଗିରି, ୩୦।୫ (ସମିସ): ନୀଳଗିରି ବ୍ଲକ କେସିପୁର ପଞ୍ଚାୟତ ଅଧୀନ ବାଗସାହିକୁ ଶନିବାର ଏକ ରାମଭାଲୁ ପଶି ଆସିଥିଲା। ଏହି ଭାଲୁଟି ବାଟବଣା ହୋଇ ଗାଁର ଏଣେ ତେଣେ ବୁଲୁଥିଲା। ତାକୁ ଦେଖି ଗ୍ରାମବାସୀ ଭୟଭୀତ ହୋଇ ପଡ଼ିଥିବା ବେଳେ କୌଶଳକ୍ରମେ କାବୁ କରାଯାଇ ନୀଳଗିରି ବନବିଭାଗକୁ ଖବର ଦେଇଥିଲେ। ରେଞ୍ଜର ମନୱାର ଖାଁଙ୍କ ନିର୍ଦ୍ଦେଶରେ ବନପାଳ ପ୍ରତିମା ସ, ବନରକ୍ଷୀ ବୁଦ୍ଧୁରାମ ହାଁସଦା ପ୍ରମୁଖ ସେଠାରେ ସଦଳବଳେ ପହଞ୍ଚି ଭାଲୁକୁ ଉଦ୍ଧାର କରିଥିଲେ। ସନ୍ଧ୍ୟାରେ ତାକୁ କୁଲଡିହା ଜଙ୍ଗଲରେ ଛାଡ଼ି ଦିଆଯାଇଛି।

## ନାବାଳିକାଙ୍କ ସନ୍ଦେହଜନକ ମୃତ୍ୟୁ

କରଞ୍ଜିଆ, ୩୦।୫(ସମିସ): କରଞ୍ଜିଆ ସହରସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନିକଟରେ ଭଡ଼ା ଘରେ ରହୁଥିବା ଜଣେ ୧୨ ବର୍ଷୀୟ ନାବାଳିକାଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ମୃତ ନାବାଳିକା ଜଣକ ବିଶୋଇ ଥାନା ଅନ୍ତର୍ଗତ ବନେଇକଳା ଅଞ୍ଚଳର ଗୁଣ୍ଡୁରିଆ ଗ୍ରାମର ସ୍ୱର୍ଗତ ରାଜୀବ କୁମାର ନାୟକଙ୍କ ଝିଅ ପଲ୍ଲବୀ ନାୟକ। ନାବାଳିକାଙ୍କ ମା' ସସ୍ମିତା ନାୟକଙ୍କ ଅଭିଯୋଗ ମୁତାବକ, ଘର ମାଲିକ ଓ ଜଣେ ଗାଡ଼ି ମାଲିକଙ୍କ ଦ୍ୱାରା ତାଙ୍କ ପରିବାରକୁ ଦୀର୍ଘଦିନ ଧରି ହଇରାଣ କରାଯାଉଥିଲା। ଘର ଭଡ଼ା ଓ ମାଲିକାନାକୁ ଯାଇଥିବା ଏକ ଗାଡ଼ିର ବକେୟା ଟଙ୍କାକୁ କେନ୍ଦ୍ର କରି ପରିବାର ଉପରେ ଚାପ ସୃଷ୍ଟି କରାଯାଉଥିବା ସେ କହିଛନ୍ତି। ଏଥିସହ ତାଙ୍କ ବ୍ୟାଙ୍କ ପାସବୁକ, ଏଟିଏମ କାର୍ଡ ଓ ମୋବାଇଲ ଫୋନ ମଧ୍ୟ ଜବରଦସ୍ତ ନେଇ ରଖାଯାଇଥିବା ନେଇ ସସ୍ମିତା ଅଭିଯୋଗ କରିଛନ୍ତି। ଘଟଣା ସମୟରେ ନାବାଳିକା ଘରେ ଏକାକୀ ଥିଲେ। ପରେ ତାଙ୍କୁ ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସ ଯୋଗେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ କରଞ୍ଜିଆ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ମାମଲା ରୁଜୁ କରିଛି। ନାବାଳିକାଙ୍କ ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ପୁଲିସ ବିଭିନ୍ନ ଦିଗରୁ ତଦନ୍ତ ଚଳାଇଥିବା ଜଣାପଡ଼ିଛି। ଏ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକ ଓ ଉଦ୍‌ବେଗ ପ୍ରକାଶ ପାଇଥିବାବେଳେ ନାବାଳିକାଙ୍କ ପରିବାର ଘଟଣାର ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ଅନାସ୍ଥା ଭୋଟରେ ହାରି ପଦ ହରାଇଲେ ନାଏବ ସରପଞ୍ଚ

ଉଦଳା, ୩୦।୫(ସମିସ): ପଡ଼ିଥିଲା ଅନାସ୍ଥା ଭୋଟ। ହେଲେ ଉଚ୍ଚ ନ୍ୟାୟାଳୟଙ୍କ ରହିତାଦେଶ ପାଇଁ ହୋଇପାରି ନ ଥିଲା ଗଣତି। ଶେଷରେ ଆଜି ହୋଇଛି ଅନାସ୍ଥା ଭୋଟର ଗଣତି। ଉଦଳା ବ୍ଲକ ନୂଆଗାଁ ପଞ୍ଚାୟତର ନାଏବ ସରପଞ୍ଚ ଗୁଣ୍ଡୁରୀ ସିଂଙ୍କ ବିରୋଧରେ ଆସିଥିଲା ଅନାସ୍ଥା। ଯାହାକୁ ନେଇ ଗତ ନଭେମ୍ବରରେ ପଡ଼ିଥିଲା ଅନାସ୍ଥା ଭୋଟ। ଏହାକୁ ନେଇ ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ ନାଏବ ସରପଞ୍ଚ। ଯେଉଁଥିପାଇଁ ହୋଇପାରି ନ ଥିଲା ଗଣତ। ଆଜି ଗଣତିରେ ୯ ଜଣ ୱାର୍ଡ ମେମ୍ବର ନାଏବ ସରପଞ୍ଚଙ୍କ ବିରୋଧରେ ଭୋଟ ଦେଇଥିବାବେଳେ ଅନାସ୍ଥାରେ ନାଏବ ସରପଞ୍ଚ ହାରିଥିବା ଜଣାଯାଇଛି। ଗୋପବନ୍ଧୁନଗର ବିଡିଓ ପୃଥ୍ୱୀରାଜ ପରିଡ଼ା ନିର୍ବାଚନ ଅଧିକାରୀ ଦାୟିତ୍ୱ ତୁଲାଇ ଗଣତି କାର୍ଯ୍ୟ ସମ୍ପନ୍ନ କରିଥିବାବେଳେ ଗଣତି ରିପୋର୍ଟ ଉପରିସ୍ଥ ଅଧିକାରୀଙ୍କୁ ପଠାଯାଇଥିବାବେଳେ ସରକାରୀ ସ୍ତରରେ ଫଳାଫଳ ଘୋଷଣା ହେବ ବୋଲି କହିଛନ୍ତି ନିର୍ବାଚନ ଅଧିକାରୀ।

# କାମଧେନୁ ଯୋଜନାରେ ବର୍ଷ ବର୍ଷ ଧରି ମିଳୁନି ସବ୍‌ସିଡି ଅର୍ଥ

ବାଲେଶ୍ୱର, ୩୦।୫(ରୁଚିକ ରଞ୍ଜନ ମହାପାତ୍ର)



ଓଡ଼ିଶାରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି, ଗ୍ରାମୀଣ ବେକାରୀ ଦୂରୀକରଣ ଏବଂ ଚାଷୀଙ୍କ ଆୟ ବୃଦ୍ଧି ଲକ୍ଷ୍ୟରେ ରାଜ୍ୟ ସରକାର ୨୦୨୪-୨୫ ଆର୍ଥିକ ବର୍ଷରୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅନ୍ତର୍ଗତ କାମଧେନୁ ଯୋଜନା ଆରମ୍ଭ କରିଥିଲେ। ଯୋଜନା ଘୋଷଣା ବେଳେ କୁହାଯାଇଥିଲା ଯେ, ବାହାର ରାଜ୍ୟରୁ ଉନ୍ନତ କିସମର ଦୁଗ୍ଧାଳୁ ଗାଇ ଆଣି ଗୋପାଳନ କଲେ ସରକାର ମୋଟ ପ୍ରକଳ୍ପ ଖର୍ଚ୍ଚର ୬୦ରୁ ୭୦ ପ୍ରତିଶତ ପର୍ଯ୍ୟନ୍ତ ସବସିଡ଼ି ପ୍ରଦାନ କରିବେ। ଏହି ଘୋଷଣାକୁ ବିଶ୍ୱାସ କରି ଶତାଧିକ ଚାଷୀ ବ୍ୟାଙ୍କ ଋଣ ନେଲେ, ଘରର ସଞ୍ଚୟ ଖର୍ଚ୍ଚ କଲେ, କେହି କେହି ସୁନା ଗହଣା ବନ୍ଧକ ରଖି ଲକ୍ଷ ଲକ୍ଷ ଟଙ୍କା ନିବେଶ କରି ଗାଇ କିଣିଲେ। କିନ୍ତୁ ଏବେ ସେହି ହିତାଧିକାରୀଙ୍କ ମଧ୍ୟରୁ ଅନେକ ନିଜ ପ୍ରାପ୍ୟ ସବସିଡ଼ି ପାଇଁ ସରକାରୀ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଉଥିବା ଅଭିଯୋଗ ହେଉଛି। ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗର ତଥ୍ୟ ଅନୁଯାୟୀ, ୨୦୨୪-୨୫ ମସିହାରେ ୧୨୦୯ ଜଣ କାମଧେନୁ ଯୋଜନାରେ ଗୋ ପାଳନ ପାଇଁ ଆବେଦନ କରିଥିଲେ। ଯାଞ୍ଚ ପରେ ୧୯୧ ଜଣଙ୍କୁ କାର୍ଯ୍ୟାଦେଶ ମିଳିଥିଲା। ସେଥିରୁ ୧୪୬ ଜଣ ହିତାଧିକାରୀ ଯୋଜନା ମୁତାବକ ବାହାର ରାଜ୍ୟରୁ ଗାଇ କିଣିଥିଲେ। ୧୪୦ ଜଣଙ୍କୁ ସମ୍ପୂର୍ଣ୍ଣ ସବସିଡ଼ି ମିଳିଥିବା ବେଳେ ୬ ଜଣଙ୍କୁ କେବଳ ପ୍ରଥମ କିସ୍ତି ମିଳିଥିଲା। ଦୁଇ ବର୍ଷ ବିତିଯାଇଥିଲେ ମଧ୍ୟ ସେମାନଙ୍କ ବକେୟା ସବସିଡ଼ି ପ୍ରଦାନ ହୋଇନାହିଁ। ସେହିପରି ୨୦୨୫-୨୬ ମସିହାରେ ୩୯୭୧ ଜଣ କାମଧେନୁ ଯୋଜନାରେ ଆବେଦନ କରିଥିବା ବେଳେ ୧୬୬୧ ଜଣଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା। ୫୩୫ ଜଣ ଗାଇ କ୍ରୟ କରି ଯୋଜନାରେ ସାମିଲ ହୋଇଥିଲେ। ସେଥିରୁ ୫୦୮ ଜଣଙ୍କୁ ସମ୍ପୂର୍ଣ୍ଣ ସବସିଡ଼ି ମିଳିଥିଲେ ମଧ୍ୟ ୨୭ ଜଣ ହିତାଧିକାରୀ ଏବେ ସୁଦ୍ଧା ସବସିଡ଼ି ଟଙ୍କା ପାଇନାହାନ୍ତି। ଅର୍ଥାତ୍, ଦୁଇ ବର୍ଷ ମଧ୍ୟରେ ମୋଟ ୩୩ ଜଣ ହିତାଧିକାରୀଙ୍କ ସବସିଡ଼ି ବକେୟା ରହିଛି। ଏହା କେବଳ ୩୩ ଜଣଙ୍କ କଥା ନୁହେଁ, ବରଂ ସରକାରୀ ଯୋଜନା ପ୍ରତି ବିଶ୍ୱାସ ରଖି ନିବେଶ କରିଥିବା ୩୩ଟି ପରିବାରର ଆର୍ଥିକ ସୁରକ୍ଷା ସହ ଜଡିତ ପ୍ରଶ୍ନ। ଏହି ଯୋଜନାରେ ୨ଟି ଗାଇ ପାଇଁ ୧ ଲକ୍ଷ ୮୦ ହଜାର ଟଙ୍କା ଏବଂ ଗୋହାଳ ନିର୍ମାଣ ପାଇଁ ୫୦ ହଜାର ଟଙ୍କା ସହ ମୋଟ ପ୍ରକଳ୍ପ ମୂଲ୍ୟ ୨ ଲକ୍ଷ ୩୦ ହଜାର ୪୦୦ ଟଙ୍କା ରହିଛି। ସାଧାରଣ ବର୍ଗ ପାଇଁ ୬୦ ପ୍ରତିଶତ ଏବଂ ଏସ୍‌ସି-ଏସ୍‌ଟି ବର୍ଗ ପାଇଁ ୭୦ ପ୍ରତିଶତ ସବସିଡ଼ି ବ୍ୟବସ୍ଥା ରହିଛି। ଅର୍ଥାତ୍ ଜଣେ ହିତାଧିକାରୀଙ୍କୁ ପ୍ରାୟ ୧.୩୮ ଲକ୍ଷରୁ ୧.୬୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସବସିଡ଼ି ମିଳିବା କଥା। ଏହି ହିସାବରେ ୩୩ ଜଣଙ୍କ ବକେୟା ରାଶି ଲକ୍ଷ ଲକ୍ଷ ଟଙ୍କାରେ ପହଞ୍ଚୁଥିବା ଆକଳନ କରାଯାଉଛି। ସେପଟେ ଜିଲ୍ଲାର ଅଧିକାରୀ ଦେଇଥିବା ତଥ୍ୟ ୩୩ ଜଣ ବକେୟା ଥିବା ତଥ୍ୟ ଦେଉଥିବା ବେଳେ ପ୍ରକୃତରେ ଶତାଧିକ ହିତାଧିକାରୀ ଏ ପର୍ଯ୍ୟନ୍ତ ସବସିଡ଼ି ଟଙ୍କା ପାଇନଥିବାର ବିଭିନ୍ନ ବ୍ଲକରୁ ଅଭିଯୋଗ ଆସିଛି। ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଯଦି ସବସିଡ଼ି ପ୍ରଦାନ ପାଇଁ ବଜେଟ୍ କିମ୍ବା ପ୍ରଶାସନିକ ସମସ୍ୟା ଥିଲା, ତେବେ କାର୍ଯ୍ୟାଦେଶ କାହିଁକି ଦିଆଗଲା ? ଚାଷୀଙ୍କୁ ଲକ୍ଷ ଲକ୍ଷ ଟଙ୍କା ନିବେଶ କରିବାକୁ କାହିଁକି ପ୍ରେରିତ କରାଗଲା ? ଯେଉଁମାନେ ଗାଇ ଆଣିଲେ, ଗୋହାଳ ନିର୍ମାଣ କଲେ, ବିଭାଗୀୟ ଯାଞ୍ଚ ସରିଲା, ସେମାନଙ୍କ ଟଙ୍କା ଅଟକିଲା କେଉଁଠି ? ଚାଷୀମାନଙ୍କ କହିବା ଅନୁଯାୟୀ, ବ୍ୟାଙ୍କ ଋଣର ସୁଧ ବଢୁଛି, ଗୋଖାଦ୍ୟ ଦର ଆକାଶଛୁଆଁ, ପଶୁ ଚିକିତ୍ସା ଖର୍ଚ୍ଚ ବଢ଼ିଚାଲିଛି। କିନ୍ତୁ ଯେଉଁ ସବସିଡ଼ି ଟଙ୍କାକୁ ଭରସା କରି ସେମାନେ ଏହି ପ୍ରକଳ୍ପ ପାଇଁ ଆଗକୁ ଆସିଥିଲେ, ତାହା ଆଜି ସୁଦ୍ଧା ମିଳୁନାହିଁ। ଫଳରେ କେତେକ ଚାଷୀ ଆର୍ଥିକ ସଙ୍କଟରେ ପଡ଼ିଥିବା ବେଳେ କେତେକ ଗୋପାଳନ ବ୍ୟବସାୟ ବନ୍ଦ କରିବାକୁ ମଧ୍ୟ ଚିନ୍ତା କରୁଛନ୍ତି। ଏପଟେ ୨୦୨୬-୨୭ ମସିହାରେ ପୁଣି ୫୦୯ ଜଣ ଆବେଦନ କରିଥିବା ବେଳେ ୩୫୬ ଜଣଙ୍କୁ ଚିହ୍ନଟ କରାଯାଇଛି ଏବଂ ଖୁବଶୀଘ୍ର କାର୍ଯ୍ୟାଦେଶ ଦିଆଯିବ ବୋଲି ବିଭାଗ କହୁଛି। କିନ୍ତୁ ପୂର୍ବ ବର୍ଷର ବକେୟା ସମସ୍ୟାର ସମାଧାନ ନ ହୋଇଥିବା ବେଳେ ନୂଆ ହିତାଧିକାରୀଙ୍କୁ ନେଇ ଚିନ୍ତା ବଢ଼ିଛି। ହିତାଧିକାରୀଙ୍କୁ ସମ୍ପୂର୍ଣ୍ଣ ଟଙ୍କା କେବେ ମିଳିବ ବୋଲି ଚାଷୀମାନେ ଚିନ୍ତାରେ ଅଛନ୍ତି। ସରକାରୀ ଫାଇଲରେ କାମଧେନୁ ଯୋଜନା ସଫଳ ହୋଇଥାଇପାରେ, କିନ୍ତୁ ଯେଉଁ ହିତାଧିକାରୀ ଆଜି ମଧ୍ୟ ନିଜ ହକ୍‌ର ସବସିଡ଼ି ପାଇଁ ଅପେକ୍ଷା କରୁଛନ୍ତି, ସେମାନଙ୍କ ପାଇଁ ଏହି ଯୋଜନା ଏବେ ବିକାଶର ନୁହେଁ, ବରଂ ପ୍ରତିଶ୍ରୁତି ଓ ବାସ୍ତବତା ମଧ୍ୟରେ ଥିବା ଫରକର ଜ୍ୱଳନ୍ତ ଉଦାହରଣ ପାଲଟିଛି।

● ବାହାର ରାଜ୍ୟରୁ ଗାଇ ଆଣି ଋଣରେ ବୁଡ଼ିଲେ ହିତାଧିକାରୀ, ମାସ ମାସ ଧରି ମିଳୁନି ସବସିଡ଼ି ଓ ପ୍ରୋତ୍ସାହନ ରାଶି

● ହକ୍‌ର ଟଙ୍କା ପାଇଁ କାର୍ଯ୍ୟାଳୟ ଦୌଡୁଛନ୍ତି ହିତାଧିକାରୀ

### ମତାମତ

› ଫେବୃଆରୀ ୨୦ ତାରିଖରେ ବିଭାଗ ପକ୍ଷରୁ କାର୍ଯ୍ୟାଦେଶ ମିଳିଥିଲା, ତୁରନ୍ତ ଗାଇ ଆଣିଲେ ୧୫ ଦିନ ମଧ୍ୟରେ ସବସିଡ଼ି ଟଙ୍କା ମିଳି ପାରିବ ବୋଲି ବିଭାଗୀୟ ଅଧିକାରୀ କହିଥିଲେ। ଫେବୃଆରୀ ମାସରେ ଗାଇ ଆଣି ମାର୍ଚ୍ଚ ୬ ତାରିଖ ସମସ୍ତ କାଗଜପତ୍ର ଜମା କରିଥିଲେ ସୁଦ୍ଧା ଆମେ ଦୀର୍ଘ ୩ ମାସ ପରେ ବି ସବସିଡ଼ି ଟଙ୍କା ପାଇ ପାରିନାହୁଁ। ଭେଟନାରୀ ଅଫିସକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଉଛୁ।

ପାର୍ବତୀ ଦାସ, ହିତାଧିକାରୀ, ବାହାନଗା ବ୍ଲକ

› ସରକାରଙ୍କ ଯୋଜନା ସଠିକ ଭାବରେ ଅନୁପାଳନ କରାନଯିବା ଯୋଗୁଁ ଆଜି ଗୋପାଳନ ପ୍ରତି ଚାଷୀମାନେ ମୁହଁ ଫେରାଉଛନ୍ତି। ଚାଷୀ ଆତ୍ମନିର୍ଭରଶୀଳ ହେବା ପାଇଁ ଋଣ କରି ଗାଇ ଆଣିବା ପରେ ନିୟମ ମୁତାବକ ଯଦି ତୁରନ୍ତ ସବସିଡ଼ି ପ୍ରଦାନ କରାଯାଆନ୍ତା ତେବେ ଲୋକେ ଗୋ ପାଳନ ପ୍ରତି ଆକୃଷ୍ଟ ହୁଅନ୍ତେ, ସବସିଡି ଟଙ୍କା ପାଇବାରେ ବିଳମ୍ବ ଯୋଗୁଁ ଲୋକେ ଋଣ ଶୁଝିବା ପାଇଁ ଗାଇ ବିକି ଦେବାକୁ ବାଧ ହେଉଛନ୍ତି। ସରକାର ତୁରନ୍ତ ଗୋ ପାଳନ କରୁଥିବା ଚାଷୀଙ୍କୁ ସେମାନଙ୍କ ସବସିଡ଼ି ଟଙ୍କା ପ୍ରଦାନ କରାଯିବା ଦିଗରେ ପଦକ୍ଷେପ ଗ୍ରହଣ କରିବା ଉଚିତ।

ଲକ୍ଷ୍ମୀକାନ୍ତ ଦାସ , ବୁଦ୍ଧିଜୀବୀ, ବାଲେଶ୍ୱର

› ପୂର୍ବରୁ ରାଜ୍ୟରୁ ପେମେଣ୍ଟ ଛଡ଼ା ଯାଉଥିଲା, ଏବେ ଜିଲ୍ଲା ମାଧ୍ୟମରେ ପେମେଣ୍ଟ ପାଇଁ ନିଷ୍ପତ୍ତି ହୋଇଛି। ଖୁବ୍‌ଶୀଘ୍ର ବକେୟା ଥିବା ହିତାଧିକାରୀଙ୍କ ସବସିଡି ଟଙ୍କା ପ୍ରଦାନ କରାଯିବା ଦିଗରେ ବିଧିବଦ୍ଧ ପଦକ୍ଷେପ ଗ୍ରହଣ କରାଯାଉଛି।

ରବି ନାରାୟଣ ପଟ୍ଟନାୟକ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ

## ଅନାଦି ଏକାଡେମୀରେ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ



ଚନ୍ଦନେଶ୍ୱର, ୩୦।୫ (ସମିସ) : ନିଜ ସ୍ୱପ୍ନକୁ ସାକାର କରିବା ବାଟରେ ଜୀବନର ଆଧାରକୁ ଅଣଦେଖା କରନ୍ତୁ ନାହିଁ, ଯଦି ଜୀବନର ଆଧାର ହଜିଯିବ ତେବେ ସ୍ୱପ୍ନ ବି ସବୁଦିନ ପାଇଁ ଅଧୁରା ରହିଯିବ ବୋଲି ଶନିବାର ୨୦୨୬ ମସିହାର ଦଶମ ବୋର୍ଡ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ଅନାଦି ଏକାଡେମୀ କାନ୍ଠଥଭଉଁରୀରେ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହରେ ବକ୍ତା ମାନେ ଉପଦେଶ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅତନୁ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରତିଷ୍ଠାତା ଅନାଦି ସାମଲ, ଦକ୍ଷିଣ ଭୋଗରାଇ ଓଷ୍ଟା ସମ୍ପାଦକ ଶାଶ୍ୱତ କୁମାର ଜେନା, ସ୍ଥାନୀୟ ସେବା ସମବାୟ ସମିତିର ସଭାପତି ଗୁଣାକର ମାଝି, କାନ୍ଥଭଉଁରୀ ଉପ୍ରା. ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ଘୋଷ, ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ପାତ୍ର, ବିଷ୍ଣୁପଦ ପଣ୍ଡା, ଉମାକାନ୍ତ ସାହୁ, ରାମପଦ ଜେନା, ବିଜୟ ସେନାପତି, ଶ୍ରୀଦେବ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କୃତୀ ପିଲା ମାନଙ୍କୁ ଫୁଲତୋଡ଼ା, କଲମ, ଉତ୍ତରୀ ସହିତ ଚାରାବୃକ୍ଷ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ସୁକୁମାର ସାମଲ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷା କର୍ମଚାରୀ ଅନନ୍ତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅଭିଭାବକ ଗୋବିନ୍ଦ ପାତ୍ର, ସନ୍ତୋଷ ଦଳାଇ, ଶିକ୍ଷା କର୍ମଚାରୀ ହରିପଦ ମହାନ୍ତି, ସନ୍ତୋଷ ଗିରି, ନରେନ୍ଦ୍ର ଭଞ୍ଜ, ନିତ୍ୟାନନ୍ଦ ସାମଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## କାଳିପୁର ସିଦ୍ଧି ବିନାୟକ ମନ୍ଦିରର ବାର୍ଷିକ ଉତ୍ସବ

ବାଲେଶ୍ୱର,୩୦।୫ (ସମିସ): ଫୁଲାଡିସ୍ଥିତ କାଳିପୁରର ସିଦ୍ଧି ବିନାୟକ ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ଦୁଇ ଦିନ ଧରି ଧୁମଧାମରେ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ କଳସ ଯାତ୍ରା ପରେ ସ୍ନାନ ଆଦିବାସ, ବେଶ, ଯଜ୍ଞ ସହିତ ପ୍ରସାଦ ବଣ୍ଟନ କରାଯାଇଥିଲା। ସିଦ୍ଧି ବିନାୟକ ମନ୍ଦିରର ଶାଖା ପରିଚାଳକ ଶିରିଶ ଚନ୍ଦ୍ର ଦାସ ଓ ରାଜେନ୍ଦ୍ର ଦାସଙ୍କ ସମେତ ବିନୋଦ ବିହାରୀ ଦାସ, ହରିଶ ଚନ୍ଦ୍ର ଦାସ, ମନୋଜ ଜେନାଙ୍କ ନିର୍ଦ୍ଦେଶନାରେ ଏହା ଆୟୋଜନ ହୋଇଥିଲା। ଏହି ଉତ୍ସବରେ ସବିତା, ଝିଲ୍ଲୀ, ସତ୍ୟଭାମା, ସୁବାସିନୀ, ନିରୁପମା, ଅଙ୍କିତା, ବିଭାରାଣୀ ପୁଷ୍ପ ମାଲ୍ୟ ଓ ଦୀପ ପ୍ରଜ୍ୱଳନ କରି ପ୍ରଭୁଙ୍କୁ ସଜାଇଥିଲେ। ପୂଜକ ମଧ୍ୟରୁ ପଣ୍ଡିତ ତାପସ ତ୍ରିପାଠୀ, ବୁଲୁ ନନା, ପରି ନନା, ପ୍ରଶାନ୍ତ ପାଣି, ମନ୍ଦିର ପୂଜକ ସୁକାନ୍ତ ପାଣିଙ୍କ ମନ୍ତ୍ର ଧ୍ୱନିରେ ଗ୍ରାମ କମ୍ପି ଉଠିଥିଲା।



### ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ବହୁ ଅଧ୍ୟାପକ ପଦ ଖାଲି

# ମଞ୍ଜୁରୀପ୍ରାପ୍ତ ୯୮ ପଦବୀରୁ ୬୦ ଖାଲି

ବାରିପଦା, ୩୦।୫(ସମିସ)



ଭାରତୀୟ ଶିକ୍ଷା ଜଗତରେ ଗୌରବମୟ ଅଧ୍ୟାୟ ସୃଷ୍ଟି କରିବାରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପରିଚୟ ସ୍ୱତନ୍ତ୍ର ଓ ଅନନ୍ୟ। ଓଡ଼ିଶା ମାଟିରେ ସ୍ଥାପିତ ଏହି ଆଦର୍ଶ ଶିକ୍ଷାନୁଷ୍ଠାନ ୨୮ ବର୍ଷରେ ପାଦ ଥାପିବାକୁ ଯାଉଛି। ପୂର୍ଣ୍ଣ ଯୌବନ ଓ ଯୁବତ୍ୱର ଅମାପ ଶକ୍ତିରେ ଶିକ୍ଷା ଜଗତକୁ ଦିଗଦର୍ଶନ ଦେବାରେ ଏହା ସମସ୍ତଙ୍କ ଆକର୍ଷଣ ହୋଇପାରିଛି। ତେବେ ଉକ୍ତ ବିଶ୍ୱବିଦ୍ୟାଳୟରେ ବହୁ ଅଧ୍ୟାପକ ପଦ ଖାଲିପଡ଼ିଛି। ମଞ୍ଜୁରୀପ୍ରାପ୍ତ ୯୮ଟି ପଦବୀରୁ ୬୦ଟି ଖାଲି ପଡ଼ିଥିବାବେଳେ ୫ଟି ବିଭାଗରେ ଅଧ୍ୟାପକ ନାହାନ୍ତି। ଫଳରେ ଏଠାରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି।

୧୯୯୮ ଜୁଲାଇ ୧୩ ତାରିଖରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ନାମରେ ଏହାର ଜନ୍ମଲଗ୍ନ ପ୍ରସ୍ତୁତ ଓ ୧୯୯୯ରୁ ବାରିପଦା ମାଟିରେ ଏହାର ଗୌରବ ଯାତ୍ରା ଅବ୍ୟାହତ ରହିଛି। ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାରେ ଉଚ୍ଚ ଶିକ୍ଷାଦାନ ପାଇଁ ସଗର୍ବେ ଦଣ୍ଡାୟମାନ ଏହି ବିଶ୍ୱବିଦ୍ୟାଳୟ ସମୟ ସହିତ ତାଳଦେଇ, ପ୍ରତିକୂଳ ପରିସ୍ଥିତି ଓ ପ୍ରତିବନ୍ଧକକୁ ଡେଇଁ କୋଟି ପ୍ରାଣର ଶିକ୍ଷାଗୁରୁ ପାଲଟିଛି। ଓଡ଼ିଶାର ପୁଣ୍ୟଶ୍ଳୋକ ପ୍ରଜାବତ୍ସଳ, ବିଦ୍ୟାନୁରାଗୀ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ନାମରେ ସମ୍ପ୍ରତି ଏହି ବିଶ୍ୱବିଦ୍ୟାଳୟର ନୂତନ ନାମକରଣ ହୋଇଛି। ପ୍ରାକୃତିକ ପରିବେଶ ଓ ଶିକ୍ଷାନୁକୂଳ ବାତାବରଣ ଭିତରେ ଓଡ଼ିଶା ଓ ଓଡ଼ିଶା ବାହାର ଆଗ୍ରହୀ ଛାତ୍ରଛାତ୍ରୀ, ଗବେଷକ ନିଜକୁ କେବଳ ସ୍ୱୟଂ ସମ୍ପୂର୍ଣ୍ଣ କରୁନାହାନ୍ତି; ବରଂ ନୂତନ ଜ୍ଞାନକୌଶଳ ସହିତ ସୁଦକ୍ଷ ଶିକ୍ଷକଙ୍କ ଶିକ୍ଷାଦାନ, ଗବେଷଣା ଲାଗି ବିସ୍ତୃତ ଭିତ୍ତିଭୂମି ଓ ଆଦିବାସୀ ମାଟି-ମଣିଷର ଅନ୍ତରଙ୍ଗପୂର୍ଣ୍ଣ ନିମନ୍ତ୍ରଣକୁ ମଧ୍ୟ ଅନୁଭବୁଛନ୍ତି। ବିଶେଷକରି ନାରୀଶିକ୍ଷାର ପ୍ରସାର ସହିତ ଜୀବନର ସର୍ବାଙ୍ଗୀନ ବିକାଶରେ ଲୋଡ଼ା ସ୍ୱତନ୍ତ୍ର ତାଲିମ ସାଙ୍ଗକୁ ଲୋକ କଳା, ପରମ୍ପରା, ଲୋକ ସାହିତ୍ୟ, ଲୋକ ସଂସ୍କୃତି, ଆଦିବାସୀ କଳା-ସାହିତ୍ୟର ବିକାଶ, ଲୋକ ଉପକରଣର ସୁରକ୍ଷା ପାଇଁ ଛାତ୍ରଛାତ୍ରୀଙ୍କୁ ନିରନ୍ତର ସଚେତନ କରିବାରେ ଏହି ଅନୁଷ୍ଠାନ ଗ୍ରହଣ କରିଛି ମହନୀୟ ଭୂମିକା। ଏଥିସହିତ ଦୂରଦର୍ଶୀ ଶିକ୍ଷାବିତ୍ ଓ ସମର୍ଥ-ପ୍ରାଜ୍ଞ କୁଳପତିଙ୍କ ଯୁଗୋପଯୋଗୀ ନିଷ୍ପତ୍ତି ଏହାର ଶୈକ୍ଷିକ ଓ ପ୍ରାଶାସନିକ ବ୍ୟବସ୍ଥାକୁ ଅନୁରୂପ ଭାବେ ବେଶ୍ ସୁଦୃଢ଼ କରିପାରିଛି। ଦେଶ ବିଦେଶରୁ ବହୁ ଶିକ୍ଷାବିତ୍, ସାଧକ ଏହାର ଗୌରବମୟ ଐତିହ୍ୟକୁ ସ୍ୱୀକାର କରିଛନ୍ତି। ଭାରତର ପୂର୍ବତନ ରାଷ୍ଟ୍ରପତି ଅବଦୁଲ୍ କାଲାମଙ୍କଠାରୁ ବର୍ତ୍ତମାନର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଯାଏଁ ବହୁ ବରେଣ୍ୟ ରାଜନୀତିଜ୍ଞ ଓ ମହାନାୟକଙ୍କ ଆଗମନର ଭୂମି ପାଲଟିଯାଇଛି ଏହି ବିଶ୍ୱବିଦ୍ୟାଳୟ। ଦେଶ ଯେତେବେଳେ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରୁଛି, ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବାର ଶତବାର୍ଷିକୀ ପାଳନ ପାଇଁ ପ୍ରସ୍ତୁତ; ସେହି ଅବସରରେ ବିଶ୍ୱବିଦ୍ୟାଳୟ ତା'ର ରୌପ୍ୟ ଜୟନ୍ତୀ ଶେଷ କରି ଆଗକୁ ମାଡ଼ିଚାଲିଛି। ନାକ୍ ଦ୍ୱାରା ସ୍ୱୀକୃତ 'ଏ' ମାନ୍ୟତା ଏହାର ସଫଳତାକୁ ପ୍ରମାଣିତ କରିଛି। ତେବେ ଦୀର୍ଘ ବର୍ଷ ପରେ ବିଶ୍ୱବିଦ୍ୟାଳୟରେ ମଞ୍ଜୁରୀପ୍ରାପ୍ତ ଅଧ୍ୟାପକ ପଦର ଅଧାରୁ ଅଧିକ ପଦ ଖାଲି ପଡ଼ିଥିବାରୁ ଶିକ୍ଷାଦାନ କ୍ଷେତ୍ରରେ ସମସ୍ୟା ଆଣୁଛି।

ବିଶ୍ୱବିଦ୍ୟାଳୟର କୁଳସଚିବଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ ବିଶ୍ୱବିଦ୍ୟାଳୟର ୮ଟି ବିଷୟରେ ରହିଥିବା ସ୍ୱୟଂ ଆର୍ଥିକ ପାଠ୍ୟକ୍ରମ (ଏସଏଫସି)କୁ ନିୟମିତ କରାଯାଇ ନ ଥିବାରୁ ବିଦ୍ୟାର୍ଥୀମାନେ ଅଧିକ କୋର୍ସ ଫି ଓ ବିକାଶ ଦେୟ ଦେବା ସହିତ ପାଠପଢ଼ା ନେଇ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାଣିଜ୍ୟ, ଇଂରାଜୀ, ଭୂତତ୍ତ୍ୱ, ଇତିହାସ, ରାଜନୀତି ବିଜ୍ଞାନ, ରିମୋଟ୍ ସେନସିଂ ଆଣ୍ଡ ଗ୍ଲୋବାଲ ଇନଫରମେସନ ସିଷ୍ଟମ, ଯୋଗ ଆଣ୍ଡ ନେଚୁରୋପାଥି ଓ ସଂସ୍କୃତ ବିଭାଗ ଛାତ୍ରଛାତ୍ରୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ଏସଏଫସି ପାଠ୍ୟକ୍ରମକୁ ନିୟମିତ କରାଯିବା ସହିତ ସେହି ଅନୁଯାୟୀ ଅଧ୍ୟାପକ ଓ ଅଣଶିକ୍ଷକ ପଦ ସୃଷ୍ଟି କରାଯିବାର ଆବଶ୍ୟକତା ରହିଛି। ଏଥିସହିତ ଏହି ବିଶ୍ୱବିଦ୍ୟାଳୟରେ ବର୍ତ୍ତମାନ ଥିବା ନିୟମିତ ୧୭ଟି ବିଷୟର ପାଠ୍ୟକ୍ରମ ସକାଶେ ସରକାରୀ ଭାବେ ୯୮ ଜଣ ଅଧ୍ୟାପକ ରହିବାକୁ ଥିବାବେଳେ ଗତ ୫ ବର୍ଷ ଧରି ୬୦ଟି ପଦ ଖାଲି ରହିଛି। ମାତ୍ର ୩୮ ଜଣ ଅଧ୍ୟାପକଙ୍କୁ ନେଇ ଶିକ୍ଷାଦାନ ଜାରି ରହିଛି। ସେ ମଧ୍ୟରୁ ୫ଟି ବିଷୟର ପାଠ୍ୟକ୍ରମ ଗଣିତ, ଶିକ୍ଷା, କମ୍ପ୍ୟୁଟର ସାଇନ୍ସ, ଏମଏସଡବ୍ଲ୍ୟୁ, ଏମବିଏ ଏବଂ ଇଣ୍ଟିଗ୍ରେଟେଡ୍ ବିଏଡ-ଏମଏଡରେ ୬ଟି ଲେଖାଏଁ ମଞ୍ଜୁରୀପ୍ରାପ୍ତ ଅଧ୍ୟାପକ ପଦ ରହିଥିବାବେଳେ ସମସ୍ତ ପଦ ଖାଲିପଡ଼ିଛି। ସେହିପରି ରସାୟନ ବିଜ୍ଞାନ ଓ ପ୍ରାଣୀ ବିଜ୍ଞାନ ବିଷୟ ପାଠ୍ୟକ୍ରମରେ ମଞ୍ଜୁରୀପ୍ରାପ୍ତ ୬ଟି ପଦ ମଧ୍ୟରୁ ୫ଟି, ସାନ୍ତାଳୀ ବିଷୟରେ ମଞ୍ଜୁରୀପ୍ରାପ୍ତ ୫ଟି ପଦ ମଧ୍ୟରୁ ୪ଟି, ଓଡ଼ିଆ ବିଷୟରେ ମଞ୍ଜୁରୀପ୍ରାପ୍ତ ୩ ପଦ ମଧ୍ୟରୁ ୨ଟି, ଅର୍ଥନୀତି ଓ କମ୍ପ୍ୟୁଟର ସାଇନ୍ସ ଏମଏସସି ବିଷୟରେ ମଞ୍ଜୁରୀପ୍ରାପ୍ତ ୬ଟି ପଦ ମଧ୍ୟରୁ ୪ଟି, ଉଦ୍ଭିଦ ବିଜ୍ଞାନ, କମ୍ପ୍ୟୁଟର ଆପ୍ଲିକେସନ ଓ ବନ୍ୟପ୍ରାଣୀ ବିବିଧତା ବିଷୟରେ ମଞ୍ଜୁରୀପ୍ରାପ୍ତ ୬ ପଦ ମଧ୍ୟରୁ ୩ଟି କରି ପଦ, ବାୟୋଟେକ୍ନୋଲୋଜି ଓ ନୃତତ୍ତ୍ୱ ଓ ଜନଜାତି ଶିକ୍ଷା ବିଷୟରେ ମଞ୍ଜୁରୀପ୍ରାପ୍ତ ୬ଟି ପଦରୁ ୨ଟି, ପଦାର୍ଥ ବିଜ୍ଞାନ ବିଷୟରେ ମଞ୍ଜୁରୀପ୍ରାପ୍ତ ୬ଟି ପଦ ମଧ୍ୟରୁ ଗୋଟିଏ ପଦ ଖାଲିରହିଛି। ଫଳରେ ଶିକ୍ଷାଦାନରେ ବାଧା ଉପୁଜିବା ସହିତ ବିଦ୍ୟାର୍ଥୀ ଅଧିକ ଖର୍ଚ୍ଚାନ୍ତ ହୋଇ କୋଚିଂ ଉପରେ ନିର୍ଭର କରିବାକୁ ବାଧ ହେଉଛନ୍ତି।

ତତ୍‌ସହିତ ୧୪୧ଟି କର୍ମଚାରୀ ପଦ ମଧ୍ୟରୁ ୮୬ଟି ପଦ ଖାଲିପଡ଼ିଛି। ସେଗୁଡିକ ମଧ୍ୟରେ ଡେଭେଲପମେଣ୍ଟ ଅଫିସର, ଡେପୁଟି ରେଜିଷ୍ଟ୍ରାର, ମେଡିକାଲ ଅଫିସର, ସିକ୍ୟୁରିଟି ଅଫିସର, ଜୁନିୟର ଇଞ୍ଜିନିୟର, ଅଡିଟର, ଗେଷ୍ଟ ହାଉସ ମ୍ୟାନେଜର, କ୍ୟୁରେଟର, ଟାଇପିଷ୍ଟ, ନର୍ସ, ଫାର୍ମାସିଷ୍ଟ, ଲାଇବ୍ରେରୀ ଆଟେଣ୍ଡାଣ୍ଟ, ଲାବ୍ରୋଟୋରୀ ଆଟେଣ୍ଡାଣ୍ଟ, କେୟାର ଟେକର, ଡ୍ରେସର ଓ ରୋଷେୟା ପଦ ଅନ୍ତର୍ଭୁକ୍ତ। ଏପରିକି ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡ଼ିକରେ ଜୁନିୟର ଆସିଷ୍ଟାଣ୍ଟ, ସିନିୟର ଆସିଷ୍ଟାଣ୍ଟ ଓ ସେକ୍ସନ ଅଫିସର ପଦ ପାଇଁ ୨୦୨୫ ଜାନୁଆରୀରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପାଇଥିବାବେଳେ ପ୍ରଶାସନିକ ଅଧିକାରୀ, ସହକାରୀ ରେଜିଷ୍ଟ୍ରାର ଆଦି ପଦ ପାଇଁ ଏ ପର୍ଯ୍ୟନ୍ତ କୌଣସି ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ଏ ସମ୍ପର୍କରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତିଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ଖାଲିରହିଥିବା ୬୦ ଜଣଙ୍କ ଅଧ୍ୟାପକଙ୍କ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ କରାଯାଇଥିବାବେଳେ ଜୁନ ୧୯ ତାରିଖ ସୁଦ୍ଧା ଆବେଦନ କରାଯିବା ସକାଶେ ସମୟ ଧାର୍ଯ୍ୟ କରାଯାଇଥିବାର କହିଛନ୍ତି।

### ୫ଟି ବିଭାଗରେ ନାହାନ୍ତି ଅଧ୍ୟାପକ

## ସିପିଆଇ ପକ୍ଷରୁ ଜିଲ୍ଲା ପରିଷଦ ବୈଠକ

**ପାଣିକୋଇଲି, ୩୦।୫(ସମିସ):** ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ପକ୍ଷରୁ ଯାଜପୁର ଜିଲ୍ଲା ପରିଷଦ ତୃତୀୟ ବୈଠକ ପାଣିକୋଇଲି ଠାରେ ଅନୁଷ୍ଠିତ ହୋଇଯାଇଛି କୋରେଇ ଜୋନାଲ କମିଟି ସମ୍ପାଦକ କମ୍ରେଡ ଆଲୋକ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଯାଜପୁର ଜୋନ ସମ୍ପାଦକ ଏସ ଶତପଥିଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଏଆଇଟିୟୁସି ରାଜ୍ୟ ସମ୍ପାଦକ ବିଜୟ ଜେନା, ଜିଲ୍ଲା ସମ୍ପାଦକ ଇଶ୍ୱର ପରିଡ଼ା ଯୋନ ସମ୍ପାଦକ ଅଜୟ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ସିପିଆଇଏମର ଜିଲ୍ଲା ସମ୍ପାଦକ ଡ. ନିର୍ମଳ ରଥଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଅଗଷ୍ଟ ୬ରୁ ୧୫ ପର୍ଯ୍ୟନ୍ତ ଗାଁ ଗାଁରେ ସଚେତନତା ପଦଯାତ୍ରା, ସେପ୍ଟେମ୍ବର ୨୮ ଦିଲ୍ଲୀ ସମାବେଶରେ ବହୁ ସଂଖ୍ୟାରେ ଯୋଗଦାନ, ଜୁନ ୪ରୁ ୧୦ ତାରିଖ ପର୍ଯ୍ୟନ୍ତ କମ୍ରେଡ ଗୋଲକ ମହାନ୍ତି ସର୍ମକରେ ସ୍ମାରକୀ ରାଜ୍ୟସ୍ତରୀୟ ଶିକ୍ଷା ଶିବିରରେ ଯୋଗଦାନ ସର୍ମକରେ ଆଲୋଚନା କରାଯାଇଥିଲା। ସୁରେନ୍ଦ୍ର ମଲିକ, ଗଗନ ଜେନା, ବିଜୟ ନାୟକ, ଅଭୟ ପଣ୍ଡା, ଲକ୍ଷ୍ମୀକାନ୍ତ ବାରିକ, କରୁଣାକର ମହାରଣା, ସୁର ମୋହନ ମହା।ପତ୍ର, ଭରତ ଜେନା, ଭଗବାନ ପଣ୍ଡା, ଚୌଧୁରୀ ଜେନା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ଯାଜପୁରରେ ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ସମୀକ୍ଷା



**ଯାଜପୁର, ୩୦।୫(ସମିସ)**

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଜି ଯାଜପୁର ଗସ୍ତରେ ଜିଲ୍ଲାରେ ଖରିଫ ଓ ରବି ଧାନ ସଂଗ୍ରହ ବାବଦରେ ସମୀକ୍ଷା କରିଛନ୍ତି। ଜିଲ୍ଲା ଯୋଗାଣ ଅଧିକାରୀ ଯୋଗାଣ ବ୍ୟବସ୍ଥା, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା, ପିଡିଏସ ହିତାଧିକାରୀଙ୍କ ଇ-କେୱାଇସି ସମ୍ବନ୍ଧୀୟ ପରିସଂଖ୍ୟାନ ମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରିଥିଲେ। ଆର୍ଥିକ ବର୍ଷ ୨୦୨୫-୨୬ରେ ଖରିଫ ଧାନ ସଂଗ୍ରହରେ ଯାଜପୁର ଜିଲ୍ଲା ୯୮.୧୬ ପ୍ରତିଶତ ଟାର୍ଗେଟ ହାସଲ କରିଛି ଏବଂ ୯୧.୧୭ ପ୍ରତିଶତ ଚାଷୀ ଏଥିରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ଏହି ସଫଳତା ପାଇଁ ସରକାର ରାଜ୍ୟ ସ୍ତରରେ ଯାଜପୁର ଜିଲ୍ଲାକୁ ପୁରସ୍କୃତ କରିଛନ୍ତି। ୨୫-୨୬ ଆର୍ଥିକ ବର୍ଷରେ ୫୯, ୯୬୧ ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ମୋଟ ୧୯, ୪୪, ୬୩୮ କ୍ୱିଣ୍ଟାଲ ଖରିଫ ଧାନ ସଂଗ୍ରହ କରାଯାଇଛି। ସେହିଭଳି ଚଳିତ ରବି ଋତୁରେ ୩୦ଟି ପ୍ରାଥମିକ କୃଷି ସମବାୟ ସମିତି ପଞ୍ଜୀକରଣ କରିଥିବା ବେଳେ ୯ଟି ମିଲର ଅଂଶଗ୍ରହଣ କରିଛନ୍ତି ଏବଂ ୪୬୦୭ କୃଷକ ପଞ୍ଜୀକରଣ କରିଛନ୍ତି। ସରକାରଙ୍କ ପକ୍ଷରୁ ଯାଜପୁର ଜିଲ୍ଲା ପାଇଁ ୧, ୧୫, ୫୦୦ କ୍ୱିଣ୍ଟାଲ ରବି ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଧାନ ସଂଗ୍ରହ ବେଳେ ଚାଷୀଙ୍କୁ ଭଲ ବ୍ୟବହାର ପ୍ରଦର୍ଶନ କରିବା ସହ ସମ୍ପୃକ୍ତ ନୋଡାଲ ଅଫିସର ସେଠାରେ ଉପସ୍ଥିତ ରହିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହାସହ ଗରିବ ଲୋକ ଯେମିତି ତୁରନ୍ତ ରାସନ୍ କାର୍ଡ ପାଇବେ, ସେ ଦିଗରେ ଦୃଷ୍ଟି ଦେବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଯୋଗାଣ ବିଭାଗରେ ଦୁର୍ନୀତିକୁ ସହ୍ୟ କରାଯିବ ନାହିଁ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କଡ଼ାକଡ଼ି କହିଛନ୍ତି। ଯେଉଁଳି ଟଙ୍କାଟିଏ ମଧ୍ୟ ଦୁର୍ନୀତି ନ ହେବ, ସେ ଦିଗରେ ସଚେତନ ହେବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେଉଁ କେଉଁ ସ୍ଥାନରେ ଧାନ ରଖିବା ପାଇଁ ଗୋଦାମ ଆବଶ୍ୟକ ରହିଛି, ସେ ସମ୍ପର୍କରେ ଲିଖିତ ଭାବେ ଜଣାଇବାକୁ ବିଭାଗୀୟ ଅଧିକାରୀଙ୍କୁ ମନ୍ତ୍ରୀ କହିଥିଲେ। ଏହାସହ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଆରମ୍ଭ ହେବ ଏବଂ ହିତାଧିକାରୀ ଏଣିକି ଅଧିକ ୫ କେଜି ଲେଖାଏ ଚାଉଳ ପାଇବେ ବୋଲି ଯୋଗାଣ ମନ୍ତ୍ରୀ ଉଲ୍ଲେଖ କରିଥିଲେ। ଏହାଦ୍ୱାରା ଲୋକଙ୍କ ଖାଦ୍ୟ ସମସ୍ୟା ଦୂର ହେବ ବୋଲି ସେ କହିଛନ୍ତି। ଜିଲ୍ଲାରେ ପ୍ରତି ୧୦୦ରେ ୮୩ ଜଣ ହିତାଧିକାରୀ ଖାଦ୍ୟ ସୁରକ୍ଷା ଆଇନରେ ସାମିଲ ହୋଇଛନ୍ତି। ଯାଜପୁର ଜିଲ୍ଲାରେ ମୋଟ ୧୫, ୨୦, ୨୦୨ ହିତାଧିକାରୀ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନରେ ଅନ୍ତର୍ଭୁକ୍ତ ଅଛନ୍ତି। ବର୍ତ୍ତମାନ ୯୭ ପ୍ରତିଶତ ପିଡିଏସ ହିତାଧିକାରୀଙ୍କ ଇ-କେୱାଇସି ଶେଷ ହୋଇଛି। ଆସନ୍ତା ମାସ ଶେଷ ସୁଦ୍ଧା ଶହେ ପ୍ରତିଶତ ଇ-କେୱାଇସି ଶେଷ କରିବା ପାଇଁ ଚେଷ୍ଟା କରାଯାଉଛି ବୋଲି ଜିଲ୍ଲା ଯୋଗାଣ ଅଧିକାରୀ କହିଥିଲେ। ଏହାସହ ମନ୍ତ୍ରୀ ଶ୍ରୀ ପାତ୍ର ଏଲ୍‌ପିଜି ଗ୍ୟାସ ଯୋଗାଣ ସ୍ଥିତି ମଧ୍ୟ ସମୀକ୍ଷା କରିଥିଲେ। ମଇ ମାସ ସୁଦ୍ଧା ଯାଜପୁର ଜିଲ୍ଲାରେ ୩୫ଟି ଏଜେନ୍ସି ଏବଂ ୨୩ଟି ଅନ୍ୟାନ୍ୟ ଜାଗା ଉପରେ ଇନ୍ସପେକ୍ସନ କରାଯାଇଛି। ଯୋଗାଣ ବିଭାଗ ପକ୍ଷରୁ ୩୧୯ଟି ଘରୋଇ ସିଲିଣ୍ଡର ଏବଂ ୪୭ଟି କମର୍ସିଆଲ ସିଲିଣ୍ଡର ସିଜ୍ କରାଯାଇଛି। ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ଯୋଗାଣ ଅଧିକାରୀ ଦିଲ୍ଲୀପ ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ବ୍ଲକର ବିଡିଓ, ମାର୍କେଟ ଇନ୍ସପେକ୍ଟର, ଆରଏମସି ସମ୍ପାଦକ, ସମବାୟ, କୃଷି ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବଡ଼ଚଣା ବିଡ଼ିଓ ରବୀନ୍ଦ୍ର କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



**ଯାଜପୁର, ୩୦।୫(ସମିସ):** କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ଏବଂ କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନ ଆଗ୍ରା ଦ୍ୱାରା ପ୍ରାୟୋଜିତ ତଥା ହିନ୍ଦୀ ଶିକ୍ଷା ସଂସ୍ଥାନ, ଓଡ଼ିଶା ବିରଜା କ୍ଷେତ୍ର ଯାଜପୁର ମାଧ୍ୟମରେ ଯାଜପୁର ଗରିଆପୁର ବିଦ୍ୟାଳୟରେ ପରିଚାଳିତ ଭାଷା ପ୍ରଶିକ୍ଷକ ଶିବିର ଉଦ୍‌ଯାପିତ ହୋଇଯାଇଛି। ହିନ୍ଦୀ ଶିକ୍ଷା ସଂସ୍ଥାନ, ଓଡ଼ିଶାର ସଭାପତି ଡ.ଅଜିତ୍ ପ୍ରସାଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନ ଭୁବନେଶ୍ୱର ଶାଖାର ନିର୍ଦ୍ଦେଶକ ଡ. ରଞ୍ଜନ କୁମାର ଦାଶ, ହାଇଦ୍ରାବାଦରୁ ଆସିଥିବା ପ୍ରଫେସର ଡ. ଚନ୍ଦ୍ର ପ୍ରକାଶ ସିଂ, ପୁରୀରୁ ଆସିଥିବା ଅବସରପ୍ରାପ୍ତ ପ୍ରଫେସର ଡ. ଲକ୍ଷ୍ମୀଧର ଦାଶ ଉପସ୍ଥିତ ଥିଲେ। ସଂସ୍ଥାନର ସଂଯୋଜକ ଜହିରୁଦ୍ଦିନ ଖାଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ରବି ଶତପଥୀ ଅନୁଷ୍ଠାନର ବିବରଣୀ ପ୍ରଦାନ କରିଥିଲେ। ହିନ୍ଦୀ ସଂସ୍ଥାନର କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର ସାହୁ, ଉପସଭାପତି ବେଣୁଧର ମହାରଣା ଏବଂ ଗରିଆପୁର ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ନାୟକ ନିଜ ନିଜ ବକ୍ତବ୍ୟରେ ରଖିଥିଲେ। ଚଳିତ ବର୍ଷ ୯୧ ଜଣ ଛାତ୍ର-ଛାତ୍ରୀ ୧୨ ଦିବସୀୟ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିଲେ। ଯୋଗ୍ୟତା ଅନୁସାରେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ସୁଶ୍ରୀ ମୋନାଲିସା ପଣ୍ଡା, ସସ୍ମିତା ରାଉତ, ଅଜିରୁଦ୍ଦିନ ଖାଁ, ହରିଶ୍ଚନ୍ଦ୍ର ସାହୁ, ପୂଜାରିଣୀ ସାହୁ ଏବଂ ଗୋମତୀରାଣୀ ପୃଷ୍ଟିଙ୍କୁ ସମ୍ମାନିତ କରାଯାଇଥିଲା। ଏମାନଙ୍କ ସହିତ ଉପସ୍ଥିତ ୯୧ଜଣ ପ୍ରଶିକ୍ଷଣାର୍ଥୀ ମାନଙ୍କୁ କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନ, ଆଗ୍ରା ତରଫରୁ ପ୍ରଶିକ୍ଷଣ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ପ୍ରଶିକ୍ଷଣ ଶିବିରକୁ ଭୁବନେଶ୍ୱରରୁ ଆସିଥିବା କାର୍ଯ୍ୟାଳୟ ସହାୟକ ବିବେକାନନ୍ଦ ବିଶ୍ୱକର୍ମା, ହିନ୍ଦୀ ଶିକ୍ଷା ସଂସ୍ଥାନ, ଯାଜପୁରର ନୂତନ କୁମାର ଦାସ, ବିନୋଦ କୁମାର ପାଣିଗ୍ରାହୀ, ସୌଭାଗ୍ୟ କୁମାର ନାୟକ ପରିଚାଳନାରେ ସହଯୋଗ କରିଥିଲେ।

## ଯୋଗାଣ ମନ୍ତ୍ରୀଙ୍କ ଅଚାନକ ବିଞ୍ଝାରପୁର ଗସ୍ତ

**ବିଞ୍ଝାରପୁର, ୩୦।୫(ସମିସ):** ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଶନିବାର ଅପରାହ୍ଣରେ ଅଚାନକ ବିଞ୍ଝାରପୁର ବ୍ଲକ ଗସ୍ତରେ ଆସି ଫତେପୁରସ୍ଥିତ ବରୁଣେଇ ପ୍ରାଥମିକ କୃଷି ସମବାୟ ସମିତିରେ ପହଞ୍ଚି ଚାଷୀ ସମସ୍ୟା, ରବି ଋତୁରେ ଧାନ କିଣା ସମ୍ପର୍କରେ ସମୀକ୍ଷା କରିବା ସହିତ ସମ୍ପାଦକ ମାନସରଞ୍ଜନ କବିଙ୍କ ଠାରୁ ସମିତିର ଭିତ୍ତିଭୂମି ସମ୍ପର୍କରେ ପଚାରି ବୁଝିଥିଲେ। ତେବେ ଏହି ସମିତିରେ ଗୋଦାମ ଗୃହ, ଚାଷୀଙ୍କ ପାଇଁ ବିଶ୍ରାମ ଗୃହ ନ ଥିବାରୁ ମନ୍ତ୍ରୀ ଶ୍ରୀ ପାତ୍ର କ୍ଷୋଭ ପ୍ରକାଶ କରିବା ସହିତ ତୁରନ୍ତ ଭିତ୍ତିଭୂମିର ବିକାଶ ପାଇଁ ବିଭାଗିୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀ ଶ୍ରୀ ପାତ୍ରଙ୍କ ଏହି ଗସ୍ତ ସମୟରେ ଉପଜିଲ୍ଲାପାଳ ରଞ୍ଜନ କୁମାର ଦେହୁରୀ, ବିଡିଓ ଆକାଶ ପଟ୍ଟନାୟକ, ବିଜେପି ସଭାନେତ୍ରୀ ବବିତା ମଲ୍ଲିକ, ଜ୍ୟୋତି ପ୍ରକାଶ ନାୟକ, ଜିତେନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଦିବ୍ୟାଙ୍ଗ ଦିଲ୍ଲୀପଙ୍କୁ ସହାୟତା



**ବ୍ରହ୍ମବରଦା, ୩୦।୫(ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ବନ୍ଧଡିହ ପଞ୍ଚାୟତ ୬ ନମ୍ବର ୱାର୍ଡର ବାବାଜୀ ସାହୁଙ୍କ ପୁଅ ଦିଲ୍ଲୀପ କୁମାର ସାହୁ(୫୯) ଗତ କିଛି ମାସ ତଳେ ବାମ ଗୋଡ଼ ହରାଇ ଦିବ୍ୟାଙ୍ଗ ଜୀବନ ଅତିବାହିତ କରୁଛନ୍ତି। ତାଙ୍କର ବାମ ଗୋଡ଼ ପାଦରେ ଏକ ଘାଆ ହୋଇ ଥିଲା। ଡାଇବେଟିସ କାରଣରୁ ଘାଆ ସଂକ୍ରମିତ ହେବା ଦ୍ୱାରା ନିଜ ଗାଁରେ ଚିକିତ୍ସା କରାଇବା ପରେ ଭଲ ନ ହେବାରୁ ଦିଲ୍ଲୀପ କଟକ ବଡ଼ ମେଡିକାଲରେ ଚିକିତ୍ସା କରାଇଥିଲେ। କିନ୍ତୁ ପାଦ ଭଲ ହେବା ପରିବର୍ତ୍ତେ ସଂକ୍ରମଣ ଅଧିକ ହେବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ସଂକ୍ରମଣ ରୋକିବା ପାଇଁ ତାଙ୍କର ବାମ ଗୋଡ଼ କଟା ଯାଇଥିଲା। ଗୋଡ ହରେଇ ବା ପରେ ସେ ସମ୍ପୂର୍ଣ୍ଣ ବେରୋଜଗାର ହୋଇ ଯାଇଥିଲେ। ଦିଲ୍ଲୀପଙ୍କ ଏପରି ଅବସ୍ଥା ବିଷୟରେ ଜାଣିବା ପରେ ରସୁଲପୁର ବ୍ଲକର ଏକ ଅଗ୍ରଣୀ ଅନୁଷ୍ଠାନ ପ୍ରମୋଦ ପତି ଫାଉଣ୍ଡେସନ ସଂଗଠନ ସାହାଯ୍ୟର ହାତ ବଢ଼ାଇଥିଲା। ଫାଉଣ୍ଡେସନର ସଚିବ ଦିବ୍ୟଜ୍ୟୋତି ପତି (ଦିପୁ)ଙ୍କ ସମେତ ଚିତ୍ତରଞ୍ଜନ ଦାସ, ମାନୋଜ ସାହୁ, ସନ୍ତୋଷ କୁମାର ସାହୁ, ଜ୍ଞାନେନ୍ଦ୍ର କୁମାର ମହାନ୍ତି ଓ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ରହି ଏକ ମାସ ପାଇଁ ରାସନ ସହିତ ମେଡିସିନ ଖର୍ଚ୍ଚ ବାବଦକୁ କିଛି ଆର୍ଥିକ ଟଙ୍କା ଦିଲ୍ଲୀପଙ୍କୁ ସହାୟତା ପ୍ରଦାନ କରିଥିଲେ। ଦିଲ୍ଲୀପଙ୍କୁ ଏକ ତିନି ଚକିଆ ଟ୍ରାଇ ସାଇକଲ ଯୋଗାଇ ଦେବାକୁ ଶ୍ରୀ ପତି ପ୍ରତିଶ୍ରୁତି ଦେଇଥିଲେ।

## ବରୀ ବ୍ଲକ୍‌ରେ ବିକାଶ ଠପ୍

# ଅସନ୍ତୋଷ ପ୍ରକାଶ କଲେ ବରୀ ବିଧାୟକ



**ବରୀ, ୩୦।୫(ସମିସ):** ଯାଜପୁର ଜିଲ୍ଲାର ପ୍ରମୁଖ ବ୍ଲକ ଭାବେ ଜଣା ବରୀ ବ୍ଲକରେ ବିକାଶ ଠପ୍। ପ୍ରଶାସନିକ ଅବ୍ୟବସ୍ଥା ଓ ବିଡିଓ ଅଦଳ ବଦଳରେ ସମୟ ଯାଉଥିବା ବେଳେ ଲୋକଙ୍କ ପାଖରେ ସରକାରୀ ସେବା ପହଞ୍ଚି ପାରୁନି। ଏପରିକି ବିଧବା, ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ମାନଙ୍କ ପାଇଁ ମିଳୁଥିବା ସହାୟତା ଅର୍ଥ ଦୁଇ ମାସ ହେବ ମିଳି ନଥିବାରୁ ଦୈନିକ ଶହ ଶହ ସଂଖ୍ୟାରେ ବୃଦ୍ଧ, ବୃଦ୍ଧା ବ୍ଲକ କାର୍ଯ୍ୟାଳୟକୁ ଆସି ନିରାଶ ହୋଇ ଫେରିକି ଯାଉଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଓ ଅନ୍ତ୍ୟୋଦୟ ଗୃହ ଯୋଜନାରେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ ହୋଇଥିବା ବେଳେ ଲୋକଙ୍କ ଖାତାକୁ ଟଙ୍କା ଯାଉନାହିଁ। ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳରେ ବିକାଶ ପାଇଁ ସରକାର ଅର୍ଥ ଦେଉଥିବା ବେଳ ବରୀ ବ୍ଲକରେ ତାହା ଆରମ୍ଭ ହୋଇନାହିଁ। ଏହିପରି ଅନେକ ସରକାରୀ ଯୋଜନା ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବାକୁ ବରୀ ବ୍ଲକ ପ୍ରଶାସନ ବିଫଳ ବୋଲି ଆଜି ବରୀ ବ୍ଲକ କାର୍ଯ୍ୟାଳୟକୁ ଗସ୍ତ କରି ଅସନ୍ତୋଷ ପ୍ରକାଶ କରିଛନ୍ତି ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ। ଆଜି ବରୀ ବ୍ଲକ କାର୍ଯ୍ୟାଳୟରେ ସରକାରୀ ଯୋଜନା ଏବଂ ବ୍ଲକରେ ବିକାଶ କାର୍ଯ୍ୟକୁ ତଦାରଖ କରିବାକୁ ବିଧାୟକ ପୂର୍ବରୁ ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ମିନତୀ ଜଗଦେବଙ୍କୁ ସୂଚନା ଦେଇଥିଲେ। ଆଜି ସକାଳ ୮.୩୦ରେ ବ୍ଲକ କାର୍ଯ୍ୟାଳୟରେ ବିଧାୟକ ପହଞ୍ଚିବା ପରେ ବିଡିଓଙ୍କୁ ଛାଡି ଅନ୍ୟ କର୍ମଚାରୀ ତଥା ଜେଇ, ଏଇମାନେ ଅନୁପସ୍ଥିତ ଥିଲେ। ଯାହାକି ବିକାଶ ପାଇଁ ତଦାରଖ କରିବା ସମ୍ଭବ ହୋଇନଥିଲା। ଯାହାକୁ ନେଇ ବିଧାୟକ ଶ୍ରୀଯୁକ୍ତ ମଲ୍ଲିକ ବ୍ଲକ ପ୍ରଶାସନ ଉପରେ ଅସନ୍ତୋଷ ପ୍ରକାଶ କରିବା ସହ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିବା ପ୍ରକାଶ କରିଛନ୍ତି। ଏ ନେଇ ବରୀ ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ମିନତୀ ଜଗଦେବଙ୍କୁ ପଚାରିବାରୁ କିଛି ଅସୁବିଧା ରହିଛି କିଛି ସମନ୍ୱୟ ଅଭାବରୁ କିଛି କାର୍ଯ୍ୟ ରେ ବାଧକ ଆସୁଛି। ଆଗକୁ ସବୁ କାର୍ଯ୍ୟ ସଠିକ୍ ଭାବେ ହେବ ବୋଲି ପ୍ରକାଶ କରିଛନ୍ତି।

## ବନ୍ଧୁକ ଦେଖାଇ ଲୁଟ ଉଦ୍ୟମ; ଜଣେ ଅଟକ

**ଧର୍ମଶାଳା, ୩୦।୫(ସମିସ):** ଧର୍ମଶାଳା ଥାନା ୧୬ ନମ୍ବର ଜାତୀୟ ରାଜପଥର ସାରୋଇ ନିକଟରେ ବନ୍ଧୁକ ଦେଖାଇ ଲୁଟ୍ ଉଦ୍ୟମ କରୁଥିବା ଜଣେ ଯୁବକକୁ ସ୍ଥାନୀୟ ଲୋକଙ୍କ ସହାୟତାରେ ପୁଲିସ କାବୁ କରିବାରେ ସକ୍ଷମ ହୋଇଛି। ମିଳିଥିବା ସୂଚନା ଅନୁସାରେ ଆଜି ସକାଳ ୭ଟା ୩୦ମିନିଟ୍ ସମୟରେ ରାଜପଥର ସାରୋଇ ନିକଟରେ ଭୁବନେଶ୍ୱର ମୋଚି ସାହି ଅଞ୍ଚଳର ଆର ଆଦିତ୍ୟ ରାଓ ରାସ୍ତାରେ ଯାଉଥିବା ଲୋକଙ୍କ ଠାରୁ ବନ୍ଧୁକ ଦେଖାଇ ଲୁଟ ଉଦ୍ୟମ କରୁଥିବା ସମୟରେ ସ୍ଥାନୀୟ ଲୋକେ ତାକୁ କାବୁ କରି ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଧର୍ମଶାଳା ପୁଲିସ ସେଠାରେ ପହଞ୍ଚି ଉକ୍ତ ଯୁବକକୁ ଗିରଫ କରିବାରେ ସଫଳ ହୋଇଛି। ତେବେ ଯୁବକ ଜଣକ ବ୍ୟବହାର କରିଥିବା ବନ୍ଧୁକ ଅସଲି କିମ୍ବା ନକଲି ଓ ଯୁବକ ସମ୍ପର୍କରେ ପୁଲିସ ଅଧିକ ତଥ୍ୟ ଯୋଗାଡ କରୁଛି। ଏଥିସହ ପୁଲିସ ଉକ୍ତ ଯୁବକକୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି ବୋଲି ଥାନା ଅଧିକାରୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

## ମା' ତାରିଣୀ କ୍ଲବ ପକ୍ଷରୁ ସଫେଇ



**ବରୀ, ୩୦।୫(ସମିସ):** ବରୀ ବ୍ଲକ ଅନ୍ତର୍ଗତ ବାଲିଆପାଳ ସ୍ଥିତ ମା' ତାରିଣୀ କ୍ଲବ ଆନୁକୂଲ୍ୟରେ ବିନାୟକ ଦାମୋଦର ସାବରକରଙ୍କ ଜୟନ୍ତୀ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କ୍ଲବର ସଭାପତି ଅନାଦି ଚରଣ ବେହେରା, ସମ୍ପାଦକ ପ୍ରଦୀପ କୁମାର ସାହୁ, ସମାଜସେବୀ ଦଶରଥ ସାହୁ, ରାଜେନ୍ଦ୍ର କୁମାର ଦାସ ଓ ତରଣୀସେନ ଦାସ ଅତିଥି ଭାବେ ଯୋଗଦାନ କରିଥିଲେ। ସମାଜସେବୀ ସୁଶାନ୍ତ କୁମାର ସାହୁ, ମାନସ ରଞ୍ଜନ ମଲ୍ଲିକ, ଉତ୍ତମ କୁମାର ମଲ୍ଲିକ, ଦୋଳଗୋବିନ୍ଦ ସାହୁ, ଅର୍ଜୁନ କୁମାର ପାଣି, ପ୍ରଫୁଲ୍ଲ କୁମାର ସାହୁ କାର୍ଯ୍ୟକ୍ରମର ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଏକାଡେମୀ ଅଫ ସକସେସର ଛାତ୍ର ଛାତ୍ରୀ ରାସ୍ତା ସଫେଇ କରିଥିଲେ।

## ବର୍ଜ୍ୟ ପାଉଁଶ ବଢ଼ାଉଛି ବାୟୁ ପ୍ରଦୂଷଣ



**ଦାନଗଦି, ୩୦।୫(ସମିସ):** ଦାନଗଦି ବ୍ଲକ ଅନ୍ତର୍ଗତ ଧୂଳିଗଡ଼ ପଞ୍ଚାୟତର ମାନଗୋବିନ୍ଦପୁର ଗ୍ରାମ ନିକଟରେ ବେଆଇନ ଭାବେ କାରଖାନା ବର୍ଜ୍ୟ ପାଉଁଶ ସବୁ ଗଚ୍ଛିତ ରଖାଯାଇ ରାତି ଅଧିଆ ବିକ୍ରି କରାଯାଉଛି। ସାମାନ୍ୟ ପବନରେ ଏହି ପାଉଁଶ ସବୁ ଉଡ଼ି ଗାଁ ଗଣ୍ଡାର କୂଅ ପୋଖରୀ ସମେତ ବାୟୁ ପ୍ରଦ୍ୟୁଷଣ କରୁଛି। ଏହି ପାଉଁଶ ସବୁକୁ କିଏ ପକାଉଛି ପୁଣି ରାତି ଅଧିଆ ବିକ୍ରି କରୁଛି କାହା ସାହସରେ ବିନା ଅନୁମତିରେ ଜନବସତି ଓ ବିଦ୍ୟାଳୟ ପାଖରେ ଏଭଳି କାମ କରୁଛି ତାହା ତଦନ୍ତ ସାପେକ୍ଷ। ବାୟୁ ପ୍ରଦୂଷଣ ନିମନ୍ତେ ବାରମ୍ବାର ଗଣ ମାଧ୍ୟମରେ ଖବର ପ୍ରକାଶ ପାଉ ଥିଲେ ମଧ୍ୟ କିଛି ମାଫିଆ ପାଉଁଶ ଗଦା କରି ରାତି ଅଧିଆ ବିକ୍ରି କରି ମାଲେ ମାଲ ହୋଉଥିବା ବେଳେ ଜନସାଧାରଣ ବାୟୁ ପ୍ରଦୂଷଣରେ ବିଭିନ୍ନ ରୋଗରେ ପଡ଼ି ମୃତ୍ୟୁ ବରଣ କରୁଛନ୍ତି। ତେବେ କିପରି ଓ କାହା ନିର୍ଦ୍ଦେଶରେ ମାନ ଗୋବିନ୍ଦପୁର ଗ୍ରାମରେ ଏହି ବେଆଇନ ପାଉଁଶ ସବୁ ଗଦା ହୋଇଛି ତାହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ରବି ଲାବଣ୍ୟଙ୍କ ୮୯ତମ ଜୟନ୍ତୀ ଉତ୍ସବ

**ଧର୍ମଶାଳା, ୩୦।୫(ସମିସ):** ରବି ଲାବଣ୍ୟଙ୍କ ପରି ରାଜନେତା ବିରଳ। ରବି ଲାବଣ୍ୟଙ୍କ ସଂଗ୍ରାମ ଓ ସଂଘର୍ଷମୟ ଜୀବନ ଆଗାମୀ ପିଢ଼ୀ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ୮୯ତମ ଜୟନ୍ତୀ ଉତ୍ସବରେ ଯୋଗ ଦେଇ ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି। ଧର୍ମଶାଳା ବ୍ଲକ କାଏମା କଲ୍ୟାଣ ମଣ୍ଡପ ପ୍ରାଙ୍ଗଣରେ 'ବନ୍ଦେ ଉତ୍କଳ ଜନନୀ' ପକ୍ଷରୁ ଆୟୋଜିତ ଜୟନ୍ତୀ ଉତ୍ସବକୁ ଆମ ଓଡ଼ିଶାର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ବନ୍ଦେ ଉତ୍କଳ ଜନନୀର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ମନ୍ତ୍ରୀ ଶଶୀଭୂଷଣ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ବିରୋଧୀ ଦଳ ନେତା ସଚ୍ଚିଦାନନ୍ଦ ଦଲାଲ୍ ଯୋଗଦେଇଥିଲେ। ଅନ୍ୟତମ ଅତିଥି ପୂର୍ବତନ ସାଂସଦ ତଥା ଓଡ଼ିଶା ବିଧାନସଭାର ମୁଖ୍ୟ ସଚେତକ ରବି ନାରାୟଣ ପାଣି, କଲିକତା ଶାନ୍ତିନିକେତନ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର୍ ବୈଷ୍ଣବ ସାମଲ ପ୍ରମୁଖ ଯୋଗଦେଇଥିଲେ। ଉତ୍ସବରେ ସମାଜସେବୀ ମିନତୀ ସାହୁ, ଅଭ୍ୟର୍ଥନା କମିଟି ସଦସ୍ୟ କାହ୍ନୁଚରଣ ଦାଶ, ଡ. ରାଜକିଶୋର ପାଢ଼ୀ ଯୋଗଦେଇଥିଲେ। ସ୍ୱର୍ଗତ ଲାବଣ୍ୟଙ୍କ ଜ୍ୟେଷ୍ଠପୁତ୍ର ପ୍ରାଧ୍ୟାପକ ବଳଭଦ୍ର ଦାଶ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ସ୍ମରଣିକା 'ସ୍ୱାଭିମାନ'ର ଚତୁର୍ଥ ଭାଗକୁ ଅତିଥିମାନେ ଲୋକାର୍ପଣ କରିଥିଲେ। ସ୍ମରଣିକା ସମ୍ପାଦକ ଡ. ପ୍ରଶାନ୍ତ କୁମାର ସ୍ୱାଇଁ ଏହାର ସମୀକ୍ଷା କରିଥିଲେ। ପତ୍ରିକାର ସହସମ୍ପାଦିକା ପ୍ରେମଲତା ମହାରଣା ଓ ସୁଭଦ୍ରା କୁମାରୀ ଦାଶ ଉନ୍ମୋଚନ ବେଳେ ଉପସ୍ଥିତ ଥିଲେ। ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ଅଶ୍ରୁମୋଚନ ମହାନ୍ତି ଓ ଶ୍ୟାମସୁନ୍ଦର ହାଇସ୍କୁଲ୍ ମିର୍ଜାପୁରର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଦ୍ମନାଭ ସାହୁଙ୍କୁ ରବିଲାବଣ୍ୟ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା। ଧର୍ମଶାଳା ବ୍ଲକ ମାଟ୍ରିକ ପରୀକ୍ଷାରେ ଚଳିତ ବର୍ଷ ଏ-୧ ପାଇଥିବା କୃତୀ ଛାତ୍ରଛାତ୍ରୀଙ୍କୁ



ରବିଲାବଣ୍ୟ ମେଧାବୀ ପ୍ରତିଭା ସମ୍ମାନରେ ସମ୍ମାନୀତ କରାଯିବା ସହ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ପ୍ରାଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ। ଅଭ୍ୟର୍ଥନା କମିଟିର ସଦସ୍ୟ ଡ. ଜଗନ୍ନାଥ ଜେନା, ଡ. ରମାକାନ୍ତ ଜେନା, ଡ. ତୁହିନାଂଶୁ ରଥ, ଗଙ୍ଗାଧର ପରିଡ଼ା, ଅଭିମନ୍ୟୁ ଧଳ, ଭରତ ଦାସ, ନିରଞ୍ଜନ କଦମ, ଅକ୍ଷୟ ଦାଶ, ପ୍ରଶାନ୍ତ ଜେନା ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ। ସ୍ୱର୍ଗତ ଲାବଣ୍ୟଙ୍କ କନିଷ୍ଠପୁତ୍ର ଆଇନଜୀବୀ ଶ୍ୟାମ ପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# କବାଟବନ୍ଧ ମେଡିକାଲ ଅନ୍ଧାର; ରୋଗୀ ହନ୍ତସନ୍ତ

**କବାଟବନ୍ଧ, ୩୦।୫(ସମିସ)**



ଶୁକ୍ରବାର ଅପରାହ୍ଣରେ ଧର୍ମଶାଳା ବ୍ଲକ ଅନ୍ତର୍ଗତ କବାଟବନ୍ଧ ଅଞ୍ଚଳରେ ପ୍ରଚଣ୍ଡ କାଳବୈଶାଖୀର ତାଣ୍ଡବ ଯୋଗୁଁ ବିଦ୍ୟୁତ ସେବା ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ସ୍ଥାନୀୟ ଅଞ୍ଚଳରେ ୨୪ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ବିଦ୍ୟୁତ ସେବା ବନ୍ଦ ଥିବାରୁ କବାଟବନ୍ଧ ମେଡ଼ିକାଲରେ ରୋଗୀ ମାନେ ତ୍ରାହି ତ୍ରାହି ଡାକି ଥିଲେ। ଜେନାପୁର ଥାନା ଅଧୀନ କବାଟବନ୍ଧ ବିଦ୍ୟୁତ ସବଷ୍ଟେସନ ଅଧିନ ରାଇଛନ୍ଦା, ରେଖିଦେଇପୁର, ଏଣ୍ଡଲବା, ଚକ୍ରଧରପୁର, କବାଟବନ୍ଧ, ଅଞ୍ଜିରା, ଜେନାପୁର, ବୃନ୍ଦାଦେଇପୁର, ମର୍ଜିତାପୁର, ମଧୁସୂଦନପୁର ସମେତ ବିଭିନ୍ନ ପଞ୍ଚାୟତର ଅନେକ ଗାଁକୁ ଦୀର୍ଘ ୨୪ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ପରେ ମଧ୍ୟ ବିଦ୍ୟୁତ ସେବା ସ୍ୱାଭାବିକ ହୋଇ ପାରି ନ ଥିଲା। ସଧାରଣ ଲୋକଙ୍କ ଅପେକ୍ଷା କବାଟବନ୍ଧ ମେଡ଼ିକାଲକୁ ଆସୁଥିବା ରୋଗୀ ମାନେ ଦୀର୍ଘ ସମୟ ଧରି ବିଦ୍ୟୁତ କାଟ ଯୋଗୁଁ ଅସ୍ତବ୍ୟସ୍ତ ହୋଇଥିଲେ। ଯାହାକି ଜଣେ ରୋଗୀର ଶାରୀରିକ ଯନ୍ତ୍ରଣା ସହିତ ରୋଗ ବୃଦ୍ଧିର ସମ୍ଭାବନା ମଧ୍ୟ ରହିଛି। କବାଟବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ କେବଳ ଧର୍ମଶାଳା ବ୍ଲକ କବାଟବନ୍ଧ ଅଞ୍ଚଳର ରୋଗୀ ତଥା ଜନସାଧାରଣ ନୁହଁନ୍ତି ବରଂ ଜିଲ୍ଲାର ସୁକିନ୍ଦା ଏବଂ ଦାନଗଦୀ ବ୍ଲକ ସମେତ ପଡୋଶୀ ଢେଙ୍କାନାଳ ଜିଲ୍ଲାର ରୋଗୀ ମାନେ ମଧ୍ୟ ନିର୍ଭର କରନ୍ତି। ଦୈନିକ ପ୍ରାୟ ୨ ଶହରୁ ଉର୍ଦ୍ଧ୍ୱ ରୋଗୀ ଏଠାକୁ ଚିକିତ୍ସା ପାଇଁ ଆସିଥାନ୍ତି। ଦୂରଦୂରାନ୍ତରୁ ଆସୁଥିବା ରୋଗୀ ମାନଙ୍କୁ ଚିକିତ୍ସା ପାଇଁ ସାଧାରଣତଃ ଅପେକ୍ଷା କରିବାକୁ ପଡ଼େ। ମାତ୍ର ରୋଗୀ ମାନେ ପ୍ରତୀକ୍ଷାଳୟରେ ଗରମ ଗୁଳୁଗୁଳି ରେ ଅସ୍ତବ୍ୟସ୍ତ ହେଉଛନ୍ତି। ମେଡ଼ିକାଲରେ ଇନଭର୍ଟର ସୁବିଧା ରହିଥିଲେ ମଧ୍ୟ ତାହା ଅଳ୍ପ ସମୟ ପାଇଁ କାର୍ଯ୍ୟ କରେ। ଲାଇନ କଟିଲେ ପ୍ରାୟ ୨ ରୁ ୩ ଘଣ୍ଟା ପର୍ଯ୍ୟନ୍ତ ଇନଭର୍ଟର ବ୍ୟାକଅପ ଦିଏ। ତାହା ପୁଣି ପର୍ଯ୍ୟାପ୍ତ ନୁହେଁ। ଏହା ଛଡା ମେଡ଼ିକାଲରେ ରୋଗୀ ଚିକିତ୍ସା ଗୃହ, ଡ୍ରେସିଂ ରୁମ, ମେଡିସିନ୍ ବିତରଣ ଗୃହ, ଚିକିତ୍ସା ୱାର୍ଡ, ସମେତ ଅନ୍ୟାନ୍ୟ ଗୃହ ରହିଛି। ଫଳରେ ଏଠାରେ ଇନଭର୍ଟର କେବଳ ନାମକୁ ମାତ୍ର ରହିଛି। ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ କାଟ ପାଇଁ ଏହା କୌଣସି ସମାଧାନ ର ରାସ୍ତା ନୁହେଁ। ତେଣୁ ରୋଗୀର ସୁବିଧା ନିମନ୍ତେ ଏଠାରେ ଏକ ସ୍ଥାୟୀ ଏବଂ ନିରବଚ୍ଛିନ୍ନ ବିଦ୍ୟୁତ ସେବାର ଆବଶ୍ୟକ ରହିଛି। ଆବଶ୍ୟକ ଅନୁଯାୟୀ ଏଠାରେ ଏକ ଜେନେରେଟର (ଡିଜି)ର ଆବଶ୍ୟକତା ଅତ୍ୟନ୍ତ ଜରୁରୀ। ସ୍ଥାନୀୟ ଜନସାଧାରଣ ଉକ୍ତ ମେଡ଼ିକାଲରେ ଏକ ଜେନେରେଟରର ବ୍ୟବସ୍ଥା କରାଇ ବିଦ୍ୟୁତ କାଟର ସ୍ଥାୟୀ ସମାଧାନ କରାଇବାକୁ ଧର୍ମଶାଳା ବିଧାୟକଙ୍କୁ ଅନୁରୋଧ କରିଛନ୍ତି।



# ରାଜା



ମୂଳ ଇଂରାଜୀ: ଖଲିଲ ଜିବ୍ରାନ
ଅନୁସୃଜନ: ଲଳିତ ମୋହନ ମିଶ୍ର

ସାଦିକ ରାଜ୍ୟର ଲୋକମାନେ ରାଜାଙ୍କ ବିରୁଦ୍ଧରେ ବିଦ୍ରୋହ କଲେ । ନାରାବାଜି କଲେ ଓ ରାଜପ୍ରାସାଦକୁ ଚାରିପଟୁ ଘେରାବନ୍ଦୀ କରିଦେଲେ । ରାଜା ଗୋଟିଏ ହାତରେ ମୁକୁଟ ଏବଂ ଅନ୍ୟ ହାତରେ ରାଜଦଣ୍ଡ ଧରି ଓହ୍ଲାଇ ଆସିଲେ । ମହାରାଜାଙ୍କୁ ସମ୍ମୁଖରେ ଦେଖି ଲୋକମାନେ ନୀରବ ହୋଇଗଲେ । ସେ ସମସ୍ତଙ୍କୁ କହିଲେ, "ହେ ବନ୍ଧୁମାନେ ! ତୁମେମାନେ ମୋର ପ୍ରଜା ନୁହଁ । ମୁଁ ଜଣେ ସାଧାରଣ ଲୋକ । ସାଧାରଣ ଲୋକ ଭାବରେ ମୁଁ ତୁମମାନଙ୍କ ସହିତ କାମ କରିବି ଯେପରି ପରିସ୍ଥିତି ଭଲ ହେବ । ରାଜାର କିଛି ଆବଶ୍ୟକତା ନାହିଁ । ତେଣୁ ସମସ୍ତେ ଆସନ୍ତୁ ମିଳିମିଶି ଅଙ୍ଗୁର କ୍ଷେତକୁ ଯିବା, କାନ୍ଧକୁ କାନ୍ଧ ମିଶାଇ କାମ କରିବା । ତୁମେ ଖାଲି ମୋତେ ଏତିକି କୁହ, ମୁଁ କେଉଁ କ୍ଷେତରେ କାମ କରିବି ? ଆପଣମାନେ ଏବେ ସମସ୍ତେ ରାଜା ।"

ଲୋକମାନେ ଆଶ୍ଚର୍ଯ୍ୟ ହୋଇଗଲେ ଓ ନୀରବ ହୋଇଗଲେ । କାହିଁକି ନା ଯେଉଁ ରାଜାଙ୍କୁ ସେମାନେ ଅସନ୍ତୋଷର କାରଣ ବୋଲି ଭାବିଥିଲେ । ସେ ତାଙ୍କ ମୁକୁଟ ଓ ରାଜଦଣ୍ଡ ସେମାନଙ୍କୁ ହସ୍ତାନ୍ତର କରିଦେଲେ ଓ ସେମାନଙ୍କ ସହିତ ମିଶିଗଲେ । ରାଜା ବିନା ସାଦିକ ରାଜ୍ୟର ଅବସ୍ଥା ଖରାପ, ରାଜ୍ୟ ଉପରେ ଅସନ୍ତୋଷର ମେଘ ଢାଙ୍କି ରହିଛି । ଲୋକମାନେ ବଜାର ହାଟରେ ବଡ଼ ପାଟିରେ କହୁଥିଲେ, ସେମାନଙ୍କୁ ଶାସନ କରିବା ପାଇଁ ଜଣେ ରାଜା ଆବଶ୍ୟକ । ସେତେବେଳେ ବୃଦ୍ଧ ଏବଂ ଯୁବକମାନେ ଏକ ସ୍ୱରରେ କହିଲେ, "ଆମେ ଆମ ରାଜାଙ୍କୁ ଫେରାଇ ଆଣିବୁ ।" ସେମାନେ ସେମାନଙ୍କ ରାଜାଙ୍କୁ ଖୋଜିଲେ ଏବଂ କ୍ଷେତରେ ଝାଳ ବୁହାଇ କାମ କରୁଥିବାର ଦେଖିଲେ । ଲୋକମାନେ ତାଙ୍କୁ ସେଠାରୁ ନେଇଗଲେ । ରାଜ ମୁକୁଟ ରାଜଦଣ୍ଡ ଫେରାଇ ଦେଇ ସିଂହାସନରେ ବସାଇଲେ । ଲୋକମାନେ କହିଲେ, "ଏବେ ତୁମେ ସାହସର ସହିତ ନ୍ୟାୟପୂର୍ଣ୍ଣ ଶାସନ କର ।"

ରାଜା କହିଲେ, "ମୁଁ ଏଥର ଧୈର୍ଯ୍ୟର ସହିତ ଶାସନ କରିବି । ସ୍ୱର୍ଗ ମର୍ତ୍ତ୍ୟର ଦେବତାମାନେ ମୋତେ ଶାସନ କରିବାକୁ ସାହାଯ୍ୟ କରନ୍ତୁ ।" ଦିନେ ଅନେକ ପୁରୁଷ ଓ ମହିଳା ଆସି ଜଣେ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କ ସମ୍ବନ୍ଧରେ ଅଭିଯୋଗ କରିଥିଲେ । ଯିଏ କି ସେମାନଙ୍କୁ ଦୁର୍ବ୍ୟବହାର କରୁଥିଲେ ଏବଂ ତାଙ୍କ ନିକଟରେ ସେ କ୍ରୀତଦାସ ସ୍ୱରୂପ ଥିଲେ । ରାଜା ତୁରନ୍ତ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କୁ ଡାକି କହିଲେ, "ଈଶ୍ୱରଙ୍କ ତରାଜୁରେ ଗୋଟିଏ ବ୍ୟକ୍ତିର ଜୀବନ ଅନ୍ୟ ଜଣଙ୍କ ଜୀବନ ଓଜନଦାର । ତୁମେ ବୁଝିପାରୁନାହିଁ ଯେଉଁମାନେ ତୁମର ଅଙ୍ଗୁର କ୍ଷେତରେ କାମ କରନ୍ତି, ସେମାନଙ୍କ ଜୀବନର ମୂଲ୍ୟାଙ୍କନ କିପରି କରାଯାଏ । ସେଥିପାଇଁ ତୁମକୁ ନିର୍ବାସିତ କରାଗଲା । ତୁମେ ସବୁଦିନ ପାଇଁ ଏହି ରାଜ୍ୟ ଛାଡ଼ି ଚାଲିଯାଅ ।" ପରଦିନ ରାଜାଙ୍କ ପାଖକୁ ଆହୁରି ଅନେକ ଲୋକ ଆସିଲେ । ପର୍ବତ ଆରପଟେ ରହୁଥିବା ଜଣେ ସମ୍ଭ୍ରାନ୍ତ ମହିଳାଙ୍କ ନିର୍ଯାତନା ଓ ନିଷ୍ଠୁରତା ବିଷୟରେ ଅଭିଯୋଗ କରିଥିଲେ । ସେହି ସମ୍ଭ୍ରାନ୍ତ ମହିଳାଙ୍କୁ ତୁରନ୍ତ କୋର୍ଟକୁ ଡକାଗଲା, ରାଜା ତାଙ୍କୁ ମଧ୍ୟ ଦେଶାନ୍ତର ହେବାକୁ କହିଲେ । ଯେଉଁମାନେ ଆମର ଚାଷବାସ କରନ୍ତି ଆମ ଅଙ୍ଗୁର କ୍ଷେତର ଯତ୍ନ ନିଅନ୍ତି ସେମାନେ ଆମଠାରୁ ଶ୍ରେଷ୍ଠ । କାହିଁକି ନା ଆମେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଅନ୍ନ ଖାଉଛେ ଆଉ ଜୀବନ ଅତିବାହିତ କରୁଛେ । ତୁମେ ଏହାର ଅର୍ଥ ବୁଝିପାରୁନାହିଁ, ତେଣୁ ଏହି ଦେଶ ଛାଡ଼ି ଅନ୍ୟ ଦେଶକୁ ଚାଲିଯାଅ । ପୁଣି ଅନେକ ପୁରୁଷ ମହିଳା ଆସିଲେ ଅଭିଯୋଗ କଲେ, ଧର୍ମାଧ୍ୟକ୍ଷ ଆମମାନଙ୍କଠାରୁ ପଥର ମଗାଉଛନ୍ତି ଏବଂ ମନ୍ଦିର ତିଆରି କରୁଛନ୍ତି, କିନ୍ତୁ ଆମକୁ ଗୋଟିଏ ଟଙ୍କା ମଧ୍ୟ ଦେଉ ନାହାଁନ୍ତି । ତାଙ୍କ ଭଣ୍ଡାରରେ ସୁନା ରୁପା ପରିପୂର୍ଣ୍ଣ । ଆମେ କିନ୍ତୁ ଦାରିଦ୍ର୍ୟର ଜୀବନ ବିତାଉ ଅଛୁ । ରାଜା ଧର୍ମାଧ୍ୟକ୍ଷକୁ ଡକାଇଲେ । ଯେତେବେଳେ ଧର୍ମାଧ୍ୟକ୍ଷ ପହଞ୍ଚିଲେ ରାଜା ତାଙ୍କୁ କହିଲେ, "ତୁମେ ପିନ୍ଧୁଥିବା ସୁନା ଜିନିଷର ଅର୍ଥ ହେଉଛି ତୁମେ ଜୀବନରୁ ଜୀବନ ନେଉଥିବା କାମ କରୁଛ, କିନ୍ତୁ କେବେ କାହାକୁ ଜୀବନ ଦେଇନାହଁ । ତେଣୁ ତୁମେ ସଦାସର୍ବଦା ପାଇଁ ଏହି ରାଜ୍ୟ ଛାଡ଼ି ଦେବାକୁ ପଡ଼ିବ ।"

ଏହିପରି ଭାବରେ ସମ୍ପୂର୍ଣ୍ଣ ମାସେ ପର୍ଯ୍ୟନ୍ତ ସ୍ତ୍ରୀ ପୁରୁଷମାନେ ପ୍ରତିଦିନ ରାଜାଙ୍କ ପାଖକୁ ଆସୁଥିଲେ, ସେମାନେ ବହନ କରୁଥିବା ଭାରକୁ ରାଜାଙ୍କୁ କହୁଥିଲେ । ରାଜା ପ୍ରତ୍ୟେକ ଦିନ କିଛି ଅତ୍ୟାଚାରୀଙ୍କୁ ରାଜ୍ୟରୁ ନିର୍ବାସିତ କରୁଥିଲେ । ସାଦିକ ରାଜ୍ୟର ଲୋକମାନେ ଆଶ୍ଚର୍ଯ୍ୟ ହେଉଥିଲେ । ସମସ୍ତଙ୍କର ମନରେ ପ୍ରସନ୍ନତା ଥିଲା । ଦିନକର କଥା ବୃଦ୍ଧ ଓ ଯୁବକମାନେ ରାଜାଙ୍କ ଦୁର୍ଗକୁ ଘେରାବନ୍ଦୀ କରିଦେଲେ । ସମସ୍ତଙ୍କ ସମ୍ମୁଖରେ ରାଜାଙ୍କୁ ଡକାଇଲେ । ଗୋଟିଏ ହାତରେ ତାଙ୍କର ମୁକୁଟ ଏବଂ ଅନ୍ୟ ହାତରେ ତାଙ୍କର ରାଜଦଣ୍ଡ ଧରି ରାଜା ଓହ୍ଲାଇ ଆସିଲେ । ଲୋକମାନେ ରାଜାଙ୍କୁ କହିଲେ, "ଆପଣ ଏବେ ଆମର ଯଥାର୍ଥ ରାଜା । ଆପଣ ଏହି ରାଜ୍ୟରୁ ସାପ ଏବଂ ଗଧିଆମାନଙ୍କୁ ନିପାତ କରିଦେଇଛନ୍ତି । ଆମେ ଆପଣଙ୍କ ପାଇଁ କୃତଜ୍ଞତାର ଗୀତ ଗାଇବାକୁ ଚାହୁଁଛୁ । ଏହି ମୁକୁଟ ଗୌରବ ଆପଣଙ୍କର ଏବଂ ଏହି ରାଜଦଣ୍ଡ ଆପଣଙ୍କର ।"

ତା'ପରେ ରାଜା କହିଲେ "ନା... ନା... ମୁଁ ନୁହେଁ... ତୁମେ ନିଜେ ରାଜା । ଯେତେବେଳେ ତୁମେ ମୋତେ ଜଣେ ଦୁର୍ବଳ ଶାସକ ଓ ଖରାପ ଶାସକ ବୋଲି ଭାବୁଥିଲ, ସେତେବେଳେ ମୁଁ ଦୁର୍ବଳ ଓ ଖରାପ ଶାସକ ଥିଲି । ବର୍ତ୍ତମାନ ତୁମର ଇଚ୍ଛା ଅନୁରୂପ ଶାସନ ଚାଲିଛି । ମୁଁ ତ କେବଳ ତୁମମାନଙ୍କ ମନରେ ବାସ କରିଥିବା ଏକ ଚିନ୍ତାଧାରା । ଯାହା କେବଳ ତୁମ୍ଭମାନଙ୍କ କାର୍ଯ୍ୟପନ୍ଥାରେ ଚାଲେ । ଶାସକ ବୋଲି କୌଣସି ବ୍ୟକ୍ତି ନାହିଁ । କେବଳ ଶାସିତମାନେ ନିଜକୁ ଶାସନ କରିବା ପାଇଁ ଅସ୍ତିତ୍ୱ ପାଆନ୍ତି ।" ଏହା ପରେ ରାଜା ତାଙ୍କର ମୁକୁଟ ଏବଂ ରାଜଦଣ୍ଡ ନେଇ ତାଙ୍କ ଦୁର୍ଗକୁ ଫେରିଗଲେ । ଜ୍ଞାନୀ ଓ ଯୁବକମାନେ ସନ୍ତୁଷ୍ଟ ହୋଇ ନିଜ ନିଜ ବାଟରେ ଚାଲିଗଲେ । ସେମାନଙ୍କ ମଧ୍ୟରୁ ପ୍ରତ୍ୟେକେ ଗୋଟିଏ ହାତରେ ମୁକୁଟ ଓ ଅନ୍ୟ ହାତରେ ରାଜଦଣ୍ଡ ଧରି ନିଜକୁ ରାଜା ବୋଲି ଭାବିବାକୁ ଲାଗିଲେ । ■

ନୟାଗଡ଼
ମୋ: ୯୪୩୭୯୮୫୮୬୬

## ପୁସ୍ତକ ପରିଚୟ

### ଦୃଷ୍ଟି

ଡକ୍ଟର ଅଭୟ ନାରାୟଣ ନାୟକ



ପଶ୍ଚିମା ପବ୍ଲିକେଶନ୍ସ
ନୟାପଲ୍ଲୀ, ଭୁବନେଶ୍ୱର
ତୃତୀୟ ସଂସ୍କରଣ: ୨୦୨୬
ମୂଲ୍ୟ: ୧୩୯ ଟଙ୍କା

ଡକ୍ଟର ଅଭୟ ନାରାୟଣ ନାୟକଙ୍କ ନୃତାତ୍ତ୍ୱିକ ପ୍ରବନ୍ଧ ପୁସ୍ତକ 'ଦୃଷ୍ଟି' ପ୍ରକାଶ ପାଇଛି । ଏହି ପୁସ୍ତକରେ ମୋଟ ଅଠରଟି ତଥ୍ୟଭିତ୍ତିକ ଉଚ୍ଚକୋଟୀର ଗବେଷଣାତ୍ମକ ପ୍ରବନ୍ଧ ସଂକଳିତ ହୋଇଛି । 'ଓଡ଼ିଶାର ଆଦିମ ଜନଜାତି: ଏକ ବିହଙ୍ଗ ଦୃଷ୍ଟି', 'ଓଡ଼ିଶାର ଜନଜାତି: ଭାଷା, ସଂସ୍କୃତି ଓ ବିକାଶ', 'ଆଦିବାସୀ ଅଞ୍ଚଳରେ ଶିକ୍ଷା: ପ୍ରସଙ୍ଗ ଓ ପ୍ରାସଙ୍ଗିକତା', 'ଜନଜାତି ଲୋକସାହିତ୍ୟ : ଏକ ନୃତାତ୍ତ୍ୱିକ ଅନୁଧ୍ୟାନ', 'ଜନଜାତି ବିକାଶରେ ମାନବବିଜ୍ଞାନର ଭୂମିକା', 'ଜନଜାତି ଜନ ବିପ୍ଳବ', 'ଆଦିବାସୀ ଅଞ୍ଚଳରେ ସ୍ୱାସ୍ଥ୍ୟ ସମସ୍ୟା: ଏକ ଦୃଷ୍ଟିପାତ', 'ଭାରତୀୟ ଜନଗଣନାରେ ଓଡ଼ିଶାର ଜନଜାତି' ଆଦି ପ୍ରବନ୍ଧଗୁଡ଼ିକରେ ଜନଜାତିର ଭାଷା, ସଂସ୍କୃତି, ଲୋକସାହିତ୍ୟ, ସ୍ୱାସ୍ଥ୍ୟ, ସମସ୍ୟା, ବିକାଶ ଆଦି ବିଭିନ୍ନ ପ୍ରସଙ୍ଗରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି । ଓଡ଼ିଶାରେ ବହୁ ଜନଜାତି ବସବାସ କରୁଛନ୍ତି । ସେମାନଙ୍କ ଜୀବନଶୈଳୀ, ସଂସ୍କୃତି, ପରମ୍ପରା, ଚାଲିଚଳଣି ସ୍ୱତନ୍ତ୍ର । ଆଦିମ ଜନଜାତିଙ୍କ ସଂପର୍କରେ ଜାଣିବା ପାଇଁ ଏହା ଏକ ଉପାଦେୟ ପୁସ୍ତକ । ଓଡ଼ିଶାର ଜନଜାତି ସମ୍ବନ୍ଧରେ ଜାଣିବା ପାଇଁ ଆଗ୍ରହୀ ଛାତ୍ରଛାତ୍ରୀ, ଗବେଷକମାନଙ୍କୁ 'ଦୃଷ୍ଟି' ପୁସ୍ତକଟି ନିଶ୍ଚୟ ସହାୟକ ହେବ ବୋଲି ଆଶା କରାଯାଏ । ■

# ଭୋକ



ମୂଳ ହିନ୍ଦୀ: ନରେଶ ସକ୍ସେନା
ଅନୁବାଦ: ମୃଣାଳ



ଭୋକ ଆଗେ ମସ୍ତିଷ୍କକୁ ଖାଏ
ତା'ପରେ ଆଖି

ତା'ପରେ ଦେହର ବାକି ଅଙ୍ଗ ପ୍ରତ୍ୟଙ୍ଗ
ଭୋକ କିଛି ଛାଡ଼େନି

ସମ୍ପର୍କକୁ ବି ଖାଇ ଯାଏ
ମା' ହେଉ, ଭଉଣୀ ହେଉ ବା ପିଲାମାନେ

ଛୋଟପିଲା ତା'ର ବହୁତ ପସନ୍ଦ
ତାଙ୍କୁ ସେ ସବା ଆଗେ

ଆଉ ବହୁତ ଶୀଘ୍ର ଖାଇଯାଏ
ପିଲାମାନଙ୍କ ପରେ ଆଉ ରହେ ବା କ'ଣ! ■

ଭିଆଇପି-୨୧, ଲିଟିଲ୍ ଓଡ଼ିଶା
ଛତାବର, ଭୁବନେଶ୍ୱର-୭୫୨୦୫୪
ମୋ: ୯୪୩୭୦୨୬୧୯୪



# ବର୍ଷା ଭିଜା କବାଟ

ବର୍ଷା ଭିଜା କବାଟଟା ଫୁଲିଯାଇଛି
ଆମେ ଭାବିଥିଲୁ
ସେ ଯେ କେବେ ଗଛ ଥିଲା
ସେକଥା ବୋଧେ ଭୁଲିଯାଇଛି ।
କବାଟଟା ଆଉ ନିଜ ଚୌକାଠରେ
ଫିଟ୍ ହୋଇ ବସୁନାହିଁ ।
କେତେ ପିରିକ ମାରିଲେ ବି
ଆଣ୍ଟ ହୋଇ ରହିଛି
ବର୍ଷାକୁ ଛୁଇଁବାକୁ
କିଛିଟା ବାହାରକୁ ଝୁଲିଯାଇଛି ।
ଆଉ ଆମେ ଭାବିଥିଲୁ
ସେ ଯେ କେବେ ଗଛ ଥିଲା
ସେକଥା ବୋଧେ ଭୁଲିଯାଇଛି । ■

## କବିତା ବାରିକଙ୍କ ଗଳ୍ପ ସଂକଳନ 'ଚରିତ୍ରମାନେ' : ଏକ ଅଧ୍ୟୟନ

ଅଧ୍ୟାପିକା ପ୍ରିୟଦର୍ଶିନୀ ନାୟକ



ସାଧନା ଛପାଛପି
ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ: ୧୩୦ ଟଙ୍କା

ଅଧ୍ୟାପିକା ପ୍ରିୟଦର୍ଶିନୀ ନାୟକଙ୍କ ରଚିତ ଗବେଷଣାତ୍ମକ ପୁସ୍ତକ 'କବିତା ବାରିକଙ୍କ ଗଳ୍ପ ସଂକଳନ 'ଚରିତ୍ରମାନେ' : ଏକ ଅଧ୍ୟୟନ' ପ୍ରକାଶ ପାଇଛି । ଏହି ପୁସ୍ତକରେ ସାଂପ୍ରତିକ ଓଡ଼ିଆ ସାହିତ୍ୟର ବିଶିଷ୍ଟ କଥାଶିଳ୍ପୀ ଡକ୍ଟର କବିତା ବାରିକଙ୍କ 'ଚରିତ୍ରମାନେ' ଗଳ୍ପ ସଂକଳନର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଛି । କବିତା ବାରିକଙ୍କ ଗଳ୍ପର ଚରିତ୍ରମାନେ ନିଷ୍ଠୁର ବାସ୍ତବତାକୁ ସାମ୍ନା କରନ୍ତି, ସ୍ୱପ୍ନ ଆଉ ଭିଜାମାଟିର ବାସ୍ନାରେ ବିଭୋର ହୁଅନ୍ତି, ଅତୀତର ମଧୁର ମୂର୍ଚ୍ଛନା ମନେ ପକାଇ ଜୀବନ ବଞ୍ଚନ୍ତି- ଏହା ବେଶ୍ ଅନୁଭବ କରିହୁଏ ଏହି ପୁସ୍ତକ ପାଠ କଲା ପରେ । ଏହି ପୁସ୍ତକରେ ଗାଳ୍ପିକା ବାରିକଙ୍କ ପରିଚୟ, ସାରସ୍ୱତ କୃତି, କୃତିତ୍ୱ, 'ଚରିତ୍ରମାନେ' ଗଳ୍ପ ସଂକଳନର ବୈଶିଷ୍ଟ୍ୟ, ଚରିତ୍ର ଚିତ୍ରଣ, ସାମାଜିକ ସ୍ପନ୍ଦନ, ମନସ୍ତତ୍ତ୍ୱ, ନାରୀବାଦୀ ଚେତନା ଆଦି ସଂପର୍କରେ ବିଶ୍ଳେଷଣ କରାଯାଇଛି । ଏହି ଗବେଷଣାତ୍ମକ ପୁସ୍ତକରେ 'ଚରିତ୍ରମାନେ' ସଂପର୍କରେ ସବିଶେଷ ଓ ତଥ୍ୟ ଭିତ୍ତିକ ଆଲୋଚନା କରାଯାଇଛି । ଗାଳ୍ପିକା କବିତା ବାରିକଙ୍କ ଜୀବନ ଓ ସାହିତ୍ୟ ସଂପର୍କରେ ଜାଣିବା ପାଇଁ ଏହା ଏକ ଉପାଦେୟ ପୁସ୍ତକ । ■

# 'ହର-ପାର୍ବତୀ କଥା' ଉପନ୍ୟାସରେ ବୈଭବ ଓ ବୈରାଗ୍ୟର ଚିତ୍ର



ପ୍ରଦୀପ କୁମାର ରାୟ

'ହର-ପାର୍ବତୀ କଥା' ଉପନ୍ୟାସ ପାଇଁ ୨୦୨୫ ମସିହାର ମର୍ଯ୍ୟାଦାଜନକ 'ସରସ୍ୱତୀ ସମ୍ମାନ' ପାଇବେ ଔପନ୍ୟାସିକ ରାମକୁମାର ମୁଖୋପାଧ୍ୟାୟ । ୨୦୨୦ ମସିହାରେ ପ୍ରକାଶିତ କାଳଜୟୀ ଉପନ୍ୟାସ 'ହର-ପାର୍ବତୀ_କଥା' ପାଇଁ ଔପନ୍ୟାସିକ ମୁଖୋପାଧ୍ୟାୟଙ୍କୁ ଏହି ମର୍ଯ୍ୟାଦାଜନକ ସମ୍ମାନରେ ସମ୍ମାନିତ କରିବା ପାଇଁ ଘୋଷଣା କରିଛନ୍ତି କେ. କେ. ବିର୍ଲା ଫାଉଣ୍ଡେସନ । ଏହା ହେଉଛି ସରସ୍ୱତୀ ସମ୍ମାନର ୩୫ ତମ ସମ୍ମାନ । ୧୯୯୧ ମସିହାରେ ପ୍ରବର୍ତ୍ତିତ ଏହି ସମ୍ମାନ ସମ୍ପ୍ରତି ଭାରତର ଉଚ୍ଚତମ ସାହିତ୍ୟିକ ସମ୍ମାନ ମଧ୍ୟରେ ଅନ୍ୟତମ ।

ବଂଗଳା ସାହିତ୍ୟରେ ରାମ, କୃଷ୍ଣ କିମ୍ବା ମହାଭାରତର ଚରିତ୍ରମାନେ ବାରମ୍ବାର ଆସିଥିଲେ ମଧ୍ୟ ଶିବ -ପାର୍ବତୀଙ୍କର ଦାମ୍ପତ୍ୟ ଜୀବନକୁ ନେଇ କୌଣସି ଉଲ୍ଲେଖନୀୟ ସୃଷ୍ଟି ଦେଖିବାକୁ ମିଳେ ନାହିଁ । ଦୀର୍ଘ ହଜାରେ ବର୍ଷ ପରେ ଶିବାୟନ ବା ଅନ୍ନଦାମଙ୍ଗଳର ଗଣ୍ଡି ଅତିକ୍ରମ କରି ହର -ପାର୍ବତୀଙ୍କୁ ନୂତନ ଆଙ୍ଗିକରେ ଉପନ୍ୟାସ ପୃଷ୍ଠାରେ ତୋଳି ଧରିଛନ୍ତି ଔପନ୍ୟାସିକ ରାମକୁମାର ମୁଖୋପାଧ୍ୟାୟ ।

ହିମାଳୟର ବୈଭବ ଓ କୈଳାସର ବୈରାଗ୍ୟ - ଏହି ଦୁଇ ବିପରୀତ ମେରୁର ମିଳନ ହିଁ 'ହର-ପାର୍ବତୀ କଥା' ଉପନ୍ୟାସର ମୁଖ୍ୟ ସ୍ୱର । ହିମାଳୟ ଓ କୈଳାସର ମଧ୍ୟବର୍ତ୍ତୀ ଜନପଦଗୁଡ଼ିକ ଯେମିତି ଏହି ମିଳନର ଗୋଟିଏ ଗୋଟିଏ ଗଣ୍ଠି ।

୧୯୫୬ ମସିହାରେ କୋଲକାତାଠାରେ ଜନ୍ମଗ୍ରହଣ କରିଥିବା ଲେଖକଙ୍କର ଶୈଶବ ବାଁକୁଡ଼ାରେ କଟିଥିଲା । ପିଲାଦିନେ ଦେଖିଥିବା ତୈଳଚିତ୍ର -ଯେଉଁଥିରେ ପଶୁଚର୍ମ ପରିହିତ ହରଙ୍କ ଭିକ୍ଷା ପାତ୍ରରେ ପାର୍ବତୀ ଅନ୍ନ ଦାନ କରୁଛନ୍ତି- ତାହା ତାଙ୍କ ମନରେ ଗଭୀର ରେଖାପାତ କରିଥିଲା । ପରବର୍ତ୍ତୀ କାଳରେ ହିମାଳୟର ସାଧୁମାନଙ୍କ ସଂସର୍ଗ ଏବଂ କବିକଙ୍କଣ ମୁକୁନ୍ଦ ଦାସଙ୍କ 'ଚଣ୍ଡୀ ମଙ୍ଗଳ' କାବ୍ୟ ତାଙ୍କ ଭାବନାକୁ ଆହୁରି ପରିପୁଷ୍ଟ କରିଛି । ଦୀର୍ଘ ସାତବର୍ଷର ପରିଶ୍ରମ ପରେ 'ହର-ପାର୍ବତୀ କଥା' ଉପନ୍ୟାସ ପୂର୍ଣ୍ଣ ରୂପ ପାଇ ୨୦୨୦ ମସିହାରେ ପୁସ୍ତକ ଭାବରେ ପ୍ରକାଶିତ ହୋଇଥିଲା ।

ବଂଗଳା ସାହିତ୍ୟରେ ରାମାୟଣ ଓ ମହାଭାରତର ନାନା ଚରିତ୍ର ଓ ଘଟଣା ଆଧାରରେ ରଚିତ ହୋଇଛି ଅନେକ ଉପନ୍ୟାସ । କିନ୍ତୁ ହର ଓ ପାର୍ବତୀଙ୍କ ଆଖ୍ୟାନ ଆଧାରରେ କୌଣସି ଉପନ୍ୟାସ ଲେଖାଯାଇ ନଥିଲା । ଶିବାୟନ ଏବଂ ଅନ୍ନଦାମଙ୍ଗଳକୁ ବାଦ୍ ଦେଲେ ଅଢ଼େଇ ଶହ ବଂଗଳା ସାହିତ୍ୟ ଯେପରି ଶିବହୀନ ଯଜ୍ଞ ।

'ହର-ପାର୍ବତୀ କଥା' ଏହି ପୌରାଣିକ ଉପନ୍ୟାସର କେନ୍ଦ୍ରରେ ରହିଛି ହର-ପାର୍ବତୀଙ୍କ ବିବାହ ଓ ତାହାର ପରବର୍ତ୍ତୀ ପ୍ରସଙ୍ଗ । ଲେଖକଙ୍କର କଳ୍ପନା ଓ ଯୁକ୍ତିର ମିଶ୍ରଣରେ ଏହି ଉପନ୍ୟାସ ହର-ପାର୍ବତୀ କାହାଣୀର ଏକ ବିନିର୍ମାଣ ମଧ୍ୟ ।

'ହର-ପାର୍ବତୀ'ଙ୍କ କାହାଣୀକୁ ଆଧାର କରି ଏକ ଉପନ୍ୟାସ ରଚନା କରିବାର କାରଣ କ'ଣ? ଏକ ସାକ୍ଷାତକାରରେ ଏହି ପ୍ରଶ୍ନର ଉତ୍ତର ଦେବାକୁ ଯାଇ




ଔପନ୍ୟାସିକ ରାଜକୁମାର ମୁଖୋପାଧ୍ୟାୟ କହିଛନ୍ତି : "ବରାବର ମୁଁ ମିଥ୍, ପୁରାଣ ଏବଂ ଇତିହାସର ତାତ୍ପର୍ଯ୍ୟପୂର୍ଣ୍ଣ ବିଷୟଗୁଡ଼ିକୁ ଉପନ୍ୟାସର ରୂପ ଦେବାକୁ ଚେଷ୍ଟା କରିଛି । ଆମ ଦେଶରେ ବହୁ ମଣିଷ ମନେ କରନ୍ତି ଯେ ଊନବିଂଶ ଶତାବ୍ଦୀରେ ଇଂରେଜ ଅମଳର ନବଜାଗରଣ ପୂର୍ବରୁ ଆମ ଦେଶରେ କିଛି ମଧ୍ୟ ନଥିଲା । କିନ୍ତୁ ମୁଁ କହିବାକୁ ଚାହିଁଛି , ପନ୍ଦର ଏବଂ ଷୋହଳ ଶତାବ୍ଦୀରେ ଆମ ଦେଶରେ ପ୍ରଥମେ ନବଜାଗରଣ ଘଟିଥିଲା । ସମୁଦ୍ର -ବାଣିଜ୍ୟ, କୃଷି, ଖାଦ୍ୟ, କାରୁ ଓ ଚାରୁ ଶିଳ୍ପ, ଧର୍ମ ଏବଂ ଶରୀର ଓ ମନର ବଳ ଇତ୍ୟାଦି କ୍ଷେତ୍ରରେ ଭାରତୀୟମାନେ ଶିଖରରେ ପହଞ୍ଚି ସାରିଥିଲେ । ବ୍ରିଟିଶ୍ ଔପନିବେଶିକ ଶାସନର ଅଢ଼େଇ-ତିନିଶହ ବର୍ଷ ପୂର୍ବରୁ ହିଁ ତାହା ଘଟିଥିଲା । ସେହି ସମୟଟି କିନ୍ତୁ ଆମର ପ୍ରଥମ ନବଜାଗରଣ । ନବେଦଶକରେ ଗୁରୁତ୍ୱପୂର୍ଣ୍ଣ ହୋଇ ଉଠେ ପୁଞ୍ଜି । ବିଶ୍ୱାୟନ ହୁଏ । ଦେଖାଦିଏ ପୁଞ୍ଜି ଉପାର୍ଜନର ପ୍ରବଳ ପ୍ରତିଯୋଗିତା । ସେତେବେଳେ ମୋର ମନେହୁଏ ଆମମାନଙ୍କର ଭାରତୀୟ ଜୀବନରେ ତ ଗୋଟିଏ ଦର୍ଶନ ଥିଲା ବୈରାଗ୍ୟ । ତାହାକୁ ହିଁ ମୁଁ ମୋର 'ହର-ପାର୍ବତୀ କଥା' ଉପନ୍ୟାସରେ ପ୍ରକାଶ କରିବାକୁ ଚାହିଁଛି । ମନେ ରଖିବାକୁ ହେବ, ଶିବ କୃଷିକାର୍ଯ୍ୟ କରିଥିଲେ କେବଳ ମାତ୍ର ନିଜର ବା ପରିବାର ପାଇଁ ନୁହେଁ, କୈଳାସର ଦୁର୍ଭିକ୍ଷ ଦୂର କରିବା ପାଇଁ । କୈଳାସ ଏବଂ ଆଖପାଖର ଆଦିବାସୀମାନେ ଯେମିତି ଅନ୍ନ କଷ୍ଟରୁ ମୁକ୍ତି ପାଇବେ, ସେଥିପାଇଁ । ଅର୍ଥାତ୍ କେବଳ ପୁଞ୍ଜିର ଅହଙ୍କାର ନୁହେଁ, ଆମମାନଙ୍କର ବଞ୍ଚି ରହିବାର ଏକ ଦର୍ଶନ ଥିଲା । ମୋର ମନେ ହୋଇଥିଲା, ଏକବିଂଶ ଶତାବ୍ଦୀରେ ଏହା କହିବା ନିହାତି ଆବଶ୍ୟକ । ଏହି ଉପନ୍ୟାସ ଲେଖିବାକୁ ମୋତେ ସାତ ବର୍ଷ ଲାଗିଛି । ଏଠାରେ ଘଟିଛି ଭାରତୀୟ, ନେପାଳର ନେପାଳି ଓ ତିବ୍ବତୀୟ ସଂସ୍କୃତିର ସମ୍ମିଶ୍ରଣ ।"

ଔପନ୍ୟାସିକ ରାଜକୁମାର ମୁଖୋପାଧ୍ୟାୟ ଛାତ୍ର ହିସାବରେ ଥିଲେ ଖୁବ୍ ମେଧାବୀ । ସାହିତ୍ୟ ଏକାଡେମୀର ସହଯୋଗୀ ସମ୍ପାଦକ ଭାବରେ ଦାୟିତ୍ୱ ପାଳନ କରିଛନ୍ତି । ପରବର୍ତ୍ତୀ କାଳରେ ଏକାଡେମୀର ବଂଗଳା ଉପଦେଷ୍ଟା ବୋର୍ଡର ଆବାହକ ଦାୟିତ୍ୱ ମଧ୍ୟ ତୁଲାଇଥିଲେ । ଏହାବ୍ୟତୀତ ଭାରତୀୟ ଭାଷା ପରିଷଦର ସଭାପତି ମଧ୍ୟ ଥିଲେ । ବିଶ୍ୱଭାରତୀର ପ୍ରକାଶନ ବିଭାଗର ପରିଚାଳକ ଭାବରେ ମଧ୍ୟ ଦାୟିତ୍ୱ ପାଳନ କରିବା ପରେ ଅବସର ଗ୍ରହଣ କରିଛନ୍ତି । ତାଙ୍କର ପ୍ରଥମ ଉପନ୍ୟାସ 'ଚରଣେ ପ୍ରାନ୍ତରେ' ୧୯୯୩ ମସିହାରେ ପ୍ରକାଶିତ ହୋଇଥିଲା । ଉପନ୍ୟାସ ଓ କ୍ଷୁଦ୍ରଗଳ୍ପ ରଚନା ସହିତ ଭ୍ରମଣ କାହାଣୀ ଓ ପ୍ରବନ୍ଧ ମଧ୍ୟ ସେ ରଚନା କରିଛନ୍ତି । 'ଧନପତିର ସିଂହଳ ଯାତ୍ରା' ଉପନ୍ୟାସ ପାଇଁ ପାଇଛନ୍ତି ଆନନ୍ଦ ପୁରସ୍କାର, ଏହା ବ୍ୟତୀତ ଆହୁରି ଅନେକ ପୁରସ୍କାର ସହିତ ଏଥର ତାଙ୍କ ସାହିତ୍ୟ ଯାତ୍ରା ମହିମାନ୍ୱିତ ହୋଇଛି 'ସରସ୍ୱତୀ ସମ୍ମାନ' ପ୍ରାପ୍ତିରେ । ■

ମୋ: ୯୪୩୭୫୩୪୭୭୩

## ମୋ ଝର୍କାରୁ କୃଷ୍ଣଚୂଡ଼ା

ସୁଶ୍ରୀ ସନ୍ଧ୍ୟାରାଣୀ ଦେବୀ



ଗଞ୍ଜାମର କବିତାଘର ଲିଟେରାରୀ ଟ୍ରଷ୍ଟ
ଆଙ୍କୁଲି, ବ୍ରହ୍ମପୁର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୫୦ ଟଙ୍କା

ସୁଶ୍ରୀ ସନ୍ଧ୍ୟାରାଣୀ ଦେବୀଙ୍କ 'ମୋ ଝର୍କାରୁ କୃଷ୍ଣଚୂଡ଼ା' କବିତା ପୁସ୍ତକ ପ୍ରକାଶ ପାଇଛି । ଏହି ପୁସ୍ତକରେ ମୋଟ ତିରିଶଟି କବିତା ସଂକଳିତ ହୋଇଛି । ପ୍ରତିଟି କବିତାର ଭାବ ଓ ଆବେଦନ ସ୍ୱତନ୍ତ୍ର । 'ମୋ ଝର୍କାରୁ କୃଷ୍ଣଚୂଡ଼ା', 'ଘାସଫୁଲ', 'ମଣିଷ ପଣିଆ', 'ସ୍ମୃତି', 'ଗୁରୁଙ୍କ ପ୍ରତି', 'ପ୍ରେମ ଓ ପରାକ୍ରମ', 'ଭିନ୍ନ ଏକ ଦୃଷ୍ଟି', 'ବୃଦ୍ଧାଶ୍ରମ', 'ପ୍ରଭାତ ରାଗିଣୀ', 'ମୁଖା', 'ପ୍ରେମ ରତ୍ନ', 'ମୋ ବୋଉ', 'କାଶତଣ୍ଡୀର ଆହ୍ୱାନ', 'ପ୍ରକୃତିର ସଙ୍ଗୀତ', 'ଗାଁ ବିଲ ଭୂଇଁରେ ସନ୍ଧ୍ୟା', 'ଗଙ୍ଗଶିଉଳି' ଆଦି କବିତାଗୁଡ଼ିକ ମନଛୁଆଁ ହୋଇଛି । ସନ୍ଧ୍ୟାରାଣୀଙ୍କ ଅନେକ କବିତାରେ ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ ମାର୍ମିକ ଭାବେ ଫୁଟି ଉଠିଛି । ସେହିପରି କେତେକ କବିତାରେ ମାନବୀୟ ଭାବାବେଗ, ମାନବୀୟ ମୂଲ୍ୟବୋଧର ଅବକ୍ଷୟ, ଈଶ୍ୱରୀୟ ଚିନ୍ତାଧାରା, ସାମାଜିକ ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି । କବିତାର ଭାବ, ସରଳ ଓ ବୋଧଗମ୍ୟ ଭାଷା, ଶବ୍ଦ ସଂଯୋଜନାର ଚାତୁର୍ଯ୍ୟ କବିତାଗୁଡ଼ିକକୁ ଅଧିକ ରସସିକ୍ତ କରିଛି । 'ମୋ ଝର୍କାରୁ କୃଷ୍ଣଚୂଡ଼ା' ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

# ସ୍ତ୍ରୀକୁ ହତ୍ୟା କରି ସ୍ୱାମୀର ଆତ୍ମହତ୍ୟା!

**ଜଙ୍ଗଲରୁ ସ୍ୱାମୀଙ୍କ ଝୁଲନ୍ତା ମୃତଦେହ ଜବତ**

କରଞ୍ଜିଆ, ୩୦।୫(ସମିସ): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଥାନା ଅନ୍ତର୍ଗତ ବାଲିଭୋଲ ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ଗାଁର ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଥିବା ବେଳେ ଏହାର କିଛି ସମୟ ପରେ ନିକଟସ୍ଥ ଜଙ୍ଗଲରୁ ତାଙ୍କ ସ୍ୱାମୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ ଦମ୍ପତି ହେଲେ, ଜ୍ୟୋତ୍ସ୍ନାରାଣୀ ଟୁଡୁ ଓ ତାଙ୍କ ସ୍ୱାମୀ ରାମଚନ୍ଦ୍ର ଟୁଡୁ। କରଞ୍ଜିଆ ପୁଲିସ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଉଛି। ତେବେ ଏହାକୁ ନେଇ ଅଞ୍ଚଳରେ ନାନା ଆଲୋଚନା ଜୋର୍ ଧରିଛି। ଘରୋଇ କଳହକୁ କେନ୍ଦ୍ର କରି ଜ୍ୟୋତ୍ସ୍ନାରାଣୀଙ୍କୁ ହତ୍ୟା କରିବା ପରେ ରାମଚନ୍ଦ୍ର ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ଜ୍ୟୋତ୍ସ୍ନାଙ୍କ ଶବ ଜବତ ହେବା ପରଠାରୁ ରାମଚନ୍ଦ୍ର ଫେରାର୍ ଥିବାରୁ ଏପରି ଚର୍ଚ୍ଚା ଜୋର୍ ଧରିଛି। ଏନେଇ ପୁଲିସ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଉଛି। ପୁଲିସ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

ସୂଚନାନୁଯାୟୀ, ଜ୍ୟୋତ୍ସ୍ନାରାଣୀ ପ୍ରଥମେ ଘଷିପୁରାର ଜଣେ ଯୁବକଙ୍କୁ ବିବାହ କରିଥିଲେ। ପ୍ରଥମ ସ୍ୱାମୀଙ୍କ ମୃତ୍ୟୁ ପରେ ସେ ତିନି ସନ୍ତାନଙ୍କୁ ନେଇ ବାଲିଭୋଲ ଗ୍ରାମର ରାମଚନ୍ଦ୍ର ଟୁଡୁଙ୍କୁ ଦ୍ୱିତୀୟ ବିବାହ କରି ସେଠାରେ ରହୁଥିଲେ। ଗତ ୨୭ ତାରିଖରେ ଜ୍ୟୋତ୍ସ୍ନାରାଣୀଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଥିଲା। ତାଙ୍କ ଘରେ ମୃତଦେହ ପଡ଼ିଥିଲା। ଖବର ପାଇ କରଞ୍ଜିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ତେବେ ଘଟଣା ପରଠାରୁ ରାମଚନ୍ଦ୍ର ନିଖୋଜ ଥିଲେ। ଆଜି ସକାଳୁ ଗ୍ରାମ ନିକଟସ୍ଥ ଜଙ୍ଗଲରେ ଏକ ଗଛରେ ତାଙ୍କ ଝୁଲନ୍ତା ମୃତଦେହ ଦେଖି ଗ୍ରାମବାସୀ ପୁଲିସକୁ ଖବର ଦେଇଥିଲେ। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅଭିଷେକ ବାନାର୍ଜୀଙ୍କୁ...

ଦ୍ୱାରା ପ୍ରାୟୋଜିତ। ସେମାନେ ମୋତେ ଜୀବନରୁ ମାରିଦେବାକୁ ଚାହୁଁଥିଲେ। ସମଗ୍ର ଘଟଣାର ଭିଡିଓ ଚିତ୍ର ରହିଛି ଏବଂ ଏ ବିଷୟରେ ଆମେ ଉଚ୍ଚ ନ୍ୟାୟାଳୟ ତଥା ରାଜ୍ୟପାଳଙ୍କୁ ଜଣାଇବା ସହ ଆଇନଗତ ପଦକ୍ଷେପ ନେବୁ।' ନିର୍ବାଚନରେ ଟିଏମସିର ପରାଜୟର ୨୬ ଦିନ ପରେ ଏହା ତାଙ୍କର ପ୍ରଥମ ବଡ଼ ସାଧାରଣ ଗସ୍ତ ଥିଲା। ଏହି ଘଟଣାର ଠିକ୍ ଦିନକ ପୂର୍ବରୁ ପଶ୍ଚିମବଙ୍ଗର ଅପରାଧ ଅନୁସନ୍ଧାନ ବିଭାଗ (ସିଆଇଡି) ଅଭିଷେକଙ୍କୁ ଜୁନ୍ ୧ ତାରିଖ ମଧ୍ୟାହ୍ନରେ ହାଜର ହେବା ପାଇଁ ନୋଟିସ ଜାରି କରିଛି। ବିଧାନସଭା ସଚିବାଳୟରେ ଦଳର ଜଣେ ବରିଷ୍ଠ ନେତାଙ୍କୁ ବିରୋଧୀ ଦଳ ନେତା ପଦ ପାଇଁ ସମର୍ଥନ ଜଣାଇବା ପତ୍ରରେ ବିଧାୟକମାନଙ୍କ ଜାଲ୍ ଦସ୍ତଖତ ବ୍ୟବହାର କରାଯାଇଥିବା ଅଭିଯୋଗରେ ଏହି ତଦନ୍ତ ଚାଲିଛି।

### ୮୮ ଡଲାରକୁ...

ସାପ୍ତାହିକ ହ୍ରାସ। ଉଭୟ ବେଞ୍ଚମାର୍କ ଏପ୍ରିଲ ମଧ୍ୟଭାଗରୁ ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଶୁକ୍ରବାର, ବ୍ରେଣ୍ଟ ଅଶୋଧିତ ତୈଳ ମୂଲ୍ୟ ପ୍ରତି ବ୍ୟାରେଲ ୯୨.୦୫ ଡଲାରରେ ବନ୍ଦ ହୋଇଥିଲା। ଆମେରିକୀୟ ଡବ୍ଲ୍ୟୁଟିଆଇ ମୂଲ୍ୟ ପ୍ରତି ବ୍ୟାରେଲ ୮୭.୩୬ ଡଲାରରେ ବନ୍ଦ ହୋଇଛି, ଯାହା ୧.୫୪ କିମ୍ବା ୧.୭ ପ୍ରତିଶତ ହ୍ରାସ ପାଇଛି। ଆମେରିକା ଏବଂ ଇରାନ ମଧ୍ୟରେ ତିନି ମାସ ଧରି ଚାଲିଥିବା ସଂଘର୍ଷରେ ଯଦିଓ ଉଭୟ ପକ୍ଷ ଏକ ଚୁକ୍ତିର ନିକଟତର ହେଉଥିବା ସୂଚାଇଛନ୍ତି, ହେଲେ ପ୍ରସ୍ତାବିତ ଚୁକ୍ତି ସମ୍ପର୍କରେ ସେମାନଙ୍କର ବକ୍ତବ୍ୟକୁ ନେଇ ଅସଙ୍ଗତି ରହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ଇରାନକୁ ତୁରନ୍ତ ହର୍ମୁଜ୍ ପ୍ରଣାଳୀ ଖୋଲିବାକୁ ଅନୁରୋଧ କରିଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ଜଳପଥ ବନ୍ଦ ହେବା ଦ୍ୱାରା ବିଶ୍ୱ ବଜାରରେ ଶକ୍ତି ମୂଲ୍ୟ ବୃଦ୍ଧି ପାଇଛି। ହର୍ମୁଜ୍ ପ୍ରଣାଳୀ ପୁନଃ ଖୋଲିବା ନେଇ ପରିବର୍ତ୍ତନଶୀଳ ସଙ୍କେତ ଯୋଗୁଁ ବ୍ରେଣ୍ଟ ଏବଂ ଡବ୍ଲ୍ୟୁଟିଆଇ ଉଭୟର ମୂଲ୍ୟ ୬% ପର୍ଯ୍ୟନ୍ତ ହ୍ରାସ ପାଇଛି। ୱାଶିଂଟନ ଏବଂ ତେହେରାନ ମଧ୍ୟରେ ଚାଲିଥିବା କୂଟନୈତିକ ଆଲୋଚନା ସତ୍ତ୍ୱେ, ଆମେରିକା ରାତାରାତି ଏକ ଇରାନୀ ସାମରିକ ଘାଟି ଉପରେ ନୂତନ ଆକ୍ରମଣ ଆରମ୍ଭ କରିଛି। ଅପରପକ୍ଷେ ବଜାର ବିଶେଷଜ୍ଞଙ୍କ ମତରେ ହର୍ମୁଜ୍ ପ୍ରଣାଳୀ ଦେଇ ସାଧାରଣ ପରିବହନ କାର୍ଯ୍ୟକଳାପ ପୁନଃ ଆରମ୍ଭ ହେବାକୁ କିଛି ମାସ ସମୟ ଲାଗିପାରେ। ସମ୍ପୂର୍ଣ୍ଣ ମରାମତି ଏବଂ କାର୍ଯ୍ୟ ପୁନଃ ଆରମ୍ଭ କରିବାକୁ ଯେକୌଣସି କ୍ଷତିଗ୍ରସ୍ତ ଶକ୍ତି ଭିତ୍ତିଭୂମି ପାଇଁ ମଧ୍ୟ ଆହୁରି ଅଧିକ ସମୟ ଲାଗିବାର ସମ୍ଭାବନା ରହିଛି। ଚଳିତ ମାସର ପ୍ରାରମ୍ଭରେ ସାଉଦି ଆରାମ୍‌କୋର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିନ ନାସେର ଚେତାବନୀ ଦେଇଥିଲେ ଯେ ହର୍ମୁଜ୍ ପ୍ରଣାଳୀରେ ଅବରୋଧ ୨୦୨୭ ପର୍ଯ୍ୟନ୍ତ ବିଶ୍ୱ ତୈଳ ବଜାରରେ ସ୍ଥିରତାକୁ ବିଳମ୍ବ କରିପାରେ। ସେ କହିଥିଲେ ଯେ ନିରନ୍ତର ଅବରୋଧ ପ୍ରତି ସପ୍ତାହରେ ପ୍ରାୟ ୧୦୦ ନିୟୁତ ବ୍ୟାରେଲ ତେଲ ଯୋଗାଣକୁ ପ୍ରଭାବିତ କରିପାରେ।

### ଯୁବକଙ୍କୁ ଥାର୍...

ମଧ୍ୟରେ ଘନିଷ୍ଠତା ବଢ଼ିବାରୁ ବିବାଦର ମୂଳଦୁଆ ପଡ଼ିଥିଲା। ଗତକାଲି ରାତି ପ୍ରାୟ ୨ଟାରେ ବରୁଣ ତାଙ୍କର ଦୁଇ ସହଯୋଗୀ ଆଲୋକ ମଲ୍ଲିକ ଓ ବଳବନ୍ତ ବାଇ ଓରଫ୍ ଗୋଧିଙ୍କ ସହ ଶୈଳଶ୍ରୀବିହାରସ୍ଥିତ ମହିମା ଜୁସ୍ ସେଣ୍ଟରକୁ ଯାଇଥିଲେ। ସେହି ସମୟରେ ସେଠାରେ ସୂରଜ ବିଶ୍ୱକର୍ମା ଏବଂ ତାଙ୍କର ଅନ୍ୟ ସହଯୋଗୀମାନେ ଉପସ୍ଥିତ ଥିବା ଦେଖି ସେମାନେ ଫେରି ଆସିଥିଲେ। କିଛି ସମୟ ପରେ ସେମାନେ ପୁଣିଥରେ ଘଟଣାସ୍ଥଳକୁ ଆସିବାରୁ ଦୁଇ ପକ୍ଷ ମଧ୍ୟରେ ବଚସା ହୋଇଥିଲା। ଏହା ଉଗ୍ରରୂପ ନେବାରୁ ପରସ୍ପର ହାତାହାତି ହୋଇଥିଲେ। ବରୁଣ ଓ ତାଙ୍କ ସହଯୋଗୀମାନେ ସେଠାରୁ ଏକ ବାଇକ୍‌ରେ ପଳାଇବା ପରେ ବାପୁନି ଓ ସ୍ୱସ୍ତିକ ମିଶି ଷଡ଼ଯନ୍ତ୍ର କରିଥିଲେ। ସେମାନଙ୍କୁ ଗାଡ଼ି ଚଢ଼ାଇ ମାରିଦେବାକୁ ଅନ୍ୟ ଅଭିଯୁକ୍ତମାନଙ୍କୁ ଉସୁକାଇଥିଲେ। ପରେ ସେମାନେ ଏକ କଳାରଙ୍ଗର ଥାର୍ ଗାଡ଼ି ଯୋଗେ ବରୁଣ ଏବଂ ତାଙ୍କ ସାଙ୍ଗମାନଙ୍କୁ ପିଛା କରିଥିଲେ। ଆଚାର୍ଯ୍ୟ ହରିହର ମହାବିଦ୍ୟାଳୟ ନିକଟରେ ଅଭିଯୁକ୍ତମାନେ ଉଦ୍ଦେଶ୍ୟମୂଳକ ଭାବେ ବରୁଣଙ୍କ ବାଇକ୍‌କୁ ଜୋରରେ ଧକ୍କା ଦେଇଥିଲେ। ବରୁଣ ତଳେ ପଡ଼ିଯିବା ପରେ ଅଭିଯୁକ୍ତମାନେ ତାଙ୍କ ଉପରେ କାର୍ ମଡ଼ାଇ ଦେଇଥିଲେ। ଘଟଣାସ୍ଥଳରେ ହିଁ ବରୁଣଙ୍କ ମୃତ୍ୟୁ ହୋଇଯାଇଥିଲା। ତାଙ୍କର ଦୁଇ ସହଯୋଗୀ ଆଲୋକ ମଲ୍ଲିକ ଏବଂ ବଳବନ୍ତ ମଧ୍ୟ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଖବର ପାଇ ଚନ୍ଦ୍ରଶେଖରପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଅଭିଯୁକ୍ତମାନଙ୍କୁ ଧରିବାକୁ ପୁଲିସ ତୁରନ୍ତ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲା। ବିଭିନ୍ନ ସ୍ଥାନରେ ଚଢ଼ଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା। ଅଭିଯୁକ୍ତମାନେ ଏହାକୁ ଦୁର୍ଘଟଣାର ରୂପ ଦେବାକୁ ଚେଷ୍ଟା କରିଥିଲେ। କିନ୍ତୁ ପୁଲିସ୍‌ର ନାଲିଆଖି ଦେଖି ସେମାନେ ନିଜ ଅପରାଧ ସ୍ୱୀକାର କରିଥିଲେ। ଅଭିଯୋଗକାରୀ ଅଶୋକ ରାଉତରାୟଙ୍କ ଏତଲା ଆଧାରରେ ଚନ୍ଦ୍ରଶେଖରପୁର ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ମନ୍ତ୍ରୀଙ୍କ ଦକ୍ଷତା...

ଭେଳା ବୁଡ଼ିବା ଏକ ପ୍ରକାର ସ୍ଥିର ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ସମ୍ପର୍କରେ ସୂଚନା ଦେଇ ଶିକ୍ଷ ମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଛନ୍ତି ଯେ, ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ପାଇଁ ଆସନ୍ତା ୨ରୁ ୯ ତାରିଖ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ବିଭାଗଗୁଡ଼ିକର ପ୍ରଦର୍ଶନର ସମୀକ୍ଷା କରିବେ। ତେବେ ତାଙ୍କ ବିଭାଗ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ଦୁଇ ବର୍ଷ ଭିତରେ ଆମ ବିଭାଗ ପକ୍ଷରୁ ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରାଯାଇଛି। ପୂର୍ବରୁ ଓଡ଼ିଶାରେ କେବଳ ମେଟାଲ ସେକ୍ଟରରେ ଅଧିକ ପୁଞ୍ଜିନିବେଶ ଆସୁଥିବାବେଳେ ଏବେ ଅକ୍ଷୟ ଶକ୍ତି, ଆଇଟି, ଖାଦ୍ୟ ପ୍ରକ୍ରିୟାକରଣ ଓ ସେମି କଣ୍ଡକ୍ଟର ଭଳି ଆଧୁନିକ ତଥା ନୂତନ କ୍ଷେତ୍ରରେ ବ୍ୟାପକ ପୁଞ୍ଜି ଆସୁଛି। କେବଳ ପୁଞ୍ଜିନିବେଶ ନୁହେଁ, ବରଂ ପ୍ରକଳ୍ପର ଗ୍ରାଉଣ୍ଡିଂ ଯାଏଁ ସମସ୍ତ ଦିଗକୁ ବିଭାଗ ସୂଚାରୁ ରୂପେ ତଦାରଖ କରୁଛି। ଦକ୍ଷତା ବିକାଶ କ୍ଷେତ୍ରରେ ଆମ ଓଡ଼ିଆ ପିଲାମାନେ ବିଶ୍ୱସ୍ତରରେ ବଡ଼ ସଫଳତା ହାସଲ କରୁଛନ୍ତି ଓ ରାଜ୍ୟର ସମସ୍ତ ଆଇଟିଆଇ କେନ୍ଦ୍ର ଗୁଡିକୁ ଅଧିକ ସଶକ୍ତ କରାଯାଇଛି। ଶିକ୍ଷ ବିଭାଗ ପକ୍ଷରୁ ମଧ୍ୟ ସମ୍ପୂର୍ଣ୍ଣ ତଥ୍ୟ ସହ ରିପୋର୍ଟ ପ୍ରସ୍ତୁତ କରାଯାଉଛି। ଏହାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ସୂଚନା ଥାଉ କି ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ୧୭ ପୃଷ୍ଠାର ଏକ ବିସ୍ତୃତ ରୋଡମ୍ୟାପ ପ୍ରସ୍ତୁତ ହୋଇଛି, ଯେଉଁଥିରେ ୧୬ଟି ସ୍ଲାଇଡ୍ ସମ୍ବଳିତ ନିର୍ଦ୍ଦିଷ୍ଟ ଢାଂଚାରେ ପ୍ରତିଟି ବିଭାଗର ଗଭୀର ଆକଳନ କରାଯିବ। ପ୍ରଥମ ପର୍ଯ୍ୟାୟରେ ମନ୍ତ୍ରୀମାନେ ନିଜ ବିଭାଗର ମୁଖ୍ୟ ଉଦ୍ଦେଶ୍ୟ ଓ ଯୋଜନା ସମେତ ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଧାର୍ଯ୍ୟ ବଜେଟ୍ ଅନୁଦାନ ତୁଳନାରେ ପ୍ରକୃତ ଖର୍ଚ୍ଚ ଓ ହାସଲ ହୋଇଥିବା ସଫଳତାର ସଠିକ୍ ପରିସଂଖ୍ୟାନ ସ୍କିମ୍-ୱାରୀ ଉପସ୍ଥାପନ କରିବେ। ବିଧାନସଭାରେ ମନ୍ତ୍ରୀମାନଙ୍କ ପ୍ରଦର୍ଶନ, ଉପସ୍ଥିତି, ନୂଆ ଆଇନ ପ୍ରଣୟନ, ମୁଲତବୀ ପ୍ରସ୍ତାବର ସଂଖ୍ୟା ଓ ଉତ୍ତର, ଗୃହରେ ହୋଇଥିବା ବିଭିନ୍ନ ବିଭାଗୀୟ ଆଲୋଚନା ତଥା ଗୃହ ଅଚଳ ହେବାର କାରଣ ଗୁଡ଼ିକୁ ସେସନ ୱାରୀ ଯାଞ୍ଚ କରାଯିବ। ଜନସାଧାରଣଙ୍କ ସମସ୍ୟାର ସମାଧାନ ବା ଗ୍ରିଭାନ୍ସ ରେଡ୍ରେସାଲ୍ ପ୍ରକ୍ରିୟା ଉପରେ ଏହି ସମୀକ୍ଷାରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହାସହିତ ମନ୍ତ୍ରୀମାନେ ନିଜ ସ୍ତରରେ କରିଥିବା ସ୍ୱତନ୍ତ୍ର ମନିଟରିଂ ଓ ଇଭାଲ୍ୟୁଏସନ ବୈଠକର ସଫଳତା , ପ୍ରକଳ୍ପଗୁଡ଼କର କ୍ଷେତ୍ରସ୍ତରୀୟ ତଦାରଖ ପାଇଁ ସେମାନେ କରିଥିବା ଜିଲ୍ଲା ଗସ୍ତର ବିବରଣୀ ଓ ସ୍ୱତନ୍ତ୍ର ଦାୟିତ୍ୱର ଫଳାଫଳ ଉପସ୍ଥାପନ କରିବେ।

ଏସବୁ ବ୍ୟତୀତ ନିର୍ବାଚନ ସମୟରେ ସଂକଳ୍ପ ପତ୍ରରେ ଜନସାଧାରଣଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ବନାମ ପ୍ରକୃତ କାର୍ଯ୍ୟକାରିତାର ଏକ ତୁଳନାତ୍ମକ ଚିତ୍ର ରଖିବାକୁ ମନ୍ତ୍ରୀମାନଙ୍କୁ କୁହାଯାଇଛି। ୨୦୩୬ ମସିହା ଓ ୨୦୪୭ ମସିହାର ଭିଜନ ଡକ୍ୟୁମେଣ୍ଟ ଲକ୍ଷ୍ୟ ହାସଲ କରିବା ପାଇଁ ଆଗାମୀ ୩ ବର୍ଷର ସ୍ପଷ୍ଟ ରୋଡମ୍ୟାପ୍, ଆଗାମୀ ୧୨ ମାସ ପାଇଁ ବିଭାଗର ଟପ୍-୧୦ ପ୍ରାଥମିକତା ଓ ଚୂଡ଼ାନ୍ତ ସେବା ପ୍ରଦାନର ଟାର୍ଗେଟ୍, ବିଗତ ଦୁଇ ବର୍ଷର ଶାସନରେ ବିଭାଗର ସବୁଠାରୁ ବଡ଼ ସଫଳତାକୁ ତଥ୍ୟ ସହ ପ୍ରଦର୍ଶନ କରିବାକୁ କୁହାଯାଇଛି।

### ବାପାଙ୍କୁ ଟଙ୍କା...

ଅଣ୍ଟା ଭିଡ଼ିଛନ୍ତି। ପୁଲିସର ଆକ୍ରୋଶରୁ ରକ୍ଷା ପାଇବା ଏବଂ ନ୍ୟାୟ ପାଇଁ ପରିବାରଲୋକେ ଗ୍ରାମ କମିଟି ସହିତ ସ୍ଥାନୀୟ ଶାନ୍ତି କମିଟିର ସହାୟତା ଲୋଡ଼ିଛନ୍ତି। ଆଜି ଗ୍ରାମ କମିଟି ଓ ଶାନ୍ତି କମିଟିର ଏକ ମିଳିତ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ନିଷ୍ପତ୍ତି ନିଆଯାଇଛି ଯେ ପୀଡ଼ିତ ରାକେଶଙ୍କ ସ୍ୱାସ୍ଥ୍ୟାବସ୍ଥା ଦେଖିବାକୁ ଅନୁମତି ଦେବାକୁ ଶାନ୍ତି କମିଟି ଡିସିପିଙ୍କୁ ଅନୁରୋଧ କରିବ ବୋଲି ରାକେଶଙ୍କ ଭଉଣୀ ରଶ୍ମିତା ବେହେରା ଗଣମାଧ୍ୟମକୁ ଜଣାଇଛନ୍ତି।

ରଶ୍ମିତା ପୁଲିସ ପ୍ରଶାସନର କଳା କାରନାମାକୁ ପଦାରେ ପକାଇ ଆହୁରି ଏକ ବିସ୍ଫୋରକ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ଯେ ଶନିବାର ଦିନ ତାଙ୍କ ଭାଇ ରାକେଶଙ୍କୁ ମେଡିକାଲରେ ଦେଖା କରିବା ପାଇଁ ବାପା କାର୍ତ୍ତିକଙ୍କୁ ପୁଲିସ ଅନୁମତି ଦେଇଥିଲା। ମାତ୍ର, ଏହି ଅନୁମତି ସହ ସଂପୂର୍ଣ୍ଣ ଘଟଣାକୁ ଚାପିଦେବା ପାଇଁ ପୁଲିସର କେତେକ ଉଚ୍ଚ ପଦାଧିକାରୀ ତାଙ୍କ ବାପାଙ୍କୁ ଲାଞ୍ଚସ୍ୱରୂପ ପ୍ରଚୁର ଟଙ୍କା ମଧ୍ୟ ଯାଚିଛନ୍ତି। ଏହାସହ ମାମଲାରୁ ଓହରିଗଲେ, ତାଙ୍କର ସାନ ଭାଇକୁ ଏକ ସରକାରୀ ଚାକିରି କରାଇଦେବା ପାଇଁ ପ୍ରଲୋଭନ ଦେଖାଯାଉଛି। ରଶ୍ମିତାଙ୍କ ଏହି ବୟାନ ପରେ ପୁଲିସର ସଫେଇ ଏବଂ ନିରପେକ୍ଷ ତଦନ୍ତର ପ୍ରତିଶ୍ରୁତି ସମ୍ପୂର୍ଣ୍ଣ ରୂପେ କାଠଗଡ଼ାକୁ ଆସିଛି।

ଏହି ସାଙ୍ଘାତିକ ଖବର ପ୍ରଚାରିତ ହେବା ପରେ ରାଜ୍ୟର ଶାସନ ବ୍ୟବସ୍ଥା ଓ କଥିତ 'ରୂପାନ୍ତରଣ' ଉପରେ ସାଧାରଣ ଜନତା ଏବଂ ବୁଦ୍ଧିଜୀବୀ ମହଲ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସାଧାରଣରେ ମତ ପ୍ରକାଶ ପାଇଛି ଯେ ଯଦି ସରକାର ନିଜ ନାଗରିକଙ୍କ ସୁରକ୍ଷା ପାଇଁ ସାମାନ୍ୟତମ ସମ୍ବେଦନଶୀଳ ନୁହଁନ୍ତି, ତେବେ ଏହି ବଡ଼ବଡ଼ ରୂପାନ୍ତରଣର ନାଟକ କାହା ପାଇଁ? ଦୋଷୀ ପୁଲିସ ଅଧିକାରୀଙ୍କୁ ବଞ୍ଚାଇବା ପାଇଁ ପ୍ରଶାସନର ଏଭଳି ନିରବତା ସେମାନଙ୍କ ଅପରାଧକୁ ପରୋକ୍ଷରେ ସମର୍ଥନ କରୁଛି ବୋଲି ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି।

ଯଦି ପୁଲିସ ପ୍ରକୃତରେ ନିର୍ଦ୍ଦୋଷ, କ୍ଷତିପୂରଣ ଏବଂ ଚାକିରି ଦେବାର ଲିଖିତ ପ୍ରତିଶ୍ରୁତି ଓ ଲାଞ୍ଚ କାହିଁକି ଦିଆଯାଉଛି ବୋଲି ଜନତା ପ୍ରଶ୍ନ କରିଛନ୍ତି। ବାରଙ୍ଗ ଅଞ୍ଚଳରେ ଏବେ ପ୍ରତିଟି ଲୋକଙ୍କ ମନରେ ଏହି ଭୟ ସୃଷ୍ଟି ହୋଇଛି ଯେ ଆଜି ଯାହା ରାକେଶଙ୍କ ସହ ଘଟିଲା, କାଲି ତାହା ଆମ ସହ ହେବନି ବୋଲି ଗ୍ୟାରେଣ୍ଟି କ'ଣ? ଥାନାକୁ ଅଭିଯୋଗ ନେଇ ଗଲେ ଲୋକେ ସୁସ୍ଥ ଶରୀରରେ ଫେରିବେ ନା ହାଜତରୁ କୋମାକୁ ଯିବେ, ତାହା ବଡ଼ ପ୍ରଶ୍ନ। ଯଦି ତୁରନ୍ତ ଦୋଷୀ ପୁଲିସ କର୍ମଚାରୀଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ, ଆଗାମୀ ଦିନରେ ଏହି ଆନ୍ଦୋଳନ ବିସ୍ଫୋରକ ରୂପ ଧାରଣ କରିବ ବୋଲି ସ୍ଥାନୀୟ ବାସିନ୍ଦା ସ୍ପଷ୍ଟ ଚେତାବନୀ ଦେଇଛନ୍ତି।

### ଏନ୍‌ଟିଏର ଆଉ...

ଯାନ୍ତ୍ରିକ ତ୍ରୁଟିକୁ ଦୃଷ୍ଟିରେ ରଖି ଏନ୍‌ଟିଏ ପରୀକ୍ଷା ସମୟରେ ପରିବର୍ତ୍ତନ କରିଛି। ପରୀକ୍ଷା କେନ୍ଦ୍ରରେ ପ୍ରବେଶ ପ୍ରକ୍ରିୟା ଅପରାହ୍ନ ୨.୩୦ରୁ ଆରମ୍ଭ ହୋଇଥିବା ବେଳେ ପରୀକ୍ଷା ଅପରାହ୍ନ ୩ ପରିବର୍ତ୍ତେ ୪ଟାରେ ଆରମ୍ଭ ହେବା ନେଇ ସୂଚନା ଦିଆଯାଇଛି। ସକାଳ ଅଧିବେଶନର ପରୀକ୍ଷାର୍ଥୀମାନଙ୍କୁ ମଧ୍ୟ ସମ୍ପୂର୍ଣ୍ଣ ସମୟ ଦିଆଯାଉଛି।

ତେବେ ଏହି ଅବ୍ୟବସ୍ଥାକୁ ନେଇ ସାମାଜିକ ଗଣମାଧ୍ୟମ ଏକ୍ସରେ ଅଭିଭାବକ ଏବଂ ଛାତ୍ରଛାତ୍ରୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଅନେକ ସ୍ଥାନରେ ଛାତ୍ରଛାତ୍ରୀଙ୍କୁ ପ୍ରବଳ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ୩ ରୁ ୪ ଘଣ୍ଟା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥିଲା। ପରୀକ୍ଷା କେନ୍ଦ୍ର କର୍ତ୍ତୃପକ୍ଷଙ୍କ ପକ୍ଷରୁ ପରୀକ୍ଷା ଆରମ୍ଭ ନେଇ କୌଣସି ସ୍ପଷ୍ଟ ସୂଚନା ମିଳି ନଥିଲା। ଏପରିକି ପରୀକ୍ଷା କେନ୍ଦ୍ରଗୁଡ଼ିକ ସହର ଠାରୁ ବହୁ ଦୂରରେ ରହିଥିଲା। ତା ସହିତ ଗ୍ରୀଷ୍ମ ପ୍ରବାହ ଓ ସକାଳୁ ପରୀକ୍ଷାର୍ଥୀ ମାନଙ୍କୁ ଧରି ଦ୍ୱିପ୍ରହର ଯାଏଁ ଅଭିଭାବକ ମାନେ ଭୀଷଣ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହିପରି ବିଭିନ୍ନ ପରୀକ୍ଷା କେନ୍ଦ୍ରରୁ ବିଭ୍ରାଟ ସୂଚନା ପରେ ଏନ୍‌ଟିଏ ଦୁଃଖ ପ୍ରକାଶ କରିଥିଲା। ଏହାସହ ପରୀକ୍ଷାର୍ଥୀଙ୍କ ସହାୟତା ପାଇଁ ହେଲ୍ପଲାଇନ ନମ୍ବର +୯୧-୧୧-୪୦୭୫୯୦୦୦ ଏବଂ ଇମେଲ୍ cuet-ug@nta.ac.in ଜାରି କରାଯାଇଛି। ସୂଚନାଯୋଗ୍ୟ ଯେ, ସିୟୁଇଟି-ୟୁଜି ହେଉଛି ଭାରତର ସମସ୍ତ କେନ୍ଦ୍ରୀୟ, ରାଜ୍ୟ ଏବଂ ମନୋନୀତ ଘରୋଇ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସ୍ନାତକ ଶ୍ରେଣୀରେ ନାମଲେଖା ପାଇଁ ଏକ ଜାତୀୟ ସ୍ତରର ପ୍ରବେଶିକା ପରୀକ୍ଷା। ୨୦୨୫ରୁ ଏହାକୁ ସମ୍ପୂର୍ଣ୍ଣ କମ୍ପ୍ୟୁଟର ଭିତ୍ତିକ ଟେଷ୍ଟ (ସିବିଟି) ମୋଡ୍‌ରେ କରାଯାଉଛି। ୨୦୨୨ରେ ଏହାର ଶୁଭାରମ୍ଭ ପରଠାରୁ ଏପରି ଯାନ୍ତ୍ରିକ ତ୍ରୁଟି ଏବଂ ପରିଚାଳନାଗତ ସମସ୍ୟା ବାରମ୍ବାର ଦେଖାଦେଉଛି। ଏହାକୁ ନେଇ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଚିନ୍ତା ବଢ଼ିବାରେ ଲାଗିଛି।

ସିୟୁଇଟି-ୟୁଜି ୨୦୨୬ର ପ୍ରଥମ ପର୍ଯ୍ୟାୟରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ପରୀକ୍ଷା କେନ୍ଦ୍ର ଛାଡିଥିବା ୩,୭୦୦ରୁ ଅଧିକ ପରୀକ୍ଷାର୍ଥୀଙ୍କୁ ପୁଣିଥରେ ପରୀକ୍ଷା ଦେବା ପାଇଁ ଏକ ସୁଯୋଗ ଦିଆଯିବ ବୋଲି ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଶନିବାର ଘୋଷଣା କରିଛି। ଏହି ବିଭ୍ରାଟ ଯୋଗୁଁ ଶନିବାର ସକାଳେ ପରୀକ୍ଷା ଆରମ୍ଭ ହେବାରେ ବହୁ ବିଳମ୍ବ ହୋଇଥିଲା। ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ପ୍ରାୟ ୩,୭୬୫ ଜଣ ପରୀକ୍ଷାର୍ଥୀ ପହଞ୍ଚିଥିଲେ। ବାୟୋମେଟ୍ରିକ ପଞ୍ଜୀକରଣ ସରିବା ପରେ ପରୀକ୍ଷା ଆରମ୍ଭ ହେବାରେ ବିଳମ୍ବ ହେବାରୁ ପରୀକ୍ଷା ପୂର୍ବରୁ ସେମାନେ କେନ୍ଦ୍ର ଛାଡ଼ି ଚାଲିଯାଇଥିଲେ। ଏହି ପରୀକ୍ଷାର୍ଥୀମାନଙ୍କ ପାଇଁ ଏନ୍‌ଟିଏ ଏକ ସ୍ୱତନ୍ତ୍ର ପୁନଃ-ପରୀକ୍ଷା ଆୟୋଜନ କରିବ। ଏହାର ତାରିଖ ପରବର୍ତ୍ତୀ ସମୟରେ ଘୋଷଣା କରାଯିବ। ତେବେ ପ୍ରାୟ ୯୫ ପ୍ରତିଶତ ପରୀକ୍ଷାର୍ଥୀ ପରୀକ୍ଷା ପୁନର୍ବାର ଆରମ୍ଭ ହେବା ପରେ ସଫଳତାର ସହ ପରୀକ୍ଷା ସମ୍ପୂର୍ଣ୍ଣ କରିଥିବା ଏନ୍‌ଟିଏ କହିଛି। ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ଟିସିଏସ୍ ଆଇଓଏନ୍ ଯାନ୍ତ୍ରିକ ତ୍ରୁଟି ହୋଇଥିବା ସ୍ୱୀକାର କରିଛି। ଏନ୍‌ଟିଏ ଏହି ସମସ୍ୟାର ମୂଳ କାରଣ ଅନୁସନ୍ଧାନ କରି ତୁରନ୍ତ ରିପୋର୍ଟ ଦାଖଲ କରିବାକୁ ସଂସ୍ଥାକୁ ନିର୍ଦ୍ଦେଶ ଦେଇଛି। ଟିସିଏସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କେ.କ୍ରିତିଭାସନ କହିଛନ୍ତି ଯେ, ଏହି ଯାନ୍ତ୍ରିକ ସମସ୍ୟା ପ୍ରାୟ ଦୁଇ ଘଣ୍ଟା ଧରି ପରୀକ୍ଷାରେ ବିଳମ୍ବ ଘଟାଇଥିଲା। ତେବେ ପରୀକ୍ଷାର୍ଥୀଙ୍କ ଅତିରିକ୍ତ ସମୟ ପ୍ରଦାନ କରାଯାଇଥିଲା। ଏହି ବିଭ୍ରାଟ ଯୋଗୁଁ ପରୀକ୍ଷା କେନ୍ଦ୍ରରେ ଉତ୍ତେଜନା ଦେଖାଦେଇଥିଲା। ଭୀଷଣ ଗରମ ମଧ୍ୟରେ ପରୀକ୍ଷା କେନ୍ଦ୍ର ପକ୍ଷରୁ ସୂଚନା ଆଦାନ ପ୍ରଦାନର ଅଭାବ ରହିଥିଲା। ଫଳରେ ଛାତ୍ରଛାତ୍ରୀ ତଥା ଅଭିଭାବକ ମାନଙ୍କୁ ୩-୪ ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥିଲା। ଅନେକ ପରୀକ୍ଷାର୍ଥୀ ଦୂରଦୂରାନ୍ତରୁ ଆସି ସକାଳ ୬ଟାରୁ ପହଞ୍ଚିଥିଲେ ମଧ୍ୟ ଦୀର୍ଘ ସମୟ ପର୍ଯ୍ୟନ୍ତ ପରୀକ୍ଷା ଆରମ୍ଭ ନ ହେବାରୁ ହତାଶ ହୋଇପଡ଼ିଥିଲେ ଏବଂ କେତେକ ପରୀକ୍ଷାର୍ଥୀ ପରୀକ୍ଷାକେନ୍ଦ୍ର ଛାଡ଼ି ଚାଲିଯାଇଥିଲେ।

# 'ଆୟୁଷ୍ମାନ'ରେ ହୋଇପାରିବ ପ୍ରାକ୍ ଆଡମିସନ୍ ରୋଗ ପରୀକ୍ଷା

ଭୁବନେଶ୍ୱର,୩୦।୫(ସମିସ): ଏଣିକି ରୋଗୀ ହସ୍ପିଟାଲରେ ଆଡମିଟ୍ ହେବାର ୩ ଦିନ ପୂର୍ବରୁ ମେଡିକାଲ୍ ପରୀକ୍ଷାନିରୀକ୍ଷା ଆୟୁଷ୍ମାନ କାର୍ଡରେ ହେବ। ଏ ବାବଦରେ ସମସ୍ତ ଖର୍ଚ୍ଚ ଆୟୁଷ୍ମାନ ପ୍ୟାକେଜରୁ ବହନ କରାଯିବ। ମାର୍ଗଦର୍ଶିକା ଅମାନ୍ୟ କଲେ ସମ୍ପୃକ୍ତ ହସ୍ପିଟାଲ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଶନିବାର ଘରୋଇ ହସ୍ପିଟାଲ ପ୍ରତିନିଧିମାନଙ୍କ ସହ ଆଲୋଚନା ପରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଏହା କହିଛନ୍ତି। ଲୋକସେବା ଭବନ ସମ୍ମିଳନୀ କକ୍ଷରେ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ବୈଠକରେ ଉପସ୍ଥିତ ସମସ୍ତ ତାଲିକାଭୁକ୍ତ ବେସରକାରୀ ହସ୍ପିଟାଲ୍‌କୁ ଏହି ନିର୍ଦ୍ଦେଶ ପାଳନ କରିବାକୁ ମନ୍ତ୍ରୀ କଡ଼ା ତାଗିଦ କରିଥିବା ବେଳେ ଆୟୁଷ୍ମାନ ଯୋଜନାର ହିତାଧିକାରୀଙ୍କୁ ଭଲ ବ୍ୟବହାର ଓ ଆତିଥ୍ୟ ପ୍ରଦାନ ପୂର୍ବକ ଉତ୍ତମ ଚିକିତ୍ସା ଯୋଗାଇଦେବାକୁ କୁହାଯାଇଛି।

ବୈଠକରେ ଯୋଜନା ଅଧୀନରେ ରୋଗୀମାନଙ୍କୁ ଗୁଣାତ୍ମକ ଏବଂ କ୍ୟାଶଲେସ୍ ଚିକିତ୍ସା ସେବା ନିଶ୍ଚିତ କରିବା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ ଯେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ମାଧ୍ୟମରେ ରାଜ୍ୟର କୋଟି କୋଟି ଲୋକ ଉପକୃତ ହେଉଛନ୍ତି। ତେଣୁ ଯୋଜନାର ସଫଳତା ପାଇଁ ହସ୍ପିଟାଲମାନଙ୍କ ସହଯୋଗ ଅତ୍ୟାବଶ୍ୟକ। ଯୋଜନା ଅଧୀନରେ ଚିକିତ୍ସା ପାଇଁ ଆସୁଥିବା ପ୍ରତ୍ୟେକ ହିତାଧିକାରୀଙ୍କୁ ସମ୍ମାନଜନକ ଓ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କରିବାକୁ ସେ ସମସ୍ତ ହସ୍ପିଟାଲକୁ ଆହ୍ୱାନ କରିଛନ୍ତି। ବେସରକାରୀ ହସ୍ପିଟାଲ ପ୍ରତିନିଧିମାନେ ଯୋଜନା କାର୍ଯ୍ୟନ୍ୱୟନ ସମ୍ପର୍କୀୟ ବିଭିନ୍ନ ଅଭିଜ୍ଞତା, ସମସ୍ୟା ଓ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ସରକାରଙ୍କ ପକ୍ଷରୁ ସେ ଦିଗଗୁଡ଼ିକ ଉପରେ ଆଲୋଚନା ହେବ ବୋଲି କୁହାଯାଇଛି। ବୈଠକରେ ସ୍ୱାସ୍ଥ୍ୟ ବିଭାଗର ସଚିବ ତଥା କମିଶନର ଅଶ୍ୱତି ଏସ୍, ଜାତୀୟ ସ୍ୱାସ୍ଥ୍ୟ ମିସନ ଏମ୍ ଡ଼ି ବୃନ୍ଦା ଡି, ବରିଷ୍ଠ ଅଧିକାରୀ ଏବଂ ବିଭିନ୍ନ ବେସରକାରୀ ହସ୍ପିଟାଲର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଘରେ ପଶି ଯୁବକଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

ପଦ୍ମପୁର, ୩୦।୫(ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ବ୍ଲକ୍ ଅନ୍ତର୍ଗତ କେନ୍ଦୁଗୁଡା ପଞ୍ଚାୟତର ବଲ୍ଲଭପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍ପଷ୍ଟ ଦିବାଲୋକରେ ଘରେ ପଶି ଜଣେ ଯୁବକକୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଛି। ମୃତକ ହେଲେ, ରବୀନ୍ଦ୍ର ଶବର (୩୮)। ସୂଚନାନୁଯାୟୀ, ଗ୍ରାମରେ ଏକ ଭୋଜି ଚାଲିଥିଲା। ଭୋଜିରୁ ଥାଳି ନେଇ ରବୀନ୍ଦ୍ର ଘରେ ବସି ଖାଉଥିଲେ। ଏହି ସମୟରେ ତାଙ୍କ ସାହିର ଶ୍ୟାମ ପରିଜା ନାମକ ଯୁବକ ରବୀନ୍ଦ୍ରଙ୍କ ଘରେ ଦିନ ୨ଟାରେ ପଶି ଟାଙ୍ଗିଆ ସାହାଯ୍ୟରେ ମୁଣ୍ଡ ଓ ଦେହକୁ ହାଣି ଦେଇଥିଲେ। ଘଟଣାସ୍ଥଳରେ ହିଁ ରବୀନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ସ୍ତ୍ରୀ ଲକ୍ଷ୍ମୀ ଶବର ଓ ପରିବାରଲୋକେ ତାଙ୍କୁ ପଦ୍ମପୁର ମେଡିକାଲକୁ ଆଣିଥିବା ବେଳେ ଡାକ୍ତର ଚିନ୍ମୟ ସାମଲ ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ପରେ ଅଭିଯୁକ୍ତ ଚମ୍ପଟ ମାରିଥିଲା। ଖବର ପାଇ ଘଟଣାସ୍ଥଳରେ ଥାନା ଆଇଆଇସି ଧରଣୀଧର ପ୍ରଧାନ ଓ ଅନ୍ୟ ଷ୍ଟାଫ୍ ପହଞ୍ଚି ଶବକୁ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଶୁକ୍ରବାର ରାତିରେ ହତ୍ୟାକାଣ୍ଡ ଘଟାଇଥିବା ବ୍ୟକ୍ତି ଶ୍ୟାମ ପରିଜା ଅତ୍ୟଧିକ ମଦ୍ୟପାନ କରି ଉତ୍ପାତ କରୁଥିବା ବେଳେ ମଦପିଇ ସାହିରେ ପାଟି ନ କରିବାକୁ ରବୀନ୍ଦ୍ର କହିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଶୁକ୍ରବାର ରାତିରେ ବଚସା ହୋଇଥିଲା। ସେହି ରାଗରେ ରବୀନ୍ଦ୍ରଙ୍କୁ ଅଭିଯୁକ୍ତ ହତ୍ୟା କରିଛି ବୋଲି ମୃତ ରବୀନ୍ଦ୍ରଙ୍କ ସ୍ତ୍ରୀ ଲକ୍ଷ୍ମୀ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

■ ୨୯ ବର୍ଷ ପରେ ମାମଲାର ରାୟ ପ୍ରକାଶ କଲେ ହାଇକୋର୍ଟ

# ସାକ୍ଷାତକାରରେ ଅକୃତକାର୍ଯ୍ୟ ହେଲେ ନିଯୁକ୍ତି ପାଇଁ ଅଯୋଗ୍ୟ ବିବେଚିତ ଯୁକ୍ତିଯୁକ୍ତ

କଟକ, ୩୦।୫ (ସମିସ): ଯଦି ଜଣେ ପ୍ରାର୍ଥୀ ନିଯୁକ୍ତି ପ୍ରକ୍ରିୟାର ସାକ୍ଷାତକାରରେ ଅକୃତକାର୍ଯ୍ୟ ହୁଅନ୍ତି, ତାଙ୍କୁ ଉକ୍ତ ପଦବୀ ପାଇଁ ଅଯୋଗ୍ୟ ବିବେଚିତ କରାଯିବା ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ। ଯଦି ଜଣେ ପ୍ରାର୍ଥୀ ସମସ୍ତ ନିୟମ ଜାଣି ସ୍ୱେଚ୍ଛାକୃତ ଭାବେ ପରୀକ୍ଷା କିମ୍ବା ସାକ୍ଷାତକାରରେ ଭାଗ ନିଅନ୍ତି, ତେବେ ଫଳାଫଳ ନିଜ ସପକ୍ଷରେ ନ ଆସିଲେ, ସେ ସମ୍ପୂର୍ଣ୍ଣ ଚୟନ ପ୍ରକ୍ରିୟା ବା ନିୟମ ଉପରେ ପରବର୍ତ୍ତୀ ସମୟରେ ପ୍ରଶ୍ନ ଉଠାଇ ପାରିବେ ନାହିଁ ବୋଲି କହିଛନ୍ତି ହାଇକୋର୍ଟ। ଦୀର୍ଘ ୨୯ବର୍ଷ ଧରି ବିଚାରାଧୀନ ଥିବା ଏକ ପୁରୁଣା ମାମଲାର ରାୟ ପ୍ରକାଶ କରି ହାଇକୋର୍ଟ ଏପରି ରାୟ ଦେବା ସହ ଆବେଦନକୁ ଖାରଜ କରିଛନ୍ତି। ପ୍ରତାପ ଚନ୍ଦ୍ର ମହାନ୍ତିଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ଏମ୍.ଏସ୍. ରମଣ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ୧୯୮୮ ମସିହାରେ ବାଲେଶ୍ୱର ଜିଲ୍ଲାର ବାମପଦା ଏବଂ ଛାଣପୁର ମୌଜାରେ ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ୍‌ର ଏଲପିଜି ବଟଲିଂ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ଜମି ଅଧିଗ୍ରହଣ କରିଥିଲେ। ଏହି ପ୍ରକ୍ରିୟାରେ ଆବେଦନକାରୀଙ୍କ ଜେଜେମା'ଙ୍କ କୃଷି ଜମି ମଧ୍ୟ ଅଧିଗ୍ରହଣ କରାଯାଇଥିଲା। କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରାଳୟର ଏକ ସର୍କୁଲାର୍ ଅନୁଯାୟୀ, କ୍ଷତିପୂରଣ ଅର୍ଥ ସହ ଜମି ହରାଇଥିବା ପ୍ରତି ପରିବାରରୁ ଜଣକୁ ଯୋଗ୍ୟତା ଭିତ୍ତିରେ ପ୍ଲାଣ୍ଟରେ ଚାକିରି ଦେବା ପାଇଁ ବ୍ୟବସ୍ଥା ଥିଲା। ଆବେଦନକାରୀଙ୍କ ନାମକୁ ବାଲେଶ୍ୱର ଜିଲ୍ଲାପାଳ ସୁପାରିଶ କରିଥିଲେ। ଆଇଓସିଏଲ୍ ଗତ ୧୯୯୬ରେ 'ଜୁନିୟର ଅପରେଟର୍' ପଦବୀ ପାଇଁ ସାକ୍ଷାତକାରକୁ ଡାକିଥିଲା। ମାତ୍ର ସାକ୍ଷାତକାରରେ ସେ ସର୍ବନିମ୍ନ ଯୋଗ୍ୟତା ମାର୍କ ହାସଲ କରିବାରେ ବିଫଳ ହୋଇଥିଲେ, ଯେଉଁଥିପାଇଁ ଚୟନ କମିଟି ତାଙ୍କୁ 'ଅଯୋଗ୍ୟ' ଘୋଷଣା କରିଥିଲା। ଏହା ବିରୋଧରେ ୧୯୯୭ ମସିହାରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ନିଯୁକ୍ତି ଦାବି କରିଥିଲେ। ଉଚ୍ଚ ନ୍ୟାୟାଳୟ ସ୍ପଷ୍ଟ କରିଥିଲେ ଯେ କମ୍ପାନୀର ଚୟନ କମିଟି ହିଁ ନିର୍ଦ୍ଧାରଣ କରିବେ କି ପ୍ରାର୍ଥୀ ସେହି ବୈଷୟିକ କାର୍ଯ୍ୟ ପାଇଁ ଉପଯୁକ୍ତ କି ନୁହଁନ୍ତି। ଯେହେତୁ ଆବେଦନକାରୀ ସାକ୍ଷାତକାରରେ କୃତକାର୍ଯ୍ୟ ହୋଇନାହାନ୍ତି, ତେଣୁ ସେ କୌଣସି ପୁନର୍ବାସ ନିଯୁକ୍ତି ଦାବି କରିପାରିବେ ନାହିଁ ବୋଲି କହିବା ସହ ଆବେଦନକୁ ଖାରଜ କରିଦେଇଛନ୍ତି।


**OFFICE OF THE SUPERINTENDING ENGINEER**
**QUALITY ASSURANCE DIVISION, CUTTACK, JAGATPUR.**
AT/PO- JAGATPUR, PIN- 754021
seqadcuttack7@gmail.com
32001/306/2627

**Quotation Call Notice No.02/2026-27**

Sealed quotations are invited in the prescribed format from the interested reputed travel Agencies/Tour Operators/Individuals having valid & up to date registration under GST Act for Providing vehicle with driver following schedules of given in the BID document. The Quotation format will be available in the O/o Superintending Engineer, Quality Assurance Division, Cuttack, Jagatpur from10:00 AM of 01.06.2026 to 2.00 PM. of dt. 08.06.2026 without any Tender paper cost. Security deposit for an amount of Rs. 5000/- vehicle must be deposited in shape of FD/NSC/TDR/KVP duly pledged in favour of Superintending Engineer, Quality Assurance Division, Cuttack, Jagatpur along with the Quotation format. In case of the specified date of quotation opening being declared as holiday, the quotation will be opened at the scheduled time on the next working day. The authority reserves the right to reject any or all quotations without assigning any reason thereof.

| Sl. No. | Name of work | Hiring of private Vehicle for official use of SE, O/o the Superintending Engineer, Quality Assurance Division, Cuttack, Jagatpur |
|---|---|---|
| 1 | Date of Sales of Document | 01.06.2026 to 08.06.2026 |
| 2 | Last date of Sale | 08.06.2026 up to 2.00 PM |
| 3 | Date of opening BIDs/ Quotations | 08.06.2026 at 3.30 PM |

Sd/-
Superintending Engineer
Quality Assurance Division
Cuttack

OIPR-32001/32416/1/26-27/0003



**OFFICE OF THE PANCHAYAT SAMITI, PARJANG, DHENKANAL**
**PR & DW DEPARTMENT**
**Tender Call Notice**
**Bid Identification No. BDO, PARJANG -01/2026-27**
Parjang, Dhenkanal – 7590120, E-mail: ori-parajang@od.gov.in
19001/90/2627

The Block Development Officer, Parjang on behalf of Government of Odisha inviting percentage rate from eligible contractors for construction of ACR building work detail in the table below.

1. **Nature of work** : Construction of ACR building & other infrastructure-related work
2. **Nature of work** : Building Works
3. **Number of Work** : 05 (five)
4. **Tender Cost & EMD** : As mentioned in DTCN
5. **Class of contractor** : As mentioned in DTCN
6. **Available Bid document in the District Website** : From **01.06.2026, 7.00 AM to 19.06.2026 up to 5.00 PM**
7. **Last date/Time of receipt of the original bid documents** : **19.06.2026, 5.00 PM** (only Regd. Post/Speed Post)
8. **Date of Opening of Bid** : **20.06.2026, 11.00 AM**
9. **Name & Address of the Office** :
   Office of the **Block Development Officer, Parjang**
10. Further details can be seen from the Dhenkanal Portal **www.dhenkanal.nic.in**.
    Any addendum/Corrigendum/Cancellation of tender can also be seen in the said website.

**Block Development Officer**
**Parjang**

OIPR-19001/19416/1/26-27/0001



**AFFIDAVIT**

I, BANOJA KUMARI DAS, W/O - DEBA NARAYAN PANDA, resident of At-140/2, Adarsh Nagar, 2nd Line, PO - P.R Peta, PS - Jeypore, Dist - Koraput -764003, Odisha do hereby declare by this Affidavit No. 2158, Dtd- 29.05.2026, that now onwards I shall be known as **BANAJA PANDA** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 856, dated 26-05-2026, I, LAXMIDHAR CHALAN, S/o - Late. Padam Majhi, permanent resident of Village - Karchamal, PO - Chirma, PS - Kodinga, Dist - Nabarangpur, Odisha, Pin - 764058, declare that I have changed the name of my Daughter from NANDENI CHALAN to BEBI CHALAN. Henceforth, She shall be known as **BEBI CHALAN** for all purposes.
**Sd/- Laxmidhar Chalan**

**AFFIDAVIT**

By virtue of an affidavit (CF No.14, dtd- 03/10/2024) sworn before The Executive Magistrate, Bhubaneswar. I, **Madhusmita Barik** (new name), aged about 48 years, W/o Somanath Barik, resident of At- Alok Nagar, Niali, Pubhakhanda, PS: Niali, Dist: Cuttack, Odisha declare that I have changed my name from **Madhusmita Subudhi** to **Madhusmita Barik.** Henceforth, I shall be known as **Madhusmita Barik** (new name) for all purposes.
**Madhusmita Barik**

**AFFIDAVIT**

I, Budhimant Sahoo, aged about 84 years, S/o- Daitari Sahoo, resident of At: Bidharpur, Po:Bidharpur, Dist: Dhenkanal, Pin: 759016, State: Odisha declared by this affidavit No.1082, dtd- 29/05/2026 that now onwards I shall be known as **BUDHIMANTA SAHOO** for all future purposes.

**AFFIDAVIT**

I, **Doupadi Devi,** aged about 65 years, having Adhaar Card No: 6475 4192 2670, D/o- Late Kaenru Das, resident of Vill: Kulthipali, PO: Bhimtikira, PS: Binka, Dist: Subarnpur, State: Odisha have changed my name and date of birth from **Doupadi Devi (09/10/1957)** to **Droupadi Das (01/01/1961)** in service document vide PPO No: FNA/527/2006 and other relevant documents, vide affidavit dtd- 29/05/2026 before The Executive Magistrate, Rampur. Henceforth, I shall be known as **Droupadi Das (DOB: 01/01/1961)** for all purposes.

**AFFIDAVIT**

I, Hrusikesh Mishra, aged about 75 years, S/o- Jagannath Mishra, resident of At/Plot No: N6/205, Po: IRC Village, Ps: Nayapalli, Bhubaneswar, Dist: Khurda, Pin: 751015, State: Odisha declared by this affidavit No. 1083, dtd- 29/05/2026 that now onwards I shall be known as **HRUSHIKESH MISHRA** for all future purposes.

**AFFIDAVIT**

I, Sitara Sulutana, aged about 47 years, W/o- Sardar Asaf Alli Khan, resident of At- Kaunri Patana, Badakumari, Po- Rajsunakhala, Ps- Bolagarh, Dist- Khordha, PIN- 752065, Odisha declared by this affidavit No.1075, dtd- 28/05/2026 that now onwards I shall be known as **SITARA SULTANA** for all future purposes.

■ କସିଆ ସାମୁଦ୍ରିକ ଥାନାର ଅଜବ ନୀତି

# ତାର ଚୋରଙ୍କୁ ଖସାଇ ଦେଇ ଗ୍ରାମବାସୀଙ୍କୁ ବାନ୍ଧିଲେ

**ପ୍ରତିବାଦରେ ରାସ୍ତା ଅବରୋଧ**

**ବାସୁଦେବପୁର,୩୦।୫(ସମିସ):** ପୁଲିସ ଆଚରଣକୁ ସମଗ୍ର ରାଜ୍ୟର ନିଆଁ ଜଳୁଥିବାବେଳେ ବାସୁଦେବପୁର ବ୍ଲକ୍‌ର କସିଆ ସାମୁଦ୍ରିକ ଥାନା ପୁଲିସ ଚୋରଙ୍କୁ ଅନୁକମ୍ପା ପ୍ରଦର୍ଶନକୁ ବିରୋଧ କରି ପାରାପୋଖରୀ ଛକରେ ରାସ୍ତାରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଫଳରେ ବାସୁଦେବପୁରରୁ ଧାମରା ଯାତାୟାତ ଠପ୍ ହୋଇଯାଇଥିଲା। ଶୁକ୍ରବାର ରାତିରେ ପାରାପୋଖରୀ ଛକ ନିକଟରେ ୬ରୁ ୭ ଜଣ ଯୁବକ ୩୩ କେଭି ବିଦ୍ୟୁତ୍ ତାର ଚୋରି କରିବାକୁ କାଟୁଥିବାବେଳେ ସ୍ଥାନୀୟ ଲୋକ ବିରୋଧ କରିଥିଲେ। ଉଭୟଙ୍କ ମଧ୍ୟରେ ମାର୍‌ପିଟ୍ ହୋଇଥିଲା। ଖବର ପାଇ କସିଆ ସାମୁଦ୍ରିକ ଥାନା ପୁଲିସ ପହଞ୍ଚି ଉଭୟ ପକ୍ଷରୁ ୪ ଜଣଙ୍କୁ ଥାନାକୁ ନେଇ ଅଟକ ରଖିଥିଲେ। ରାତିରେ ବିଦ୍ୟୁତ୍ ତାର ଚୋରି କରୁଥିବା ୨ ଜଣ ଯୁବକଙ୍କୁ ପୁଲିସ ପକେଟ୍ ଗରମ କରି ଛାଡ଼ିଦେଇଥିଲା। ହେଲେ ଚୋରି ଧରାଇଥିବା ଯୁବକଙ୍କୁ ପୁଲିସ ଅଟକ ରଖିଥିଲା। ଚୋରଙ୍କୁ ପୁଲିସ କାହିଁକି ଅନୁକମ୍ପା ପ୍ରଦର୍ଶନ କଲା? ତାର ଚୋରଙ୍କ ସହିତ ପୁଲିସର ହାତ ରହୁଛି କି? ରାତି ଅଧିଆ କାହିଁକି ଛାଡ଼ିଲା? ପୁଲିସ ରାତି ଅଧିଆ କାରବାର ଉପରେ ସ୍ଥାନୀୟ ଜନସାଧାରଣଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଚୋରିକୁ ବିରୋଧ କରୁଥିବା ଯୁବକଙ୍କୁ ପୁଲିସ ଅଟକ ରଖିବାକୁ ବିରୋଧ କରି ଗ୍ରାମବାସୀ ପାରାପୋଖରୀ ଛକରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଚୋରଙ୍କୁ ଛାଡ଼ି ଚୋରିକୁ ବିରୋଧ କରୁଥିବା ଯୁବକଙ୍କୁ ଥାନାରେ ଅଟକ ରଖାଯିବାକୁ ନେଇ ପୁଲିସ ଉପରୁ ଜନସାଧାରଣଙ୍କ ଆସ୍ଥା ତୁଟି ଯାଉଛି। ଯେପର୍ଯ୍ୟନ୍ତ ନିର୍ଦ୍ଦୋଷ ଯୁବକମାନଙ୍କୁ ପୁଲିସ ନ ଛାଡ଼ିବ ସେପର୍ଯ୍ୟନ୍ତ ରାସ୍ତା ଅବରୋଧ ଜାରି ରହିବ ବୋଲି ଆନ୍ଦୋଳନକାରୀ କହିଥିଲେ। ଘଟଣାସ୍ଥଳରେ କସିଆ ସାମୁଦ୍ରିକ ଥାନା ଅଧିକାରିଣୀ ସୁଜାତା ଖମାରୀ ପହଞ୍ଚି ବୁଝାସୁଝା କରୁଥିଲେ ହେଁ ଉତ୍ତେଜନା ଲାଗି ରହିଥିଲା।

## ବ୍ଲକ୍‌ସ୍ତରୀୟ ସ୍ୱତନ୍ତ୍ର ସଘନ ସଂଶୋଧନ ଶୋଭାଯାତ୍ରା




**ଦୋଳସାହି,୩୦।୫(ସମିସ):** ତିହିଡ଼ି ବ୍ଲକ୍‌ରେ ଶନିବାର ସକାଳ ୭ଟାରେ ତହସିଲ୍ ଅଫିସଠାରୁ ଏକ ଶୋଭାଯାତ୍ରା ବାହାରି ତିହିଡ଼ି ବିଡିଓଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏଥିରେ ତିହିଡ଼ି ତହସିଲ୍‌ଦାର ସୁଭାଶିଷ୍ ସାହୁ, ତିହିଡ଼ି ବିଡିଓ ନିରଞ୍ଜନ ବାରିକ, ଏବିଡିଓ ମୀନକେତନ ବାରିକ, ଜନମଙ୍ଗଳ ଅଧିକାରିଣୀ ସୌମ୍ୟ ସୁଚରିତା ମହାନ୍ତି, ବିଏସ୍‌ଏସ୍‌ଓ ନିହାର ରଞ୍ଜନ ରାଉତ ଓ ତିହିଡ଼ି ବ୍ଲକ୍‌ର ୧୯ ଜଣ ବିଏଲ୍‌ଓ ସୁପରଭାଇଜର, ଶତାଧିକ ବିଏଲ୍‌ଓ, କଲେଜ ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ସମାଜସେବୀ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀମାନେ ସଘନ ସଂଶୋଧନ ସମ୍ବନ୍ଧୀୟ ସ୍ଲୋଗାନ ଦେଉଥିବା ପରିଲକ୍ଷିତ ହୋଇଥିଲା। ବିଶେଷ କରି ଉକ୍ତ କାର୍ଯ୍ୟକ୍ରମ ତିହିଡ଼ି ବ୍ଲକ୍‌ରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରାଯାଉଥିବା ପରିଲକ୍ଷିତ ହୋଇଥିଲା।

**ମରଣଯନ୍ତା ପାଲଟିଛି ଧାମନଗର-ଦୋବଲ ରୋଡ୍**

# ଦେଢ଼ ବର୍ଷରେ ଆଁ କଲାଣି କଂକ୍ରିଟ ରାସ୍ତା

**ଦୋବଲ,୩୦।୫(ସମିସ):**



୨୦୨୪ରେ ଓଡ଼ିଶାରେ ନୂଆ ସରକାର ଆସିବା ପରେ ଜନସାଧାରଣଙ୍କ ସୁବିଧା ପାଇଁ ଧାମନଗରର ଅନ୍ୟତମ ମୁଖ୍ୟ ରାସ୍ତା କୁହାଯାଉଥିବା ଧାମନଗର-ଷେଣ୍ଢପୁର ଭାୟା ଦୋବଲ ରାସ୍ତାର ମରାମତି ଓ ପୁନଃନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଥିଲା। ପରିତାପର ବିଷୟ ଯେ, ନିର୍ମାଣର ମାତ୍ର ଦେଢ଼ ବର୍ଷ ନ ପୂରୁଣୁ ଏହି କୋଟି କୋଟି ଟଙ୍କାର କଂକ୍ରିଟ ରାସ୍ତାଟି ଏବେ ବିଭିନ୍ନ ସ୍ଥାନରେ ଫାଟି ଆଁ କଲାଣି।

ପୂର୍ତ୍ତ ବିଭାଗର ସରକାରୀ ଗାଇଡ୍‌ଲାଇନ୍ ଏବଂ ବୈଷୟିକ ନିୟମାବଳୀକୁ ସମ୍ପୂର୍ଣ୍ଣ ରୂପେ ଜଳାଞ୍ଜଳି ଦେଇ କରାଯାଇଥିବା ଏହି ନିମ୍ନମାନର ନିର୍ମାଣ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତାର ସ୍ଥିତି ଏବେ ଅତ୍ୟନ୍ତ ଶୋଚନୀୟ। ଧାମନଗର କଲେଜ ସାମ୍ନାରେ ରାସ୍ତାକୁ ପ୍ରାୟ ୬ ଇଞ୍ଚ ଉଚ୍ଚା କରି କଂକ୍ରିଟ୍ ଢଳେଇ କରାଯାଇଥିଲା। ଆଶ୍ଚର୍ଯ୍ୟର ବିଷୟ, ଏହି ୬ ଇଞ୍ଚ ମୋଟାର ନୂତନ ସ୍ଲାବ୍ ମଧ୍ୟ ଭାରୀଯାନର ଚାପ ସହି ନ ପାରି ଫାଟିଗଲାଣି। ସେହିପରି ଖଡ଼ିପଦାରୁ ଦୋବଲ ମଧ୍ୟବର୍ତ୍ତୀ ଅଞ୍ଚଳରେ ଏଯାଏଁ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ଗୋଟିଏ ପଟେ ଠିକାଦାର କାମ ଅଧପନ୍ତରିଆ କରି ରଖିଥିବାବେଳେ, ଅନ୍ୟପଟେ ନିର୍ମିତ ହୋଇସାରିଥିବା ଅଂଶରେ ଏବେଠାରୁ ହିଁ ବଡ଼ ବଡ଼ ଫାଟ ଦେଖାଦେବା ବିଭାଗୀୟ ଅପାରଗତାକୁ ପଦାରେ ପକାଇଛି। ଧାମନଗର ଓ ଦୋବଲ ଅଞ୍ଚଳର ଭୌଗୋଳିକ ସ୍ଥିତି ଅନୁସାରେ ଏହି ରାସ୍ତା ତଳେ କେଲୁଅ ବା ଅତ୍ୟଧିକ ଚିକିଟା ମାଟି ରହିଛି। ଏହି ମାଟିର ପ୍ରକୃତି ହେଉଛି ବର୍ଷା ଦିନେ ଏହା ଫୁଲିଯାଏ ଏବଂ ଖରା ଦିନେ ସଙ୍କୁଚିତ ହୋଇଯାଏ। ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗର ରାସ୍ତା ନିର୍ମାଣ ନିୟମାବଳୀ ଅନୁଯାୟୀ, ଏଭଳି ମାଟି ଉପରେ କଂକ୍ରିଟ୍ ରାସ୍ତା ପ୍ରସ୍ତୁତ କରିବା ପୂର୍ବରୁ ସ୍ୱତନ୍ତ୍ର ସ୍ଥିରୀକରଣ ଡିଜାଇନ୍ କରିବା ବାଧ୍ୟତାମୂଳକ। ମାତ୍ର ବିଭାଗୀୟ ଯନ୍ତ୍ରୀ ଏବଂ ଠିକାଦାରଙ୍କ ସଲାସୁତରା ଯୋଗୁଁ କୌଣସି ସ୍ୱତନ୍ତ୍ର ପ୍ରତିକାରମୂଳକ ବ୍ୟବସ୍ଥା ନ କରି ସିଧାସଳଖ ଢଳେଇ କରିଦିଆଗଲା, ଯାହା ଆଜି ରାସ୍ତା ଫାଟିବାର ପ୍ରମୁଖ କାରଣ ସାଜିଛି। ତାପମାତ୍ରାର ଅତ୍ୟଧିକ ପରିବର୍ତ୍ତନ ତଥା ସଙ୍କୋଚନ ଓ ପ୍ରସାରଣ ଯୋଗୁଁ ରାସ୍ତାର ଦୁଇଟି ଲେନ୍ ମଝିରେ ଥିବା ସଂଯୋଗସ୍ଥଳଗୁଡ଼ିକ ଏବେ ପ୍ରଶସ୍ତ ହେବାରେ ଲାଗିଛି। ନିୟମ ଅନୁସାରେ ଏହି ଜଏଣ୍ଟଗୁଡ଼ିକୁ ସଠିକ୍ ସମୟରେ କାଟି ସେଥିରେ ବେକର୍ ରଡ୍ ଏବଂ ବିଟୁମିନ ବା ସିଲାଣ୍ଟ ଭରିବା କଥା। ମାତ୍ର ତାହା କରା ନ ଯିବାରୁ ଏହି ସଂଯୋଗସ୍ଥଳଗୁଡ଼ିକ ଚଉଡ଼ା ହୋଇ ଲମ୍ବା ଓ ଗଭୀର ଗାଡ଼ରେ ପରିଣତ ହେଲାଣି।

**'କେଲୁଅ ମାଟି' ପାଇଁ ପ୍ରସ୍ତୁତ ହେଲାନି ସ୍ୱତନ୍ତ୍ର ଡିଜାଇନ୍; ପୂର୍ତ୍ତ ବିଭାଗ ନିୟମାବଳୀକୁ ଜଳାଞ୍ଜଳି**

ବିଶେଷ କରି ରାତି ସମୟରେ ଦ୍ରୁତଗତିରେ ଯାଉଥିବା ବାଇକ୍ ଚାଳକଙ୍କ ଚକା ଏହି ଗାଡ଼ରେ ପଶିଯିବା ଫଳରେ ଅନେକ ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ବୈଷୟିକ ତ୍ରୁଟି ସହିତ ବୋଝ ଉପରେ ନଳିତା ବିଡ଼ା ସାଜିଛି ବେଆଇନ ଓଭରଲୋର୍ଡିଂ। ବୈତରଣୀ ନଦୀରୁ ପ୍ରତିଦିନ ଶହଶହ ଓଭରଲୋଡେଡ୍ ବାଲି ବୋଝେଇ ହାଇୱା ଓ ଟ୍ରକ୍ ଏହି ରାସ୍ତା ଦେଇ ଦିନରାତି ଚଳାଚଳ କରୁଛି। ଏହା ସହିତ ଗ୍ରାମାଞ୍ଚଳରେ ନିର୍ମାଣ କାର୍ଯ୍ୟ ବୃଦ୍ଧି ପାଇଥିବାରୁ ମେଟାଲ, ଚିପ୍ସ ଏବଂ ଲୁହା ରଡ୍ ବୋଝେଇ ଭାରୀଯାନ ମଧ୍ୟ ଏହି ରାସ୍ତା ଉପରେ ନିରନ୍ତର ଯାତାୟାତ କରୁଛନ୍ତି। ରାସ୍ତାର ନିର୍ଦ୍ଧାରିତ ଭାର ବହନ କ୍ଷମତାଠାରୁ କେତେ ଗୁଣ ଅଧିକ ଓଜନର ଗାଡ଼ି ଚାଲୁଥିବାରୁ, ଦୁର୍ବଳ ବେସ୍ ଉପରେ ଥିବା କଂକ୍ରିଟ୍ ସ୍ଲାବ୍ ଏହି ଚାପ ସହି ନ ପାରି ଫାଟି ଆଁ କରୁଛି।

ସରକାରଙ୍କ ପୂର୍ତ୍ତ ବିଭାଗ ନିୟମ ଅନୁଯାୟୀ, କୌଣସି ବି ନୂତନ କଂକ୍ରିଟ୍ ରାସ୍ତାର ଡିଫେକ୍ଟ ଲାଏବିଲିଟି ପିରିୟଡ୍ ଅତିକମ୍‌ରେ ୩ରୁ ୫ ବର୍ଷ ରହିଥାଏ। ଏହି ସମୟ ମଧ୍ୟରେ ଯଦି ରାସ୍ତା ଖରାପ ହୁଏ, ତେବେ ସମ୍ପୃକ୍ତ ଠିକାଦାର ନିଜ ଖର୍ଚ୍ଚରେ ଏହାର ସମ୍ପୂର୍ଣ୍ଣ ମରାମତି ବା ପୁନଃନିର୍ମାଣ କରିବା ପାଇଁ ଆଇନଗତ ଭାବେ ବାଧ୍ୟ। ଏ ସମ୍ପର୍କରେ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ଦାବି କରିଛନ୍ତି ଯେ, ରାଜ୍ୟ ସରକାର ତୁରନ୍ତ ଏକ ଉଚ୍ଚସ୍ତରୀୟ ବୈଷୟିକ ଟିମ୍ ପଠାଇ ଧାମନଗର-ଦୋବଲ ରାସ୍ତାର ଯାଞ୍ଚ କରନ୍ତୁ। ମାଟିର ପ୍ରକୃତି ଅନୁସାରେ ସ୍ୱତନ୍ତ୍ର ଡିଜାଇନ୍ ପ୍ରସ୍ତୁତ କରାଯାଇ ଠିକାଦାରଙ୍କ ଜରିଆରେ ରାସ୍ତାର ପୁନଃନିର୍ମାଣ କରାଯାଉ ଏବଂ ଓଭରଲୋର୍ଡିଂ ଗାଡ଼ିଗୁଡ଼ିକ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ନଚେତ୍ ଆଗାମୀ ଦିନରେ ବୃହତ୍ ଆନ୍ଦୋଳନ ମାଧ୍ୟମରେ ବିଭାଗୀୟଅଧିକାରୀଙ୍କୁ ଘେରିବା ପାଇଁ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

# ନୂତନ ଅଙ୍ଗନବାଡ଼ି ଗୃହ ଉଦ୍‌ଘାଟିତ

**ଅସୁରାଳି,୩୦।୫(ସମିସ):** ଧାମନଗର ବ୍ଲକ୍ ନଦୀଗାଁ ପଞ୍ଚାୟତ ଅଧୀନ ନଡ଼ିଆବାଗ ଗ୍ରାମର ଅଙ୍ଗନବାଡ଼ି କେନ୍ଦ୍ରର ନୂତନ ଗୃହ ଉଦ୍‌ଘାଟିତ ହୋଇଯାଇଛି। ଶିକ୍ଷାବିତ୍ ଗୌରାଙ୍ଗ ଚରଣ ବାରିକ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏକ ସଭା ସାମାଜିକ କର୍ମୀ ମାନସ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଶ୍ରୀ ବାରିକ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଶରତ ଚନ୍ଦ୍ର ଖିଲାର, ନଦୀଗାଁ ସରପଞ୍ଚ ଝରଣା ମାଝୀ, ନିରଞ୍ଜନ ମାଝୀ, ମିଶନ ଶକ୍ତି ସଭାନେତ୍ରୀ ପ୍ରଗତି ମିଶ୍ର, ଅଙ୍ଗନବାଡ଼ି ସୁପରଭାଇଜର ମମତା ରାଉତ, ପଣ୍ଡିତ ଦୟାନିଧି ମିଶ୍ର, ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷକ ତପନ ସାହୁଙ୍କ ସମେତ ବହୁ ନେତୃବୃନ୍ଦ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ଲକ୍ଷ୍ମୀପ୍ରିୟା ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ନୂତନ ଗୃହ ହେବା ଫଳରେ ନଡ଼ିଆବାଗ ଗ୍ରାମବାସୀଙ୍କର ଦୀର୍ଘ ଦିନର ଦାବି ପୂରଣ ହେବା ସହିତ ନଡ଼ିଆବାଗ ଗ୍ରାମର ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରତି ବେଶ୍ ଉନ୍ନତି ହେବ ବୋଲି କହିଛନ୍ତି ସ୍ଥାନୀୟ ଜନସାଧାରଣ।



## କାଳବୈଶାଖୀର ତାଣ୍ଡବ; ବ୍ୟାପକ କ୍ଷୟକ୍ଷତି



**ଅସୁରାଳି,୩୦।୫(ସମିସ):** ଅସୁରାଳି ଓ ଏହାର ଆଖପାଖ ଅଞ୍ଚଳରେ କାଳବୈଶାଖୀ ବ୍ୟାପକ ତାଣ୍ଡବ ରଚିଛି। ପ୍ରବଳ ବିଜୁଳି ଓ ଘଡ଼ଘଡ଼ି ସହିତ ଘଣ୍ଟା ପ୍ରତି ପ୍ରାୟ ୫୦ରୁ ୬୦ କିଲୋମିଟର ବେଗରେ ବହିଥିବା ଝଡ଼ପବନ ସମଗ୍ର ଅଞ୍ଚଳକୁ ଅସ୍ତବ୍ୟସ୍ତ କରି ପକାଇଛି। ଧୂଷୁରୀ, କୋଠାର, ଅସୁରାଳି, ଗୋବିନ୍ଦପୁର, କୋରୁଆ, ଗଡ଼ିଆଳି ଓ ଉଚ୍ଚପଦା ପ୍ରମୁଖ ଅଞ୍ଚଳ ପ୍ରଭାବିତ ହୋଇଥିଲା। ପ୍ରବଳ ବେଗରେ ବହିଥିବା ଏହି ପବନ ଯୋଗୁଁ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗଛ ଏବଂ ଗଛର ଡାଳ ଭାଙ୍ଗି ରାସ୍ତା ଉପରେ ପଡ଼ିଥିବା ଦେଖିବାକୁ ମିଳିଛି। କେତେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଉପରେ ଗଛ ପଡ଼ିଯିବା ଫଳରେ ତାର ଛିଣ୍ଡି ସମ୍ପୂର୍ଣ୍ଣ ଅଞ୍ଚଳରେ ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହୋଇଛି। କୋଠାର, ଅସୁରାଳି ଓ ଗୋବିନ୍ଦପୁର ଭଳି ପ୍ରମୁଖ ବଜାରରେ ବ୍ୟବସାୟୀଙ୍କ ଚାଳିଆ ଓ ସାଇନ୍‌ବୋର୍ଡ ଉଡ଼ିଯାଇଛି। ହଠାତ୍ ଆସିଥିବା ଏହି ଝଡ଼ତୋଫାନ ଯୋଗୁଁ ରାସ୍ତାଘାଟ ଶୂନ୍‌ଶାନ୍ ହୋଇଯାଇଥିଲା ଏବଂ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। କୋରୁଆ, ଗଡ଼ିଆଳି ଓ ଉଚ୍ଚପଦା ଗ୍ରାମିଣ ଅଞ୍ଚଳରେ କେତେକ ଗରିବ ଲୋକଙ୍କ ଆଜ୍‌ବେଷ୍ଟସ ଓ ଚାଳ ଛପର ଘର ଉଡ଼ିଯାଇଥିବାରୁ ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବିଭିନ୍ନ ସ୍ଥାନରେ ପନିପରିବା ଚାଷ ମଧ୍ୟ ଏହି ପବନ ମାଡ଼ରେ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ଏବେ ସୁଦ୍ଧା ସେପରି କୌଣସି ବଡ଼ଧରଣର ଜୀବନହାନୀର ଖବର ମିଳି ନ ଥିବାବେଳେ, ପ୍ରଶାସନ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଉଛି। ରାସ୍ତାରୁ ଗଛ କାଟି ସଫା କରିବା ଏବଂ ବିଦ୍ୟୁତ୍ ସେବା ସ୍ୱାଭାବିକ କରିବା ପାଇଁ ସ୍ଥାନୀୟ ଅଗ୍ନିଶମ ବାହିନୀ ଓ ବିଦ୍ୟୁତ ବିଭାଗ କର୍ମଚାରୀ କାର୍ଯ୍ୟରେ ଲାଗିଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ, ଗରମରୁ ଆଶ୍ୱସ୍ତି ମିଳିଲା।

## ବଜ୍ରପାତରେ ଜଣେ ମୃତ

**ମଙ୍ଗଳପୁର,୩୦।୫(ସମିସ):** ଶୁକ୍ରବାର ଦଶରଥପୁର ବ୍ଲକରେ କାଳବୈଶାଖୀ ପ୍ରଭାବରେ ବର୍ଷା ସାଙ୍ଗକୁ ଖୁବ ଜୋରରେ ବଜ୍ରପାତ ଘଟିଥିଲା। ଫଳରେ ବିଭିନ୍ନ ସ୍ଥାନରେ କ୍ଷୟକ୍ଷତି ଘଟିଛି। ଏହି ବଜ୍ରପାତରେ କନିକାପଡା ପଞ୍ଚାୟତସ୍ତ ମାନସିଂପାଟଣା ଗ୍ରାମର ଜେନାସାହିରେ ବଜ୍ର ପଡି ରଥିଆ ଯେନା ଓ ଗୋପିଆ ଯେନାଙ୍କ ୩ ବଖରା ଘର ଜଳିଯାଇଛି। ନିଆଁର ପ୍ରଭାବ ଏତେ ମାତ୍ରାରେ ଥିଲାଯେ ଗ୍ରାମବାସୀଙ୍କ ଦ୍ୱାରା ନିଆଁକୁ ଆୟତ୍ତ କରିବା ସମ୍ଭବ ପର ହୋଇନଥିଲା। ଶେଷରେ ଦଶରଥପୁର ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେହିପରି ଦଶରଥପୁର ବ୍ଲକ ଶୁଶୁଆ ପଞ୍ଚାୟତ ଈଶ୍ୱରପୁର ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ବଜ୍ରପାତ ଘଟି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ଗ୍ରାମର ରବୀନ୍ଦ୍ର ସାମଲଙ୍କ ପତ୍ନୀ ଜାନକୀ ସାମଲ (୪୭ ) ବୋଲି ଜଣାପଡିଛି। ଜାନକୀ ନିଜ ଗାଧୁଆ ଘରୁ ପଦାକୁ ବାହାରୁଥିବା ସମୟରେ ହଠାତ ବଜ୍ରପାତ ହୋଇଥିଲା ଓ ଏହି ବଜ୍ରପାତ ଫଳରେ ଜାନକୀ ଚିତ୍କାର କରିବା ସହ ହଠାତ ଚେତାଶୂନ୍ୟ ହୋଇ ତଳେ ପଡିଯାଇଥିଲେ। ସଙ୍ଗେ ସଙ୍ଗେ ପରିବାର ଲୋକେ ଚେତାଶୂନ୍ୟ ଅବସ୍ଥାରେ ତାଙ୍କୁ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## କାନ୍ଥ ପଡ଼ି ବୃଦ୍ଧଙ୍କ ମୃତ୍ୟୁ

**କୁଆଖିଆ,୩୦।୫(ସମିସ):** ରସୁଲପୁର ବ୍ଲକ ଓଡ଼ିଶୋ ପଞ୍ଚାୟତ ଅର୍ଡିଆ କୁସୁନପୁର ଗ୍ରାମରେ ଆଜି ସକାଳେ ଘର କାନ୍ଥ ପଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିବା ଜଣା ପଡିଛି। ସୂଚନା ଅନୁଯାଇ ଏହି ଗ୍ରାମର କୈଳାସ ମଲିକ (୭୦) ନାମକ ବୃଦ୍ଧ ସକାଳ ଜଳଖିଆ ସାରି ଘରେ ଶୋଇଥିବା ବେଳେ ହଠାତ ଚାଳ ଛପର ଘରର କାନ୍ଥ ଭୁଶୁଡ଼ି ବୃଦ୍ଧଙ୍କ ଉପରେ ପଡ଼ି ଯାଇଥିଲା। ଚିତ୍କାର ଶୁଣି ପଡ଼ିଶା ଲୋକେ ବୃଦ୍ଧଙ୍କୁ ଉଦ୍ଧାର କରି ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ କୁଆଖିଆ ପୁଲିସ ଏବଂ ରସୁଲପୁର ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିବା ସହିତ ବୃଦ୍ଧଙ୍କ ଶବ ବ୍ୟବଚ୍ଛେଦ ନିମନ୍ତେ ଧର୍ମଶାଳା ପଠାଇଥିଲେ। ମୃତ କୈଳାସଙ୍କ ଦୁଇପୁଅ ଥିବାବେଳେ ବଡ଼ ପୁଅ ସୁରେଶ ମଲିକ କୁଆଖିଆ ଥାନାରେ ଅଭିଯୋଗ କରିଥିବା ଜଣାଯାଇଛି। ଏହି ଘଟଣାରେ ଉକ୍ତ ପରିବାରକୁ ତୁରନ୍ତ ସରକାରୀ ସହଯୋଗ ଯୋଗାଇ ଦେବାକୁ ଗ୍ରାମବାସୀ ମାନେ ଦାବି କରିଛନ୍ତି।

## ହାତୀବାରି ଅଙ୍ଗନବାଡ଼ି କେନ୍ଦ୍ରରେ ଅଗ୍ନିକାଣ୍ଡ

**ସୁକିନ୍ଦା,୩୦।୫(ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ହାତୀବାରି ଅଙ୍ଗନବାଡି କେନ୍ଦ୍ରରେ ଶୁକ୍ରବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟିଛି। ଅଙ୍ଗନବାଡ଼ି ଘରେ ହଠାତ୍ ନିଆଁ ଦେଖି ସ୍ଥାନୀୟ ଲୋକମାନେ ତୁରନ୍ତ ସୁକିନ୍ଦା ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ।ସୂଚନା ପାଇ ସୁକିନ୍ଦା ଅଗ୍ନିକ ଅଧିକାରୀ ରଜନୀକାନ୍ତ ସାମଲ ଏକ ସ୍ୱତନ୍ତ୍ର ଟିମ ସହ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଫଳରେ ଏକ ବଡ଼ ଧରଣର ଅଘଟଣ ଟଳି ଯାଇଥିବା କୁହାଯାଉଛି। ତେବେ ଗ୍ୟାସ ଟାଙ୍କିରେ କିପରି ନିଆଁ ଲାଗିଲା, ସେନେଇ ସ୍ପଷ୍ଟ କାରଣ ଜଣାପଡ଼ିନାହିଁ। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ କିଛି ସମୟ ପାଇଁ ଆତଙ୍କ ସୃଷ୍ଟି ହୋଇଥିଲା। ସନ୍ଧ୍ୟାରେ କାଳବୈଶାଖୀ ସାଙ୍ଗକୁ ଘଡଘଡି ବର୍ଷା ହୋଇଥିଲା। ବଜ୍ରପାତ କାରଣରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ବଜ୍ରପାତରେ ସଂପୃକ୍ତ ଘରର କାନ୍ଥ ଫାଟି ଯାଇଥିବା ଦେଖିବାକୁ ମିଳିଛି।

# ଋତୁସ୍ରାବ ସ୍ୱଚ୍ଛତା ସଚେତନତା ଅଭିଯାନ




**ଦାନଗଦି,୩୦।୫(ସମିସ):** "ଋତୁସ୍ରାବ ସ୍ୱଚ୍ଛତା ଦିବସ' ଉପଲକ୍ଷେ ନୀଳାଚଳ ଇସ୍ପାତ ନିଗମ (ଏନଆଇଏନଏଲ୍) ପକ୍ଷରୁ କଳିଙ୍ଗନଗର ଓ ଏହାର ଆଖପାଖ ଅଞ୍ଚଳରେ ଚାରିଦିନିଆ ବ୍ୟାପକ ଋତୁସ୍ରାବ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ସଚେତନତା ଅଭିଯାନ ଆୟୋଜିତ ହୋଇଯାଇଛି। କମ୍ପାନୀର କର୍ମଚାରୀ ସ୍ୱେଚ୍ଛାସେବୀ ଗ୍ରୁପ୍‌ର ପ୍ରୟାସ ଦ୍ୱାରା ପରିଚାଳିତ ଏହି ଗ୍ରାମୀଣ ସଚେତନତା କାର୍ଯ୍ୟକ୍ରମ ସାରଙ୍ଗପୁର, ବାରଗାଡ଼ିଆ, କାନ୍ତିପୁର, ଓଲଳ, ଗୋବରଘାଟି, ସାନସାଇଲୋ, ତ୍ରିଜଙ୍ଗା, ସୁଳିଆ, ଦୁବୁରୀ ଏବଂ ଧନଞ୍ଜୟପୁର ସମେତ ୧୦ଟି ଗ୍ରାମରେ ଅନୁଷ୍ଠିତ ହୋଇଥିଲା। ପ୍ରାୟ ୬୦ ଜଣ ନିଷ୍ଠାପର କର୍ମଚାରୀ, ସ୍ୱେଚ୍ଛାସେବୀ ଏହି ଆଲୋଚନା ଚକ୍ରଗୁଡ଼ିକୁ ପରିଚାଳନା କରିଥିଲେ, ଯାହା ଦ୍ୱାରା ପ୍ରାୟ ୫୫୦ ଜଣ କିଶୋରୀ ପ୍ରତ୍ୟକ୍ଷ ଭାବରେ ଉପକୃତ ହୋଇଛନ୍ତି। ତୃଣମୂଳ ସ୍ତରରେ ଏହାର ଏକ ଦୀର୍ଘସ୍ଥାୟୀ ପ୍ରଭାବ ସୁନିଶ୍ଚିତ କରିବା ପାଇଁ, ଏହି ଅଭିଯାନରେ ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ ଏବଂ ସ୍ଥାନୀୟ ଜନସାଧାରଣଙ୍କୁ ସାମିଲ କରାଯାଇଥିଲା। ସ୍ୱାସ୍ଥ୍ୟକର ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ଏକ ବାସ୍ତବ ପଦକ୍ଷେପ ସ୍ୱରୂପ ସମସ୍ତ କିଶୋରୀମାନଙ୍କୁ ସାନିଟାରୀ ପ୍ୟାଡ୍ ବଣ୍ଟନ କରାଯାଇଥିଲା। ଏହି ସଫଳ ଅଭିଯାନ ମାଧ୍ୟମରେ, ଏନଆଇଏନଏଲ୍ ନିଜର କାର୍ଯ୍ୟକ୍ଷେତ୍ର ମଧ୍ୟରେ ଥିବା ଯୁବତୀ ଓ କିଶୋରୀମାନଙ୍କର ସ୍ୱାସ୍ଥ୍ୟ ଏବଂ ମର୍ଯ୍ୟାଦା ରକ୍ଷା ସହିତ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସଆର) ଏବଂ ଗ୍ରାମୀଣ ବିକାଶ ପ୍ରତି ନିଜର ନିରନ୍ତର କାର୍ଯ୍ୟ କରିଆସୁଛି।

## କାଳବୈଶାଖୀରେ ବ୍ୟାପକ କ୍ଷୟକ୍ଷତି

**କବାଟବନ୍ଧ,୩୦।୫(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଞ୍ଚଳରେ କାଳବୈଶାଖୀରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡିଛି। ଫଳରେ ଜନଜୀବନ ପ୍ରଭାବିତ ହୋଇଛି। ବିଭିନ୍ନ ଗାଁକୁ ଯିବା ଆସିବା ବିଚ୍ଛିନ୍ନ ହୋଇଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ବିଦ୍ୟୁତ ସେବା ସମ୍ପୂର୍ଣ୍ଣ ଠପ ହୋଇଛି। ବ୍ଲକର କବାଟବନ୍ଧ, ଜେନାପୁର, ବୃନ୍ଦାଦେଇପୁର, ଅଞ୍ଜିରା, ଚକ୍ରଧରପୁର, ମଧୁସୂଦନ ପୁର, ମର୍ଜିତାପୁର, ରାଇଛନ୍ଦା, ରେଖିଦେଇପୁର, ତାଳଜଙ୍ଗ, ଏଣ୍ଡଲବା ସମେତ ବିଭିନ୍ନ ପଞ୍ଚାୟତର ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଗାଁରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଉକ୍ତ ଅଞ୍ଚଳରେ ବର୍ଷା ହେବା ସହିତ ପବନର ବେଗ ଖୁବ ଅଧିକ ଥିଲା। ଫଳରେ ବହୁ ପରିମାଣର ଗଛ ଭାଙ୍ଗିବା ସହିତ ବିଦ୍ୟୁତ ଖୁଣ୍ଟ ଭାଙ୍ଗି ପଡ଼ୁଥିଲା। ରାଇଛନ୍ଦା ପଞ୍ଚାୟତରେ ଏକ ଟ୍ରାନ୍ସଫର୍ମରକୁ ବସା ଯାଇଥିବା ସିମେଣ୍ଟ ଚଟାଣ ଉପରୁ ବାହାରକୁ ଫୋପାଡ଼ି ଦେଇଛି। କୁସୁନପୁର ନିକଟରେ ଗଛ ମୂଳରେ ଥିବା ଏକ ଟ୍ରାକ୍ଟର ଉପରେ ଗଛ ଡାଳ ଭାଙ୍ଗି ପଡ଼ିଥିବା ସହିତ ସେଠାରେ ଥିବା ଗ୍ୟାରେଜରୁ ଆଜବେଷ୍ଟ ଉଡାଇ ନେଇଛି। କନ୍ତପଡ଼ା ନିକଟରେ ଏକ କେବିନ ଦୋକାନକୁ ମଧ୍ୟ ଆଂଶିକ ଭାବେ ଓଲଟି ପଡି ଆଜବେଷ୍ଟ ଉଡ଼ାଇ ନେଇଥିଲା। ସେହିପରି ରାଇଛନ୍ଦା ତୋଟାସାହି ନିକଟରେ ଇଲେକ୍ଟ୍ରି ଖୁଣ୍ଟ ଭାଙ୍ଗିବା ସହିତ ବିଭିନ୍ନ ସ୍ଥାନରେ ୧୧ କେଭି ତାର ଉପରେ ଗଛ ପଡ଼ି ଇଲେକ୍ଟ୍ରି ସେବା ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ବ୍ରାହ୍ମଣୀ ବ୍ରିଜ ବଜାରରେ ୩ ଗୋଟି ଦୋକାନକୁ ଭାଙ୍ଗିଦେଇଛି। କବାଟବନ୍ଧ ବଜାରରେ ସୋଲାର ଲାଇଟ ପୋଲ ସହିତ ଗଛ ପଡି ଘର ଭାଙ୍ଗିଛି। ସୋରାଇ ନିକଟରେ ଠିବା ମଙ୍ଗଳା ମନ୍ଦିରର ବହୁ ପୁରୁଣା ଗଛ ମଧ୍ୟ ଭାଙ୍ଗି ମନ୍ଦିରକୁ କ୍ଷତି କରିଛି। ସାଥୁଆ ପାଟଣା ଏବଂ ସୋରାଇ ରେ ଛାତ ଉପରେ ଲଗା ଯାଇଥିବା ସୋଲାର ପ୍ୟାନେଲକୁ ମଧ୍ୟ ପବନ ଉଡାଇଛି। ଅଣ୍ଟିଆ ତଳ ସାହି ଗ୍ରାମର ମାଳଗୋଡ଼ି ପଡିଆରେ ଥିବା ଟ୍ରାନ୍ସଫର୍ମର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଜେନାପୁର ରେଳ ଷ୍ଟେସନ ଠାରୁ ମେଡ଼ିକାଲ ରୋଡ଼ ଏବଂ ରାମପୁର କଇଥାରୁ କନ୍ତପଡ଼ା ରାସ୍ତାରେ ଗଛ ପଡି ଯାତାୟାତ ବନ୍ଦ ହୋଇଥିଲା। ଅଗ୍ନିଶମ ବାହିନୀ ପକ୍ଷରୁ ବିଭିନ୍ନ ସ୍ଥାନରେ ଗଛ କଟା ଯାଇ ଯାତାୟାତ ସ୍ୱାଭାବିକ କରାଯାଇଥିଲା।



# କାଗଜରେ ଜଳଛତ୍ର; ଜନତାଙ୍କୁ ମିଳୁନି ପାଣି

**କୟାଁଗୋଲା,୩୦।୫(ସମିସ):**



ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଦଶରଥପୁର ବ୍ଲକର ୩୫ଟି ପଞ୍ଚାୟତରେ ଜଳଛତ୍ର ଖୋଲାଯାଇଥିବା କାଗଜପତ୍ରେ ଦର୍ଶାଯାଇଥିଲେ ହେଁ, ବାସ୍ତବରେ ଏଗୁଡ଼ିକ ଜନସାଧାରଣଙ୍କ କାମରେ ଆସୁନଥିବା ଅଭିଯୋଗ ହୋଇଛି।

ଅଂଶୁଘାତରୁ ରକ୍ଷା ପାଇବା ପାଇଁ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଛକ, ହାଟ, ବଜାର ଓ ରାସ୍ତା କଡ଼ରେ ଜଳଛତ୍ର ଖୋଲିବାର ବ୍ୟବସ୍ଥା ରହିଛି। ଏଥିପାଇଁ ପ୍ରତି ପଞ୍ଚାୟତରେ ମାଟି ହାଣ୍ଡିରେ ଥଣ୍ଡା ପାଣି ଓ ଛାମୁଣ୍ଡିଆ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପାଣି ଯୋଗାଣ ପାଇଁ ଜଣେ ବ୍ୟକ୍ତିକୁ ପାରିଶ୍ରମିକ ଦେଇ ଦାୟିତ୍ୱ ଦିଆଯାଇଛି। କିନ୍ତୁ ବାସ୍ତବ ଚିତ୍ର ଭିନ୍ନ। ଅନେକ ପଞ୍ଚାୟତରେ ଉଦ୍‌ଘାଟନ ପର ଦିନଠାରୁ ହାଣ୍ଡି ଓ ବ୍ୟାନର ଗାଏବ ହୋଇଯାଇଛି। କେତେକ ସ୍ଥାନରେ ପାଣି ବଦଳୁନଥିବାରୁ ୨ ପୁରୁଣା ପାଣିରେ ଦେଖିବକୁ ମିଳୁଛି। ଆଉ କେତେକ ସ୍ଥାନରେ ହାଣ୍ଡିରେ ଢାଙ୍କୁଣୀ ନଥିବା ବେଳେ ପାଣି ମଧ୍ୟ ନାହିଁ।ସ୍ଥାନୀୟ ଲୋକଙ୍କ ଅଭିଯୋଗ, ବ୍ଲକ ପକ୍ଷରୁ ଅର୍ଥ ଖର୍ଚ୍ଚ ହେଉଥିଲେ ହେଁ ଜଳଛତ୍ର ଜନସାଧାରଣଙ୍କ କାମରେ ଲାଗୁନି। କିଛି ଅଧିକାରୀ ଲୋକ ଦେଖାଣିଆ ପାଇଁ ପଥିକଙ୍କୁ ଡାକି ଜଳଛତ୍ର ପାଖରେ ଛିଡ଼ା କରାଇ ଫଟୋ ଉଠାଇ ବ୍ଲକ କାର୍ଯ୍ୟାଳୟକୁ ପଠାଉଥିବା ଅଭିଯୋଗ ହୋଇଛି। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଜୁନ୍ ୧୫ ପର୍ଯ୍ୟନ୍ତ ପ୍ରତି ପଞ୍ଚାୟତରେ ଜଳଛତ୍ର ଖୋଲିବାକୁ କୁହାଯାଇଛି। ବୁଦ୍ଧିଜୀବୀ ମହଲ କହୁଛନ୍ତି, ଯଦି ଜିଲ୍ଲା ପ୍ରଶାସନ ପକ୍ଷରୁ ଦଶରଥପୁର ବ୍ଲକର ବିଭିନ୍ନ ପଞ୍ଚାୟତ ପରିଦର୍ଶନ କରାଯାଏ, ତେବେ ଜଳଛତ୍ର ପ୍ରକୃତ ସ୍ଥିତି ସାମ୍ନାକୁ ଆସିବ।

## ଜୁନ୍ ଓ ଜୁଲାଇ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟସୂଚୀ

**ଯାଜପୁର,୩୦।୫(ସମିସ):** ଆସନ୍ତା ଜୁନ୍ ଓ ଜୁଲାଇ ମାସରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଜିଲ୍ଲାସ୍ତରୀୟ ଏବଂ ଜିଲ୍ଲାର ବିଭିନ୍ନ ବ୍ଲକସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟସୂଚୀ ସ୍ଥିରୀକୃତ ହୋଇଛି। ଜୁନ୍ ମାସରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ୧ ତାରିଖ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହ ଯାଜପୁରରେ, ୮ ତାରିଖ ବଡ଼ଚଣା ବ୍ଲକରେସକାଳ ୭ରୁ ୧୦ଟା ପର୍ଯ୍ୟନ୍ତ ହେବ। ସେହିପରି ୨୨ ତାରିଖ ବିଞ୍ଝାରପୁର ବ୍ଲକ କାର୍ଯ୍ୟାଳୟରେ, ୨୯ ତାରିଖ କୋରେଇ ବ୍ଲକ କାର୍ଯ୍ୟାଳୟରେ ଦିନ ୧୦ଟାରୁ ୨ଟା ପର୍ଯ୍ୟନ୍ତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ସେହିପରି ଜୁଲାଇ ମାସ ୬ ତାରିଖ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ, ୧୩ ତାରିଖ କେଏନ୍‌ଡିଏ ସମ୍ମିଳନୀ ଗୃହ କଳିଙ୍ଗନଗରରେ, ୨୦ ତାରିଖ ବରୀ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଏବଂ ୨୭ ତାରିଖ ସୁକିନ୍ଦା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଦିନ ୧୦ଟାରୁ ୨ଟା ପର୍ଯ୍ୟନ୍ତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ଏଣୁ ବଡ଼ଚଣା, ବିଞ୍ଝାରପୁର, କୋରେଇ, ବରୀ, ସୁକିନ୍ଦା ବ୍ଲକ ଏବଂ ଜିଲ୍ଲାର ଜନସାଧାରଣଙ୍କ କୌଣସି ଆପତ୍ତି ଅଭିଯୋଗ ଥିଲେ ସେମାନେ ନିର୍ଦ୍ଧାରିତ ଦିବସ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ସେମାନଙ୍କର ଆପତ୍ତି ଅଭିଯୋଗ ଗୁଡିକର ସମାଧାନ କରିବାକୁ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସୂଚନା ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ୨ ଲୁଟେରା କୋର୍ଟ ଚାଲାଣ

ବାରିକପୁର,୩୦।୫(ସମିସ): ଭଣ୍ଡାରିପୋଖରୀ ଥାନା ପକ୍ଷରୁ ଗିରଫ ହୋଇଥିବା ୨ ଲୁଟେରା ଶନିବାର କୋର୍ଟ ଚାଲାଣ ହୋଇଛନ୍ତି। ସୂଚନା ମୁତାବକ, ଗତ ଗୁରୁବାର ରାତି ପ୍ରାୟ ୮ଟା ବେଳେ ମଣୀନାଥପୁର ନିକଟସ୍ଥ ବୈତରଣୀ ସେତୁ ଦେଇ ଜଣେ ମହିଳା ଘରକୁ ଫେରୁଥିଲେ। ଏହି ସମୟରେ ୨ଜଣ ଯୁବକ ଏକ ବାଇକ୍‌ରେ ଆସି ମହିଳାଙ୍କଠାରୁ ଭ୍ୟାନିଟି ବ୍ୟାଗ୍ ଛଡ଼ାଇ ନେଇ ଚମ୍ପଟ ମାରିଥିଲେ। ସ୍ଥାନୀୟ ଯୁବକମାନେ ୨ ଲୁଟେରାଙ୍କୁ ସ୍ୱାମପାଟଣା ଘାଟ ନିକଟରୁ କାବୁ କରି ପୁଲିସ ଜିମା ଦେଇଥିଲେ। ୨ ଜଣଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରିବା ସହିତ ତାଙ୍କ ନିକଟରୁ ଲୁଟ୍ ହୋଇଥିବା ଭ୍ୟାନିଟି ବ୍ୟାଗ୍ ଉଦ୍ଧାର କରିଥିଲା। ଏନେଇ ପୁଲିସ ଏକ ମାମଲା ରୁଜୁ କରିବା ସହିତ ୨ ଲୁଟେରାଙ୍କୁ କୋର୍ଟ ଚାଲାଣ କରିଛି। ଜଣେ ଲୁଟେରାଙ୍କ ନାମ କିଶାନ ପୃଷ୍ଟି ହୋଇଥିବାବେଳେ ତାଙ୍କ ଘର ବିନ୍ଧାଣ ବୋଲି ସୂଚନା ମିଳିଛି। ସେହିଭଳି ଅନ୍ୟ ଲୁଟେରାଙ୍କ ନାମ ଶଶିକାନ୍ତ ସାହୁ ଓ ଘର ଯାଜପୁର ଜିଲ୍ଲା ଶଙ୍ଖଚିଲା ବୋଲି ପୁଲିସ ପ୍ରକାଶ କରିଛି।

## ବଜ୍ରପାତରେ ଜଳିଗଲା ୩ ବଖରା

ଦୋଳସାହି,୩୦।୫(ସମିସ): ତିହିଡ଼ି ତହସିଲ୍ ବାରୋ ପଞ୍ଚାୟତ ଅଧୀନ ଦହପାଣିଆ ଗ୍ରାମର ବିଷ୍ଣୁମୋହନ ମହାଳିକଙ୍କ ୩ ବଖରା ଘର ଜଳିଯାଇଛି। ଶନିବାର ଅପରାହ୍ଣରେ ବଜ୍ରପାତ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିବା ଫଳରେ ବିଷ୍ଣୁମୋହନଙ୍କ ଘର ଭିତରେ ଥିବା ଧାନ, ଚାଉଳ ସମେତ ସମସ୍ତ ଆସବାବପତ୍ର ଜଳି ପାଉଁଶ ହୋଇଯାଇଥିବା ଜଣାଯାଇଛି। ଖବର ପାଇ ତିହିଡ଼ିରୁ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି।

## ଦୁର୍ଘଟଣାଗ୍ରସ୍ତ ବୃଦ୍ଧଙ୍କ ମୃତ୍ୟୁ

ବନ୍ତ/ଆଗରପଡ଼ା,୩୦।୫(ସମିସ): ବନ୍ତ ବ୍ଲକ୍ ଅନ୍ତର୍ଗତ ରଘୁନାଥପୁର ଗ୍ରାମର ଦାମୋଦର ନାୟକ ଟ୍ରାକ୍ଟର ଧକ୍କାରେ ଗୁରୁତର ଭାବେ ଆହତ ହୋଇ କଟକ ମେଡିକାଲକୁ ଚିକିତ୍ସା ପାଇଁ ଯାଉଥିବାବେଳେ ଅଧା ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଗୁରୁବାର ସନ୍ଧ୍ୟାରେ ଦାମୋଦର ଚାଲିଚାଲି ତ୍ରିକୋଣାରୁ ଆସୁଥିବାବେଳେ ପଛରୁ ତାଙ୍କୁ ଟ୍ରାକ୍ଟର ଧକ୍କା ଦେଇଥିଲା। ସେ ଭଦ୍ରକ ଜିଲ୍ଲା ମେଡିକାଲରେ ଚିକିତ୍ସିତ ହେଉଥିବାବେଳେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଏ ସମ୍ପର୍କରେ ତାଙ୍କ ପୁଅ ଅନନ୍ତ ବନ୍ତ ଥାନାରେ ଅଭିଯୋଗ କରିଛନ୍ତି।

### ଭଦ୍ରକ ଜିଲ୍ଲାରେ ବଢୁଛି ମଦର ଚାହିଦା ଓ ବେପାର ପ୍ରତି ଆଗ୍ରହ

# ମଦ ଦୋକାନ ଲଟେରୀରୁ ୧୭.୫୭ କୋଟିର ରାଜସ୍ୱ ଆଦାୟ

ଭଦ୍ରକ,୩୦।୫(ଉମାକଲ୍ୟାଣ ମହାପାତ୍ର)

ଭଦ୍ରକ ଜିଲ୍ଲାରେ ଚଳିତ ବର୍ଷ ମଦ ଦୋକାନ ଲାଇସେନ୍ସ ପାଇଁ ଲଟେରୀ ଉଠାଣ କାର୍ଯ୍ୟକ୍ରମ ଶୁକ୍ରବାର ଶେଷ ହୋଇଛି। ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଆଖିରେ କଳା ପଟି ବାନ୍ଧି ଲଟେରୀ ଉଠାଇ ଲାଇସେନ୍ସଧାରୀ ଚୟନ କରିଥିଲେ। ଉକ୍ତ ଲଟେରୀ ଉଠାଣ କାର୍ଯ୍ୟର ସ୍ୱଚ୍ଛତା ରକ୍ଷା ଲାଗି ସମୁଦାୟ ଘଟଣାର ଲାଇଭ୍ କରାଯାଇଥିଲା। ଆଉ ବାହାରେ ବସି ରହି ମଦ ଦୋକାନ ପାଇଁ ଆବେଦନକାରୀମାନେ ଏହାକୁ ଦେଖୁଥିଲେ। ୪୯ଟି ମଦ ଦୋକାନ ପାଇଁ ୬୪୦ଟି ଦରଖାସ୍ତ ଗ୍ରହଣ କରାଯାଇଥିବାବେଳେ ଏଥିରୁ ୧୭ କୋଟି ୫୭ ଲକ୍ଷ ଟଙ୍କା ଲଟେରୀ ବାବଦ ରାଜସ୍ୱ ଆଦାୟ ହୋଇଥିବା ଜଣାପଡ଼ିଛି।

ସୂଚନା ଅନୁସାରେ, ଭଦ୍ରକ ଜିଲ୍ଲାରେ ଥିବା ୩୪ଟି ଠିପି ବନ୍ଦ ଦୋକାନ ମଧ୍ୟରୁ ୩୨ଟି ଓ ୧୯ଟି ଦେଶୀ ମଦ ଦୋକାନ ମଧ୍ୟରୁ ୧୭ଟି ମୋଟ୍ ୪୯ଟି ଦୋକାନ ପାଇଁ ଏହି ଲଟେରୀ ଅନୁଷ୍ଠିତ ହୋଇଥିଲା। ଏହି ଲଟେରୀ ପାଇଁ ମୋଟ୍ ୬୪୦ଟି ଦରଖାସ୍ତ ଗ୍ରହଣ କରାଯାଇଥିଲା। ଏଥିମଧ୍ୟରୁ ଠିପି ବନ୍ଦ ବିଦେଶୀ ମଦ ଦୋକାନ ଲାଇସେନ୍ସ ଲାଗି ୪୬୭ଟି ଦରଖାସ୍ତ ଗ୍ରହଣ କରାଯାଇଥିବା ବେଳେ ୧୭ଟି ଦେଶୀ ମଦ ଦୋକାନ ଲାଇସେନ୍ସ ଲାଗି ୧୭୩ଟି ଦରଖାସ୍ତ ଗ୍ରହଣ କରାଯାଇଥିଲା।

**ବିନା ଫେରସ୍ତ ଯୋଗ୍ୟ ଅମାନତ ରାଶି ୩ ଗୁଣା ବୃଦ୍ଧି ସତ୍ତ୍ୱେ ରେକର୍ଡ ସଂଖ୍ୟକ ଆବେଦନକାରୀ**

ତେବେ ଚଳିତ ଲଟେରୀରେ ଗୁରୁତ୍ୱପୂର୍ଣ୍ଣ କଥା ଥିଲା ଦରଖାସ୍ତକାରୀଙ୍କ ଲାଗି ସରକାର ଧାର୍ଯ୍ୟ କରିଥିଲେ ନନ୍‌ରିଫଣ୍ଡେବଲ ସିକ୍ୟୁରିଟି ମନି ବା ବିନା ଫେରସ୍ତ ଯୋଗ୍ୟ ଅମାନତ ରାଶି ଜମା କରିବାକୁ ପଡ଼ିବ। ପୂର୍ବରୁ ଠିପି ବନ୍ଦ ବିଦେଶୀ ମଦ ଦୋକାନ ପାଇଁ ଦରଖାସ୍ତକାରୀଙ୍କୁ ଦରଖାସ୍ତ ପିଛା ମାତ୍ର ୧ ଲକ୍ଷ ଟଙ୍କା ନନ୍‌ରିଫଣ୍ଡେବଲ ସିକ୍ୟୁରିଟି ମନି ଦେବାକୁ ପଡୁଥିବାବେଳେ ଏଥର ଦରଖାସ୍ତ ପିଛା ୩ ଲକ୍ଷ ଟଙ୍କା ଦେବାକୁ ପଡ଼ିଛି। ସେହିଭଳି ପୂର୍ବରୁ ଦେଶୀ ମଦ ଦୋକାନ ପାଇଁ ଆବେଦନ କରୁଥିବା ଦରଖାସ୍ତକାରୀଙ୍କୁ ଦରଖାସ୍ତ ପିଛା ମାତ୍ର ୧ ଲକ୍ଷ ଟଙ୍କା ଦେବାକୁ ପଡୁଥିବାବେଳେ ଏଥର ତାହା ୨ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ତେବେ ଚଳିତ ବର୍ଷ ସରକାରଙ୍କ ଏହି ନନ୍‌ରିଫଣ୍ଡେବଲ ଦରଖାସ୍ତ ଫି' ବୃଦ୍ଧି ଯୋଗୁଁ ଜିଲ୍ଲାରେ ମଦ ଦୋକାନ ଲାଇସେନ୍ସ ପାଇଁ ଆବେଦନକାରୀଙ୍କ ସଂଖ୍ୟା ହ୍ରାସ ପାଇବ ବୋଲି ଆଶଙ୍କା କରାଯାଉଥିଲା। ତେବେ ଚଳିତବର୍ଷ ଦରଖାସ୍ତ ଫି' ବୃଦ୍ଧି ସହ ରେକର୍ଡ ସଂଖ୍ୟକ ଆବେଦନ ମଧ୍ୟ ଗ୍ରହଣ କରାଯାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ପ୍ରାୟ ୧୭ କୋଟି ୫୭ ଲକ୍ଷ ଟଙ୍କା ଲଟେରୀ ବାବଦକୁ ରାଜସ୍ୱ ସଂଗ୍ରହ ହୋଇଛି ବୋଲି ଜିଲ୍ଲା ଅବକାରୀ ଅଧୀକ୍ଷକ ନରୋତ୍ତମ ମିଶ୍ର ସୂଚନା ଦେଇଛନ୍ତି। ଲଟେରୀ ବିଜେତା ଦରଖାସ୍ତକାରୀଙ୍କୁ ୧୫ ଦିନ ମଧ୍ୟରେ ଦୋକାନର ସବିଶେଷ ବିବରଣୀ ଦାଖଲ ପରେ ସେମାନଙ୍କୁ ମଦ ଦୋକାନ ପାଇଁ ଲାଇସେନ୍ସ ଦିଆଯିବ। ତେବେ ସରକାର ଆଗାମୀ ଜୁନ୍ ମାସ ପର୍ଯ୍ୟନ୍ତ ପୂର୍ବ ଲାଇସେନ୍ସ ଅବଧି ବୃଦ୍ଧି କରିଥିବା ଯୋଗୁଁ ଆସନ୍ତା ଜୁଲାଇ ମାସଠାରୁ ନୂତନ ଲାଇସେନ୍ସ କାର୍ଯ୍ୟକାରୀ ହେବ ବୋଲି ସେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଗତ ଥର(୫ବର୍ଷ ତଳେ) ଜିଲ୍ଲାରେ ଉଭୟ ସରକାରୀ ଦେଶୀ ଓ ବିଦେଶୀ ମଦ ଦୋକାନ ଲାଗି ୪୯୦ ଜଣ ଆବେଦନ କରିଥିବାବେଳେ ଏଥର ଏହି ସଂଖ୍ୟା ବୃଦ୍ଧି ପାଇ ୬୪୦ ହୋଇଛି। ନୂଆ ସରକାର ମଦ ଦୋକାନ ଲାଗି ସିକ୍ୟୁରିଟି ଅର୍ଥ ଆଶାତୀତ ବୃଦ୍ଧି କରିବା ସତ୍ତ୍ୱେ ଅର୍ଥାତ୍ ୩ ଗୁଣା ବୃଦ୍ଧି ସତ୍ତ୍ୱେ ଜିଲ୍ଲାରେ ୬୪୦ଟି ଦରଖାସ୍ତ ଆବେଦନ ହେବା ଜିଲ୍ଲାରେ ମଦର ପ୍ରବଳ ଚାହିଦା ବୃଦ୍ଧି ପାଇବା ସହ ମଦ ବ୍ୟବସାୟ ପ୍ରତି ମଧ୍ୟ ଅଧିକ ଆଗ୍ରହ ବଢୁଥିବା ନେଇ ଉକ୍ତ ତଥ୍ୟ ସ୍ୱତଃ ପ୍ରମାଣିତ କରିଛି ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

## ବ୍ଲକ୍‌ସ୍ତରୀୟ ଯୋଗ ଶିକ୍ଷକ ବୈଠକ



ବନ୍ତ/ଆଗରପଡ଼ା,୩୦।୫(ସମିସ): ବନ୍ତ ବ୍ଲକ୍ ଅନ୍ତର୍ଗତ ବନ୍ତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବ୍ଲକ୍‌ସ୍ତରୀୟ ଯୋଗ ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭଦ୍ରକ ଜିଲ୍ଲା ଭାରତ ସ୍ୱାଭିମାନ ସଂଯୋଜକ ଧରଣୀଧର କର ସଭା ପରିଚାଳନା କରିଥିବାବେଳେ ଅତିଥି ଭାବେ ଭଦ୍ରକ ପତଞ୍ଜଳି ଯୋଗ ସମିତିର ପ୍ରଭାରୀ ଗିରିଶ୍ କୁମାର ପାଢ଼ୀ, ବରିଷ୍ଠ ଯୋଗ ଶିକ୍ଷକ ଯଶୋବନ୍ତ ବେହେରା, ଶିକ୍ଷୟିତ୍ରୀ ଗୀତାରାଣୀ ସା, ଜିଲ୍ଲା ସୋସିଆଲ୍ ମିଡିଆ ପ୍ରଭାରୀ ଶ୍ରୀବତ୍ସ କର ମଞ୍ଚାସୀନ ଥିଲେ। ଅତିଥିମାନେ ଯୋଗର ଉପକାରିତା ସମ୍ପର୍କରେ ଆଲୋଚନା କରିବା ସହିତ ଆଗାମୀ ଦିନରେ ଯୋଗ କାର୍ଯ୍ୟକୁ ଘରେ ଘରେ ପହଞ୍ଚାଇବା ପାଇଁ ଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲା ସଂଯୋଜକ ଶ୍ରୀ କର ବନ୍ତ ବ୍ଲକ୍‌ରେ ଯୋଗ ଶିକ୍ଷାକୁ ବ୍ୟାପକ ଭାବରେ ପ୍ରସାର କରିବା ପାଇଁ ଶିକ୍ଷକମାନଙ୍କୁ ଦାୟିତ୍ୱ ବଣ୍ଟନ କରିଥିଲେ। ଭାରତ ସ୍ୱାଭିମାନ ବ୍ଲକ୍ ସଂଯୋଜକ ପର୍ଶୁରାମ ପୁହାଣ, ଯୋଗ ସମିତି ସଭାପତି କାଳନ୍ଦୀ ପାତ୍ର, ଯୁବ ସଭାପତି ସନ୍ତୋଷ ପଣ୍ଡା, ସୋସିଆଲ୍ ମିଡିଆ ତଥା କୋଷାଧ୍ୟକ୍ଷ ମଳୟ ରାଉଳ, କୃଷକ ସଭାପତି ଗଦାଧର ଦାସ, ମହିଳା ସଂଯୋଜିକା ଗୀତାରାଣୀ ସା ଏବଂ ଆଶାରାଣୀ ମୁଦୁଲି, ସହ ସଂଯୋଜିକା ସୌଭାଗିନୀ ପାତ୍ର, ଯୁବ ଉପସଭାପତି ପ୍ରଭାସ ରାଉତ, ଉପଦେଷ୍ଟା ଯଶୋବନ୍ତ ବେହେରା, ଆରତୀ ପାଣିଗ୍ରାହୀ, ରବୀନ୍ଦ୍ର ସେଠୀ, ସଞ୍ଜୟ ପାଣିଗ୍ରାହୀ, ଅନାମ ଯେନା ପ୍ରମୁଖଙ୍କ ନାମକୁ ଧାର୍ଯ୍ୟ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଯୋଗ ଶିକ୍ଷୟିତ୍ରୀ ସ୍ମିତା ଆଇଚ, ପୂର୍ଣ୍ଣିମା ଯେନା, ଉମେଶ ସେଠୀ, ସୌଭାଗ୍ୟ ନାୟକ, ସୁଜିତ୍ ସେଠୀ, ପ୍ରଦୀପ୍ତ କୁମାର ଧଳ, ସୋନାଲୀ ପାଢ଼ୀ, ସୁଧାକର ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ଯୋଗ ଶିକ୍ଷକ ଯଶୋବନ୍ତ ବେହେରାଙ୍କୁ ସମିତି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ■ ଜମି ବିକ୍ରିକୁ ନେଇ ବିବାଦ

## ଧୂଷୁରୀ ଉପନିବନ୍ଧକଙ୍କ ଦ୍ୱାରସ୍ଥ ହେଲେ ଅଭିଯୋଗକାରୀ

ଅସୁରାଳି,୩୦।୫(ସମିସ): ଜମିଜମା ଭାଗବଣ୍ଟା ଓ କୋର୍ଟରେ ମାମଲା ବିଚାରାଧୀନ ଥିବା ସତ୍ତ୍ୱେ ଜୋର୍‌ଜବରଦସ୍ତ ଜମି ବିକ୍ରି ଉଦ୍ୟମକୁ ନେଇ ଧୂଷୁରୀ ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ଏକ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଆରଡ଼ି ଗ୍ରାମର ଜଗନ୍ନାଥ




ବାରିକ ଉପନିବନ୍ଧକଙ୍କ ନିକଟରେ ଲିଖିତ ଆପତ୍ତି ଦାଖଲ କରି ଜମି ପଞ୍ଜୀକରଣ (ରେଜିଷ୍ଟ୍ରେସନ) ବନ୍ଦ କରିବାକୁ ନିବେଦନ କରିଛନ୍ତି।

ଅଭିଯୋଗ ଅନୁସାରେ, ଧୂଷୁରୀ ଥାନା ଅଧୀନ ଆରଡ଼ି ଗ୍ରାମର ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ବାରିକଙ୍କ ନାମରେ ଥିବା ଜମି ଖତିଆନ ରେକର୍ଡଭୁକ୍ତ ହୋଇ ରହିଛି। ଭାଇମାନଙ୍କ ମଧ୍ୟରେ ଏପର୍ଯ୍ୟନ୍ତ କୌଣସି ଆପୋଷ ଭାଗବଣ୍ଟା ବା ପାର୍ଟିସନ କେସ୍ ହୋଇନାହିଁ। ଏହା ସତ୍ତ୍ୱେ ଅପରପକ୍ଷ ନରେନ୍ଦ୍ର ବାରିକ ଉକ୍ତ ଜମିକୁ ବିକ୍ରି କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହି ବିବାଦକୁ ନେଇ ଅଭିଯୋଗକାରୀ ଜଗନ୍ନାଥ ବାରିକ ପୂର୍ବରୁ ଚାନ୍ଦବାଲି ସିଭିଲ୍ କୋର୍ଟ ଓ ଭଦ୍ରକ କୋର୍ଟରେ ମାମଲା ଆଗତ କରିଛନ୍ତି, ଯାହାର କେସ୍ ନମ୍ବର ୧୩୭/୨୫ ଅଟେ। ଏହା ବର୍ତ୍ତମାନ ବିଚାରାଧୀନ ରହିଛି। ଚାନ୍ଦବାଲି ତହସିଲ୍, ଆରଡ଼ି ମୌଜା, ଖାତା ସଂଖ୍ୟା- ୩୩୧, ପ୍ଲଟ୍ ସଂଖ୍ୟା- ୪୧୩, ଜମିର ପରିମାଣ- ୭୮ ଡେସିମିଲ ୩୦୦ ବର୍ଗ କଡ଼ି। ଦରଖାସ୍ତରେ ଉଲ୍ଲେଖ କରାଯାଇଛି ଯେ, ପୂର୍ବରୁ ଏହି ଜମି ବିବାଦ ସମ୍ପର୍କରେ ଅଂଶୀଦାର ଓ ସ୍ଥାନୀୟ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ଆଲୋଚନା କରାଯାଇଥିଲା। ମାତ୍ର ବର୍ତ୍ତମାନ ଅପରପକ୍ଷମାନେ ଜଗନ୍ନାଥ ବାରିକଙ୍କୁ ଜୋର୍‌ଜବରଦସ୍ତ ଗାଳିଗୁଲଜ, ମାରପିଟ୍ ଓ ଧମକଚମକ ଦେଇ ଉକ୍ତ ଜମିକୁ ବିକ୍ରି କରିବାକୁ ବସିଛନ୍ତି। ଯଦି ଏହି ଜମି ବିକ୍ରି ହୋଇଯାଏ, ତେବେ ଜଗନ୍ନାଥଙ୍କର ଅପୂରଣୀୟ କ୍ଷତି ଘଟିବ। ତେଣୁ କୋର୍ଟରେ କେସ୍‌ର ସମାଧାନ ନ ହେବା ପର୍ଯ୍ୟନ୍ତ ଏହି ଜମି ବିକ୍ରି ପ୍ରକ୍ରିୟାକୁ ସ୍ଥଗିତ ରଖିବାକୁ ସେ ଉପନିବନ୍ଧକଙ୍କ ପାଖରେ ଗୁହାରି କରିଛନ୍ତି। ଏ ସମ୍ପର୍କରେ ଧୂଷୁରୀ ଉପନିବନ୍ଧକ ଅଲିଭା ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି, "ଉକ୍ତ ଜମିର ରେଜିଷ୍ଟ୍ରେସନ ପାଇଁ ସକାଳ ୯ଟାରୁ ୧୦ଟା ମଧ୍ୟରେ ସ୍ଲଟ୍ ବୁକିଂ ହୋଇଥିଲା। ଅପରପକ୍ଷ ଏଥିପାଇଁ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଅନୁମତି ମଧ୍ୟ ଆଣିଛନ୍ତି। ନିୟମ ଅନୁଯାୟୀ ଏହି ସମୟ ସୀମା ଭିତରେ ରେଜିଷ୍ଟ୍ରି ହେବାର ଥିଲା, ମାତ୍ର ଆଜି କୌଣସି କବଲା (ଜମି ପଞ୍ଜୀକରଣ) ହୋଇନାହିଁ।' ବିବାଦୀୟ ଜମିକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି।

## କାଳବୈଶାଖୀର ତାଣ୍ଡବ; ଘଣ୍ଟାକରେ ଛାରଖାର





ବାରିକପୁର,୩୦।୫(ସମିସ): ଗ୍ରୀଷ୍ମ ପ୍ରବାହ ସାରା ରାଜ୍ୟରେ ଏବେ ଉଗ୍ରରୂପ ନେଇଛି। ଏଥିପାଇଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଖରା ସାଙ୍ଗକୁ ଭୀଷଣ ଗୁଳୁଗୁଳିରେ ଜନସାଧାରଣ ସିଝି ଯାଉଛନ୍ତି। ଯୁଆଡ଼େ ଦେଖ ଉଗ୍ର ଗ୍ରୀଷ୍ମକୁ ନେଇ ତ୍ରାହିତ୍ରାହି ଡାକୁଛନ୍ତି ଲୋକେ। ଏହାରି ଭିତରେ କାଳବୈଶାଖୀ ଟିକିଏ ହେଲେ ଲୋକମାନେ ସାମାନ୍ୟ ଆଶ୍ୱସ୍ତି ଅନୁଭବ କରୁଛନ୍ତି ସତ କିନ୍ତୁ ଏଥିଯୋଗୁଁ ସୃଷ୍ଟି ହେଉଥିବା ବର୍ଷା ଝଡ଼ କିଛି କମ୍ ଦୁଃଖ ଦେଉନାହିଁ। ଘଣ୍ଟାଏ କାଳବୈଶାଖୀ ଛାରଖାର କରିଦେଉଛି। ଏହି ପରିପ୍ରେକ୍ଷୀରେ ଗତ ଶୁକ୍ରବାର ଅପରାହ୍ଣ ବେଳା ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ସ୍ଥାନରେ କାଳବୈଶାଖୀ ଜନିତ ଝଡ଼ ବର୍ଷା ଓ ପବନ ଆରମ୍ଭ ହୋଇଯାଇଥିଲା। ପରିବର୍ତ୍ତିତ ପାଣିପାଗ ଯୋଗୁଁ ମୌସୁମୀ ଓଡ଼ିଶା ଛୁଇଁବା ବିଳମ୍ବ ହେଉଛି। ତେଣୁ ଦିନ ବେଳା ପ୍ରବଳ ଝାଞ୍ଜି ବହୁଥିବାବେଳେ ଅପରାହ୍ଣରୁ ସନ୍ଧ୍ୟା ପର୍ଯ୍ୟନ୍ତ ବିଭିନ୍ନ ଜାଗାରେ କାଳ ବୈଶାଖୀର ଉଗ୍ର ରୂପ ଦେଖାଯାଉଛି। ଆକାଶରେ ବିଜୁଳି, ଘଡ଼ଘଡ଼ି ତୀବ୍ର ହେଉଥିବାବେଳେ ବ୍ଲକ୍ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ପ୍ରାୟତଃ ବନ୍ଦ ରହୁଛି। ପବନ, ବର୍ଷା ଯୋଗୁଁ ଶୁକ୍ରବାର ରହଣିଆ, ରାଢ଼ୋ, ସରସଦା, ମାଳଦା, ବାଲିପୋଖରୀ, ଦକ୍ଷିଣବାଡ଼, ପାଟୁଳି, ନଗୁଆ, ନାଆମୀ, ମଞ୍ଜୁରୀ ରୋଡ୍, ପାହି ମୋହୁରା, ବାହାଦଲପୁର ପ୍ରମୁଖ ସ୍ଥାନରେ ଗଛ ଡାଳ ଭାଙ୍ଗି ରାସ୍ତା ଅବରୋଧ ହୋଇଥିବାବେଳେ କେତେକ ସ୍ଥାନରେ ସ୍କୁଲ୍, କଚ୍ଚା ଘର ଓ ଅଙ୍ଗନବାଡ଼ି କେନ୍ଦ୍ର ପ୍ରଭାବିତ ହୋଇଛି। ଦୁଇ ଦିନ ହେବ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପ୍ରଭାବିତ ସ୍ଥାନରେ ପହଞ୍ଚି ରାସ୍ତାଘାଟରୁ ଗଛପତ୍ର ସଫା କରୁଥିବା ଦେଖିବାକୁ ମିଳିଛି। ଆଗକୁ କାଳବୈଶାଖୀ ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଥିବାବେଳେ ବର୍ଷା ପବନ ହେଲେ ଲୋକେ ଏକପ୍ରକାର ଭୟଭୀତ ଅବସ୍ଥାରେ ରହୁଛନ୍ତି।

## ଏସ୍‌ଆଇଆର୍ ନିମନ୍ତେ ଭୋଟର ସହାୟତା କେନ୍ଦ୍ର ଉଦ୍‌ଘାଟିତ




ଭଦ୍ରକ,୩୦।୫(ସମିସ): ନିର୍ବାଚନ କମିଶନଙ୍କ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)-୨୦୨୬ କାର୍ଯ୍ୟକ୍ରମ ଅନ୍ତର୍ଗତ ଭଦ୍ରକ ଜିଲ୍ଲାରେ ଭୋଟରମାନଙ୍କୁ ସହଜ ଓ ତ୍ୱରିତ ସେବା ପ୍ରଦାନ ଉଦ୍ଦେଶ୍ୟରେ ଏକ ଭୋଟର ସହାୟତା କେନ୍ଦ୍ର (ଭୋଟର ହେଲ୍‌ପ ଡେସ୍କ) ଶନିବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲାପାଳ ଓ ଜିଲ୍ଲା ନିର୍ବାଚନ ଅଧିକାରୀ ଦିଲ୍ଲୀପ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ରବି ନାରାୟଣ ସାହୁ ଏହି ସହାୟତା କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଧନାଇ ଚରଣ ଟୁଡୁ, ସହକାରୀ ଜିଲ୍ଲାପାଳ (ନିର୍ବାଚନ) ପ୍ରତିମା ନାୟକ ଓ ସହକାରୀ ଜିଲ୍ଲାପାଳ ଶାଶ୍ୱତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଭୋଟର ସହାୟତା କେନ୍ଦ୍ର ମାଧ୍ୟମରେ ଭୋଟରମାନେ ଭୋଟର ତାଲିକା ସମ୍ବନ୍ଧୀୟ ବିଭିନ୍ନ ସୂଚନା, ନାମ ଅନ୍ତର୍ଭୁକ୍ତ, ସଂଶୋଧନ, ବିଲୋପ ଓ ଏସ୍‌ଆଇଆର୍-୨୦୨୬ ସମ୍ବନ୍ଧୀୟ ଆବଶ୍ୟକ ସହାୟତା ପାଇପାରିବେ। ଏସ୍‌ଆଇଆର୍ ଅଧୀନରେ ଭୋଟର ତାଲିକାର ସଠିକତା ପାଇଁ ଘରକୁ ଘର ବୁଲି ଯାଞ୍ଚ କାର୍ଯ୍ୟ ଚାଲିଛି। ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ଯୋଗ୍ୟ ନିର୍ବାଚକଙ୍କ ନାମକୁ ଭୋଟର ତାଲିକାରେ ସୁନିଶ୍ଚିତ କରିବା ଏବଂ ଅଯୋଗ୍ୟ ନାମଗୁଡ଼ିକୁ ତାଲିକାରୁ ହଟାଇବା। ଏହା ମାଧ୍ୟମରେ ଏକ ନିର୍ଭରଯୋଗ୍ୟ ଓ ଅଦ୍ୟତନ ଭୋଟର ତାଲିକା ପ୍ରସ୍ତୁତ ହେବ। ଏସ୍‌ଆଇଆର୍-୨୦୨୬ ସମ୍ପର୍କରେ ଅଧିକ ସୂଚନା ପାଇଁ ନାଗରିକମାନେ ଟୋଲ୍ ଫ୍ରି ନମ୍ବର ୧୯୫୦ରେ ଯୋଗାଯୋଗ କରିପାରିବେ।

### ୭କୋଟି ଟଙ୍କାର ମଙ୍ଗଳପୁର-ନୁନ୍ଦର ରାସ୍ତା ନିର୍ମାଣ କାର୍ଯ୍ୟରେ ଅନିୟମିତତା ଅଭିଯୋଗ

# ଏପାଖେ କାମ ଚାଲୁଛି; ସେପାଖେ ରାସ୍ତା ଫାଟିଗଲାଣି

ଭଦ୍ରକ,୩୦।୫(ସମିସ)



- ■ ବିନା ତଦାରଖ ଓ ସୂଚନାଫଳକରେ ଚାଲିଛି କାର୍ଯ୍ୟ
- ■ ଭିତ୍ତିପ୍ରସ୍ତରରେ ଫଳକକୁ ନେଇ ସନ୍ଦେହ

ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍ ଅଧୀନ ମଙ୍ଗଳପୁରଠାରୁ ନୁନ୍ଦର ପର୍ଯ୍ୟନ୍ତ ନିର୍ମାଣାଧୀନ ରାସ୍ତା ଉନ୍ନତୀକରଣ କାମକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଅତି ନିମ୍ନମାନ ଢଙ୍ଗରେ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ରାସ୍ତା ଫାଟିଗଲାଣି। ଆଉ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି ଅନୁକ୍ରମରେ ନିର୍ମାଣ ହେଉଥିବା ଏହି ରାସ୍ତା କାମରେ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ମନମୁଖୀ କାର୍ଯ୍ୟକଳାପ ଯୋଗୁଁ ନିମ୍ନମାନର କାମ ହେଉଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, କାର୍ଯ୍ୟସ୍ଥଳରେ ସରକାରୀ ନିୟମ ଅନୁଯାୟୀ କୌଣସି ସୂଚନାଫଳକ ଅଦ୍ୟାବଧି ଲଗାଯାଇନାହିଁ। ଫଳରେ ପ୍ରକଳ୍ପର ମୋଟ ବ୍ୟୟ, କାର୍ଯ୍ୟ ଅବଧି, ଠିକାଦାରଙ୍କ ନାମ ଓ ବିଭାଗୀୟ ତଥ୍ୟ ସାଧାରଣ ଲୋକଙ୍କ ନଜରରୁ ଦୂରରେ ରହିଛି। ଏହା ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସବୁଠାରୁ ବଡ଼ କଥା ହେଲା, ରାସ୍ତା କାମ ସମ୍ପୂର୍ଣ୍ଣ ହୋଇ ନ ଥିବାବେଳେ ଅନେକ ସ୍ଥାନରେ ନୂତନ ରାସ୍ତା ଫାଟିବା ଆରମ୍ଭ ହୋଇଯାଇଛି। କେତେକ ସ୍ଥାନରେ ରାସ୍ତାର ଉପରିଭାଗ ମେଲା ହୋଇଥିବାରୁ ନିର୍ମାଣ କାର୍ଯ୍ୟର ଗୁଣବତ୍ତାକୁ ନେଇ ପ୍ରଶ୍ନ ଉଠିଛି। ଏହା ନିମ୍ନମାନର ସାମଗ୍ରୀ ବ୍ୟବହାର ଓ କାର୍ଯ୍ୟ ତଦାରଖରେ ଅବହେଳା ହୋଇଥିବାର ସନ୍ଦେହକୁ ଆହୁରି ଜୋର୍‌ଦାର କରିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ରାସ୍ତା କାର୍ଯ୍ୟର ଭିତ୍ତିପ୍ରସ୍ତର ଫଳକରେ ସହିଦନଗରରୁ ମଙ୍ଗଳପୁର ବୋଲି ରାସ୍ତା କାର୍ଯ୍ୟ



ଲେଖାଯାଇଥିବା ବେଳେ ବାସ୍ତବରେ ଏହା ନୁନ୍ଦର ଯାଏଁ ଚାଲିଛି। ଯାହା ରହସ୍ୟ ସୃଷ୍ଟି କରିଛି। ଏହି ପ୍ରସଙ୍ଗରେ ଅଞ୍ଚଳବାସୀ ଭିଜିଲାନ୍ସ ତଦନ୍ତ ଦାବି କରିଥିବାବେଳେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଦାବି ଉଠିଛି।

ଅନ୍ୟପଟେ ଏ ସମ୍ପର୍କରେ ବିଭାଗୀୟ ଏସ୍‌ଡିଓ ରଞ୍ଜନ ନାୟକଙ୍କୁ ପଚାରିବାରୁ ସେ କହିଥିଲେ, ଗାଁ ଲୋକଙ୍କ ଅଭିଯୋଗ ଆମ ପାଖରେ ନାହିଁ ବୋଲି କହି ଅନିୟମିତତା ଘଟଣାକୁ ଆଡ଼େଇ ଦେଇଛନ୍ତି। ତେବେ ରାସ୍ତା କାମରେ ଉଠିଥିବା ଅଭିଯୋଗ ସମ୍ପର୍କରେ ସେ କୌଣସି ସ୍ପଷ୍ଟ ଉତ୍ତର ଦେଇପାରି ନ ଥିଲେ। ସରକାର ବିପର୍ଯ୍ୟୟ ସମୟରେ ଲୋକଙ୍କ ସୁବିଧା ପାଇଁ ରାସ୍ତା ନିର୍ମାଣ ଉପରେ ଗୁରୁତ୍ୱ ଦେଉଥିବାବେଳେ, ଏଭଳି ନିମ୍ନମାନର କାମ ଓ ଅନିୟମିତତା ଅଭିଯୋଗ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ାଇଛି। ତେଣୁ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ତୁରନ୍ତ ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସୁନାମୀ ପ୍ରଭାବିତ ୫ଟି ଗ୍ରାମରେ ମକ୍‌ଡ୍ରିଲ୍




ଜୀବନ ବିକଳରେ ସୁରକ୍ଷିତ ଆଶ୍ରୟସ୍ଥଳୀକୁ ଧାଉଁଛନ୍ତି।

ମାଡ଼ି ଆସୁଛି ସୁନାମୀ। ଭୟଭୀତ ହେଉଛନ୍ତି କି। ଏହା ସତସତିକା ସୁନାମୀ ନୁହେଁ। ଉପକୂଳ ଅଞ୍ଚଳରେ ଚାଲିଛି ସୁନାମୀ ମକ୍‌ଡ୍ରିଲ୍। ଧନଜୀବନ କ୍ଷୟକ୍ଷତି ରୋକିବାକୁ ଚାଲିଛି ସୁନାମୀ ପ୍ରଭାବିତ ଗ୍ରାମରେ ନିଛକ ଅଭ୍ୟାସ। ମକ୍‌ଡ୍ରିଲ୍‌ରେ

ବାସୁଦେବପୁର,୩୦।୫(ସମିସ): ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଭଦ୍ରକ ଜିଲ୍ଲା ପ୍ରଶାସନ ମିଳିତ ସହଯୋଗରେ ବାସୁଦେବପୁର ବ୍ଲକ୍‌ର ୫ଟି ସୁନାମୀ ପ୍ରଭାବିତ ଗ୍ରାମରେ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ସୁନାମୀ ପ୍ରଭାବିତ ଗ୍ରାମ ଇରମ ଆଡ଼ିଆ, ବାଲିମୁଣ୍ଡା, ନନ୍ଦପାଟଣା, ସାନହାବେଳିସାହି ଓ ଗୋଠଆଡ଼ିଆରେ ସଚେତନତା ପାଇଁ ସୁନାମୀ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ଏଇନ୍‌କୋଏସ୍‌ଠାରୁ ସକାଳ ୮ଟାରେ ଗ୍ରାମବାସୀ ସତର୍କ ସୂଚନା ପାଇଥିଲେ। ସାଇରନ୍ ବାଜି ଉଠିଥିଲା। ଡାକବାଜି ଯନ୍ତ୍ର ଓ କେତେକ ଗ୍ରାମରେ ଘଣ୍ଟା, ଶଙ୍ଖ ମାଧ୍ୟମରେ ସୂଚନା ଦିଆଯାଇଥିଲା। ଉପକୂଳ ଅଞ୍ଚଳକୁ ମାଡ଼ି ଆସୁଛି ସୁନାମୀ। ସୂଚନା ପାଇ ଗ୍ରାମବାସୀମାନେ ଅତ୍ୟାବଶ୍ୟକ ଜିନିଷ ଧରି ଭୟଭୀତ ହୋଇ ଘର ଛାଡ଼ି ପଳାଇ ଆସିଥିଲେ। କିଏ ବ୍ୟାଗ୍ ଧରିଛନ୍ତି ତ ପୁଣି କିଏ ଦରକାରୀ କାଗଜପତ୍ର। କିଏ କିଏ ପିଲା ଛୁଆଙ୍କୁ ଧରି ବାସୁଦେବପୁର ଅଗ୍ନିଶମ ବାହିନୀ ସାମିଲ୍ ହୋଇଥିଲେ। ଜନସଚେତନତା ବୃଦ୍ଧି ପାଇଲେ ଧନଜୀବନ କ୍ଷୟକ୍ଷତି ରୋକାଯାଇପାରିବ ବୋଲି ଆୟୋଜିତ ସଭାରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ କହିଥିଲେ। ଡିପିଓ ଅମ୍ଲାନ ଅନୁପମ ସେନାପତି, କିସ୍ମତ କୃଷ୍ଣପୁର ସରପଞ୍ଚ ସନ୍ଧ୍ୟାରାଣୀ ବାରିକ, ଅଗ୍ନିଶମ ଅଧିକାରୀ ସଞ୍ଜୀବ କୁମାର ପ୍ରଧାନ, ନୋଡାଲ ଏନ୍‌ଜିଓ ସମ୍ପାଦକ ରମାକାନ୍ତ ଡାଙ୍ଗୁଆ, ମାନସ ରଞ୍ଜନ ସାହୁ, ଲକ୍ଷ୍ମୀପ୍ରିୟା ଭୋଇ, ଭାଗିରଥି ପଲାଇ, ସତ୍ୟବ୍ରତ ଡାଙ୍ଗୁଆ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ପିଇଓ ସୂର୍ଯ୍ୟକାନ୍ତ ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ବାରିକ, ରବୀନ୍ଦ୍ର ନାଥ ଦାସ, ଚିନ୍ମୟୀ ପଣ୍ଡା ଓ ଇରମ ରେଡ୍‌କ୍ରସ ବାତ୍ୟା ଆଶ୍ରୟସ୍ଥଳୀର ସମ୍ପାଦକ ଦିବାକର ବାରିକ ଯୋଗଦେଇ ସହଯୋଗ କରିଥିଲେ। ଆପଦମିତ୍ର ଓ ରିଲାଏନ୍ସ ଫାଉଣ୍ଡେସନର ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ।

# ମେଗା ଜଳ ପ୍ରକଳ୍ପ ପାଇଁ ଖୋଳାଯାଉଛି ନୂଆ ରାସ୍ତା

ବାଲେଶ୍ୱର,୩୦।୫ (କଳିଙ୍ଗ ସାହୁ)



**ବିପଦସଙ୍କୁଳ ରାସ୍ତା ଯୋଗୁ ଘଟୁଛି ଦୁର୍ଘଟଣା**

ସହରରେ ଦୀର୍ଘ ଦିନ ଧରି ରହିଥିବା ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି ଏକ ମେଗା ପ୍ରକଳ୍ପ। ରାଜ୍ୟ ସରକାରଙ୍କ 'ସୁଜଳ' ଏବଂ କେନ୍ଦ୍ର ସରକାରଙ୍କ 'ଅମୃତ' ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଛି ଅତ୍ୟାଧୁନିକ ପୃଷ୍ଠଭାଗ ଜଳ ଯୋଗାଣ ପ୍ରକଳ୍ପ। ପ୍ରାୟ ୭୦ କିଲୋମିଟର ଦୀର୍ଘ ପାଇପ୍ ଲାଇନ୍ ବିଛାଇବା କାର୍ଯ୍ୟ ଜାରି ରହିଛି। ମାତ୍ର ପ୍ରଶାସନିକ ସ୍ତରରେ ବିଭାଗ ବିଭାଗ ମଧ୍ୟରେ ସମନ୍ୱୟର ଚରମ ଅଭାବ ଯୋଗୁଁ ଗୋଟିଏ ପଟେ ନୂଆ ରାସ୍ତା ତିଆରି ହେଉଥିବା ବେଳେ ଅନ୍ୟପଟେ ତାକୁ ଖୋଳି କୋଟି କୋଟି ଟଙ୍କାର ସରକାରୀ ଅର୍ଥ ବରବାଦ କରାଯାଉଛି। ଏପଟେ ବିପଦସଙ୍କୁଳ ରାସ୍ତା ଯୋଗୁଁ ନିତିଦିନ ସାଧାରଣ ଲୋକ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି।

ବାଲେଶ୍ୱର ସହରରେ ଜଳ ଯୋଗାଣ ବ୍ୟବସ୍ଥାର ବ୍ୟାପକ ସୁଧାର ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚାଲିଛି ମେଗା ପ୍ରକଳ୍ପ। ଭୂତଳ ଜଳରେ ଅତ୍ୟଧିକ ଆଇରନ୍ ରହୁଥିବାରୁ, ଏବେ ଲୋକଙ୍କୁ ସ୍ୱଚ୍ଛ ପୃଷ୍ଠଭାଗ ଜଳ ଯୋଗାଇଦେବାକୁ ପ୍ରାୟ ୭୦ କିଲୋମିଟର ରାସ୍ତାରେ ନୂତନ ରାଇଜିଂ ମେନ୍ ପାଇପ୍ ଲାଇନ୍ ବିଛାଯାଉଛି। ପ୍ରକଳ୍ପର କାର୍ଯ୍ୟ ବିଭିନ୍ନ ସ୍ଥାନରେ ଚାଲୁ ରହିଥିବା ବେଳେ ଏବେ ସହରବାସୀଙ୍କ ପାଇଁ ମରଣଯନ୍ତା ପାଲଟିଛି। ସହରର ମୁଖ୍ୟ ରାସ୍ତାଗୁଡ଼ିକୁ ପାଇପ୍ ବିଛାଇବା ପାଇଁ ଖୋଳି ଦିଆଯାଇଥିବା ବେଳେ ତାହାକୁ ଦୀର୍ଘ ଦିନ ଧରି ମରାମତି କରାଯାଉ ନାହିଁ। ସବୁଠାରୁ ବଡ଼ କଥା ହେଲା, ପ୍ରଶାସନିକ ସ୍ତରରେ ବିଭାଗ ବିଭାଗ ମଧ୍ୟରେ ସମନ୍ୱୟର ଚରମ ଅଭାବ ଦେଖିବାକୁ ମିଳିଛି। ଗୋଟିଏ ପଟେ ପୂର୍ତ୍ତ ବିଭାଗ କୋଟି କୋଟି ଟଙ୍କା ବ୍ୟୟରେ ନୂଆ ପିଚୁ କିମ୍ବା କଂକ୍ରିଟ୍ ରାସ୍ତା ନିର୍ମାଣ କରୁଥିବା ବେଳେ ପରକ୍ଷଣରେ ଜନସ୍ୱାସ୍ଥ୍ୟ ବିଭାଗ ପାଇପ୍ ବିଛାଇବା ନାଁରେ ସେହି ରାସ୍ତାକୁ ଜେସିବି ଲଗାଇ ତାଡ଼ି ଦେଉଛି। ପ୍ରଶାସନର ଏହି ଆଗପଛ ନ ବିଚାରି କାମ କରିବା ଶୈଳୀ ଯୋଗୁଁ ଜନସାଧାରଣଙ୍କ ଟିକସ ପଇସାରେ ପ୍ରସ୍ତୁତ କୋଟି କୋଟି ଟଙ୍କାର ରାସ୍ତା ଆଖିପିଛୁଳାକେ ବରବାଦ ହୋଇଯାଉଛି। ସ୍ଥାନୀୟ ବାସିନ୍ଦା ନିର୍ମଳ ରାଉତ ଏବଂ ୱାର୍ଡ କାଉନସିଲର ସଞ୍ଜୟ କୁମାର ଦାସଙ୍କ ଅଭିଯୋଗ ଅନୁଯାୟୀ, କାମ ଚାଲିଥିବା ସ୍ଥାନରେ କୌଣସି ସୁରକ୍ଷା ବାରିକେଡ୍ ମଧ୍ୟ ଲଗାଯାଉ ନାହିଁ। ଫଳରେ ବିଶେଷକରି ସ୍କୁଲ୍ ପିଲା ଓ ବୟସ୍କ ଲୋକେ ଯାତାୟାତ ସମୟରେ ନିତିଦିନ ଛୋଟବଡ଼ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ବିଶୁଦ୍ଧ ପାନୀୟ ଜଳ ପାଇବା ଆଶାରେ ଲୋକେ ଥିଲେ ହେଁ ବିଭାଗୀୟ ମନମୁଖୀ କାର୍ଯ୍ୟାନୁଷ୍ଠାନ ଓ ସରକାରୀ ଅର୍ଥର ଏଭଳି ଅପବ୍ୟୟକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସହରବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ପ୍ରଶାସନ ପକ୍ଷରୁ ପ୍ରାୟ ୭୦ କିଲୋମିଟର ରାସ୍ତାରେ ନୂତନ ରାଇଜିଂ ମେନ୍ ପାଇପ୍ ଲାଇନ୍ ପାଖାପାଖି ୨୫୦ କୋଟିର ମେଗା ପ୍ରକଳ୍ପ ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ 'ସୁଜଳ' ଏବଂ କେନ୍ଦ୍ର ସରକାରଙ୍କ 'ଅମୃତ' ଯୋଜନାରେ ରେମୁଣା ବ୍ଲକ ଗଣ୍ଡୋଦା ଠାରେ ୭୦ ଏମ୍‌ଏଲଡି ଅର୍ଥାତ୍ ୭୦୦ ଲକ୍ଷ ଲିଟର ଜଳ ବିଶୋଧନ ପ୍ଲାଣ୍ଟ ନିର୍ମାଣ ସହ ସହର ସାରା ବିଛାଯାଉଛି ପାଇପ୍ ଲାଇନ୍। ଅନ୍ୟପଟେ ଏହି ବୃହତ ପ୍ରକଳ୍ପରେ ସହରର ୯ଟି ସ୍ଥାନରେ ଓଭରହେଡ୍ ଟାଙ୍କି ସହ ଅତ୍ୟାଧୁନିକ ୨ଟି ପିଏଲସି ଅଟୋମେସନ୍ ସିଷ୍ଟମ୍, ୫ଟି ସ୍ଲୁଇସ୍ ଭାଲ୍ଭ ଏବଂ ପାଇପ୍ ଲାଇନକୁ ସୁରକ୍ଷିତ ରଖିବା ପାଇଁ ୪୨ଟି ଏୟାର୍ ଭାଲ୍ଭ ଖଞ୍ଜା ଯାଉଛି। ତେବେ ଲୋକଙ୍କ ଅଭିଯୋଗ ଓ କୋଟି କୋଟି ଟଙ୍କାର ରାସ୍ତା ନଷ୍ଟ ହେବା ପ୍ରସଙ୍ଗକୁ ନେଇ ବିଭାଗ ମଧ୍ୟରେ ସମନ୍ୱୟ ରହୁନଥିବା ଅଭିଯୋଗ ହୋଇଛି। ସେପଟେ ବାଲେଶ୍ୱର ଜନସ୍ୱାସ୍ଥ୍ୟ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ନବୀନ ଚନ୍ଦ୍ର ସିଂ କହିଛନ୍ତି ଯେ, ପୂର୍ତ୍ତ ବିଭାଗର ଅନୁମତି ଅନୁଯାୟୀ କାର୍ଯ୍ୟ କରାଯାଉଛି ଏବଂ ଯେଉଁଠି କାମ ସରୁଛି ତୁରନ୍ତ ସେଠାରେ ପିଚୁ କିମ୍ବା କଂକ୍ରିଟ୍ ରାସ୍ତାର ପୁନରୁଦ୍ଧାର କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ଦେଇଛନ୍ତି। ଏହି ମେଗା ପ୍ରକଳ୍ପ ଅଧୀନରେ ଗର୍ଣ୍ଡଦା ଠାରେ ଏକ ୭୦ ଏମ୍‌ଏଲଡି କ୍ଷମତା ସମ୍ପନ୍ନ ଅତ୍ୟାଧୁନିକ ଜଳ ବିଶୋଧନ ପ୍ଲାଣ୍ଟ ଏବଂ ନଦୀ ଗର୍ଭରେ ଇନଟେକ୍ ୱେଲ୍ ନିର୍ମାଣ କରାଯାଇଛି। ନଦୀରୁ ସ୍ୱଚ୍ଛ ପୃଷ୍ଠଭାଗ ଜଳକୁ ଆଣି ଏହି ପ୍ଲାଣ୍ଟରେ ସମ୍ପୂର୍ଣ୍ଣ ରୂପେ ବିଶୋଧନ କରାଯିବା ପରେ ତାହାକୁ ବାଲେଶ୍ୱର ସହରକୁ ପଠାଯିବ। ଗର୍ଣ୍ଡଦା ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟରୁ ଆସିବାକୁ ଥିବା ବିଶୁଦ୍ଧ ଜଳକୁ ପ୍ରଥମେ ସହରର ମୁଖ୍ୟ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ପରିସରରେ ନିର୍ମିତ ହେଉଥିବା ମେନ୍ ବାଲାନ୍ସିଂ ରିଜରଭର୍ ବା ବିଶାଳ ଭୂତଳ ଜଳାଶୟକୁ ଅଣାଯିବ। ସେଠାରୁ ଶକ୍ତିଶାଳୀ ପମ୍ପିଂ ବ୍ୟବସ୍ଥା ମାଧ୍ୟମରେ ସହରର ସମସ୍ତ ଅଞ୍ଚଳକୁ ସମାନ ଭାବେ ଜଳ ଯୋଗାଇବା ପାଇଁ ୯ଟି ଭିନ୍ନ ଭିନ୍ନ ସ୍ଥାନରେ ନିର୍ମାଣ କରାଯାଉଥିବା ଜୋନାଲ୍ ଓଭରହେଡ୍ ଟାଙ୍କିକୁ ଜଳ ପଠାଯିବବୋଲି କହିଛନ୍ତି। ଅନ୍ୟପଟେ ଦେଖିବାକୁ ଗଲେ ଇଞ୍ଜିନିୟରିଂ ନକ୍ସା ଅନୁଯାୟୀ, ଜଳର ସୂଚାରୁ ପ୍ରବାହ ଏବଂ ଚାପ କୁ ବଜାୟ ରଖିବା ପାଇଁ ଉଚ୍ଚ ମାନର ଡିଆଇ କେ୯ କ୍ଲିୟର୍ ୱାଟର୍ ରାଇଜିଂ ମେନ୍ ପାଇପ୍ ବ୍ୟବହାର କରାଯାଉଛି। ପୂର୍ବରୁ ଅମୃତ-୧ ଯୋଜନାରେ ସହରର କିଛି ଅଞ୍ଚଳରେ ପାଇପ୍ ବିଛାଯାଇଥିବା ବେଳେ, ବାକି ରହିଯାଇଥିବା ପ୍ରାୟ ୭୦ କିଲୋମିଟର ରାସ୍ତାରେ ଭିନ୍ନ ଭିନ୍ନ ବ୍ୟାସର ପାଇପ୍ ନେଟୱର୍କ ଯୁଦ୍ଧକାଳୀନ ଭିତ୍ତିରେ ବିଛାଯାଉଛି। ମୁଖ୍ୟ ଯୋଗାଣ ଲାଇନ ଟି ସବୁଠାରୁ ବଡ଼ ୮୦୦ଏମ୍‌ଏମ୍, ୭୦୦ ଏମ୍‌ଏମ ଏବଂ ୬୦୦ଏମ୍‌ଏମ୍ ର କ୍ଲିୟର୍ ୱାଟର୍ ରାଇଜିଂ ମେନ୍ ପାଇପ୍ ଲାଗିବ। ଆଞ୍ଚଳିକ ବିତରଣ ଲାଇନ୍ ମଧ୍ୟମ ଧରଣର ୫୦୦ ଏମ୍ ଏମ୍, ୪୫୦ ଏମ୍ ଏମ୍, ୪୦୦ ଏମ୍ ଏମ୍, ୩୫୦ ଏମ୍‌ଏମ୍ ର ପାଇପ୍ ଲାଇନ୍ ଲାଗିବ। ସେହିପରି ଶେଷ ମୁଣ୍ଡରେ ଥିବା ଜଳାଶୟ ଗୁଡ଼ିକୁ ସଂଯୋଗ କରିବା ପାଇଁ ୩୦୦ ଏମ୍ ଏମ୍, ୨୫୦ ଏମ୍ ଏମ୍, ୨୦୦ ଏମ୍ ଏମ୍ ଏଂ ୧୫୦ ଏମ ଏମ ବ୍ୟାସର ପାଇପ୍ ବିଛାଯିବ। ଅତ୍ୟାଧୁନିକ ସ୍ୱୟଂଚାଳିତ କଣ୍ଟ୍ରୋଲ୍ ସିଷ୍ଟମ୍ ପାଇଁ ଜଳ ଯୋଗାଣ ବ୍ୟବସ୍ଥାକୁ ମାନବୀୟ ତ୍ରୁଟିମୁକ୍ତ ଏବଂ ନିରବଚ୍ଛିନ୍ନ କରିବା ପାଇଁ ସମଗ୍ର ନେଟୱର୍କରେ ଶହ ଶହ ଅତ୍ୟାଧୁନିକ ମେକାନିକାଲ୍ ଏବଂ ଇଲେକ୍ଟ୍ରୋନିକାଲ୍ ଉପକରଣ ଖଞ୍ଜା ଯାଉଛି। ଏମ୍‌ବିଆର୍‌ର ପମ୍ପିଂ ହେଡର୍‌ରେ ୫ଟି ଲେଖାଏଁ ସ୍ଲୁଇସ୍ ଭାଲ୍ଭ, ଆକ୍ଟୁଏଟର ଯୁକ୍ତ ସ୍ଲୁଇସ୍ ଭାଲ୍ଭ ଏବଂ ନନ୍-ରିଟର୍ଣ୍ଣ ଭାଲ୍ଭ ଲଗାଯାଉଛି। ଏହାସହ ସମଗ୍ର ସହରରେ ଜଳର ଚାପ ଏବଂ ପ୍ରବାହକୁ ଲାଇଭ୍ ମନିଟରିଂ କରିବା ପାଇଁ ପ୍ରେସର୍ ଗଜ୍ ଏବଂ ପ୍ରେସର୍ ଟ୍ରାନ୍ସମିଟର ଲଗାଯାଇଛି। ପମ୍ପ ଗୁଡ଼ିକର ସୁପରିଚାଳନା ପାଇଁ ୫ଟି ଭେରିଏବଲ୍ ଫ୍ରିକ୍ୱେନ୍ସି ଡ୍ରାଇଭ୍ ର ମଧ୍ୟ ବ୍ୟବସ୍ଥା କରାଯାଇଛି। ତେବେ ରାସ୍ତା ଖୋଳା ସମସ୍ୟା ଓ ବିଭାଗୀୟ ସମନ୍ୱୟ ଅଭାବ ଏବେ ସାମ୍ନା କୁ ଆସିଛି। ସହରର ବିଭିନ୍ନ ମୁଖ୍ୟ ରାସ୍ତାରେ ପାଇପ୍ ବିଛାଇବା ପାଇଁ ବର୍ତ୍ତମାନ ଖୋଳାଯାଉଥିବାରୁ ଜନସାଧାରଣ ଯାତାୟାତରେ କିଛିଟା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ବିଭାଗର ଜନସ୍ୱାସ୍ଥ୍ୟ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ସିଂ କହିଛନ୍ତି ଯେ,ପୂର୍ତ୍ତ ବିଭାଗ ର ଆନୁଷଙ୍ଗିକ ଅନୁମତି ଏବଂ ନିର୍ଦ୍ଦିଷ୍ଟ କଠୋର ସର୍ତ୍ତାବଳୀ ଆଧାରରେ ହିଁ ଏହି ସମସ୍ତ କାର୍ଯ୍ୟ କରାଯାଉଛି। ଯେଉଁ ସ୍ଥାନରେ ପାଇପ୍ ପାଇଁ ରାସ୍ତା ଖୋଳାଯାଉଛି, ସେଠାରେ ପାଇପ୍ ପୋତାଯିବା ସାଙ୍ଗେ ସାଙ୍ଗେ ପୂର୍ବ ସ୍ଥିତି ଅନୁଯାୟୀ କଂକ୍ରିଟ୍ କିମ୍ବା ପିଚୁ ରାସ୍ତା ଦ୍ୱାରା ପୁନରୁଦ୍ଧାର କାର୍ଯ୍ୟ କରାଯାଉଛି। ପ୍ରକଳ୍ପର ଶେଷ ପର୍ଯ୍ୟାୟ କାର୍ଯ୍ୟ ଆସନ୍ତା କିଛି ଦିନ ମଧ୍ୟରେ ଶେଷ କରିବା ପାଇଁ ବିଭାଗ ପକ୍ଷରୁ ଦିନରାତି ଚେଷ୍ଟା ଜାରି ରହିଛି। ଏହି ମେଗା ପ୍ରକଳ୍ପ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ପରେ ବାଲେଶ୍ୱର ପୌରାଞ୍ଚଳର ପ୍ରତିଟି ପରିବାରକୁ ୨୪ ଘଣ୍ଟିଆ ଶୁଦ୍ଧ, ସ୍ୱଚ୍ଛ ଓ ଆଇରନ୍‌ମୁକ୍ତ ପାନୀୟ ଜଳ ମିଳିପାରିବ ଯାହା ସହରର ବିକାଶ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ।

## ବାଲି ଚୋରିର ତଦନ୍ତ କଲେ ଜିଲ୍ଲା ଖଣି ଅଧିକାରୀ



ରାଜଘାଟ, ୩୦।୫ (ସମିସ): ବସ୍ତା ବ୍ଲକ ଓ ସିଂଲା ଥାନା ଅନ୍ତର୍ଗତ ମଧୁପୁରା ଗ୍ରାମରେ ବେଆଇନ ବାଲି ଚୋରି ନେଇ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ପରେ ଜିଲ୍ଲା ଖଣି ଅଧିକାରୀ ଘଟଣାସ୍ଥଳକୁ ଯାଇ ତଦନ୍ତ କଲେ। ଗତ ଏପ୍ରିଲ ୧୫ ତାରିଖ ରେ ଅଞ୍ଚଳବାସୀଙ୍କ ତରଫରୁ ବାଲି ମାଫିଆ ସିଦ୍ଧେଶ୍ୱର ଘୋଷ ଓରଫ ବାବୁନା ଘୋଷ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ଅଭିଯୋଗର ଦେଢ଼ ମାସ ବିତିଲାଣି ଦୋଷୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଏହାକୁ ନେଇ ଏବେ ବଡ଼ ପ୍ରଶ୍ନ ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ କାହିଁକି ହେଉନି? ଖଣି ଅଧିକାରୀ କାହା ଚାପରେ? ଏଭଳି ମାଳ ମାଳ ପ୍ରଶ୍ନ ସାଧାରଣରେ ଉଙ୍କି ମାରୁଛି। ଜିଲ୍ଲା ଖଣି ଅଧିକାରୀ ଜଗନ ବେହେରା, ବସ୍ତା ଜୁନିଅର ଖଣି ଅଧିକାରୀ ସତ୍ୟ ଚିନ୍ମୟ ଜେନା, ଜଳେଶ୍ୱର ଜୁନିଅର ଖଣି ଅଧିକାରୀ ତାପସ ବେହେରା ଶୁକ୍ରବାର ଆସି ଫଟୋ ଉଠାଇଲେ ତଦନ୍ତ କଲେ ଅଞ୍ଚଳ ବାସି ଭାବିଲେ ଏଥର କିଛି ହେବ, ହେଲେ ସବୁ ଯେମିତିକୁ ସେମିତି। ରାତି ହେଲେ ପୁଣି ବାଲି ଚୋରି ଚାଲିଛି। ଏହା କେବଳ ଲୋକ ଦେଖାଣିଆ ତଦନ୍ତ ଥିଲା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ତଦନ୍ତରେ ଆସିଥିବା ଅଧିକାରୀ ବାଲି ଚୋରି ହୋଇଥିବା ଜାଣିପାରିଲେ, ତା'ପରେ ବି କାହିଁକି ଥାନାରେ ଅଭିଯୋଗ କରୁନାହାନ୍ତି? ଚର୍ଚ୍ଚା ହେଉଛି ଚୋରା ବାଲି ସିଣ୍ଡିକେଟ ର ମାଷ୍ଟର ମାଇଣ୍ଡ ଥିବା ବାବୁନା ଘୋଷ ହେଉଛି ଜିଲ୍ଲାର ଜଣେ ବିଡ଼ିଓଙ୍କ ପୁତୁରା ସେଥିପାଇଁ ଚାପରେ ହିଁ ଖଣି ବିଭାଗ ହାତ ବାନ୍ଧି ବସିଛି, ଜିଲ୍ଲାପାଳ ତୁରନ୍ତ ହସ୍ତକ୍ଷେପ କରନ୍ତୁ ବୋଲି ସାଧାରଣ ରେ ଦାବି ଉଠିଛି। ଓଡ଼ିଶା ଖଣିଜ ରିହାତି ନିୟମ ୨୦୦୪ ଅନୁଯାଇ ସ୍ପଷ୍ଟ କରାଯାଇଛି ଯେ, ବେଆଇନ ଖଣି ଖାଦାନ ଖନନ ଧରାପଡିଲେ ତୁରନ୍ତ ମାମଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ନେବାପାଇଁ ମାତ୍ର ଏଠି କିନ୍ତୁ ଓଲଟା। ଏହା ପଛରେ ଦୁଇଟି କାରଣ ହୋଇପାରେ। ପ୍ରଥମ ଖଣି ବିଭାଗ ସମ୍ପୂର୍ଣ୍ଣ ଅପାରଗ, ଦ୍ୱିତୀୟରେ ମୋଟା ଅଙ୍କର ଅର୍ଥ କାରବାର ଯଦି ତାହା ସତ, ତାହାଲେ ଜିଲ୍ଲାପାଳ କଣ ଜାଣି ପାରୁନାହାନ୍ତି? ଜିଲ୍ଲାର ମୁଖିଆ ଭାବେ ତାଙ୍କର ଦାୟିତ୍ୱ ନୁହେଁ କି ଖଣି ବିଭାଗକୁ ତାଗିଦ କରିବା? ଯଦି ଖଣି ଅଧିକାରୀ କାମ କରୁନାହାନ୍ତି, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କାହିଁକି ହଉନି ବୋଲି ପ୍ରଶ୍ନ ଉଠାଇଛନ୍ତି ଅଞ୍ଚଳବାସୀ। ବେଆଇନ ବାଲି ଚୋରି କେବଳ ରାଜସ୍ୱ ହାନି ନୁହେଁ। ଏହା ସୁବର୍ଣରେଖା ନଦୀର ଗତିପଥ ବଦଳାଉଛି, ବସ୍ତା ବାଲିଆପାଳ ବ୍ଲକର ୩୦ ରୁ ଉର୍ଦ୍ଧ ପଞ୍ଚାୟତ ବନ୍ୟା ବିପଦକୁ ଠେଲି ଦେଉଛି, ପରିବେଶ ନଷ୍ଟ କରୁଛି।




## ସୁବର୍ଣ୍ଣରେଖା ରାଇବଣିଆ ଇନର ହୁଇଲ କ୍ଲବକୁ ଜିଲ୍ଲା ଅଧ୍ୟକ୍ଷଙ୍କ ପରିଦର୍ଶନ



ଜଳେଶ୍ୱର, ୩୦।୫ (ସମିସ): ଜଳେଶ୍ୱରର ଅନ୍ୟତମ ଅଗ୍ରଣୀ ମହିଳା ସ୍ୱେଚ୍ଛାସେବୀ ସଂଗଠନ ସୁବର୍ଣ୍ଣରେଖା ରାଇବଣିଆ ଇନର ହୁଇଲ କ୍ଲବକୁ ଜିଲ୍ଲା ଅଧ୍ୟକ୍ଷ ମଧୁସ୍ମିତା ତ୍ରିପାଠୀ ପରିଦର୍ଶନ କାର୍ଯ୍ୟକ୍ରମ ନୂଆବଜାରସ୍ଥିତ କ୍ଲବ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି।କ୍ଲବର ସଭାପତି ଆରତୀ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ କ୍ଲବର ପୂର୍ବତନ ସଭାପତି ସୁଷମା ରାଣୀ ଭୂୟାଁ କ୍ଲବର ବାର୍ଷିକ ବିବରଣୀ ପାଠ କରିଥିଲେ।ଏହି ଅବସରରେ ମୁଖ୍ୟ ଅତିଥି ରୂପେ ଇନର ହୁଇଲ ଜିଲ୍ଲା-୩୨୬ ଅଧ୍ୟକ୍ଷ ଶ୍ରୀମତୀ ତ୍ରିପାଠୀ ଇନର ହୁଇଲ ଦ୍ୱାରା କରାଯାଉଥିବା ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ବିଶ୍ୱର ସର୍ବଶ୍ରେଷ୍ଠ ମହିଳା ସଙ୍ଗଠନକୁ ସୁଦୃଢ ଓ ସୁସଙ୍ଗଠିତ କରିବା , ରହିଛି ବୋଲି ସେ ପ୍ରକାଶ କରିଥିଲେ। କ୍ଲବର ଆଇ.ଏସ.ଓ ସ୍ମରଣିକା ପଟ୍ଟନାୟକ କ୍ଲବର ଭବିଷ୍ୟତ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ କ୍ଲବର ନୂତନ ସଭ୍ୟା ରୂପେ ପ୍ରାଥମିକ ଶିକ୍ଷୟିତ୍ରୀ କବିତା ରାଣୀ କୁଣ୍ଡୁଙ୍କୁ ମୁଖ୍ୟ ଅତିଥି ଶ୍ରୀମତୀ ତ୍ରିପାଠୀ ଶପଥ ପାଠ କରିବା ପରେ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ କ୍ଲବର କୋଷାଧ୍ୟକ୍ଷ ରଞ୍ଜିତା ଭୂୟାଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଫକୀରମୋହନଙ୍କ ପ୍ରତି ଅଶାଳୀନ ମନ୍ତବ୍ୟକୁ ଫକୀରମୋହନ ସାହିତ୍ୟ ପରିଷଦର ଦୃଢ଼ ନିନ୍ଦା

ବାଲେଶ୍ୱର, ୩୦।୫ (ସମିସ): ଅଯଥାରେ ଚର୍ଚ୍ଚାରେ ରହିବା ପାଇଁ ବିଜେପି ଯୁବମୋର୍ଚ୍ଚାର ସଭାପତି ଅଭିଳାଷ ପଣ୍ଡା କଥା ସମ୍ରାଟ ଫକୀରମୋହନଙ୍କ ସମ୍ବନ୍ଧରେ ଦେଇଥିବା ଅଶାଳୀନ, ଅରୁଚିକର ମନ୍ତବ୍ୟକୁ ଫକୀରମୋହନ ସାହିତ୍ୟ ପରିଷଦ ଦୃଢ଼ ଭାବେ ନିନ୍ଦା କରିଛି। ଫକୀରମୋହନ ଇଂରେଜ ସରକାରଙ୍କର ଜଣେ କର୍ମଚାରୀ ଓ ତାଙ୍କୁ 'ଇଂରେଜଙ୍କ ଦଲାଲ' ବୋଲି ଅଭିହିତ କରି ଶ୍ରୀ ପଣ୍ଡା ନିଜର ଅଜ୍ଞତା ପ୍ରଦର୍ଶନ କରିବା ସହ ଓଡ଼ିଶାର ଲକ୍ଷ ଲକ୍ଷ ଫକୀରମୋହନ ପ୍ରେମୀଙ୍କ ହୃଦୟରେ କୁଠାର କରିଛନ୍ତି। ଅନୁରୂପ ଭାବରେ କେଉଁଝରର ଭୂୟାଁ ମେଳି ଦମନରେ ଫକୀର ମୋହନଙ୍କ ଭୂମିକାକୁ ଭ୍ରମାତ୍ମକଭାବେ ଉପସ୍ଥାପନ କରି ସେ ଫକୀର ମୋହନଙ୍କ ଜୀବନ ଓ ସାହିତ୍ୟ ବୁଝିବାରେ ନିଜର ଅସାମର୍ଥ୍ୟ ଓ ହୀନମନ୍ୟତା ପ୍ରକାଶ କରିଛନ୍ତି। ଓଡ଼ିଶାର ମହାପୁରୁଷ ମାନଙ୍କୁ ଅପ୍ରାସଙ୍ଗିକ ଭାବରେ ସମାଲୋଚନା କରି ଗଣମାଧ୍ୟମରେ ସ୍ଥାନ ସାଉଁଟିବା ଆଳରେ କିଛି ରାଜନେତାଙ୍କ ଅଭ୍ୟାସ ପାଲଟିଗଲାଣି ଏବଂ ଶ୍ରୀ ପଣ୍ଡାଙ୍କ ଅଜ୍ଞତାପୂର୍ଣ୍ଣ ବିକୃତି ଏହାର ଅଂଶ ବିଶେଷ। ସାରା ଓଡିଶା ବ୍ୟାସକବି ଫକୀରମୋହନ ସେନାପତିଙ୍କୁ ଓଡ଼ିଆ ଭାଷାର ରକ୍ଷାକର୍ତ୍ତା ଓ ଓଡ଼ିଆ କଥା ସାହିତ୍ୟର ପଥ ପ୍ରଦର୍ଶକ ହିସାବରେ ବିଚାର କରୁଥିବା ବେଳେ ଶ୍ରୀ ପଣ୍ଡାଙ୍କ ହୀନ ଦୃଷ୍ଟିଭଙ୍ଗୀ ତାଙ୍କ ରୁଗ୍ଣ ମାନସିକତାର ଅପରିଚ୍ଛନ୍ନତା ପ୍ରକାଶ କରୁଛି। ଓଡିଶା ସରକାର ଫକୀରମୋହନଙ୍କୁ ଯଥୋଚିତ ସମ୍ମାନ ଦେଇ ତାଙ୍କ ନାମରେ କଲେଜ, ବିଶ୍ୱବିଦ୍ୟାଳୟ, ମେଡ଼ିକାଲ କଲେଜ ମେଧାବୃତ୍ତି ଇତ୍ୟାଦି ସ୍ଥାପନ କରି ତାଙ୍କ ପ୍ରତି ଜନସାଧାରଣଙ୍କ ଶ୍ରଦ୍ଧାକୁ ଚିରସ୍ଥାୟୀ କରିବାକୁ ଚେଷ୍ଟା କରୁଥିବା ବେଳେ ଶ୍ରୀ ପଣ୍ଡାଙ୍କ ବ୍ୟାସକବିଙ୍କ ସମ୍ବନ୍ଧରେ ଏ ପ୍ରକାର ଘୃଣାତ୍ମକ ମନ୍ତବ୍ୟ ଦେଇ ନିଜ ମାନସିକ ବିକଳତାର ଉଦାହରଣ ପ୍ରଦାନ କରିଛନ୍ତି। ସେ ଓଡ଼ିଶାର ଅଗଣିତ ଶିକ୍ଷିତ ନାଗରିକଙ୍କ ସମେତ ବାଲେଶ୍ୱରବାସୀଙ୍କ ଭାବାବେଗକୁ ଚରମ ଆଘାତ ପ୍ରଦାନ କରିଛନ୍ତି। ଫକୀର ମୋହନ ସାହିତ୍ୟ ପରିଷଦ ଶ୍ରୀ ପଣ୍ଡାଙ୍କ ଏତାଦୃଶ ମନ୍ତବ୍ୟକୁ କଡା ଶବ୍ଦରେ ନିନ୍ଦା କରିବା ସହ ତାଙ୍କ ମନ୍ତବ୍ୟ ପାଇଁ ସେ ସର୍ବ ସାଧାରଣ ଗଣମାଧ୍ୟମ ଆଗରେ ନିଜର ଭୁଲ ଲାଗି କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଦାବି କରିଛି।

## ଦେଶୀ ମଦ ଜବତ, ୩ ଗିରଫ

ସିମୁଳିଆ, ୩୦।୫ (ସମିସ): ବାଲେଶ୍ୱର ଜିଲ୍ଲା ଅବକାରୀ ଅଧିକ୍ଷକ ସ୍ୱପ୍ନାରାଣୀ ସାହୁଙ୍କ ନିର୍ଦ୍ଦେଶକ୍ରମେ ଖଇରା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହ୍ଲାଦ ସାମଲ ଏବଂ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ସିମୁଳିଆ ଥାନା ଅନ୍ତର୍ଗତ ମହାରଣା, ରିଆ ଓ ମାଟିଆପଡ଼ା ଗ୍ରାମ ଅଞ୍ଚଳରେ ଚଢ଼ଉ କରାଯାଇ ୧୩୦ ଲିଟର ଦେଶୀ ରନ୍ଧା ମଦ ଜବତ କରିବା ସହିତ ମହାରଣା ଗ୍ରାମର ଭଗବାନ ଶିଅଳ, ମାଟିଆପଡ଼ା ଗ୍ରାମର ପାର୍ବତୀ ବର୍ମା ଓ ରିଆ ଗ୍ରାମର କାର୍ତ୍ତିକ ସିଂଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜବତ ଦେଶୀ ରନ୍ଧା ମଦର ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଉକ୍ତ ଚଢ଼ାଉରେ ଖଇରା ଅବକାରୀ ଥାନା ସହ ଉପ-ନିରୀକ୍ଷକ ଦୀପିକା ପରିଡ଼ା ଓ କନେଷ୍ଟବଳ ଦେବାଶିଷ ମଲ୍ଲିକ ପ୍ରଭୃତି ସାମିଲ ଥିଲେ।




## ଲୁଟେରା ଗ୍ୟାଙ୍ଗ୍‌ର ୩ ଗିରଫ

ବାଲେଶ୍ୱର, ୩୦।୫(ସମିସ): ବାଲେଶ୍ୱରରେ ମାତିଥିବା ସାଙ୍ଘାତିକ ମୋବାଇଲ ଲୁଟେରା ଗ୍ୟାଙ୍ଗର ପର୍ଦ୍ଦାଫାଶ କରିଛି ସହଦେବଖୁଣ୍ଟା ଥାନା ପୁଲିସ। ଛୁରୀ ଦେଖାଇ ଲୁଟପାଟ କରୁଥିବା ୩ ଜଣ ଦୁର୍ଦ୍ଦାନ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ୯ଟି ଚୋରା ମୋବାଇଲ ଫୋନ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଅରଡ଼ବଜାର ଅଞ୍ଚଳର ଜୟନ୍ତ ଦାସ, ନୂଆପୁର ଶାସନର ଭରତ ଦାସ ଏବଂ ଆରଡ଼ବଜାର ଅଞ୍ଚଳର ରୂପାଇ କିସ୍କୁ। ଗତ ୨୫ ତାରିଖ ବିଳମ୍ବିତ ରାତିରେ ଭୋଗରାଇ ଅଞ୍ଚଳର ଜଣେ ଯୁବକ ଟ୍ରେନ ଲାଇନ ପାଖ ଦେଇ ଯାଉଥିବା ସମୟରେ ଏହିମାନେ ତାଙ୍କୁ ଓ ତାଙ୍କ ସାଙ୍ଗକୁ ଅଟକାଇ ଛୁରୀ ମୁନରେ ଭୟଭୀତ କରି ମୋବାଇଲ ଏବଂ ରୂପା ମୁଦି ଲୁଟି ନେଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ସହଦେବଖୁଣ୍ଟା ଥାନା ଅଧିକାରୀ ଆଲୋକ କୁମାର ବେହେରାଙ୍କ ନେତୃତ୍ୱରେ ତଦନ୍ତ କରି ଏହି ସଫଳତା ପାଇଛି। ତେବେ ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ଜୟନ୍ତ ଦାସ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ୮ରୁ ଅଧିକ ମାମଲା ରହିଥିବା ପୁଲିସ ସୂଚନା ଦେଇଛି। ସେପଟେ ପୁଲିସ ବିଭାଗ ପକ୍ଷରୁ ଚୋରା ମୋବାଇଲ୍ ଫୋନକୁ ଉପଯୁକ୍ତ ଗ୍ରାହକଙ୍କୁ ଫେରାଯାଇଛି।

## ଧର୍ମପ୍ରାଣ ମହିଳାଙ୍କ ବିୟୋଗ

ଜଳେଶ୍ୱର,୩୦।୫ (ସମିସ): ଜଳେଶ୍ୱର ପୌରାଞ୍ଚଳ ଚକବିଷ୍ଣୁ ଗାଁ,୧୭ ନଂ ୱାର୍ଡ କାଉନସିଲର ରଶ୍ମୀ ନନ୍ଦୀ ଙ୍କ ଶାଶୁ ତଥା କଂଗ୍ରେସ ନଗର ସଭାପତି ଜଗଦୀଶ ନନ୍ଦୀଙ୍କ ମାତା ସୁଭାଷିନୀ ନନ୍ଦୀ (୯୨)ଙ୍କ ପରଲୋକ ଘଟିଛି। ସେ ଜରାଗ୍ରସ୍ତ ରୋଗରେ ପୀଡ଼ିତ ଥାଇ ବୁଧବାର ଭାତ ଖାଇ ସାରି ଚେୟେରା ରେ ବସିଥିବା ବେଳେ ହଠାତ୍ ମୃତ୍ୟୁବରଣ କରିଥିଲେ। ତାଙ୍କ ବିୟୋଗରେ ମ୍ୟୁନିସିପାଲଟି ଅଧ୍ୟକ୍ଷ ପ୍ରତିପ୍ କୁମାର ପ୍ରଧାନ, ବ୍ଲକ କଂଗ୍ରେସ ସଭାପତି ହେମନ୍ତ ଗିରି, ପୂର୍ବତନ ସଭାପତି ରାଜୀବ ପରିଡ଼ା, ପୌରାଦକ୍ଷା ପ୍ରତିନିଧି ବିଜୟ କୁମାର କାମିଲା,ସଞ୍ଜିବ ପାଳ, କାଉନସିଲର ଚିତ୍ତ ରଞ୍ଜନ ମହାନ୍ତି,ସୁରଜ ଚୈରାସିୟା,ମିର ଆବାସ ଅଲ୍ଲୀ, କଂଗ୍ରେସ ନେତା ସୁଦାମ ପାତ୍ର,ଦୁର୍ଗା ଶଙ୍କର ଆସ,ଅଫସର ଅଲ୍ଲୀ,ଭାଦା ଗ୍ରାମ୍ୟ ମୁଖ୍ୟ ଅଜୟ ପ୍ରଧାନ, ମ୍ୟୁନିସିପାଲଟି କର୍ମଚାରୀ,ଗ୍ରାମବାସୀ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ଗାଁ ଶ୍ମଶାନରେ ବଡ଼ ପୁଅ ଖିତିଶ,ହରିଶ,ସୁଧିଶ,ଦିପିସ୍, ଜଗଦିଶ ସାନପୁଅ ସତିଶ ନନ୍ଦୀ ମିଳିତ ଭାବେ ମୁଖାଗ୍ନି ଦେଇଥିଲେ। କଂଗ୍ରେସ ନେତା ସୁଦର୍ଶନ ଦାସ, ପ୍ରାକ୍ତନ ଜିଲ୍ଲା ସଭାପତି ସଞ୍ଜିବ ଗିରି, ଆଇନଜୀବୀ ସତ୍ୟ ସୁନ୍ଦର ଦାସ, ବିଜୟ ମହାନ୍ତି, ଚିତ୍ତ ରଞ୍ଜନ ସାହୁ ଗଭୀର ଶୋକ ବ୍ୟକ୍ତ କରିଛନ୍ତି।



# ବିନେଶଙ୍କ ଏସୀୟ କ୍ରୀଡ଼ା ଖେଳିବା ସ୍ୱପ୍ନ ଅଧୁରା

**ନୂଆଦିଲ୍ଲୀ, ୩୦।୫ (ଏଜେନ୍ସି):** ଭାରତର ତାରକା ମହିଳା କୁସ୍ତିଯୋଦ୍ଧା ବିନେଶ ଫୋଗଟଙ୍କ ଆଗାମୀ ଏସୀୟ କ୍ରୀଡ଼ା ଖେଳିବା ସ୍ୱପ୍ନ ଅଧୁରା ରହିଯାଇଛି। ନୂଆଦିଲ୍ଲୀରେ ଏସୀୟ କ୍ରୀଡ଼ା ଲାଗି ଚାଲିଥିବା ଚୟନ ଶିବିରରେ ବିନେଶ ୫୩ କିଗ୍ରା ବିଭାଗର ସେମିଫାଇନାଲରେ ୪-୬ ସ୍କୋରରେ ପ୍ରତିପକ୍ଷ କୁସ୍ତିଯୋଦ୍ଧା ମୀନାକ୍ଷୀ ଗୋୟତଙ୍କଠାରୁ ହାରିଯାଇଛନ୍ତି। ଫଳରେ ୮ ବର୍ଷ ପରେ ଏସୀୟ କ୍ରୀଡ଼ାକୁ ଫେରିବା ପାଇଁ ସ୍ୱପ୍ନ ଦେଖୁଥିବା ଦୁଇଥରର ବିଶ୍ୱ ଚାମ୍ପିଅନସିପ୍ ପଦକ ବିଜୟିନୀ ବିନେଶଙ୍କ ଶେଷ ଆଶା ମଉଳି ଯାଇଛି। ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହେବା ପରେ ବିନେଶ କୁହନ୍ତି, ଭାରତୀୟ କୁସ୍ତି ମହାସଂଘ ସହ ଚାଲିଥିବା ବିବାଦରେ ମୁଁ ହାରିନାହିଁ। ଏକ ସମ୍ପୂର୍ଣ୍ଣ ବ୍ୟବସ୍ଥା ବିରୁଦ୍ଧରେ ମୁଁ ଲଢ଼େଇ କରୁଥିଲି। ଗୋଟିଏ ସ୍ଥାନରେ ମୁଁ ଏକୁଟିଆ ଛିଡ଼ା ହୋଇଥିଲି। ଯେତେବେଳେ କି ଅନ୍ୟପଟେ ସମସ୍ତେ ମୋ ବିରୁଦ୍ଧରେ ଥିଲେ।

■ ୧୮ ବର୍ଷରୁ କମ୍ ମହିଳା ଏସିଆ କପ୍ ହକି

## ଭାରତର ବିଜୟ ଅଭିଯାନ

**ଟୋକିଓ, ୩୦।୫ (ଏଜେନ୍ସି):** ଜାପାନର କାକାମିଘରା ସହରରେ ଆରମ୍ଭ ହୋଇଥିବା ୧୮ ବର୍ଷରୁ କମ୍ ଜୁନିଅର ମହିଳା ଏସିଆ କପ୍ ହକିର ଷଷ୍ଠ ସଂସ୍କରଣରେ ଭାରତ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଶନିବାର ଅନୁଷ୍ଠିତ ପୁଲ୍-ଏ'ର ଏକ ମ୍ୟାଚରେ ଭାରତୀୟ ଯୁବ ମହିଳା ଦଳ ୨-୧ ଗୋଲରେ ମାଲେସିଆକୁ ହରାଇଦେଇଛି। ଭାରତ ପକ୍ଷରୁ ମଧ୍ୟପ୍ରଦେଶର ନୌସିନ ନାଜ ଡବଲ୍ ଗୋଲ୍ ଦେଇ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ସେ ମ୍ୟାଚର ୧୯ତମ ଓ ୨୮ତମ ମିନିଟରେ ଏହି ଦୁଇଟି ଗୋଲ୍ ଦେଇଥିଲେ। ବିଜୟ ସହ ଭାରତ ୩ ପଏଣ୍ଟ ପାଇ ଖାତା ଖୋଲିଛି। ଭାରତୀୟ ଯୁବ ମହିଳା ହକି ଦଳ ଏହାର ପରବର୍ତ୍ତୀ ମ୍ୟାଚରେ ରବିବାର ଦକ୍ଷିଣ କୋରିଆକୁ ଭେଟିବ। ଗତକାଲି ପୁରୁଷ ବିଭାଗରେ ଭାରତ ୧୩-୦ରେ କାଜାଖସ୍ଥାନକୁ ହରାଇ ବୃହତ ବିଜୟ ହାସଲ କରିଥିଲା।

■ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟି-୨୦

## ଶ୍ରୀଚରଣୀଙ୍କ କମାଲ୍

**ବ୍ରିଷ୍ଟଲ, ୩୦।୫ (ଏଜେନ୍ସି):** ଭ୍ରମଣକାରୀ ଭାରତ ଓ ଇଂଲଣ୍ଡ ମହିଳା କ୍ରିକେଟ୍ ଦଳ ମଧ୍ୟରେ ଶନିବାର ଟି-୨୦ ସିରିଜର ଦ୍ୱିତୀୟ ମ୍ୟାଚ୍ ଏଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଘରୋଇ ଇଂଲଣ୍ଡ ବ୍ୟାଟରଙ୍କ ମିଳିତ ସଫଳତା ବଳରେ ୫ ୱିକେଟରେ ୧୬୮ ରନର ସମ୍ମାନଜନକ ସ୍କୋର କରିଛି। ଦଳ ପକ୍ଷରୁ ଫ୍ରେୟା କେମ୍ପ ସର୍ବାଧିକ ଅପରାଜିତ ୩୯, ଡାନି ୱାଟ ୨୯, ଆମି ଜୋନ୍ସ ଓ ଆଲିସା କାପସି ୨୮ ରନ ଲେଖାଏ ଏବଂ ହିଥର ନାଇଟ୍ ୧୮ ରନ କରିଥିଲେ। ବୋଲିଂରେ ଭାରତ ପକ୍ଷରୁ ବାମହାତୀ ସ୍ପିନର ଶ୍ରୀ ଚରଣୀ ସବୁଠୁ ସଫଳ ବୋଲର ରହିଥିଲେ। ସେ ତାଙ୍କ ୪ ଓଭର କୋଟାରେ ୨୫ ରନ ବ୍ୟୟରେ ୩ଟି ୱିକେଟ୍ ନେଇଥିଲେ। ଜବାବରେ ଏହି ଲକ୍ଷ୍ୟକୁ ପିଛା କରିଥିବା ଭାରତୀୟ ମହିଳା ଦଳ ଶେଷ ଖବର ସୁଦ୍ଧା ୧୦ ଓଭରରେ ୨ ୱିକେଟ୍ ହରାଇ ୭୮ ରନ ସଂଗ୍ରହ କରିଛି। ଦୁଇ ଓପନର୍ ସ୍ମୃତି ମନ୍ଧାନା ୨୫ ବଲରେ ୩୨ ଓ ଶେଫାଳି ବର୍ମା ୧୪ ବଲରେ ୨୨ ରନ କରି ଆଉଟ୍ ହୋଇଛନ୍ତି। ପୂର୍ବରୁ ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ସିରିଜର ପ୍ରଥମ ମ୍ୟାଚକୁ ୩୮ ରନରେ ଜିତି ଭାରତ ୧-୦ରେ ଅଗ୍ରଣୀ ରହିଛି।

## ଫାଇନାଲରେ ସାତ୍ୱିକ-ଚିରାଗ

**ସିଙ୍ଗାପୁର, ୩୦।୫ (ଏଜେନ୍ସି):** ତାରକା ଭାରତୀୟ ବ୍ୟାଡ୍‌ମିଣ୍ଟନ ଯୋଡ଼ି ସାତ୍ୱିକସାଇରାଜ ରାନକୀରେଡ୍ଡୀ ଓ ଚିରାଗ ସେଟ୍ଟୀ ଏଠାରେ ଚାଲିଥିବା ସିଙ୍ଗାପୁର ଓପନ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ପୁରୁଷ ଡବଲ୍ସ ସେମିଫାଇନାଲ ମୁକାବିଲାରେ ୪ର୍ଥ ସିଡ୍ ସାତ୍ୱିକ-ଚିରାଗ ୨୧-୧୯, ୨୧-୧୮ ସିଧାସଳଖ ଗେମରେ ବିଶ୍ୱର ଏକ ନମ୍ବର ଯୋଡ଼ି କୋରିଆର କିମ୍ ୱନ ହୋ ଓ ସିଓ ସେଉଙ୍ଗଙ୍କୁ ପରାସ୍ତ କରିଥିଲେ। ପ୍ୟାରିସ ଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତିଥିବା କିମ୍ ଓ ସିଓ ଯୋଡ଼ି ଆଜି ମାତ୍ର ୫୨ ମିନିଟ୍‌ରେ ମ୍ୟାଚ ହାରିଯାଇଥିଲେ। ସାତ୍ୱିକ-ଚିରାଗ ଯୋ ଡ଼ି ରବିବାର ହେବାକୁ ଥିବା ଫାଇନାଲ ମୁକାବିଲାରେ ଇଣ୍ଡୋନେସିଆର ଫଜର ଆଲଫିଆନ ଓ ମହମ୍ମଦ ଶୋହିବୁଲ ଯୋଡ଼ିଙ୍କୁ ଭେଟିବେ।

# ବେଙ୍ଗାଲୁରୁ ବ୍ୟାଟିଂ ବନାମ ଗୁଜରାଟ ବୋଲିଂ

**ଅହମଦାବାଦ, ୩୦।୫ ଏଜେନ୍ସି):**






**ଆଇପିଏଲ୍ ଫାଇନାଲ ଆଜି**
ଭେନ୍ୟୁ : ଅହମ୍ମଦାବାଦ୍
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

ଇଣ୍ଡିଆନ ପ୍ରିମିୟର ଲିଗ୍-୨୦୨୬ର ପ୍ରଥମ ବଲ୍ ବୋଲିଂ ହେବା ପରେ ଗତ ୬୪ ଦିନରେ ୭୩ଟି ମ୍ୟାଚ୍ ଆୟୋଜିତ ହୋଇସାରିଛି। ବିଶ୍ୱର ସର୍ବବୃହତ୍ ତଥା ଲୋକପ୍ରିୟ ଟି-୨୦ ଟୁର୍ଣ୍ଣାମେଣ୍ଟର ୧୯ତମ ସଂସ୍କରଣର ଶେଷ ତଥା ଗ୍ରାଣ୍ଡ ଫାଇନାଲ ମୁକାବିଲା ଆସନ୍ତାକାଲି ରବିବାର ଖେଳାଯିବ। ବିଶ୍ୱର ସର୍ବବୃହତ୍ ଅହମ୍ମଦାବାଦ୍‌ର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଫାଇନାଲ ମୁକାବିଲା ସମ୍ଭବତଃ ଚଳିତ ଆଇପିଏଲ୍‌ର ଦୁଇ ଶ୍ରେଷ୍ଠ ଦଳ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଓ ଗୁଜରାଟ ଟାଇଟାନ୍ସ ମଧ୍ୟରେ ଖେଳାଯିବ। ଲିଗ୍ ପର୍ଯ୍ୟାୟ ପରେ ବେଙ୍ଗାଲୁରୁ ପଏଣ୍ଟ ଟେବଲରେ ପ୍ରଥମ ଓ ଗୁଜରାଟ ଦ୍ୱିତୀୟ ସ୍ଥାନରେ ରହିଥିଲା। ଏହି ପ୍ରଦର୍ଶନ ବେଙ୍ଗାଲୁରୁର ଦମ୍‌ଦାର ବ୍ୟାଟିଂ ଓ ଗୁଜରାଟର ଶାଣିତ ବୋଲିଂ ଯୋଗୁଁ ସମ୍ଭବ ହୋଇଥିଲା। ଫଳରେ ଆସନ୍ତାକାଲି ଫାଇନାଲ ଲଢ଼େଇ ବେଙ୍ଗାଲୁରୁର ବ୍ୟାଟିଂ ଓ ଗୁଜରାଟର ବୋଲିଂ ମଧ୍ୟରେ ହେବ ବୋଲି ନିଃସନ୍ଦେହରେ କୁହାଯାଇପା ରେ। ଉଭୟ ଦଳ ପୂର୍ବରୁ ଗୋଟିଏ ଲେଖାଏଁ ଟୁର୍ଣ୍ଣାମେଣ୍ଟରେ ଟାଇଟଲ କବ୍‌ଜା କରିଛନ୍ତି। ଏଠାରେ ଯେଉଁଦଳ ବିଜୟୀ ହେବ ସେହି ଦଳ ଦ୍ୱିତୀୟ ଟାଇଟଲ ହାସଲ କରିବ।

ବେଙ୍ଗାଲୁରୁ ଓ ଗୁଜରାଟ ମଧ୍ୟରେ ସବୁଠାରୁ ବଡ଼ ଫରକ ହେଉଛି ବ୍ୟାଟିଂ। ଗୁଜରାଟ ତା'ର ପ୍ରଥମ ୩ ବ୍ୟାଟ୍ସମ୍ୟାନ- ଶୁବମନ ଗିଲ୍, ସାଇ ସୁଦର୍ଶନ ଓ ଜୋସ୍ ବଟ୍‌ଲରଙ୍କ ଉପରେ ନିର୍ଭର କରିଛି। ଲିଗ୍ ପର୍ଯ୍ୟାୟରେ ଆର୍‌ସିବି ଓ ଗୁଜରାଟ ସମାନ ୧୮ ପଏଣ୍ଟ ଲେଖାଏଁ ପାଇଁ କ୍ୱାଲିଫାୟର-୧ ଖେଳିଥିଲେ। ୯୨ ରନ୍‌ରେ ବଡ଼ ବ୍ୟବଧାନରେ ଗୁଜରାଟକୁ ପରାସ୍ତ କରି ଆର୍‌ସିବି କ୍ରମାଗତ ୨ୟ ବର୍ଷ ଫାଇନାଲରେ ପହଞ୍ଚିଛି। ଅଧିନାୟକ ରଜତ ପାଟିଦାରଙ୍କ ବିସ୍ଫୋରକ ଅପରାଜିତ ୯୩ ରନ୍ ସହ ବିରାଟ କୋହଲି ଓ କ୍ରୁନାଲ ପାଣ୍ଡ୍ୟା ଭଲ ଇନିଂସ ଖେଳିଥିଲେ। ଗୁଜରାଟ ୧୬୨ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା।

ତେବେ କ୍ୱାଲିଫାୟର-୨ରେ ଶୁବମନ ଗିଲ୍‌ଙ୍କ ଶତକ ବଳରେ ରାଜସ୍ଥାନକୁ ୭ ୱିକେଟ୍‌ରେ ହରାଇ ଗୁଜରାଟ ଫାଇନାଲରେ ପହଞ୍ଚିଛି। କ୍ୱାଲିଫାୟର-୧ରେ ପରାଜୟର ପ୍ରତିଶୋଧ ଲକ୍ଷ୍ୟରେ ଗୁଜରାଟ ଖେଳିବ। ଭୁବନେଶ୍ୱର କୁମାର ଓ ଜୋସ୍ ହାଜେଲଉଡ୍ ନୂଆବଲ୍‌ରେ ଚମତ୍କାର ବୋଲିଂ କରି ନିୟମିତ ୱିକେଟ୍ ନେଉଛନ୍ତି। ଯଦି ଦୁହେଁ ଆରମ୍ଭରୁ ୭୦୦ରୁ ଅଧିକ ରନ୍ କରିଥିବା ଗୁଜରାଟ ଦୁଇ ରନ୍ ମେସିନ୍ ଓପ୍‌ନର ଗିଲ୍ ଓ ସୁଦର୍ଶନଙ୍କୁ ଆଉଟ୍ କରିଦିଅନ୍ତି; ମ୍ୟାଚ୍‌ର ଫଳାଫଳ ଭିନ୍ନ ହୋଇପାରେ। ଏଦୁହେଁ କ୍ୱାଲିଫାୟର-୨ରେ ୧୬୭ ରନ୍‌ର ଓପ୍‌ନିଂ ଭାଗିଦାରୀ କରି ରାଜସ୍ଥାନକୁ ହରାଇଥିଲେ। ସୁଦର୍ଶନ ରେକର୍ଡ କ୍ରମାଗତ ୬ଟି ଓ ମୋଟ ୮ଟି ଅର୍ଦ୍ଧଶତକ ମାରିଛନ୍ତି। ଫର୍ମରେ ଥିବା ଗୁଜରାଟର ୩ନଂ ବ୍ୟାଟ୍ସମ୍ୟାନ୍ ଜୋସ୍ ବଟ୍‌ଲରଙ୍କ ଉପରେ ମଧ୍ୟ ନଜର ରହିବ। ଗୁଜରାଟର ମଧ୍ୟକ୍ରମ ଦୁର୍ବଳ ରହିଛି। ତେଣୁ ପ୍ରଥମ ୩ ବ୍ୟାଟର ବିଫଳ ହୋଇଥିବା ମ୍ୟାଚ୍‌ରେ ଗୁଜରାଟ ପରାସ୍ତ ହୋଇଛି। ଏହି ୩ ବ୍ୟାଟ୍ସମ୍ୟାନଙ୍କ ସହ ଗୁଜରାଟର ମ୍ୟାଚ୍ ବିଜେତା ହେଉଛନ୍ତି ତିନି ଫାଷ୍ଟବୋଲର କାଗିସୋ ରାବାଡା (୨୮), ମହମ୍ମଦ ସିରାଜ୍ (୧୮) ଓ ପ୍ରସିଦ୍ଧ କ୍ରିଷ୍ଣା (୧୬)। ଲେଗ୍ ସ୍ପିନର ରସିଦ୍ ଖାଁ ୧୯ଟି ୱିକେଟ୍ ନେଇଥିଲେ ହେଁ ଗତ କିଛି ମ୍ୟାଚ୍ରେ ଫର୍ମରେ ନାହାନ୍ତି। ଶୁକ୍ରବାର ୨ ଓଭରରୁ ରସିଦ୍ ୪୫ ରନ୍ ଦେଇଥିଲେ।

ବେଙ୍ଗାଲୁରୁ ଦଳଗତ ଭାବେ ବ୍ୟାଟିଂରେ ଭଲ ପ୍ରଦର୍ଶନ କରିଛି। ବିରାଟ କୋହଲି ୬୦୦ ରନ୍ କରିଥିବା ବେଳେ ଅଧିନାୟକ ରଜତ ପଟିଦାର ୪୮୬, ଦେବଦତ୍ତ ପାଡିକଲ ୪୬୩ ରନ୍ କରିଛନ୍ତି। ଟିମ୍ ଡେଭିଡ୍ ଓ କ୍ରୁନାଲ ପାଣ୍ଡ୍ୟାଙ୍କୁ କମ୍ ସୁଯୋଗ ମିଳିଥିଲେ ହେଁ ଦୁହେଁ ଭଲ ବ୍ୟାଟିଂ କରିଛନ୍ତି। ପାଟିଦାର ଏକା କ୍ୱାଲିଫାୟର-୧ରେ ଦଳକୁ ଜିତାଇଥିଲେ। ତେବେ ଭୁବନେଶ୍ୱର ଓ ହାଜେଲ୍‌ଉଡ୍‌ଙ୍କୁ ଛାଡ଼ିଦେଲେ ଆର୍‌ସିବିର ଦୁଇ ସଫଳ ବୋଲର ହେଉଛି ରସିକ ସଲାମ୍ ଓ ଜାକବ୍ ଡଫି। ୨୦୨୨ରେ ଆଇପିଏଲ୍ ପଦାର୍ପଣ କରି ଚାମ୍ପିଅନ୍ ହୋଇ ପରବର୍ଷ ଫାଇନାଲ ଖେଳିଥିଲେ।

ଗୁଜରାଟ ୫ ବର୍ଷରେ ୩ୟ ଥର ଫାଇନାଲ ଖେଳିବାକୁ ଯାଉଛି। ଗତବର୍ଷ ପ୍ରଥମ ଟ୍ରଫି ଜିତିବା ପୂର୍ବରୁ ଆର୍‌ସିବି ୩ ଥର ରନର୍ସଅପ୍ ହୋଇଥିଲା। ୫ମ ଥର ଆର୍‌ସିବି ଫାଇନାଲ ଖେଳିବାକୁ ଯାଉଛି। ଫାଇନାଲରେ କିଙ୍ଗ୍ (କୋହଲି) ଓ ପ୍ରିନ୍ସ (ଗିଲ୍)ଙ୍କ ମଧ୍ୟରେ ମୁକାବିଲା ହେବ ବୋଲି ଆଲୋଚନା ହେଉଛି। ଆଇପିଏଲ୍‌ରେ ଉଭୟ ଦଳଙ୍କ ମଧ୍ୟରେ ୮ଟି ମୁକାବିଲା ହୋଇଥିବା ବେଳେ ଆର୍‌ସିବି ୫-୪ ସ୍ଥିତିରେ ଅଛି। ଚଳିତବର୍ଷ ଉଭୟ ଦଳଙ୍କ ମଧ୍ୟରେ ୩ ଥର ମୁକାବିଲା ହୋଇଛି। ଆର୍‌ସିବି ୨-୧ ମ୍ୟାଚ୍‌ରେ ଆଗୁଆ ରହିଛି। ଭେଙ୍କଟେଶ ଆୟରଙ୍କ ସ୍ଥାନରେ ଆର୍‌ସିବି ଓପ୍ନର ଭାବେ ଫିଲ୍ ସଲ୍ଟଙ୍କୁ ଖେଳାଇପାରେ। ଗୁଜରାଟ ଦଳରେ ପରିବର୍ତ୍ତନର ସମ୍ଭାବନା କମ୍। ଫାଇନାଲରେ ଆର୍‌ସିବି ଫେଭରିଟ୍ ଥିଲେ ହେଁ ଟାଇଟଲ ଜିତିବାର ସମସ୍ତ ଦକ୍ଷତା ଗୁଜରାଟ ଦଳରେ ରହିଛି।

# ଜୋକୋଭିଚ୍‌ଙ୍କୁ ହରାଇ ପ୍ରି-କ୍ୱାର୍ଟରରେ ଫୋନସେକା

**ଫ୍ରେଞ୍ଚ ଓପନ୍‌ରେ ବଡ଼ ବିପର୍ଯ୍ୟୟ**



**ପ୍ୟାରିସ, ୩୦।୫ (ଏଜେନ୍ସି):** ଚଳିତ ଫ୍ରେଞ୍ଚ ଓପନ୍‌ର ସବୁଠୁ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ୨୪ଥରର ଗ୍ରାଣ୍ଡସ୍ଲାମ ବିଜେତା ସର୍ବିଆ ତାରକା ନୋଭାକ ଜୋକୋଭିଚ ତୃତୀୟ ରାଉଣ୍ଡରେ ପରାଜୟ ହୋଇ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ଗତକାଲି ରାତିରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ବ୍ରାଜିଲର ଯୁବ ଖେଳାଳି ୨୮ ତମ ସିଡ୍ ଜୋଆଓ ଫୋନସେକା ୪-୬, ୪-୬, ୬-୩, ୭-୫, ୭-୫ ସେଟ୍‌ରେ ଜୋକୋଭିଚଙ୍କୁ ହରାଇ ସମସ୍ତଙ୍କୁ ଚକିତ କରିଦେଇଛନ୍ତି। ବିଶ୍ୱ ମାନ୍ୟତାର ୩ୟ ସ୍ଥାନରେ ଥିବା ଜୋକୋଭିଚ୍ ଏହି ମ୍ୟାଚର ପ୍ରଥମ ଦୁଇଟି ସେଟ୍‌କୁ ଜିତି ଅଭିଯାନ ଆରମ୍ଭ କରିଥିଲେ। ତେଣୁ ସେ ସହଜରେ ବିଜୟୀ ହେବେ ବୋଲି ଆଶା କରାଯାଉଥିଲା। କିନ୍ତୁ ୧୯ ବର୍ଷୀୟ ଯୁବ ବ୍ରାଜିଲ ତାରକା ଜୋଆଓ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରି ପରବର୍ତ୍ତୀ ୩ଟି ସେଟରେ ଜୋକୋଭିଚଙ୍କୁ ଚକମା ଦେବା ସହ ମ୍ୟାଚକୁ ହାତେଇ ନେଇଥିଲେ। ଦିନକ ତଳେ ବିଶ୍ୱର ଏକ ନମ୍ବର ଖେଳାଳି ଜାନିକ ସିନ୍ନର ଦ୍ୱିତୀୟ ରାଉଣ୍ଡରେ ହାରି ବିଦାୟ ନେଇସାରିଛନ୍ତି। ଅପରପକ୍ଷରେ ପୁରୁଷ ବିଭାଗରେ ଶନିବାର ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ଦ୍ୱିତୀୟ ମାନ୍ୟତା ଖେଳାଳି ଜର୍ମାନୀର ଆଲେକ୍ସଜାଣ୍ଡର ଜ୍ୱେରେଭ ୬-୪, ୬-୩, ୫-୭, ୬-୨ ସେଟରେ ଫ୍ରାନ୍ସର କ୍ୱେଣ୍ଟିନ ହେଲୀସଙ୍କୁ ହରାଇ ପ୍ରି-କ୍ୱାର୍ଟରରେ ସ୍ଥାନ ପକ୍କା କରିଛନ୍ତି।

ସେହିଭଳି ମହିଳା ବିଭାଗରେ ବିଶ୍ୱର ଏକ ନମ୍ବର ଖେଳାଳି ଆରିନା ସାବାଲେଙ୍କା, ୧୬ତମ ସିଡ୍ ନାଓମି ଓସାକା, ୨୨ତମ ସିଡ୍ ରୁଷିଆର ଆନ୍ନା କାଲିନସ୍କାୟା, ପୋଲାଣ୍ଡର ମାଜା ଚ୍ୱାଲିସ୍କା ପ୍ରମୁଖ ୩ୟ ରାଉଣ୍ଡରେ ବିଜୟୀ ହୋଇ ରାଉଣ୍ଡ-୧୬ରେ ପହଞ୍ଚିଛନ୍ତି।

## ବିବାଦ ପରେ ଓଡ଼ିଶା ଜିମ୍ନାଷ୍ଟିକ ସଂଘ ପାଇଁ ଆଡ଼ହକ କମିଟି ଗଠନ କଲା ଓଓଏ

**ଭୁବନେଶ୍ୱର, ୩୦।୫ (ସମିସ):** ଏକାଧିକ ଅନିୟମିତତା ଅଭିଯୋଗ ଆସିବା ପରେ ବିବାଦରେ ଫସିଯାଇଛି ଓଡ଼ିଶା ଜିମ୍ନାଷ୍ଟିକ ସଂଘ (ଓଜିଏ)। ଏହାକୁ ଏଡ଼ାଇବା ଲାଗି ରାଜ୍ୟ ଅଲିମ୍ପିକ ସଂଘ ପକ୍ଷରୁ ଜିମ୍ନାଷ୍ଟିକ ସଂଘର ପରିଚାଳନା ଲାଗି ଏକ ଆଡ୍‌ହକ କମିଟି ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଆଡ୍‌ହକ କମିଟି ଓଡ଼ିଶା ଜିମ୍ନାଷ୍ଟିକ୍ସ ସଂଘର ଦୈନନ୍ଦିନ କାର୍ଯ୍ୟ ପରିଚାଳନା ଏବଂ ଉଠାଯାଇଥିବା ବିବାଦୀୟ ପ୍ରସଙ୍ଗଗୁଡ଼ିକର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବ। ଉଲ୍ଲେଖଯୋଗ୍ୟ, ନିକଟରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଜାତୀୟ ଜିମ୍ନାଷ୍ଟିକ ଚାମ୍ପିଅନସିପ୍ ଆୟୋଜନକୁ ନେଇ ବିବାଦ ଦେଖାଯାଇଥିଲା। ଯେଉଁଥିରେ ରାଜ୍ୟ ଜିମ୍ନାଷ୍ଟିକ ସଂଘର ସଭାପତି ତଥା ପୂର୍ବତନ ମନ୍ତ୍ରୀ ସମୀର ଦେ'ଙ୍କ ଦେହାନ୍ତର ଦେଢ଼ବର୍ଷ ପରେ ମଧ୍ୟ ତାଙ୍କ ସଭାପତିତ୍ୱରେ ଏହି ଜାତୀୟ ଚାମ୍ପିଅନସିପ୍ ଆୟୋଜିତ ହୋଇଥିବା ସରକାରୀ ରେକର୍ଡ କହୁଛି। ଅର୍ଥାତ୍ ଓଡ଼ିଶା ଜିମ୍ନାଷ୍ଟିକ ସଂଘ ଯେଉଁ ଅଫିସିଆଲ ପ୍ୟାଡ ବ୍ୟବହାର କରି ଚାମ୍ପିଅନସିପ୍ ଆୟୋଜନ ବାବଦରେ ସରକାରଙ୍କଠାରୁ ୧.୧୮ କୋଟି ଟଙ୍କା ଆର୍ଥିକ ଅନୁଦାନ ଲାଭ କରିଛି ସେଥିରେ ସ୍ୱର୍ଗତ ସମୀର ଦେ ସଭାପତି ରହିଥିବା ଦର୍ଶାଯାଇଛି। ଏହି ଖବର ଜଣାପଡ଼ିବା ପରେ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ଖୋଳତାଡ଼ ମଧ୍ୟ ଆରମ୍ଭ ହୋଇଛି। ଏନେଇ ଜିମ୍ନାଷ୍ଟିକ ସଂଘ ସମ୍ପାଦକ ଅଶୋକ ସାହୁ କ୍ଷମା ପ୍ରାର୍ଥନା କରି ଭୁଲବଶତଃ ସମୀରଙ୍କ ନାମ ପ୍ୟାଡରେ ରହିଯାଇଥିବା ନେଇ ସଫେଇ ଦେଇଥିଲେ।

# ସମ୍ଭାବ୍ୟ ଦଳରେ ନାହାନ୍ତି ଗିଲ୍ ଓ ସୂର୍ଯ୍ୟକୁମାର

**ନୂଆଦିଲ୍ଲୀ,୩୦।୫(ଏଜେନ୍ସି):** ଜାପାନରେ ଆୟୋଜିତ ହେବାକୁ ଯାଉଥିବା ଏସିଆ ଗେମ୍ସ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ଏବଂ ୱେଷ୍ଟଇଣ୍ଡିଜ୍ ବିପକ୍ଷ ସୀମିତ ଓଭର ସିରିଜ୍ ସେପ୍ଟେମ୍ବର ୨୭ରୁ ଅକ୍ଟୋବର ୧୭ ଯାଏ ଭାରତରେ ଖେଳାଯିବ। ଏଣୁ ସମାନ ସମୟରେ ଦୁଇ ଦୁଇଟି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବାକୁ ଯାଉଥିବାରୁ ଏସିଆନ୍ ଗେମ୍ସ ଲାଗି ବିସିସିଆଇ ପକ୍ଷରୁ ଏକ ୩୦ଜଣିଆ ସମ୍ଭାବ୍ୟ ଖେଳାଳି ତାଲିକା ଭାରତୀୟ ଅଲିମ୍ପିକ୍ ସଂଘକୁ ପ୍ରଦାନ କରାଯାଇଛି। ଏହି ତାଲିକାରୁ ଏସିଆନ ଗେମ୍ସ ଓ ୱେଷ୍ଟଇଣ୍ଡିଜ୍ ସିରିଜ୍ ଲାଗି ଭାରତୀୟ ଦଳ ଚୟନ କରାଯିବ। ବିସିସିଆଇ ପକ୍ଷରୁ ଦିଆଯାଇଥିବା ତାଲିକାରେ ଦୁଇ ପ୍ରମୁଖ ଖେଳାଳିଙ୍କ ନାମ ନାହିଁ। ସେ ହେଉଛନ୍ତି ଭାରତର ଦିନିକିଆ ଓ ଟେଷ୍ଟ ଦଳର ଅଧିନାୟକ ଶୁବମନ ଗିଲ୍ ଓ ଟି-୨୦ ଅଧିନାୟକ ସୂର୍ଯ୍ୟକୁମାର ଯାଦବ। ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଗିଲ୍ ଦିନିକିଆ ଦଳର ନେତୃତ୍ୱ ନେବାକୁ ଥିବାରୁ ତାଙ୍କୁ ଏହି ସମ୍ଭାବ୍ୟ ଦଳରେ ସାମିଲ ନ କରିବା ଏକ ସ୍ୱାଭାବିକ୍ ଘଟଣା। ସେହିପରି ଚୟନକର୍ତ୍ତାଙ୍କ ଯୋଜନାରେ ସୂର୍ଯ୍ୟକୁମାର ନ ଥିବାରୁ ତାଙ୍କୁ ମଧ୍ୟ ସମ୍ଭାବ୍ୟ ଦଳରେ ନିଆଯାଇ ନାହିଁ। କିନ୍ତୁ ଟିନ୍‌ଏଜ୍ ସେନ୍‌ସେସନ ବୈଭବ ସୂର୍ଯ୍ୟବଂଶୀଙ୍କ ନାମ ଏହି ତାଲିକାରେ ରହିଛି। ଏସିଆନ ଗେମ୍ସରେ କ୍ରିକେଟ ସେପ୍ଟେମ୍ବର ୨୪ରୁ ଅକ୍ଟୋବର ୩ଯାଏ ଓ ୱେଷ୍ଟଇଣ୍ଡିଜ୍ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଅକ୍ଟୋବର ୬ରୁ ୧୭ ଯାଏ ଖେଳାଯିବ। ଏସିଆନ ଗେମ୍ସରେ ଯଦି କିଛି ପ୍ରଥମ ପସନ୍ଦର ଖେଳାଳିଙ୍କୁ ସାମିଲ କରାଯାଏ, ତେବେ ସେମାନେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ସିରିଜ୍‌ରେ ଖେଳିପାରିବେ। ଗିଲ୍ ଓ ସୂର୍ଯ୍ୟକୁମାରଙ୍କୁ ବାଦ୍ ଦେବା ପରେ ଏସିଆନ୍ ଗେମ୍ସ ଲାଗି ଶ୍ରେୟସ ଆୟର, ସଞ୍ଜୁ ସାମସନ ଓ ତିଳକ ବର୍ମା ରହିଛନ୍ତି।

**ଏସିଆନ୍ ଗେମ୍ସ କ୍ରିକେଟ ସମ୍ଭାବ୍ୟ ଦଳ**

ଯଶସ୍ୱୀ ଜୟସ୍ୱାଲ, ଅଭିଷେକ ଶର୍ମା, ବୈଭବ ସୂର୍ଯ୍ୟବଂଶୀ, ଶ୍ରେୟସ ଆୟର, ତିଳକ ବର୍ମା, ଇଶାନ କିଶାନ, ସଞ୍ଜୁ ସାମସନ, ଧ୍ରୁବ ଜୁରେଲ, ଋଷଭ ପନ୍ତ (ୱିକେଟରକ୍ଷକ), ହାର୍ଦ୍ଦିକ ପାଣ୍ଡ୍ୟା, ନୀତୀଶ କୁମାର ରେଡ୍ଡୀ, ଶାହାବାଜ ଅହମ୍ମଦ୍, ୱାଶିଂଟନ ସୁନ୍ଦର, ରିଙ୍କୁ ସିଂ, ଆୟୁଷ ବଦୋନି, ଋତୁରାଜ ଗାଏକ୍ୱାଡ୍, ଯଶପ୍ରୀତ୍ ବୁମ୍‌ରା, ଅର୍ଶଦୀପ ସିଂହ, ପ୍ରସିଦ୍ଧ କ୍ରିଷ୍ଣା, ଖଲୀଲ ଅହମ୍ମଦ୍, ହର୍ଷିତ ରାଣା, ଯଶ ଠାକୁର (ସମସ୍ତେ ପେସ୍ ବୋଲର), ଅକ୍ଷର ପଟେଲ, ଅନୁକୂଳ ରୟ, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ, ରବି ବିଷ୍ଣୋଇ ଓ ହର୍ଷ ଦୁବେ (ସମସ୍ତେ ସ୍ପିନର), ଶିବମ ଦୁବେ, ବିପରାଜ ନିଗମ।

କିଟ୍ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବ ଉଦ୍‌ଯାପିତ

# କାଟାଗୋରୀ-ଏ'ରେ ବୋରିସ୍‌ଙ୍କୁ ଟାଇଟଲ୍

**ଭୁବନେଶ୍ୱର,୩୦।୫(ସମିସ):**




ଏସିଆ ମହାଦେଶର ସବୁଠାରୁ ବୃହତ୍ ଓ ୧.୩୧ କୋଟି ଟଙ୍କା ପୁରସ୍କାର ବିଶିଷ୍ଟ କିଟ୍ ଅନ୍ତର୍ଜାତୀୟ ଚେସ୍ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। କିଟ୍ ୟୁନିଭର୍ସିଟି ଆନୁକୂଲ୍ୟରେ ଏବଂ ନିଜସ୍ୱ କ୍ୟାମ୍ପସରେ ମେ ୨୩ରୁ ୩୦ ତାରିଖଯାଏ ୫ଟି କାଟାଗୋରୀରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଆୟୋଜକଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ ଏଥିରେ ୪୦ଟି ଦେଶରୁ ୨୫ ଗ୍ରାଣ୍ଡମାଷ୍ଟର ଓ ୫୦ଜଣ ଅନ୍ତର୍ଜାତୀୟ ମାଷ୍ଟରଙ୍କ ସମେତ ୪,୦୦୦ରୁ ଉଦ୍ଧ୍ୱର୍ ଖେଳାଳି ଏହି ବୃହତ୍ ଚେସ୍ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଶନିବାର ଖେଳ ଶେଷ ପରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟଗୋଷ୍ଠୀ ଚେସ୍ ସଂଗଠନର ଅଧ୍ୟକ୍ଷ ତଥା ଏସୀୟ ଚେସ୍ ସଂଘର ଉପସଭାପତି ଭରତ ସିଂ ଚୋହାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଚେସ୍ ବିଶାରଦ ରଞ୍ଜନ କୁମାର ମହାନ୍ତି, ଆଇଏମ୍ ଶେଖର ଚନ୍ଦ୍ର ସାହୁ, ନିଖିଳ ଓଡ଼ିଶା ଚେସ ସଂଘ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ଚିଫ୍ ଆର୍ବିଟର ବସନ୍ତ ବିଏଚ୍, କିଟ୍ ଓ କିସ୍ର କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ।

ଟୁର୍ଣ୍ଣାମେଣ୍ଟର ସବୁଠାରୁ ଉଚ୍ଚସ୍ତରର କାଟାଗୋରୀ-ଏ'ରେ ରୁଷିଆର ଗ୍ରାଣ୍ଡମାଷ୍ଟର ବୋରିସ ସାଭଚେଙ୍କୋ ସର୍ବାଧିକ ୮.୫ ପଏଣ୍ଟ ପାଇ ଚାମ୍ପିଅନ ହୋଇଛନ୍ତି। ପୁରସ୍କାର ବାବଦରେ ତାଙ୍କୁ ୭ଲକ୍ଷ ୫୦ହଜାର ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା। ତାଙ୍କ ପଛକୁ ୪ଜଣ ଖେଳାଳି ୮ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ସେମାନଙ୍କ ମଧ୍ୟରୁ ବେଲାରୁଷର ଜିଏମ୍ ଆଲେକସେଜ ପ୍ରଥମ ରନର୍ସ ଅପ୍ ସହ ୬ଲକ୍ଷ, ଭାରତର ଆଇଏମ୍ ଆରଣ୍ୟକ ଘୋଷ ଦ୍ୱିତୀୟ ରନର୍ସ ଅପ୍ ସହ ୪ଲକ୍ଷ, ଚତୁର୍ଥ ହୋଇଥିବା ୧୭ବର୍ଷରୁ କମ୍ ଖେଳାଳି ତଥା ଆଇଏମ୍ ମୟଙ୍କ ଚକ୍ରବର୍ତ୍ତୀ ୩ ଲକ୍ଷ ଓ ଭିଏତନାମର ଜିଏମ୍ ଡୁକ୍ ହୋଆ ଏନ୍‌ଗୁଏନ୍ ୫ମ ସ୍ଥାନ ଅଧିକାର କରି ୨ ଲକ୍ଷ ଟଙ୍କାର ପୁରସ୍କାର ପାଇଥିଲେ। କାଟାଗୋରୀ-ଏ'ରେ ଓଡ଼ିଶା ଖେଳାଳିଙ୍କ ମଧ୍ୟରେ ଆଇଏମ୍ ସମ୍ବିତ ପଣ୍ଡା ୭ ପଏଣ୍ଟ ପାଇ ୨୮ତମ, ୧୭ ବର୍ଷରୁ କମ୍ ଖେଳାଳି ଏଫ୍‌ଏମ୍ ପ୍ରିଅଂଶ ଦାସ ୬.୫ ପଏଣ୍ଟ ପାଇ ୫୦ତମ, ଶ୍ରୀହନ ସାବତ ୬.୫ ପଏଣ୍ଟ ସହ ୬୫ତମ, ସିଏମ୍ ଆଶୀର୍ବାଦ ସ୍ୱାଇଁ ୬.୫ ପଏଣ୍ଟ ପାଇ ୭୩ତମ ସ୍ଥାନ ଅଧିକାର କରି ପ୍ରଥମ ୧୦୦ଜଣଙ୍କ ମଧ୍ୟରେ ସ୍ଥାନ ପାଇଥିଲେ।

ପୂର୍ବରୁ ଶେଷ ହୋଇଥିବା କାଟାଗୋରୀ-ବି'ରେ ପଶ୍ଚିମବଙ୍ଗର ଶଙ୍ଖଦୀପ ମାଇତି ଚାମ୍ପିଅନ ଓ ଓଡ଼ିଶାର ସତ୍ୟମ ସର୍ବଜିତ ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ଆଜି ଶେଷ ହୋଇଥିବା କାଟାଗୋରୀ-ସି'ରେ ଓଡ଼ିଶାର ବୈଭବ ସିଂ ଚାମ୍ପିଅନ ହୋଇଛନ୍ତି। ପୁରସ୍କାର ବାବଦରେ ତାଙ୍କୁ ଟ୍ରଫି ସହ ୪ଲକ୍ଷ ୫୦ହଜାର ଟଙ୍କା ଦିଆଯାଇଛି। ଟପ୍-୨୦ ଖେଳାଳିଙ୍କ ମଧ୍ୟରେ ଅନ୍ୟ କୌଣସି ଓଡ଼ିଆ ଖେଳାଳି ନାହାନ୍ତି। ସେହିପରି କାଟାଗୋରୀ-ଡି' ବ୍ଲିଜ୍‌ରେ ରେଲବାଇ ସ୍ପୋର୍ଟ୍ସ ପ୍ରମୋସନ ବୋର୍ଡର ଆରଣ୍ୟକ ଘୋଷ ଏବଂ କାଟାଗୋରୀ-ଇ' ବ୍ଲିଜ୍ ଓପନରରେ ଗୋଆର ଚୈତନ୍ୟ ଭି ଗାଓଁକର ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ଶୀର୍ଷ ଖେଳାଳିମାନେ ଅଂଶଗ୍ରହଣ କରି ନ ଥିଲେ।

୮ମ ରାମେଶ୍ୱର କପ୍ ୧୮ ବର୍ଷରୁ କମ୍ କ୍ରିକେଟ

# ଟାଉନ୍ କ୍ଲବ୍‌କୁ ହରାଇ ରାମେଶ୍ୱର ଚାମ୍ପିଅନ



**ଭୁବନେଶ୍ୱର,୩୦।୫(ସମିସ):** ଆୟୋଜକ ରାମେଶ୍ୱର ସ୍ପୋର୍ଟିଂ ନିଜ ପୁରୁଣା ଭୁବନେଶ୍ୱର ପ୍ରତିଦ୍ୱନ୍ଦ୍ୱୀ ଟାଉନ୍ କ୍ଲବ୍‌କୁ ୭୩ ରନ୍‌ରେ ପରାସ୍ତ କରି ଅଷ୍ଟମ ୧୮ ବର୍ଷରୁ କମ୍ ରାମେଶ୍ୱର କପ୍ କ୍ରିକେଟ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ପୁରୁଣା ଭୁବନେଶ୍ୱରସ୍ଥିତ ବିଏମ୍ ହାଇସ୍କୁଲ ପଡ଼ିଆରେ ଶନିବାର ଖେଳାଯାଇଥିବା ଫାଇନାଲ ମୁକାବିଲାରେ ପ୍ରଥମେ ବ୍ୟାଟିଂ କରି ରାମେଶ୍ୱର ସ୍ପୋର୍ଟିଂ ୩୦ ଓଭରରେ ୨୫୨ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ସିଦ୍ଧାର୍ଥ ବେହେରା ୭୫, ବାବୁସାନ ମାଝୀ ୬୩ ଓ ଅଧିନାୟକ ଶୁଭାଶିଷ ମଲ୍ଲିକ ୪୪ ରନ୍ କରିଥିଲେ। ଜବାବରେ ଟାଉନ୍ କ୍ଲବତ ୨୯ ଓଭରରେ ୧୭୯ରନ୍ କରିଥିଲା। ଦଳପକ୍ଷରୁ କେବଳ ଆଦିତ୍ୟ ପ୍ରଧାନ ୬୩ରନ୍‌ର ଲଢ଼ୁଆ ଇନିଂସ ଖେଳିଥିଲେ। ଅଂଶୁମାନ ଆଚାର୍ଯ୍ୟଙ୍କ ଦ୍ରୁତ ୩୨ ରନ୍ କାମ ଦେଇ ନ ଥିଲା। ବିଜୟୀ ରାମେଶ୍ୱରର ବାବୁସାନ ମାଝୀଙ୍କୁ ପ୍ଲେୟର ଅଫ୍ ଦି ଫାଇନାଲ, ଶୁଭାଶିଷ ମଲିକଙ୍କୁ ପ୍ଲେୟର ଅଫ୍ ଦି ସିରିଜ୍, ପରାଜିତ ଦଳର ଆଦିତ୍ୟ ପ୍ରଧାନ ଶ୍ରେଷ୍ଠ ବ୍ୟାଟର, ଆୟୁଷ ପ୍ରଧାନ ଶ୍ରେଷ୍ଠ ବୋଲର ଏବଂ କୁମାର ଏସ୍ ଆର୍ଯ୍ୟନଙ୍କୁ ଶ୍ରେଷ୍ଠ ଫିଲ୍ଡରଭାବେ ବିବେଚନା କରାଯାଇଛି। ଖେଳ ଶେଷରେ ପୂର୍ବତନ ରଣଜୀ ଖେଳାଳି, କୋଚ୍ ତଥା ବ୍ରହ୍ମଗିରିର ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସେ ଚାମ୍ପିଅନ ଦଳକୁ ଟ୍ରଫି ସହ ୧୫,୦୦୦ ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ୧୦,୦୦୦ ଟଙ୍କା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିକେ ଡେଭଲପର୍ସର ନିର୍ଦ୍ଦେଶକ ଅମରେଶ ପରିଡ଼ା ଓ ଜାରିକା ଡେଭଲେପର୍ସର ନିର୍ଦ୍ଦେଶକ ଅରବିନ୍ଦପ୍ରସାଦ ବଳ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଆୟୋଜକ ରାମେଶ୍ୱର ସ୍ପୋର୍ଟିଂ କାର୍ଯ୍ୟକାରୀ ସଭାପତି ପରେଶ ପଟେଲ ଓ ସାଧାରଣ ସମ୍ପାଦକ ଦୀପକ ମଙ୍ଗରାଜ ଓ ଅନ୍ୟ କର୍ମକର୍ତ୍ତାମାନେ ସଭା ପରିଚାଳନା କରିଥିଲେ। ଓସିଏ ପ୍ୟାନେଲ ଅମ୍ପାୟାର ପ୍ରମୋଦ ଦାଶ ଓ ବିଶ୍ୱଜିତ ମଲିକ ଖେଳ ପରିଚାଳନା କରିଥିଲାବେଳେ ବିଘ୍ନେଶ ବେହେରା ସ୍କୋରିଂ ଦାୟିତ୍ୱ ତୁଲାଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS

**Excelsior Science Residential Higher Secondary School (CHSE)**
Permanently Recognized by Govt. of Odisha

**Excelsior Innovative School (CBSE)**

**Excelsior Entrance Academy**
Exclusive 1 Year Platform for JEE (Main/Adv.), NEET & Other Entrance Exam

**Chhotraypur, Jajpur Road, Jajpur**




ଉଦ୍ଭିଷ୍ଠତ ଜାଗ୍ରତ

# EXCELSIOR

**Where Perserverance Meets Excellence**

State 3rd Ranker — District Topper




## Percentage Analysis - 10th % V/s. 12th %

| S.N. | Student Name | 10th% | 12th% | Inc. % | S.N. | Student Name | 10th% | 12th% | Inc. % | S.N. | Student Name | 10th% | 12th% | Inc. % |
|---|---|---|---|---|---|---|---|---|---|---|---|---|---|---|
| 1 | ABHIJIT SAHU | 70.3 | 97.3 | 27.0 | 2 | YOSTNA RANI PARIDA | 70.0 | 96.8 | 26.8 | 3 | ANANYA SAHOO | 55.0 | 81.3 | 26.0 |
| 4 | SOMSWARAJ MOHANTY | 65.0 | 90.7 | 25.7 | 5 | STHITAPRAGYAN ARUK | 60.0 | 84.8 | 24.8 | 6 | PRIYANSU PANIGRAHI | 70.0 | 94.7 | 24.7 |
| 7 | SUBHAM KUMAR PATI | 66.0 | 90.0 | 24.0 | 8 | DEBASISH PUHAN | 74.5 | 98.0 | 23.5 | 9 | AYUSH PATRA | 70.3 | 93.0 | 22.7 |
| 10 | ARMAN DAS | 72.3 | 94.7 | 22.4 | 11 | JAGAT MANGAL SARANGI | 68.0 | 90.3 | 22.3 | 12 | ABHISHEK SAHOO | 65.0 | 87.3 | 22.3 |
| 13 | SMRUTI SUBHAM DUTTA | 70.3 | 92.5 | 22.2 | 14 | PARTHA SARATHI CHINARA | 63.0 | 84.7 | 21.7 | 15 | JIT JAYAPRAKASH SAHOO | 75.2 | 96.8 | 21.6 |
| 16 | SWAM PRAKASH SAHOO | 69.0 | 90.0 | 21.0 | 17 | MONIKA MARNDI | 75.0 | 95.7 | 20.7 | 18 | ABINASH SARANGI | 57.0 | 77.7 | 20.7 |
| 19 | RAJALAXMI DALAI | 70.6 | 91.0 | 20.4 | 20 | OM JAYAPRAKASH SAHOO | 71.3 | 91.7 | 20.4 | 21 | ARUNA KUMAR SAHOO | 70.0 | 90.3 | 20.3 |
| 22 | SANGRAM NAYAK | 74.3 | 94.3 | 20.0 | 23 | AYUSH KUMAR SAHOO | 64.0 | 84.0 | 20.0 | 24 | ADITYA KUMAR DAS | 71.5 | 91.5 | 20.0 |
| 25 | ASHUTOSH ROUT | 75.5 | 95.5 | 20.0 | 26 | SAI DEBASIS SAHOO | 71.2 | 91.2 | 20.0 | | **and 262 more.........** | | | |

**Our Academic Achievement**

10th Intake of 90%
**28 Students**
12th Output of 90%
**179 Students**

**Out of 308 Students 288 (93.5%) Students Surpassed/Maintained their 10th Percentage in 12th Exam.**

## Result Analysis AHSE-2026

| | | |
|---|---|---|
| Total Students Appeared - 308 | Total Students Passed - 308 | Total Students Secured 1st Div. - 308 |
| 99% Above - 6 | 95% Above - 82 | 85% Above - 241 |
| 98% Above - 11 | 90% Above - 179 | 80% Above - 280 |

## For Admission Please Contact:

94371 73110, 94371 89122, 94370 64112, 84570 22795, 94370 71103, 70081 36699
70081 36699, 82492 05993, 79780 75324, 83289 48954, 85968 46553, 94371 73110